ଧରିତ୍ରୀ
DHARITRI
ଢେଙ୍କାନାଳ, ମଙ୍ଗଳବାର, ଜାନୁୟାରୀ ୨୮/୨୦୨୦ (୨୦ ପୃଷ୍ଠା) Dhenkanal, Tuesday, January 28 / 2020 ★★★★★
୧୫୫ଶ ଭାଗ ୩୪୦ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹ ୫/-



## ୫୧ ବର୍ଷରେ ପାଦଥାପିଲେ ବବି

ବଲିଉଡ୍‌ରେ ନିଜର ଭିନ୍ନ ହେୟାର ଷ୍ଟାଇଲ୍‌ରେ ଯୁବପିଢ଼ିଙ୍କୁ ଆକର୍ଷିତ କରିଥିବା ବବି ନିଜର ୫୧ତମ ଜନ୍ମଦିନ ପାଳିଛନ୍ତି। ଫିଲ୍ମ 'ବରସାତ୍' ତାଙ୍କୁ ସ୍ୱତନ୍ତ୍ର ପରିଚୟ ଦେଇଥିଲା।

୧୦

୧୮

## ବିପର୍ଯ୍ୟୟ ଘଟାଇଲେ ପାଭ୍‌ଲ୍ୟୁଚେଙ୍କୋଭା

ପୂର୍ବତନ ଚାମ୍ପିୟନ ଆଞ୍ଜେଲିକ୍ କର୍ବରଙ୍କୁ ପରାସ୍ତ କରି ରୁଷିଆର ଆନାସ୍ତାସିଆ ପାଭ୍‌ଲ୍ୟୁଚେଙ୍କୋଭା ଅଷ୍ଟ୍ରେଲିଆନ ଓପନ ଟେନିସରେ ବିପର୍ଯ୍ୟୟ ଘଟାଇଛନ୍ତି।



# ସରକାରଙ୍କୁ 'କରୋନା' ଚିନ୍ତା

- ଖୋଲିଲା ୨୪ ଘଣ୍ଟିଆ କଣ୍ଟ୍ରୋଲ୍ ରୁମ୍
- ୪ ପ୍ରମୁଖ ଡାକ୍ତରଖାନାରେ ସ୍ୱତନ୍ତ୍ର ଆଇସୋଲେଶନ ୱାର୍ଡ ବ୍ୟବସ୍ଥା
- ସମସ୍ତ ଜିଲା ମୁଖ୍ୟ ଚିକିତ୍ସାଧୀକାରୀଙ୍କୁ ନେଇ ଆଜି ବସିବ ବୈଠକ



ଭୁବନେଶ୍ୱର, ୨୭।୧(ବ୍ୟୁରୋ)

ଚାଇନାରୁ ଚିହ୍ନଟ 'କରୋନା ଭାଇରସ୍‌କୁ ନେଇ ଏବେ ବିଶ୍ୱବ୍ୟାପୀ ଆତଙ୍କ ଖେଳିଯାଇଛି। ଓଡ଼ିଶାରେ 'କରୋନା' ଭୂତାଣୁ ମିଳି ନ ଥିଲେ ମଧ୍ୟ ଏହାର ମୁକାବିଲା ପାଇଁ ରାଜ୍ୟ ସରକାର ପୂରା ସଜାଗ ହୋଇପଡିଛନ୍ତି। ଏହି ଭାଇରସ୍ ଚିହ୍ନଟ ସହ ଆକ୍ରାନ୍ତଙ୍କୁ କିପରି ଉପଯୁକ୍ତ ଚିକିତ୍ସା ଯୋଗାଇ ଦିଆଯିବ, ସେନେଇ ରାଜ୍ୟ ସରକାର ବେଶ୍ ତତ୍ପରତା ଦେଖାଇଛନ୍ତି। କଟକ ଏସ୍‌ସିବି ମେଡିକାଲ କଲେଜ, ବୁର୍ଲାର ଭିମ୍‌ସାର, ଭୁବନେଶ୍ୱରର କ୍ୟାପିଟାଲ୍ ହସ୍‌ପିଟାଲ୍ ଓ ଝାରସୁଗୁଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟଠାରେ 'କରୋନା' ଆକ୍ରାନ୍ତଙ୍କ ଚିକିତ୍ସା ପାଇଁ ସ୍ୱତନ୍ତ୍ର ଆଇସୋଲେଶନ ୱାର୍ଡ ଖୋଲାଯାଇଛି। ସମସ୍ତ ଜିଲା ମୁଖ୍ୟ ଚିକିତ୍ସାଳୟରେ ଏଥିପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରିବାକୁ ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। ଅନ୍ୟପକ୍ଷରେ ବାହାରୁ ବିଶେଷକରି ଚାଇନାରୁ ଆସୁଥିବା ଲୋକଙ୍କ ଉପରେ କାଡ଼ ନଜର ରଖିବା ସହ ଯାଞ୍ଚ କରିବାକୁ ଭୁବନେଶ୍ୱର ବିମାନ ବନ୍ଦର, ପାରାଦୀପ ପୋର୍ଟ ଓ ରେଲ୍‌ୱେ କର୍ତ୍ତୃପକ୍ଷଙ୍କୁ ପୂର୍ବରୁ ନିର୍ଦ୍ଦେଶ ଦିଆଯାଇଥିଲା। ଏବେ ସମ୍ପୃକ୍ତ କର୍ତ୍ତୃପକ୍ଷଙ୍କ ପକ୍ଷରୁ ସତର୍କତାମୂଳକ ପଦକ୍ଷେପ ସ୍ୱରୂପ ଆବଶ୍ୟକ ବ୍ୟବସ୍ଥା କରାଯାଇଛି। ଜଗତ୍‌ସିଂହପୁର ଜଳାପାଳ ଓ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ସୋମବାର ପାରାଦୀପ ଗସ୍ତ କରି ଚିକିତ୍ସା ବ୍ୟବସ୍ଥାକୁ ସୁନିଶ୍ଚିତ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ସେହିଭଳି ବାହାର ଯାତ୍ରୀଙ୍କ ସମ୍ପର୍କରେ ତଥ୍ୟ ପ୍ରଦାନ ଓ ହୋଟେଲ୍‌ରେ ରହୁଥିବା ବ୍ୟକ୍ତିବିଶେଷଙ୍କୁ ସେଲ୍ଫ ଡିକ୍ଲାରେଶନ ଦେବା ପାଇଁ ହୋଟେଲ୍ ଆସୋସିଏଶନକୁ ନିର୍ଦ୍ଦେଶ ଦିଆଯାଇଛି। ସମ୍ଭାବ୍ୟ ସଂକ୍ରମଣ ରୋକିବାକୁ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସତର୍କ ସୂଚନା ଜାରି କରାଯାଇଛି। ଏଥିପାଇଁ ଏକ ୨୪ ଘଣ୍ଟିଆ କଣ୍ଟ୍ରୋଲ୍ ରୁମ୍ ଖୋଲାଯାଇଥିବାବେଳେ ସୂଚନା ପାଇଲେ କିମ୍ବା ସନ୍ଦେହ ହେଲେ ଏହାସହ ଯୋଗାଯୋଗ କରିବାକୁ ଲୋକଙ୍କୁ ପରାମର୍ଶ ଦିଆଯାଇଛି। ଏଥିସହ ମଙ୍ଗଳବାର ସମସ୍ତ ଜିଲାର ମୁଖ୍ୟ ଚିକିତ୍ସାଧିକାରୀଙ୍କୁ ନେଇ ଏକ ବୈଠକ ଡକାଯାଇଛି। 'କରୋନା' ମୁକାବିଲା ପାଇଁ ରାଜ୍ୟ ସରକାର ସମ୍ପୂର୍ଣ୍ଣ ପ୍ରସ୍ତୁତ ଅଛନ୍ତି ବୋଲି ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ପ୍ରମୁଖ ସଚିବ ନିକୁଞ୍ଜ ବିହାରୀ ଧଳ କହିଛନ୍ତି।

ସୋମବାର ବିଭାଗ ପକ୍ଷରୁ ରାଜ୍ୟ ସ୍ୱାସ୍ଥ୍ୟ ମିଶନ କାର୍ଯ୍ୟାଳୟଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ସଚିବ ଏ ସମ୍ପର୍କରେ ସୂଚନା ଦେଇ କହିଲେ, କରୋନା ଭାଇରସ୍‌କୁ ନେଇ ଜନସାଧାରଣ ଆତଙ୍କିତ ହେବା ଉଚିତ୍ ନୁହେଁ। ଭୁବନେଶ୍ୱର ବିମାନ ବନ୍ଦରକୁ ମାଲେସିଆରୁ ବିମାନ ଚଳାଚଳ ହେଉଛି। ମାଲେସିଆରେ ୩ଜଣ କରୋନା ଭାଇରସ୍ ପଜିଟିଭ୍ ଚିହ୍ନଟ ହୋଇଥିବାରୁ ଭୁବନେଶ୍ୱର ବିମାନ ବନ୍ଦରରେ ସ୍କ୍ରିନିଂ ବ୍ୟବସ୍ଥା କରିବା ପାଇଁ କେନ୍ଦ୍ର ସରକାରଙ୍କୁ ଅନୁରୋଧ କରାଯାଇଛି। ଏହି ପ୍ରସ୍ତାବକୁ ଗ୍ରହଣ କରି କେନ୍ଦ୍ର ସରକାର ସମସ୍ତ ପ୍ରକାର ସହାୟତା ଯୋଗାଇ ଦେବା ପାଇଁ ପ୍ରତିଶ୍ରୁତି ଦେଇଛନ୍ତି। ତେବେ ଏହା ମଧ୍ୟରେ ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଭୁବନେଶ୍ୱର ବିମାନ ବନ୍ଦରଠାରେ ସ୍କ୍ରିନିଂ ବ୍ୟବସ୍ଥା ଆରମ୍ଭ କରାଯାଇଛି ବୋଲି ସଚିବ କହିଛନ୍ତି। ଏହି ଅବସରରେ ଡିଏମ୍‌ଇଟି ପ୍ରଫେସର ସି.ବି.କେ. ମହାନ୍ତି, ଜାତୀୟ ସ୍ୱାସ୍ଥ୍ୟ ମିଶନ ପରିଚାଳନା ନିର୍ଦ୍ଦେଶକ ଶାଳିନୀ ପଣ୍ଡିତ ଓ ସ୍ୱାସ୍ଥ୍ୟ ବିଭାଗର ବରିଷ୍ଠ ପଦାଧିକାରୀମାନେ ଉପସ୍ଥିତ ଥିଲେ।

**ସଂକ୍ରମଣରୁ ରକ୍ଷା ପାଇଁ କ'ଣ କରିବେ:** ଡିଏମ୍‌ଇଟି ପ୍ରଫେସର ସି.ବି.କେ. ମହାନ୍ତି କହିଛନ୍ତି, ନୂଆ ଭାଇରସ୍ 'କରୋନା' ପାଇଁ ଏଯାଏ କୌଣସି ନିର୍ଦ୍ଦିଷ୍ଟ ଔଷଧ ଓ ପ୍ରତିଷେଧକ ବାହାରି ନାହିଁ। ସଂକ୍ରମଣ ଲକ୍ଷଣକୁ ଦେଖି ଚିକିତ୍ସା କରାଯାଇପାରିବ। ଏହି ଭାଇରସ୍‌ର ଆପେକ୍ଷିକ ଆକାର ବଡ଼ ହୋଇଥିବାରୁ ବାୟୁମଣ୍ଡଳରେ ବେଶି ସମୟ ତିଷ୍ଠି

☞ ପୃଷ୍ଠା-୪

# ଓୟୁଏଟି ଫାର୍ମରେ ବାର୍ଡ ଫ୍ଲୁ

- ଆଜିଠୁ କୁକୁଡ଼ାମରା ଅଭିଯାନ
- ୧୨ ରାପିଡ୍ ରେସପନ୍ସ ଟିମ୍ ନିଯୁକ୍ତ
- ନନ୍ଦନକାନନ ପକ୍ଷୀବିହାର ବନ୍ଦ

ଭୁବନେଶ୍ୱର, ୨୭।୧(ବ୍ୟୁରୋ)

ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ (ଓୟୁଏଟି) କୁକୁଡ଼ା ଫାର୍ମରେ ବାର୍ଡ ଫ୍ଲୁ । ଭୋପାଳକୁ ପରୀକ୍ଷା ପାଇଁ ପଠାଯାଇଥିବା ନମୁନାରୁ ଏହା ସ୍ପଷ୍ଟ ହେବା ପରେ ଆତଙ୍କ ଖେଳିଯାଇଛି। ଗତ ଦୁଇଦିନ ହେବ ଏହି ଫାର୍ମରେ ଅନେକ କୁକୁଡ଼ା ମରୁଥିଲେ। ତେଣୁ ପରୀକ୍ଷା ପାଇଁ ଭୋପାଳ ଟେଷ୍ଟିଂ ଲ୍ୟାବ୍‌କୁ ନମୁନା ପଠାଯାଇଥିଲା। ସୋମବାର ପହଞ୍ଚିବା ରିପୋର୍ଟରୁ ବାର୍ଡ ଫ୍ଲୁ ଭୂତାଣୁ ସ୍ପଷ୍ଟ ହୋଇଛି। ମଙ୍ଗଳବାରଠାରୁ କୁକୁଡ଼ା ମରା ଅଭିଯାନ ଆରମ୍ଭ ହେବ ବୋଲି ଓୟୁଏଟି ପାଥୋଲୋଜି ବିଭାଗ ମୁଖ୍ୟ ଡା. ସୁଶେନ କୁମାର ପଣ୍ଡା କହିଛନ୍ତି। ସେପଟେ ଓୟୁଏଟି ଫାର୍ମରେ ବାର୍ଡ ଫ୍ଲୁ ଚିହ୍ନଟ ହେବା ପରେ ରାଜ୍ୟ ସରକାର ଏହାର ନିୟନ୍ତ୍ରଣ ପାଇଁ ସମସ୍ତ ପ୍ରକାର ପଦକ୍ଷେପ ଗ୍ରହଣ କରିଛନ୍ତି। ବାର୍ଡ ଫ୍ଲୁ ଚିହ୍ନଟ ହୋଇଥିବା ୧ କିଲୋମିଟର ବ୍ୟାସାର୍ଦ୍ଧ ଅଞ୍ଚଳକୁ ସଂକ୍ରମିତ ଅଞ୍ଚଳ ଓ ୧୦ କିଲୋମିଟର ବ୍ୟାସାର୍ଦ୍ଧ ଅଞ୍ଚଳକୁ ନିରୀକ୍ଷଣ ଅଞ୍ଚଳ ରୂପେ ଘୋଷଣା କରାଯାଇଛି। ସଂକ୍ରମିତ ଅଞ୍ଚଳ ମଧ୍ୟରେ ଥିବା ସମସ୍ତ କୁକୁଡ଼ାଙ୍କୁ ମରାଯାଇ ଗଭୀର ଗାତରେ ପୋତି ଦିଆଯିବ। ମାଟି ଘୋଡ଼ାଇବା ପୂର୍ବରୁ ସେଥିରେ ଚୂନ ଓ ବ୍ଲିଚିଂ ପାଉଡର ପରି ବିଶୋଧକ ପ୍ରୟୋଗ କରାଯିବ। ସଂକ୍ରମିତ ଅଞ୍ଚଳର ରାସ୍ତାଘାଟ ଓ ଅନ୍ୟାନ୍ୟ ସର୍ବସାଧାରଣ ସ୍ଥାନକୁ ମଧ୍ୟ ବ୍ଲିଚିଂ ପାଉଡର ଦ୍ୱାରା ବିଶୋଧନ କରାଯିବାର ବ୍ୟବସ୍ଥା ହୋଇଛି। କୁକୁଡ଼ାମରା ଅଭିଯାନ ଓ ସଂକ୍ରମଣ ନିୟନ୍ତ୍ରଣ ପାଇଁ ସରକାରଙ୍କ ପକ୍ଷରୁ ୧୨ ତ୍ୱରିତ କାର୍ଯ୍ୟକାରୀ ଦଳ (ରାପିଡ୍ ରେସ୍‌ପନ୍ସ ଟିମ୍) ନିଯୁକ୍ତ କରାଯାଇଛି। ଏଥିମଧ୍ୟରୁ ୭ ଟିମ୍‌କୁ କୁକୁଡ଼ା ମରା ଓ ପୋତିବା ଦାୟିତ୍ୱ ଦିଆଯାଇଛି। ସେମାନେ ଓୟୁଏଟି କୁକୁଡ଼ା ଫାର୍ମର କୁକୁଡ଼ା ମାରିବା ସହିତ ୧ କି.ମି. ବ୍ୟାସାର୍ଦ୍ଧ ଅଞ୍ଚଳରେ ରହିଥିବା ମାଂସ ଦୋକାନ ଏବଂ ଅନ୍ୟାନ୍ୟ ଫାର୍ମରେ ଥିବା କୁକୁଡ଼ାଙ୍କୁ ମାରି ପୋତିବେ। ଏଥିସହିତ ଘର ଘର ବୁଲି ପାଳିତ କୁକୁଡ଼ାକୁ ମାରିବା ବ୍ୟବସ୍ଥା କରିବେ। ସେହିପରି ୫ ଟିମ୍ ନିରୀକ୍ଷଣ ଅଞ୍ଚଳରେ ରୋଗ ନିୟନ୍ତ୍ରଣ କାର୍ଯ୍ୟରେ ନିୟୋଜିତ ହୋଇଛନ୍ତି। ଏହି ଟିମ୍‌ଗୁଡ଼ିକ ନିୟମିତ ବ୍ୟବଧାନରେ ସନ୍ଦିଗ୍ଧ କୁକୁଡ଼ାଙ୍କଠାରୁ ରକ୍ତ, ଲାଳ ଓ ମଳ ଆଦି ସଂଗ୍ରହ କରି ପରୀକ୍ଷା ପାଇଁ ପଠାଇବାର

☞ ପୃଷ୍ଠା-୪

## ୪ ପର୍ଯ୍ୟଟନସ୍ଥଳୀରେ ହେବ ରୋପ୍‌ୱେ

ଢେଙ୍କାନାଳ ଅଫିସ, ୨୭।୧: ରାଜ୍ୟର ୪ଟି ପର୍ଯ୍ୟଟନସ୍ଥଳୀରେ କାର୍ଯ୍ୟକାରୀ ହେବ ରୋପୱେ। ଢେଙ୍କାନାଳର ପ୍ରସିଦ୍ଧ ଶୈବପୀଠ କପିଳାସ, ଖୋର୍ଦ୍ଧାର ବରୁଣେଇ, ଧଉଳି ଏବଂ କେନ୍ଦୁଝରର ଭୀମକୁଣ୍ଡଠାରେ ଏହି ବ୍ୟବସ୍ଥା କରାଯିବ ବୋଲି ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ମନ୍ତ୍ରୀ ଅଶୋକଚନ୍ଦ୍ର ପଣ୍ଡା କହିଛନ୍ତି। ୨୦୧୮-୧୯ ବର୍ଷରେ ଉକ୍ତ ପର୍ଯ୍ୟଟନ ସ୍ଥଳୀରେ ରୋପୱେ ବ୍ୟବସ୍ଥା କାର୍ଯ୍ୟକାରୀ କରାଯିବାକୁ ପ୍ରସ୍ତାବ ଦିଆଯାଇଥିଲା। ଏଥିପାଇଁ ସମସ୍ତ ସ୍ୱୀକୃତି ପ୍ରଦାନ କରାଯାଇଛି।

(ଅଧିକ ରିପୋର୍ଟ ପୃଷ୍ଠା-୭)




## ରାଜ୍ୟ ପରିବହନ ପ୍ରାଧିକାରୀଙ୍କ କାର୍ଯ୍ୟାଳୟ, ଓଡିଶା, କଟକ

### ବସ୍ ମାଲିକଙ୍କ ପାଇଁ ବିଶେଷ ସୂଚନା

**ଭୁବନେଶ୍ୱର/କଟକ-ଆଖୁଆପଦା-ଭଦ୍ରକ- ସୋର - ବାଲେଶ୍ୱର-ବେତନଟି-ବାରିପଦା ମାର୍ଗରେ ଚୁଡାନ୍ତ ସଂଶୋଧିତ ସୁବ୍ୟବସ୍ଥାକରଣ ସମୟ ସାରଣୀ (Final Rationalized Timing)**

ଏତଦ୍‌ଦ୍ୱାରା ଭୁବନେଶ୍ୱର/କଟକ-ଆଖୁଆପଦା-ଭଦ୍ରକ- ସୋର - ବାଲେଶ୍ୱର-ବେତନଟି-ବାରିପଦା ମାର୍ଗରେ ଚଳାଚଳ କରୁଥିବା ସମସ୍ତ ଯାତ୍ରୀବାହୀ ଯାନର ମାଲିକମାନଙ୍କୁ ଜଣାଇ ଦିଆଯାଉଅଛି ଯେ, ଉକ୍ତ ମାର୍ଗରେ ଚଳାଚଳ କରୁଥିବା ସମସ୍ତ ଯାତ୍ରୀବାହୀ ଯାନମାନଙ୍କର ପ୍ରଥମ ପ୍ରସ୍ତାବିତ ସୁବ୍ୟବସ୍ଥାକରଣ ସମୟସାରଣୀ (1st Draft Rationalized Timing) ପ୍ରସ୍ତୁତ କରାଯାଇ ଦୈନିକ ଖବର କାଗଜ "ସମାଜ" ଓ "ସମ୍ବାଦ" ତା ୧୨.୦୭.୨୦୧୫ ରିଖରେ ପ୍ରକାଶିତ କରାଯାଇ ଅଭିଯୋଗ ପତ୍ର ଆହ୍ୱାନ କରାଯାଇଥିଲା । ପ୍ରାପ୍ତ ହୋଇଥିବା ଅଭିଯୋଗ ପତ୍ରଗୁଡିକୁ ତର୍ଜମା କରାଯାଇ ଦ୍ୱିତୀୟ ପ୍ରସ୍ତାବିତ ସୁବ୍ୟବସ୍ଥାକରଣ ସମୟ ସାରଣୀ (2nd Draft Rationalized Timing) ପ୍ରସ୍ତୁତ କରାଯାଇ ଦୈନିକ ଖବର କାଗଜ "ସମାଜ", "ସମ୍ବାଦ" ଓ "ଧରିତ୍ରୀ" ତା ୨୦.୦୧.୨୦୧୮ ରିଖରେ ପ୍ରକାଶିତ କରାଯାଇଥିଲା । ପ୍ରାପ୍ତ ହୋଇଥିବା ଅଭିଯୋଗ ପତ୍ରଗୁଡିକୁ ତର୍ଜମା କରାଯାଇ ବିଚାରକୁ ନିଆଯାଇ ମାନଦଣ୍ଡରେ ପରିବର୍ତ୍ତନ କରାଯାଇ ଚୁଡାନ୍ତ/ପୂର୍ଣ୍ଣାଙ୍ଗ ସୁବ୍ୟବସ୍ଥାକରଣ ସମୟ ସାରଣୀ (Final Rationalized Timing) ପ୍ରସ୍ତୁତ କରାଯାଇ ପୁନଃ ଦୈନିକ ଖବରକାଗଜ ସମାଜ, ସମ୍ବାଦ ଓ ଧରିତ୍ରୀରେ ତା ୧୯.୦୭.୨୦୧୮ ରିଖରେ ପ୍ରକାଶିତ ହୋଇଥିଲା କିନ୍ତୁ କାର୍ଯ୍ୟକାରୀ କରାଯାଇନଥିଲା ଉକ୍ତ ପୂର୍ଣ୍ଣାଙ୍ଗ ସୁବ୍ୟବସ୍ଥାକରଣ ସମୟସାରଣୀ (Final Rationalized Timing) ବିଜ୍ଞାପନକୁ ଆଧାର କରି ୧୨୬ ଗୋଟି ଅଭିଯୋଗ ପତ୍ର ହସ୍ତଗତ ହୋଇଥିଲା । ଅଭିଯୋଗ ତଥା ପ୍ରତି ବେଦନଗୁଡିକୁ ବିଚାରକୁ ନିଆଯାଇ ମାନ ଦଣ୍ଡରେ ପରିବର୍ତ୍ତନ କରାଯାଇ ସଂଶୋଧିତ ଚୁଡାନ୍ତ ଡ୍ରାଫ୍ଟ ସୁବ୍ୟବସ୍ଥାକରଣ ସମୟସାରଣୀ (Rectified Final Draft Rationalized Timing) ପ୍ରସ୍ତୁତ କରାଯାଇ ଦୈନିକ ଖବରକାଗଜ "ସମାଜ", "ସମ୍ବାଦ" ଓ "ଧରିତ୍ରୀ" ରେ ତା ୨୧.୧୨.୨୦୧୯ ରିଖରେ ପ୍ରକାଶିତ କରାଯାଇ ଅଭିଯୋଗ ପତ୍ର ଦାଖଲ ନିମନ୍ତେ ଆହ୍ୱାନ କରାଯାଇଥିଲା । ଉକ୍ତ ଶେଷ ପ୍ରସ୍ତାବକୁ ଆଧାରକରି ୯୯ ଗୋଟି ଆବେଦନ ପତ୍ର ବା ଆପତି ଅଭିଯୋଗଗୁଡିକୁ ବିଚାରକୁ ନେଇ ଏକ ନୂତନ ଚୁଡାନ୍ତ ପରିବର୍ତିତ ସୁବ୍ୟବସ୍ଥାକରଣ ସମୟସାରଣୀ ପ୍ରସ୍ତୁତ କରାଗଲା। ଯାହାକି STA Website www.orissatransport.nic.in/ www.odishatransport.gov.in ଉପଲବ୍ଧ କରାଗଲା । ଉକ୍ତ ନୂତନ ପରିବର୍ତିତ ସମୟସାରଣୀ ତା ୩୦.୦୧.୨୦୨୦ ରିଖରେ ଲାଗୁକରାଯିବା ପାଇଁ ସ୍ଥିର କରାଗଲା ।

ବି.ଦ୍ର : ଚୁଡାନ୍ତ/ପୂର୍ଣ୍ଣାଙ୍ଗ ସୁବ୍ୟବସ୍ଥାକରଣ ସମୟସାରଣୀ (Rationalized Timing) ରେ ଯଦି କୌଣସି ତ୍ରୁଟି ପରିଲିକ୍ଷିତ ହୁଏ ତେବେ ସେଗୁଡିକୁ Case to Case ଭିତିରେ ଶୁଣାଣୀ ମାଧ୍ୟମରେ ଅଭିଯୋଗ ପ୍ରାପ୍ତ ହେବାର ୩୦ ଦିନ ମଧ୍ୟରେ ବିଚାର କରାଯିବ । ଉକ୍ତ ସମୟ ପରେ ଆବେଦନ ପତ୍ର ଗ୍ରହଣ କରାଯିବ ନାହିଁ । ପ୍ରକାଶ ଥାଉକି ତ୍ରୁଟି ସଂଶୋଧନ ପରେ ଖୋଲିଥିବା ସ୍ଲଟ (Slot) ଗୁଡିକୁ Website ରେ ପ୍ରକାଶିତ କରାଯିବ । ଏହାପରେ ଇଚ୍ଛୁକ ବସ୍ ମାଲିକମାନେ ଉକ୍ତ ଫାଙ୍କ ସ୍ଲଟ୍ ସମୟରେ ନୂତନ ଦରଖାସ୍ତ କରିପାରିବେ ।

**ପରିବହନ ଆୟୁକ୍ତ ତଥା ଅଧ୍ୟକ୍ଷ**
**ଓଡିଶା, କଟକ**

### ଆଜିର ସମ୍ପାଦକୀୟ

**ଧୁଆ ଅଧୁଆ ସମାନ**

### ଆଜିର ମନ୍ତବ୍ୟ

"ଭାରତର ଆଭ୍ୟନ୍ତରୀଣ ମାମଲାରେ କୌଣସି ବାହାର ଦେଶକୁ ହସ୍ତକ୍ଷେପ ସୁଯୋଗ ଦିଆଯିବ ନାହିଁ।

-ଭେଙ୍କାୟା ନାଇଡୁ, ଉପରାଷ୍ଟ୍ରପତି

### କିଛି ତଥ୍ୟ

୨୦୧୯ରେ ଭାରତ ମାଲେସିଆରୁ ୪.୪ ନିୟୁତ ଟନ୍ ପାଲ୍‌ମ ଅଏଲ ଆମଦାନି କରିଛି।

– ମାଲେସିଆନ୍ ପାଲ୍‌ମ ଅଏଲ୍ ବୋର୍ଡ




Taste the difference! Vencobb FRESH CHICKEN

27.01.2020

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 72 | 122 | 132 |
| CTC | 70 | 119 | 129 |
| DKL | 74 | 124 | 134 |
| BDK | 72 | 122 | 132 |
| BLS | 72 | 122 | 132 |
| ANG | 75 | 126 | 136 |
| BHM | 74 | 124 | 134 |

*Conditions Apply
Issued in the Interest of Consumers







# ଏକାମ୍ର ଯୋଜନା ପାଇଁ ସହାୟତା ପ୍ୟାକେଜ

ଭୁବନେଶ୍ୱର, ୨୭।୧ (ବ୍ୟୁରୋ)



ଶ୍ରୀଲିଙ୍ଗରାଜ ମହାପ୍ରଭୁଙ୍କ ପାରିପାର୍ଶ୍ୱିକ ଅଞ୍ଚଳର ବିକାଶ ପାଇଁ ରାଜ୍ୟ ସରକାର ଏକାମ୍ର ଯୋଜନା ଆରମ୍ଭ କରିଛନ୍ତି। ଏହି ଯୋଜନାରେ ବିସ୍ଥାପିତଙ୍କ ଥଇଥାନ ଓ ସହାୟତା ସକାଶେ ସ୍ୱତନ୍ତ୍ର ପ୍ୟାକେଜକୁ ସୋମବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଅନୁମୋଦନ କରିଛନ୍ତି। ଏହି ଯୋଜନାରେ ବାସଗୃହ, ମଠ ଓ ଦୋକାନ ଘର ହରାଉଥିବା ବ୍ୟକ୍ତିଙ୍କ ପାଇଁ ସହାୟତା ଘୋଷଣା କରାଯାଇଛି। ଅଧିଗୃହୀତ ସମସ୍ତ ଜମି ଲିଙ୍ଗରାଜଙ୍କ ନାମରେ ରେକର୍ଡ କରାଯିବ। ଜମି ଦାନ କରିଥିବା ବ୍ୟକ୍ତିଙ୍କ ନାମ ପ୍ରକଳ୍ପ ଅଞ୍ଚଳରେ ଫଳକରେ ଲେଖାଯିବ ବୋଲି ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି।

ସ୍ଥିତିବାନ ସ୍ୱତ୍ୱରେ ନିର୍ମିତ ହୋଇଥିବା ବାସଗୃହଗୁଡ଼ିକୁ ରାଜ୍ୟ ସରକାରଙ୍କ ଅନୁମୋଦିତ ବ୍ୟବସ୍ଥା ଅନୁଯାୟୀ ସିଧାସଳଖ କ୍ରୟ କରାଯାଇ ଅଧିଗ୍ରହଣ କରାଯିବ। ଉପଯୁକ୍ତ କ୍ଷତିପୂରଣ ଅଧିକାର ଏବଂ ସ୍ୱଚ୍ଛ ଅଧିଗ୍ରହଣ, ପୁନର୍ବାସ, ପୁନଃ ଥଇଥାନ ଆଇନ–୨୦୧୩ ଅନୁଯାୟୀ କ୍ଷତିପୂରଣ ପ୍ରଦାନ କରାଯିବ।

ଅଧିଗ୍ରହଣ ହେବାକୁ ଥିବା ଜମିର ବଜାର ଦର କିମ୍ବା ତା'ଠାରୁ ଅଧିକ କ୍ଷତିପୂରଣ ଦିଆଯିବ। ଏହା ପରିବର୍ତ୍ତେ କୌଣସି ବ୍ୟକ୍ତି ଯଦି ଜମି ବଦଳରେ ଜମି ନେବାକୁ ଚାହିଁବେ ତେବେ ସେମାନଙ୍କୁ ଅନ୍ୟତ୍ର ଜମି ଯୋଗାଇ ଦିଆଯିବ। ଯଦି ଅନ୍ୟତ୍ର ଦିଆଯିବାକୁ ଥିବା ବିକଳ୍ପ ଜମିର ମୂଲ୍ୟ ଅଧିଗୃହୀତ ଜମିର ମୂଲ୍ୟ ଠାରୁ କମ୍ ହୋଇଥିବ ତେବେ ନିୟମ ଅନୁଯାୟୀ ବଳକା ମୂଲ୍ୟ ଆର୍ଥିକ ସହାୟତା ଆକାରରେ ଦିଆଯିବ। ବିସ୍ଥାପିତ ହେବାକୁ ଥିବା ପରିବାରଗୁଡ଼ିକୁ ପରିବହନ ଓ ତୁରନ୍ତ ବ୍ୟବସ୍ଥା ନିମନ୍ତେ ପ୍ରତି ପରିବାରକୁ ୧ ଲକ୍ଷ ଟଙ୍କା ସହାୟତା ଯୋଗାଇ ଦିଆଯିବ। ଜମି ଅଧିଗ୍ରହଣ ହେବା ଦିନଠାରୁ ବର୍ଷକ ପର୍ଯ୍ୟନ୍ତ ପ୍ରତି ପରିବାରକୁ ୧୫ ହଜାର ଟଙ୍କା ଲେଖାଏ ମାସିକ ସହାୟତା ଯୋଗାଇ ଦିଆଯିବ। ବାସଗୃହ ହରାଉଥିବା ପ୍ରତ୍ୟେକ ଘର ମାଲିକଙ୍କୁ ଏକକାଳୀନ ୨୦ ଲକ୍ଷ ଟଙ୍କା ଥଇଥାନ ଭତ୍ତା ପ୍ରଦାନ କରାଯିବ। ସେହିପରି ସ୍ଥିତିବାନ ଜମିରେ ନିର୍ମାଣ କରାଯାଇଥିବା ବ୍ୟବସାୟିକ ପ୍ରତିଷ୍ଠାନଗୁଡ଼ିକୁ ରାଜ୍ୟ ସରକାରଙ୍କ ଅନୁମୋଦିତ ବ୍ୟବସ୍ଥା ଅନୁଯାୟୀ ସିଧାସଳଖ କ୍ରୟ କରାଯାଇ ଅଧିଗ୍ରହଣ କରାଯିବ।

ସେହିପରି ପ୍ରତି ୨୦୦ ବର୍ଗମିଟର କିମ୍ବା ତା'ଠାରୁ କମ୍ ନିର୍ମାଣ ଅଞ୍ଚଳରେ ନିର୍ମିତ ଦୋକାନ ପାଇଁ ଜମି ଅଧିଗ୍ରହଣ ହେବା ଦିନଠାରୁ ଦୋକାନ ଘର ମିଳିବା ପର୍ଯ୍ୟନ୍ତ ମାସିକ ୧୫ ହଜାର ଟଙ୍କା ଘରଭଡ଼ା ସହାୟତା ଯୋଗାଇ ଦିଆଯିବ। ୨୦୦ ବର୍ଗମିଟର କିମ୍ବା ତା'ଠାରୁ ଅଧିକ ନିର୍ମାଣ ଅଞ୍ଚଳରେ ନିର୍ମିତ ଦୋକାନ ପାଇଁ ମାସିକ ୨୦ ହଜାର ଟଙ୍କା ଘରଭଡ଼ା ସହାୟତା ଯୋଗାଇ ଦିଆଯିବ।

ଥଇଥାନ ଯୋଜନାରେ ରାଜ୍ୟ ସରକାର ଦୋକାନ ହରାଉଥିବା ବ୍ୟକ୍ତିଙ୍କ ପାଇଁ ୩ଟି ବିକଳ୍ପ ବ୍ୟବସ୍ଥା କରିଛନ୍ତି। ପ୍ରଥମ ବିକଳ୍ପ– ବଜାର ଦରର ୫୦ ପ୍ରତିଶତ ମୂଲ୍ୟରେ ଦୋକାନ ଘର ଯୋଗାଇ ଦିଆଯିବ। ଦୋକାନ ଘରର ଅବଶିଷ୍ଟ ୫୦ ପ୍ରତିଶତ ମୂଲ୍ୟ ରାଜ୍ୟ ସରକାର ନିଜେ ରିହାତି ଭାବେ ବହନ କରିବେ। ଦ୍ୱିତୀୟ ବିକଳ୍ପ– ଦୋକାନ ହରାଉଥିବା ପ୍ରତ୍ୟେକ ବ୍ୟକ୍ତି ନିର୍ମିତ ହେବାକୁ ଥିବା ମାର୍କେଟ କମ୍ପ୍ଲେକ୍ସରେ ନୂଆ ଦୋକାନ ଘର ପାଇବା ପାଇଁ ଯୋଗ୍ୟ ବିବେଚିତ ହେବେ। ସେମାନେ ଏହାକୁ ବଜାର ଦରର ୫୦ ପ୍ରତିଶତ ମୂଲ୍ୟରେ କ୍ରୟ କରିପାରିବେ। ସେହିପରି ତୃତୀୟ ବିକଳ୍ପ– ଦୋକାନ ମାଲିକମାନେ ଚାହିଁଲେ ଏକକାଳୀନ ୨୦ ଲକ୍ଷ ଟଙ୍କା ସହାୟତା ଭାବେ ନେଇପାରିବେ।

ଉଠାଦୋକାନୀଙ୍କ ପାଇଁ ମଧ୍ୟ ରାଜ୍ୟ ସରକାର ଥଇଥାନ ବ୍ୟବସ୍ଥା କରିଛନ୍ତି। ଏକାମ୍ର ପ୍ରକଳ୍ପ ଅଞ୍ଚଳରେ ଥିବା ସମସ୍ତ ତାଲିକାଭୁକ୍ତ ଉଠାଦୋକାନୀଙ୍କୁ ୩୦ ହଜାର ଟଙ୍କା ଏକକାଳୀନ ସହାୟତା ପ୍ରଦାନ କରାଯିବ। ଦୁଇଟି କିସ୍ତିରେ ସେମାନେ ଏହି ସହାୟତା ନେଇପାରିବେ। ଏହାଛଡ଼ା ଉଠାଦୋକାନୀମାନଙ୍କୁ ରାସ୍ତାକଡ ଭେଣ୍ଡିଂ ଯୋଜନା କରାଯାଇ ବ୍ୟବସାୟ କରିବାକୁ ଆବଶ୍ୟକ ସ୍ଥାନ ଯୋଗାଇ ଦିଆଯିବ।

ଏକାମ୍ର ଯୋଜନାରେ ସ୍ଥାନାନ୍ତରୀତ ହେଉଥିବା ସରକାରୀ କାର୍ଯ୍ୟାଳୟ ଓ ପ୍ରତିଷ୍ଠାନ ପାଇଁ ମଧ୍ୟ ମୁଖ୍ୟମନ୍ତ୍ରୀ ସହାୟତା ଘୋଷଣା କରିଛନ୍ତି। ଏହି ଯୋଜନାରେ ବିସ୍ଥାପିତ ହେବାକୁ ଥିବା ସରକାରୀ କାର୍ଯ୍ୟାଳୟ ଓ ପ୍ରତିଷ୍ଠାନଗୁଡ଼ିକର ସହାୟତା ପାଇଁ ଭୁବନେଶ୍ୱର ମହାନଗର ନିଗମ(ବିଏମ୍‌ସି) କମିଶନରଙ୍କ ଅଧ୍ୟକ୍ଷତାରେ ଏକ କମିଟି ଗଠିତ ହୋଇ ସ୍ଥିର କରିବେ। ସେହିପରି ବିସ୍ଥାପିତ ହେବାକୁ ଥିବା ମଠଗୁଡ଼ିକୁ ଜମି ଆବଣ୍ଟନ, ସଂରକ୍ଷଣ ଆଦି କାର୍ଯ୍ୟ ସମ୍ପର୍କରେ ଖୋର୍ଦ୍ଧା ଜିଲାପାଳ ଓ ହିତାଧିକାରୀମାନଙ୍କ ସହିତ ଆଲୋଚନା କରି ବିଏମ୍‌ସି କମିଶନର ନିଷ୍ପତ୍ତି ନେବେ। ପ୍ରତି ମଠର ପୁନର୍ବିନ୍ୟାସ ସମୟରେ ଏହାର ପୂର୍ବ ଢାଞ୍ଚାକୁ ଗୁରୁତ୍ୱ ଦିଆଯିବ।

- ଜମି ଦେଇଥିବା ବ୍ୟକ୍ତିଙ୍କ ନାମଫଳକରେ ରହିବ
- ସ୍ଥିତିବାନ ଜମି ବଜାର ଦରରେ କିଣିବେ ସରକାର
- ତୁରନ୍ତ ବିସ୍ଥାପିତ ପାଇଁ ୧ ଲକ୍ଷ ଟଙ୍କା ପରିବହନ ଖର୍ଚ୍ଚ ମିଳିବ
- ଜମି ଅଧିଗ୍ରହଣଠାରୁ ବର୍ଷେ ଯାଏ ମାସକୁ ୧୫ ହଜାର
- ବାସଗୃହ ହରାଉଥିବା ମାଲିକଙ୍କୁ ୨୦ ଲକ୍ଷ ସହାୟତା, ଦୋକାନ କ୍ଷତିପୂରଣ
- ମାର୍କେଟ କମ୍ପ୍ଲେକ୍ସରେ ଖର୍ଚ୍ଚର ୫୦ ପ୍ରତିଶତ ରିହାତିରେ ଦୋକାନ ଘର ଯୋଗାଇ ଦିଆଯିବ
- ସ୍ୱଇଚ୍ଛାରେ ଜମି ଦାନ କଲେ ମିଳିବ ୧୦ ପ୍ରତିଶତ ଅଧିକ ପ୍ରୋତ୍ସାହନ ରାଶି

ଏହି ପୁନର୍ବାସ ଓ ଥଇଥାନ ନୀତି ଖୋର୍ଦ୍ଧା ଜିଲାପାଳଙ୍କ ସହ ଆଲୋଚନା କରି ବିଏମସି କମିଶନର କାର୍ଯ୍ୟକାରୀ କରିବେ। ଯେହେତୁ ପ୍ରକଳ୍ପ ପାଇଁ ଜମି ଅଧିଗ୍ରହଣ ପାରସ୍ପରିକ ଆଲୋଚନା ମାଧ୍ୟମରେ ସମ୍ପନ୍ନ କରାଯିବ। ବିଏମସି କମିଶନର ଖୋର୍ଦ୍ଧା ଜିଲାପାଳଙ୍କ ସହିତ ଆଲୋଚନା କରି ସହାୟତା ରାଶି ହ୍ରାସ କିମ୍ବା ପରିବର୍ତ୍ତନ କରିପାରିବେ। ଏଥିପାଇଁ କେନ୍ଦ୍ରାଞ୍ଚଳ ରାଜସ୍ୱ କମିଶନରଙ୍କ ଅନୁମୋଦନ ନେବାକୁ ପଡ଼ିବ। ଏହି ଯୋଜନା ପାଇଁ ପାଣ୍ଠି ବିଏମସି ତତ୍ତ୍ୱାବଧାନରେ ରହିବ। ଏହି ପ୍ରକଳ୍ପ କାର୍ଯ୍ୟ ୬ ମାସ ମଧ୍ୟରେ ଶେଷ କରିବାକୁ ଲକ୍ଷ୍ୟଧାର୍ଯ୍ୟ କରାଯାଇଛି। ଏହି ଦୃଷ୍ଟିରୁ ଅଧିଗ୍ରହଣ ସୂଚନା ପ୍ରକାଶିତ ହେବାର ୩୦ ଦିନ ମଧ୍ୟରେ ଯଦି କ୍ଷତିଗ୍ରସ୍ତ ବ୍ୟକ୍ତି ସ୍ୱଇଚ୍ଛାରେ ଜମି ପ୍ରଦାନ କରିବେ ତେବେ ତାଙ୍କୁ ଅତିରିକ୍ତ ୧୦ ପ୍ରତିଶତ ଅର୍ଥ ପ୍ରୋତ୍ସାହନ ରାଶି ଭାବେ ପ୍ରଦାନ କରାଯିବ।




## ବନ୍ଧୁକ ଦେଖାଇ ୫ ଲକ୍ଷରୁ ଊର୍ଦ୍ଧ୍ୱ ଲୁଟ

ରାଇରଙ୍ଗପୁର,୨୭।୧(ଡି.ଏନ.ଏ.): ମୟୂରଭଞ୍ଜ ଜିଲା ରାଇରଙ୍ଗପୁର ବଜାରରେ ଜଣେ ବ୍ୟବସାୟୀଙ୍କୁ ବନ୍ଧୁକ ଦେଖାଇ ଦୁର୍ବୃତ୍ତମାନେ ୫ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଲୁଟି ନେଇଛନ୍ତି। ସୂଚନାଯୋଗ୍ୟ, ରାଇରଙ୍ଗପୁର ଟାଉନ ଥାନା ଅଧୀନ ମୁଖ୍ୟ ବଜାରରେ ଥିବା ମହାନ୍ତି ପାନମସଲା ଦୋକାନ ମାଲିକ ରୂପେଶ କୁମାର ମହାନ୍ତି ରବିବାର ରାତିରେ ଦୋକାନ ଭିତରେ ଟଙ୍କା ଗଣୁଥିବା ବେଳେ ୩ ଦୁର୍ବୃତ୍ତ ମୁହଁରେ କଳାକପଡ଼ା ବାନ୍ଧି ଦୋକାନ ଭିତରେ ପଶି ରୂପେଶଙ୍କ ମୁଣ୍ଡରେ ବନ୍ଧୁକ ଲଗାଇ ୫ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ନେଇ ଫେରାର ହୋଇଯାଇଥିଲେ। ଏନେଇ ରୂପେଶ ସୋମବାର ଟାଉନ ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଦୋକାନର ସିସିଟିଭି ଯାଞ୍ଚ କରି ତଦନ୍ତ ଚଳାଇଛି।

# ଆନ୍ଦୋଳନରୁ ଓହରିଲେ ୪ ବାର୍ ଆସୋସିଏଶନ

**କଟକ ଅଫିସ,୨୭।୧**

ପଶ୍ଚିମ ଓଡ଼ିଶାର ୪ ବାର୍ ଆସୋସିଏଶନ ବିଧିବଦ୍ଧ ଭାବେ କାର୍ଯ୍ୟବନ୍ଦ ଆନ୍ଦୋଳନରୁ ଓହରିଯାଇଛନ୍ତି। ଓଡ଼ିଶା ରାଜ୍ୟ ଆଇନଜୀବୀ ପରିଷଦ ପକ୍ଷରୁ ଦିଆଯାଇଥିବା ସୂଚନା ଅନୁଯାୟୀ, ସୋନପୁର ବାର୍ ଆସୋସିଏଶନ, ବିନିକା ବାର୍ ଆସୋସିଏଶନ, ବୀରମହାରାଜପୁର ବାର୍ ଆସୋସିଏଶନ ଓ ତରଭା ବାର୍ ଆସୋସିଏଶନ ସେମାନଙ୍କର କାର୍ଯ୍ୟ ବନ୍ଦ ଆନ୍ଦୋଳନକୁ ପ୍ରତ୍ୟାହାର କରି ନେଇଛନ୍ତି। ଏହିସବୁ ବାର୍ ଆସୋସିଏଶନର ଆଇନଜୀବୀମାନେ ସୋମବାର କୋର୍ଟ କାର୍ଯ୍ୟରେ ଯୋଗଦାନ କରିଥିବା ଆଇନଜୀବୀ ପରିଷଦ ସୂଚନା ଦେଇଛି। ରାଜଗାଙ୍ଗପୁର ବାର୍ ଆସୋସିଏଶନର ଆଇନଜୀବୀମାନେ ଆସନ୍ତା ୩ ତାରିଖରୁ କୋର୍ଟ କାର୍ଯ୍ୟରେ ଯୋଗଦାନ କରିବେ ବୋଲି ପରିଷଦ ପକ୍ଷରୁ କୁହାଯାଇଛି।

ସୂଚନାଥାଉକି, ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ମୁତାବକ ପଶ୍ଚିମ ଓଡ଼ିଶାର ୧୭ ବାର୍ ଆସୋସିଏଶନ କର୍ମକର୍ତ୍ତାଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ଓଡ଼ିଶା ରାଜ୍ୟ ଆଇନଜୀବୀ ପରିଷଦ ପକ୍ଷରୁ ବାର୍ କାଉନସିଲ ଅଫ୍ ଇଣ୍ଡିଆକୁ ଗତ ୨୨ ତାରିଖରେ ପ୍ରସ୍ତାବ ଦିଆଯାଇଥିଲା। ଏହି ପ୍ରସ୍ତାବରେ ପଶ୍ଚିମ ଓଡ଼ିଶାର ସେଣ୍ଟ୍ରାଲ ଆକ୍ସନ କମିଟିର କର୍ମକର୍ତ୍ତାଙ୍କ ନାମ ମଧ୍ୟ ଉଲ୍ଲେଖ କରାଯାଇଥିଲା। ପଶ୍ଚିମ ଓଡ଼ିଶାରେ ହାଇକୋର୍ଟ ବେଞ୍ଚ ପ୍ରତିଷ୍ଠା ଦାବିରେ ସେଠାରେ ଓକିଲ ଆନ୍ଦୋଳନ ଚାଲିଛି। ମାତ୍ର ନିକଟରେ ଓକିଲ ଆନ୍ଦୋଳନକୁ ନେଇ ସୁପ୍ରିମକୋର୍ଟ କଡ଼ା ଆଭିମୁଖ୍ୟ ଗ୍ରହଣ କରିଛନ୍ତି। ଯେଉଁ ବାର୍‌ର ଓକିଲମାନେ ଆନ୍ଦୋଳନ ଜାରି ରଖିଛନ୍ତି ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। କାର୍ଯ୍ୟାନୁଷ୍ଠାନ ସଦୃଶ ସମ୍ପୃକ୍ତ ଓକିଲମାନଙ୍କର ଲାଇସେନ୍ସ ରଦ୍ଦ କରାଯିବ ବୋଲି ସୁପ୍ରିମକୋର୍ଟ କହିଛନ୍ତି।









**ଜନ୍ମଦିନର ଶୁଭେଚ୍ଛା**

ନାମ: ......................................
ବୟସ:......................................
ଜନ୍ମ ତାରିଖ: ..............................


ଆରିୟମିତ୍ର
ପରିବାରବର୍ଗ


ଇତିଶ୍ରୀ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

## ଓୟୁଏଟି...

ବ୍ୟବସ୍ଥା କରିବେ। ଅନ୍ୟପକ୍ଷରେ ବାର୍ଡ ଫ୍ଲୁ ଆଶଙ୍କାରେ ମଙ୍ଗଳବାରଠାରୁ ନନ୍ଦନକାନନ ପକ୍ଷୀ ବିହାରକୁ ବନ୍ଦ ରଖାଯାଇଛି। ସ୍ଥିତିକୁ ଦେଖି ପରବର୍ତ୍ତୀ ଆଦେଶ ପର୍ଯ୍ୟନ୍ତ ପକ୍ଷୀ ବିହାର ଖୋଲାଯିବ ନାହିଁ ବୋଲି ନନ୍ଦନକାନନ କର୍ତ୍ତୃପକ୍ଷ ନିଷ୍ପତ୍ତି ନେଇଛନ୍ତି।

**ଜାରି ହେଲା କଟକଣା:** ବାର୍ଡ ଫ୍ଲୁ ନିୟନ୍ତ୍ରଣର ପ୍ରାଥମିକ ପଦକ୍ଷେପ ସ୍ୱରୂପ କେତେକ କଟକଣା ଜାରି କରାଯାଇଛି। କୌଣସି କୁକୁଡ଼ା ବା କୁକ୍କୁଟଜାତୀୟ

ପ୍ରଥମ ପୃଷ୍ଠାରୁ...

ପକ୍ଷୀ କିମ୍ବା କୁକୁଡ଼ା ସହ ଜଡ଼ିତ ପଦାର୍ଥ ସଂକ୍ରମିତ ସ୍ଥାନର ୧ କିଲୋମିଟର ବ୍ୟାସାର୍ଦ୍ଧ ଅଞ୍ଚଳରୁ ବାହାରକୁ ଚାଲାଣ କରାଯାଇପାରିବ ନାହିଁ। ସରକାରଙ୍କ ପକ୍ଷରୁ 'ଜୀବାଣୁମୁକ୍ତ ପ୍ରମାଣପତ୍ର' ପ୍ରଦାନର ୯୦ଦିନ ପରେ ସଂକ୍ରମିତ ଅଞ୍ଚଳରେ କୁକୁଡ଼ା ଓ କୁକ୍କୁଟଜାତୀୟ ପଦାର୍ଥର ବ୍ୟବସାୟ କରାଯାଇପାରିବ। ଏହି ଭାଇରସ୍ ମନୁଷ୍ୟଙ୍କୁ ଆକ୍ରାନ୍ତ କରିବା କ୍ୱଚିତ ଦେଖାଯାଇଥାଏ। ତେଣୁ ଏଥିରେ ଭୟଭୀତ ହେବାର କୌଣସି କାରଣ ନାହିଁ ବୋଲି କୁହାଯାଇଛି।

## ସରକାରଙ୍କୁ...

ରହିପାରେ ନାହିଁ। ବେଶୀ ଦୂର ପର୍ଯ୍ୟନ୍ତ ମଧ୍ୟ ସଂକ୍ରମଣ ବ୍ୟାପିପାରିବ ନାହିଁ। ପ୍ରତିଷେଧକାତ୍ମକ ବ୍ୟବସ୍ଥା ସ୍ୱରୂପ ନିୟମିତ ଭାବେ ସାବୁନରେ ହାତ ଧୁଅନ୍ତୁ। କାଶ ବା ଛିଙ୍କ ସମୟରେ ନାକ ଏବଂ ମୁହଁକୁ ରୁମାଲରେ ଘୋଡ଼ାଇ ରଖନ୍ତୁ। ସର୍ଦ୍ଦି ବା କାଶ ହେଉଥିବା ଲୋକଙ୍କଠାରୁ ନିଜକୁ ଦୂରେଇ ରଖନ୍ତୁ। ମାଂସ ଓ ଅଣ୍ଡାକୁ ଭଲ ଭାବେ ସିଝାଇ ଖାଆନ୍ତୁ। ବନ୍ୟ କିମ୍ବା ଫାର୍ମ ପ୍ରାଣୀଙ୍କ ସଂସ୍ପର୍ଶରେ ଆସିବାବେଳେ ସତର୍କତା ଅବଲମ୍ବନ କରନ୍ତୁ ବୋଲି ମହାନ୍ତି ପରାମର୍ଶ ଦେଇଛନ୍ତି।

**ବିମାନ ବନ୍ଦରରେ ଯାଞ୍ଚ କଡ଼ାକଡ଼ି**

'କରୋନା' ପାଇଁ ବିଜୁ ପଟ୍ଟନାୟକ ଅନ୍ତର୍ଜାତିକ ବିମାନ ବନ୍ଦରରେ ରାଜ୍ୟ ସରକାରଙ୍କ ପକ୍ଷରୁ ସ୍କ୍ରିନିଂ ବ୍ୟବସ୍ଥା ଆରମ୍ଭ ହୋଇଛି। ବାହାରୁ ଆସୁଥିବା ଯାତ୍ରୀଙ୍କୁ କଡ଼ାକଡ଼ି ଯାଞ୍ଚ କରାଯାଉଛି। ସେମାନଙ୍କ ସ୍ୱାସ୍ଥ୍ୟାବସ୍ଥା ଯାଞ୍ଚ ସହ କରୋନା ଭାଇରସ୍ ଚିହ୍ନଟ ଉଦ୍ୟମ ଆରମ୍ଭ ହୋଇଛି। କ୍ୟାପିଟାଲ ହସ୍ପିଟାଲର ଏକ ଡାକ୍ତରୀ ଟିମ୍ ଉପସ୍ଥିତ ରହି ଏହି କାର୍ଯ୍ୟରେ ସାମିଲ୍ ଥିବା ସୂଚନା ମିଳିଛି।

# ଆକର୍ଷଣ ସାଜିଲା ପ୍ରଜ୍ଞାପନ ମେଢ଼



**ରାଜ୍ୟସ୍ତରୀୟ ସାଧାରଣତନ୍ତ୍ର ଦିବସ**
- **ଜାତୀୟ ପତାକା ଉତ୍ତୋଳନ କଲେ ରାଜ୍ୟପାଳ**
- **ମୁଖ୍ୟମନ୍ତ୍ରୀ ହେଲେ ଅତିଥି**

**ଭୁବନେଶ୍ୱର,୨୭।୧(ବ୍ୟୁରୋ)**

୭୧ତମ ସାଧାରଣତନ୍ତ୍ର ଦିବସ ଉପଲକ୍ଷେ ଭୁବନେଶ୍ୱର ଗାନ୍ଧୀ ମାର୍ଗରେ ରବିବାର ମହାସମାରୋହରେ ପାଳିତ ହୋଇଛି ରାଜ୍ୟସ୍ତରୀୟ ସମାରୋହ। ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ପୂର୍ବାହ୍ନ ୮ଟା ୩୦ରେ ଜାତୀୟ ପତାକା ଉତ୍ତୋଳନ କରିବା ସହ ସମ୍ମିଳିତ ପରେଡରେ ଅଭିବାଦନ ଗ୍ରହଣ କରିଥିଲେ। ସମାରୋହରେ ବିଶେଷ ଆକର୍ଷଣ ସାଜିଥିଲା ରାଜ୍ୟ ସରକାରଙ୍କର ବିଭିନ୍ନ ବିଭାଗର ପ୍ରଜ୍ଞାପନ ମେଢ଼। ସେଥିମଧ୍ୟରେ ଥିଲା କୃଷି ଓ କୃଷକ ସଶକ୍ତୀକରଣ ବିଭାଗର 'କୃଷକମାନଙ୍କ ଉନ୍ନତି ସାଧନ', ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର 'ସୁସ୍ଥ ଓଡ଼ିଶା ଓ ସୁଖୀ ଓଡ଼ିଶା', ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗର 'ଜାଗା ମିଶନ', ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର 'ଆମ ବିଦ୍ୟାଳୟ', ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗର 'କଳାଭୂମି', ମହିଳା ଓ ଶିଶୁ ବିକାଶ ଏବଂ ମିଶନ ଶକ୍ତି ବିଭାଗର 'ମୋ ପରିଚୟ', ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗର 'ଆଦର୍ଶ ଗ୍ରାମ', ପୂର୍ତ୍ତ ବିଭାଗର 'ଐତିହ୍ୟସମ୍ପନ୍ନ ସହର ପୁରୀ', ଓସ୍‌ଡମାର 'ବିପର୍ଯ୍ୟୟ ପରିଚାଳନା', ଓଡ଼ିଶା ରାଜ୍ୟ ଏଡ୍‌ସ ନିରାକରଣ ସୋସାଇଟିର 'ଏଡ୍‌ସ ସଚେତନତା'। ସେହିପରି ରାଉରକେଲା ଷ୍ଟିଲ୍ ପ୍ଲାଣ୍ଟ, ଅଗ୍ନିଶମ ବିଭାଗ, ଆମ୍ବୁଲାନ୍ସ ଆଦି ପ୍ରଜ୍ଞାପନ ମେଢ଼ ଅଂଶଗ୍ରହଣ କରିଥିଲେ।

ଏହି ରାଜ୍ୟସ୍ତରୀୟ ସମାରୋହରେ ପ୍ରଥମ ଥର ପାଇଁ ଓଡ଼ିଶା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସମ୍ମାନିତ ଅତିଥି ଭାବେ ଯୋଗଦାନ କରିଥିଲେ। ପୂର୍ବରୁ ପ୍ରତିବର୍ଷ ଜାନୁୟାରୀ ୨୬ରେ ମୁଖ୍ୟମନ୍ତ୍ରୀ କଟକ ବାରବାଟୀ ଷ୍ଟାଡିୟମ୍‌ରେ ପତାକା ଉତ୍ତୋଳନ କରିବା ସହ ପରେଡରେ ଅଭିବାଦନ ଗ୍ରହଣ କରିଥାଆନ୍ତି। ଚଳିତ ଥର ଏଥିରେ ବ୍ୟତିକ୍ରମ ଦେଖିବାକୁ ମିଳିଛି। ମୁଖ୍ୟମନ୍ତ୍ରୀ କଟକ ଯାଇ ନ ଥିବାରୁ ଅର୍ଥମନ୍ତ୍ରୀ ନିରଞ୍ଜନ ପୂଜାରୀ ସେଠାରେ ପତାକା ଉତ୍ତୋଳନ କରିଥିଲେ। ମୁଖ୍ୟମନ୍ତ୍ରୀ ଆରମ୍ଭରୁ ଶେଷ ଯାଏ ରାଜ୍ୟସ୍ତରୀୟ ପରେଡକୁ ଉପଭୋଗ କରୁଥିବା ଦେଖିବାକୁ ମିଳିଥିଲା। ସାଧାରଣତନ୍ତ୍ର ଦିବସ ଉପଲକ୍ଷେ ମୁଖ୍ୟମନ୍ତ୍ରୀ ଏକ ଭିଡିଓ ବାର୍ତ୍ତା ମାଧ୍ୟମରେ ରାଜ୍ୟବାସୀଙ୍କୁ ଶୁଭେଚ୍ଛା ଜଣାଇବା ସହ ସ୍ୱାଧୀନତା ସଂଗ୍ରାମୀମାନଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ।

ସମାରୋହରେ ମୁଖ୍ୟ ଶାସନ ସଚିବ ଅସିତ୍ କୁମାର ତ୍ରିପାଠୀ, ସ୍ୱରାଷ୍ଟ୍ର ବିଭାଗ ପ୍ରମୁଖ ଶାସନ ସଚିବ ସଞ୍ଜୀବ ଚୋପ୍ରା, ଆରକ୍ଷୀ ମହାନିର୍ଦ୍ଦେଶକ ଅଭୟ, ସୂଚନା ଓ ଲୋକ ସମ୍ପର୍କ ବିଭାଗ କମିଶନର ତଥା ଶାସନ ସଚିବ ସଞ୍ଜୟ କୁମାର ସିଂ, ରାଜ୍ୟପାଳଙ୍କ ସଚିବ ମଧୁସୂଦନ ପାଢୀ, ଉନ୍ନୟନ କମିଶନର ସୁରେଶ ମହାପାତ୍ର, କୃଷି ଉତ୍ପାଦନ କମିଶନର ପ୍ରଦୀପ୍ତ କୁମାର ମହାପାତ୍ର, ୫-ଟି ସଚିବ ଭି.କାର୍ତ୍ତିକେୟନ ପାଣ୍ଡିଆନ୍‌ଙ୍କ ସମେତ ବହୁ ବିଭାଗର ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ। ଟ୍ରାଫିକ୍ ଡିସିପି ସାଗରିକା ନାଥ ପରେଡ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ପରେଡ ପରେ ଆୟୋଜିତ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମରେ ଆରାଧନା ଡ୍ୟାନ୍ସ ଏକାଡେମୀ ଖୋର୍ଦ୍ଧା ତରଫରୁ 'ଗୋଟିପୁଅ ନୃତ୍ୟ', ମା' ସମଲେଶ୍ୱରୀ କଳାବିକାଶ କେନ୍ଦ୍ର, ଗଞ୍ଜାମ ଦ୍ୱାରା 'ଯୋଡ଼ି ଶଙ୍ଖ ଓ ରଣପା ନୃତ୍ୟ', ସଙ୍ଗୀତ ସମିତି ପଦମ୍ପୁର (ବରଗଡ଼) ପକ୍ଷରୁ ସମ୍ବଲପୁରୀ ନୃତ୍ୟ, ଅବିଭକ୍ତ କୋରାପୁଟ ଜିଲାର ଆଦିବାସୀ ବଣ୍ଡା ନୃତ୍ୟ ପରିବେଷଣ କରାଯାଇଥିଲା।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** ଆଜିର କର୍ମକ୍ଷେତ୍ରରେ ରହିଥିବା ସମସ୍ୟା ପଦସ୍ଥବ୍ୟକ୍ତିଙ୍କ ସହାୟତାରେ ସୁଧୁରି ଯିବ। ପରିବହନ, ଆନୁଷ୍ଠାନିକ କାମ, ମରାମତି, ଯାନ୍ତ୍ରିକ ଜିନିଷ କିଣା ବିକା କ୍ଷେତ୍ରରେ ସୁଫଳ ପାଇବେ। ପାଖ ପଡୋଶୀ, ସହକର୍ମୀଙ୍କ ସହିତ ସତର୍କତାର ସହ କିଛି କହିବା କିମ୍ବା କରିବା ଭଲ ହେବ। ନିଜ ବ୍ୟବହାର୍ଯ୍ୟ ଜିନିଷ ପରକୁ ଦେଇ ଖୋଜିଲା ସମୟରେ ନ ପାଇ ଅପଦସ୍ଥ ହୋଇପାରନ୍ତି।

**ବୃଷ** ଆଜି ଅଫିସ୍‌କୁ ଯିବା ବାଟରେ ଅଜଣା ବ୍ୟକ୍ତି ସହ ଯୁକ୍ତିତର୍କ ଲାଗିପାରେ। କୌଣସି ନୂଆ କାମର ପ୍ରସ୍ତାବକୁ ଅନ୍ୟମାନେ ଦୃଢ଼ ସମର୍ଥନ ଜଣାଇବେ। ଆବଶ୍ୟକୀୟ ଜିନିଷ କିଣିବା ସକାଶେ ସମ୍ପର୍କୀୟ ଜଣେ ବନ୍ଧୁ ସାହାଯ୍ୟର ପ୍ରତିଶ୍ରୁତି ଦେବେ। ଭ୍ରମଣ, ରାଜନୀତି, ପ୍ରଶାସନ, ପ୍ରକାଶନ, ସାହିତ୍ୟ ଓ ସାମ୍ବାଦିକତା ରାଜନୀତି ଓ ସଙ୍ଗଠନ ପାଇଁ ଭଲ।

**ମିଥୁନ** ବନ୍ଧୁଙ୍କ ଫେରିବା ବାଟକୁ ଚାହିଁ ଚାହିଁ ଆଖିରୁ ପାଣି ମରିଯିବ ପଛକେ ଦେଖା ପାଇପାରିବେ ନାହିଁ। କିନ୍ତୁ ପୁନର୍ବସୁ ନକ୍ଷତ୍ର ଚେଷ୍ଟା କରୁଥିବା କାମରେ ସଫଳତା ପାଇବେ, କିନ୍ତୁ ଏଥିପାଇଁ ଆପଣଙ୍କୁ ବହୁତ ଲଢେଇ ଜାରି ରଖିବାକୁ ପଡିବ। ଘରୋଇ କଥାରେ ଛୋଟ କଥାଟିକୁ ବଡ଼ ଆକାରରେ ଚିନ୍ତା କରି ମନସ୍ତାପ କରିବେ। କର୍ମକ୍ଷେତ୍ରରେ ସାମାନ୍ୟ କଥାରେ ଦ୍ୱନ୍ଦ୍ୱରେ ପଡିପାରନ୍ତି।

**କର୍କଟ** ଆବଶ୍ୟକୀୟ ଅର୍ଥର ଅଭାବ ନ ଥିଲେ ମଧ୍ୟ ହାତ ଖୋଲା କରି ଖର୍ଚ୍ଚ କରି ପାରିବେ ନାହିଁ। କଚେରି ମାମଲା କିମ୍ବା ବିବାଦୀୟ ଘଟଣା ଟିକିଏ ଜଟିଳ ଆଡ଼କୁ ଗତି କରିବ। ବନ୍ଧୁ ବାନ୍ଧବ ସୁବିଧାବାଦୀ ଗୁଣରେ ଶୋଷଣ କରିବେ, ଏଣୁ ବୁଝି ବିଚାରି କାମ କରିବା ଭଲ ହେବ। ପାରିବାରିକ କ୍ଷେତ୍ର ବାଣିଜ୍ୟ, ବ୍ୟବସାୟ ଓ ପରିବହନ ପାଇଁ ବିଶେଷ ଅସୁବିଧା ହେବ ନାହିଁ।

**ସିଂହ** ପାରିବାରିକ ସମର୍ଥନ କ୍ରମେ କୌଣସି ନୂଆ କାମ ହାତକୁ ନେବେ ଓ ତଦନୁଯାୟୀ କାମ ମଧ୍ୟ ଆରମ୍ଭ କରି ଦେଇପାରନ୍ତି। ନିରପେକ୍ଷତା ଅବଲମ୍ବନ ନ କଲେ ଘରେ ହେଉ କିମ୍ବା କର୍ମକ୍ଷେତ୍ରରେ ସମାଲୋଚିତ ହେବାକୁ ପଡିବ। ଅଧିକାଂଶ ସମୟ ସହକର୍ମୀ, ବନ୍ଧୁ କିମ୍ବା ପଡୋଶୀଙ୍କ ସହ କାମ କରିବାର ସୁଯୋଗ ପାଇବେ।

**କନ୍ୟା** ପ୍ରତ୍ୟେକ କ୍ଷେତ୍ରରେ ସମସ୍ୟାର ମୁକାବିଲା କରିବା ପରିସ୍ଥିତିକୁ ସାମ୍ନା କରିବାକୁ ପଡିବ। କେତେକ କାମ ଅଟକି ରହିଥିବା କାରଣରୁ ଟେନ୍‌ସନ କିଛି ମାତ୍ରାରେ ଲାଗିରହିବାର ଆଶଙ୍କା ରହିଛି। ଘରୋଇ କଳହକୁ ନେଇ ଅଶାନ୍ତିଜନିତ ମାନସିକ ବ୍ୟଥା ଅନୁଭବ କରିପାରନ୍ତି। ବ୍ୟବସାୟ ପାଇଁ ଦିନଟି ଭଲ ଏବଂ ଆଜିର ଯାତ୍ରାରେ ଆଶା ପୂରଣ ହେବ।

**ତୁଳା** ନିକଟ ସମ୍ପର୍କୀୟ କେତେକ ବ୍ୟକ୍ତି ଆଗରେ ନ ହେଲେ ମଧ୍ୟ ପଛରେ ବିଭିନ୍ନ ପ୍ରକାରର କଟୁକ୍ତି ପ୍ରକାଶ କରିପାରନ୍ତି। ଯେତେ ତୁନିତାନି କରି ରହିଲେ ମଧ୍ୟ ପରିବାର ଭିତରେ ପ୍ରଶଂସା ସୂଚକ ପଦୁଟିଏ କଥା ଶୁଣିବାକୁ ମିଳିବ ନାହିଁ। ବ୍ୟବସାୟରେ ଲାଭ କମ୍ ମିଳିଲେ ମଧ୍ୟ ଆଗାମୀ କ୍ଷେତ୍ର ପ୍ରସ୍ତୁତ ହୋଇ ରହିବ। ଉଚ୍ଚସ୍ତରରେ ସମ୍ପର୍କ ବୃଦ୍ଧି ପାଇବ।

**ବିଛା** ଆଗାମୀ ସମୟର କୌଣସି ଗୁରୁତ୍ୱପୂର୍ଣ୍ଣ କାମ ସକାଶେ ବନ୍ଧୁମାନଙ୍କ ସହଯୋଗ ଆଶା କରିବେ। ପରୋକ୍ଷ ଶତ୍ରୁତା କରୁଥିବା ବ୍ୟକ୍ତିମାନଙ୍କ ପ୍ରତି ସତର୍କ ରହିବା ଭଲ ହେବ। ବ୍ୟବସାୟ, ପରିବହନ, ରାଜନୀତି, କଳା ସାହିତ୍ୟ, ପ୍ରଶାସନ ତଥା ପ୍ରକାଶନ କ୍ଷେତ୍ରରୁ ଶୁଭଫଳ ମିଳିବ। ସ୍ୱାସ୍ଥ୍ୟ ସମସ୍ୟା ନିୟନ୍ତ୍ରିତ ରହିଥିଲେ ମଧ୍ୟ ସତର୍କତା ଅବଲମ୍ବନ କରିବା ଭଲ ହେବ।

**ଧନୁ** ପରିବାରରେ ମନ ଭୁଲାଣିଆ କଥା କହି ପରିସ୍ଥିତିକୁ ସମ୍ଭାଳି ନେବେ। ଆଗାମୀ ମଙ୍ଗଳୋତ୍ସବ କାର୍ଯ୍ୟ ସମ୍ପନ୍ନ କରିବା ପାଇଁ ବନ୍ଧୁଙ୍କ ସହ ଆଲୋଚନା କରି ପାରନ୍ତି। କେତେକ କ୍ଷେତ୍ରରେ ଅପ୍ରିୟ ସତକଥା କହି ବିରୋଧୀ ହୋଇପାରନ୍ତି। ଆଳସ୍ୟ ଯୋଗୁ ବନ୍ଧୁମହଲରେ କିମ୍ବା ସାମାଜିକ ସ୍ତରରେ ପରୋକ୍ଷଶତ୍ରୁତା ହେତୁ ବ୍ୟସ୍ତତା ଅନୁଭବ କରିବେ।

**ମକର** ଆନୁଷ୍ଠାନିକ କିମ୍ବା ସାମାଜିକ କ୍ଷେତ୍ରରେ ନିଜର ଅବହେଳାରୁ କେତେକ ସୁଯୋଗ ହାତଛଡା ହୋଇପାରେ। ପରିବାରରେ ସ୍ତ୍ରୀଙ୍କ ସହ ମତ ପାର୍ଥକ୍ୟ ଦେଖା ଦେଇପାରେ, ମାତ୍ର ନିଜ ଦୋଷକୁ ସ୍ୱୀକାର କରିନେବା ଭଲ। ବ୍ୟବସାୟ, ବାଣିଜ୍ୟ ଓ ପରିବହନ ପାଇଁ ପ୍ରତିବନ୍ଧକର ସାମ୍ନା କରିବାକୁ ପଡିପାରେ। ନିଜ ଆଶା ଅନୁଯାୟୀ କାମରେ ପ୍ରବୃତ୍ତ ହୋଇ ସଫଳତା ପାଇବେ।

**କୁମ୍ଭ** ଆପଣ ସାଧାରଣ କଥାକୁ ବଡ ଆକାରରେ ଚିନ୍ତା କରି ବେଶି ବ୍ୟସ୍ତ ହୋଇପାରନ୍ତି। ବ୍ୟବସାୟିକ ସ୍ଥିତି ମନ୍ଦ ହେବନି କିନ୍ତୁ ଋଣ ପରିଶୋଧ ସକାଶେ ମାନସିକ ବ୍ୟସ୍ତତା ବୃଦ୍ଧି ପାଇବ। କର୍ମକ୍ଷେତ୍ରରେ ସ୍ୱାଧୀନ ଭାବରେ କାର୍ଯ୍ୟ କରିବାରେ ସୁଯୋଗ ପାଇବାର ଆଶା ରହିଛି। କଳା, ସାହିତ୍ୟ, ସଙ୍ଗୀତ, କ୍ରୀଡା, ଚଳଚ୍ଚିତ୍ର ତଥା ଏଜେନ୍ସି, ସାମ୍ବାଦିକତାରେ ପ୍ରଶଂସିତ ହେବେ।

**ମୀନ** ଆର୍ଥିକ ଦୁରବସ୍ଥାର ପରିବର୍ତ୍ତନଜନିତ ମାନସିକ ଶାନ୍ତି ଓ ଆନନ୍ଦର ପରିଚାୟକ ହେବ। ପାରିବାରିକ କ୍ଷେତ୍ରରେ ଯେତେ ପ୍ରକାରର ମନ ଧରି କାମ କଲେ ମଧ୍ୟ ଅନ୍ୟମାନଙ୍କୁ ସହଜରେ ପୂର୍ଣ୍ଣମାତ୍ରାରେ ସନ୍ତୁଷ୍ଟ କରି ପାରିବେ ନାହିଁ। ଅର୍ଥ ଲାଭ, ଶାରୀରିକ ସୁସ୍ଥତା ବନ୍ଧୁଙ୍କ ପରାମର୍ଶ ଏବଂ ପ୍ରତିଯୋଗିତାରେ ସଫଳତା ଯୋଗୁ ମନ ଖୁସି ରହିବ।

ଆଜି ଜାନୁୟାରୀ ୨୮ ତାରିଖ, ଲାଲା ଲଜପତ୍ ରାୟଙ୍କ ଜୟନ୍ତୀ, ମାଘ ଶୁକ୍ଳ ତୃତୀୟାଯୁକ୍ତ ଚତୁର୍ଥୀ ମଙ୍ଗଳବାର, ରାଶିନକ୍ଷତ୍ର-ସକାଳ ଘ.୯।୪୮ମି. ପରେ ପୂର୍ବଭାଦ୍ରପଦ୍/କୁମ୍ଭ, ମକର ରାଶିର ଘାତବାର, ଚତୁର୍ଥୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ଦିବା ଘ.୮।୪ମି. ଗତେ ଘ.୧୦।୫୩ମି. ମଧ୍ୟେ, ଘ.୧।୦୬ମି. ଗତେ ଘ.୨।୩୪ମି. ମଧ୍ୟେ ଅମୃତବେଳା। ଦିବା ଘ.୧୦।୩୮ମି. ଗତେ ଘ.୧୨।୦୨ମି. ମଧ୍ୟେ, ଘ.୨।୫୦ମି. ଗତେ ଘ.୪।୧୩ମି. ମଧ୍ୟେ ମାହେନ୍ଦ୍ର ବେଳା। ଅପରାହ୍ନ ଘ.୨।୪୫ମି. ଗତେ ଘ.୪।୦୮ମି. ମଧ୍ୟେ ରାହୁକାଳ।

**classifieds Everyday**
**0674-2580101, 2549302**




**SALE**

**Sale of burnt JCB JS 205 Tracked Excavtor Machine No. 2239755, Chesis No. PUNJD20BPH2239755, Engine No. 84377650, yellow colour & manufacturing year 2017. For details contact: Santosh Kumar Das, Near Primary School, Palla, Khordha- 752056 (Mob: 9337796464, 7008923364).** D-16431




**SALE**

**Bhubaneswar Patia KIIT University ନିକଟରେ BDA yellowzone plot 30'road, electricity boundary ଥାଇ sqft.-850/-,1000/-(installment/ outrightରେ) ମିଳୁଅଛି। 9937025614, 7008390130.** D-68480

ପ୍ଲଟ୍ ବିକ୍ରିହେବ- ଭୁବନେଶ୍ୱର ଉତ୍ତରା KEC କଲେଜ ପାଖରେ ଘରବାରି ପଟ୍ଟାରୁ। 9178660666. D-68967

ମଙ୍ଗୁଳି ଛକ ଶାଳଗାଁ ଷ୍ଟେସନ୍ ପାଖରେ 1200sqft. 3,50,000. Contact: 8908492594. D-16256

**2BHK flat 1120sqft. adjacent to Mountlitera Zee School Kateni Bhubaneswar for sale @ 18,50,000/-** 9937847725.** D-16399

BDA yellowzone 30ft. road plot near Tamando and Malipada (Sum Hospital), 9776341255. D-16391

**1500Sqft. gharabari plots developed with 40ft. mainroad 30ft. internal road entrance gate with security room connected with electricity 8km. from Bhubaneswar airport on Sundarapada-Jatani road for sale @ Rs-850/- 9937162220.** D-16400

ବିବାହମଣ୍ଡପ/ Factory କରିବା ପାଇଁ Xavier University, Bhubaneswar ନିକଟରେ 12000 sqft. plot 30,00,000/-ରେ ମିଳୁଛି। 9853150290. D-68551

ଭୁବନେଶ୍ୱର କଟଣ୍ଡ ଗେଟ୍ ଠାରେ **Sqft.200/-,** ବାଲକାଟି ବଜାରରୁ **2k.m Sqft.550/-** (ଘରବାରି) କଟକ ତ୍ରିଶୁଳିଆରୁ **4k.m Sqft.300/-ରେ** ପ୍ଲଟ୍ ମିଳୁଛି। **9348020724, 7978939440.** D-68472

3BHK duplex for sale at Gothapatna, Bhubaneswar 3km. from SUM Hospital 8917665342, 9861444497. D-68552

ଭୁବନେଶ୍ୱର ହଂସପାଳଛକଠାରୁ **4k.m** ଦୂରତାରେ **30'** ପିଚୁରୋଡ଼କୁ ଲାଗି ଘରବାରି ପାଚେରି ପ୍ଲଟ ବେଣ୍ଟପୁର ପେଟ୍ରୋଲ ପମ୍ପ ପାଖରେ **@ 10,80,000/-, 9437033320.** D-68479

**Litigation free, boundarywall, electricity provides plots sale @ Pahala, Hanspal, Phulnakhara, Balianta. Finance available: 9040011888, 9439471272.** D-16257

Finished Simplex, 2BHK- 33,00,000/, 1BKH- 23,00,000/, near Hanspal, 8908015464, 9853347909. D-68483

ଭୁବନେଶ୍ୱର କଟଣ୍ଡ ଗେଟ୍ ଠାରେ **1200sqft. 2,20,000/-,** ନଖରା ତ୍ରିନାଥ ବଜାରଠାରେ **SC plot 1200sqft. 3,44,000/- (outright), 7894433357, 9776974912.** D-68476

ଭୁବନେଶ୍ୱର **AIIMS** ନିକଟରେ **Govt. roadକୁ** ଲାଗି **yellowzone, 30'road,** ଘରବାରି **boundary patta plot** ନିଅନ୍ତୁ। **8895757735, 8114973999.** D-68477

Bhubaneswar-Khurda Tata Motor Frontରେ BDA plot 30' road, electric poll ସହିତ ମିଳୁଅଛି। (M)- 9439101373, 9267901437. D-16428

ପୁରୀ ନିକଟସ୍ଥ **Gharabari, patta, boundarywall, electricity** ସୁବିଧାଥାଇ **sqft.920/-** ମିଳୁଅଛି। **7008067338.** D-68478

**Gharabari plots at Balianta, Bhingarpur and Bagalpur. Immediate possession & registration, contact- 9437147826.** D-16323


ଭୁବନେଶ୍ୱର **AIIMS Medical** ଠାରେ **30'** ରାସ୍ତାଥାଇ **yellowzone,** ଘରବାରି, **boundary plot** ମିଳୁଅଛି। **1st possesion/ registration- 9937819395.** D-68481




2BHK semi furnished flat on rent in Kalyani Heights, Bhimpur, Pahal, Bhubaneswar. 9437778744. D-68554

Shop/ Office at Metro house Vani Vihar Square, Bhubaneswar, 7873019959, 7064635395. D-68976

Independent house 3BHK Pujaghar, garage, borewell at Barbari Khandagiri 300 meters from NH. 8585088850. D-16307




Rejuvenate and ayurvedic full body massage by smart therapist. 9114402304. D-68946

Ayurvedic full body massage ladies & gents smart therapist, 9668814589. D-68763

Refresh your body with smart and expert therapist. Contact: 8457855286. D-68978

Refresh your mind and soul with best therapy at Orchid Salon/Spa. 9937287222. D-68767

Full body massage with expert therapy gents & ladies 9090377418. D-59944

Newly open SPA Station 3rd floor, Big Bazar, Nayapalli. 7655024727, 8118079281. D-68764

Sai herbal spa refresh your body with smart, expert therapist. 7608062524. D-68971

Full body herbal massage with refreshment expert therapist. 7381239385, 06742540855. D-68972

Experience full body massage with us (expert). Call: 7377048581, 06742597822. D-68973

Herbal full body massage by smart / expert therapist. Contact: 8338067247. D-68974

Experience winter therapeutic Abhyanga massage feeling refreshing energetic: Appointment- 9668374480. D-68975

Ayurvedic full body massage, smart trained lady therapist- 9437453813. D-68055

Ayurvedic full body massage ladies and gents. Contact: 9861064981. D-68769




ନିଜ ଘରେ କାମ କରି ମାସକୁ ୫୦୦୦ ରୁ ୫୦୦୦୦ କମାନ୍ତୁ। Mob: 9777434078. D-16304

ସ୍ୱଳ୍ପ ବିନିଯୋଗ କରି ପେପରପ୍ଲେଟ୍, ଧୂପକାଠି ଉଦ୍ୟୋଗ ମାଧ୍ୟମରେ ଉତ୍ତମ ରୋଜଗାର କରନ୍ତୁ। 9337336614, 8118081112. D-68547

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

**LOST**

ମୁଁ ଶ୍ରୀ ଶ୍ରୀକାନ୍ତ ପଟ୍ଟନାୟକ, ପିତା- ବୈରାଗି ଚରଣ ପଟ୍ଟନାୟକ, ଗ୍ରା/ପୋ- କୋଠପାଟଣା, ଥାନା- କଟକ, ଜିଲ୍ଲା- କଟକ। ମୋର Sale Deed No- 2441, Dt- 30.06.1997 ପାହାଳ ହାଟରେ ହଜିଯାଇଛି। ମୁଁ ଏହାକୁ କୌଣସି ସରକାରୀ କିମ୍ବା ବେସରକାରୀ ସଂସ୍ଥାରେ ବନ୍ଧକ ଦେଇନାହିଁ। ଯଦି କୌଣସି ବ୍ୟକ୍ତି ପାଇଥାନ୍ତି, ନିକଟସ୍ଥ ଥାନାରେ କିମ୍ବା ଫୋନ୍ ନଂ.ରେ ଯୋଗାଯୋଗ କରିବେ। M: 9437357312. D-16425

**AFFIDAVIT**

By an affidavit before the Notary Public, Bhubaneswar, I Smt. Aparajeeta Pattanayak, W/o- Late Sarasi Ranjan Pattanayak, do hereby Solemnly declare that my Name and DOB has been wrongly mentioned in some Official records as "Jeeta Pattanaik", and "01.07.1959" (DD, MM, YYYY), where as my correct name is "Aparajeeta Pattanayak" and correct Date of Birth is "14.06.1956", (DD, MM, YYYY) for all purposes. D-16393

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ୫୦ଜଣଙ୍କୁ ମିଳିଲା ପୋଲିସ ମେଡାଲ

ଭୁବନେଶ୍ୱର,୨୭।୧(ବ୍ୟୁରୋ)

ସାଧାରଣତନ୍ତ୍ର ଦିବସ ଅବସରରେ ୫୦ଜଣ ପୋଲିସ ଅଫିସର ଓ କର୍ମଚାରୀଙ୍କୁ ମିଳିଛି 'ପୋଲିସ ମେଡାଲ'। ଲୋକସେବା ଭବନରେ ଅନୁଷ୍ଠିତ ରାଜ୍ୟସ୍ତରୀୟ ଉତ୍ସବରେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ୍ ଏହି ଦକ୍ଷ ପୋଲିସଙ୍କୁ ମେଡାଲ ପ୍ରଦାନ କରିଛନ୍ତି। ସାହସିକତା ପାଇଁ ୨୩ଜଣ, ପ୍ରତିଷ୍ଠିତ ସେବା ପାଇଁ ୨ଜଣଙ୍କୁ ରାଷ୍ଟ୍ରପତି ପୋଲିସ ମେଡାଲ, ଉଲ୍ଲେଖନୀୟ ସେବା କ୍ଷେତ୍ରରେ ୧୧ ଓ ୧୪ ଜଣଙ୍କୁ ରାଜ୍ୟପାଳ ପୋଲିସ ମେଡାଲ ମିଳିଛି। ତେବେ ପୁରସ୍କାର ପାଇବା ପରେ ସେମାନେ ଖୁସି ବ୍ୟକ୍ତ କରିବା ସହ ଦେଶ ଓ ରାଜ୍ୟ ପାଇଁ ସେବା କରିବାକୁ ମନରେ ଉତ୍ସାହ ବଢ଼ିଯାଇଥିବା କହିଛନ୍ତି।

ସାହସିକତା ପାଇଁ ମେଡାଲ ପାଇଥିବା ପୋଲିସ ଅଫିସର ଓ କର୍ମଚାରୀ ହେଲେ ବରଗଡ଼ରେ କାର୍ଯ୍ୟରତ ଇନ୍ସପେକ୍ଟର ପ୍ରକାଶ କୁମାର କରଣ, କନ୍‌ଷ୍ଟେବଳ ସୁଶୀଲ ଦାଶ, କନ୍‌ଷ୍ଟେବଳ ଆକାଶ ମହାପାତ୍ର, କନଷ୍ଟେବଳ ଚନ୍ଦ୍ରମଣି ଭୋଇ, କନ୍‌ଷ୍ଟେବଳ ଶାମ୍ ଧଙ୍ଗଡ୍ ମାଝି, ରାଉରକେଲା ଏସ୍‌ପି କେ.ଶିବା ସୁବ୍ରମଣ୍ୟମ୍, କନ୍‌ଷ୍ଟେବଳ ଦିଲୀପ କୁମାର ଦନ୍ତା, ଇନ୍ସପେକ୍ଟର ଜ୍ୟୋତିରଞ୍ଜନ ପତି, ଏସ୍‌ଆଇ ସଚ୍ଚିଦାନନ୍ଦ ବରିହା, ଏସ୍‌ଓଜି ଭୁବନେଶ୍ୱରର ସୁବେଦାର ଆଶିଷ କୁମାର ସରକାର, କନ୍‌ଷ୍ଟେବଳ ପ୍ରଶାନ୍ତ କୁମାର ବାରିକ, କନ୍‌ଷ୍ଟେବଳ ଭୁବନ ସେଲ୍‌ମା, ଏସ୍‌ଓଜି ଭୁବନେଶ୍ୱରର କନ୍‌ଷ୍ଟେବଳ ସତ୍ୟନାରାୟଣ କଟହର, ହାବିଲଦାର ପ୍ରମୋଦ ବରାଳ, ହାବିଲଦାର ମିଥୁନ ପ୍ରଧାନ, ଅନୁଗୋଳ ଏସ୍‌ପି ଜଗମୋହନ ମୀନା, ମାଲକାନଗିରିର ହାବିଲଦାର ସନ୍ତୋଷ ଜୁଆଙ୍ଗ, ଶିବଶଙ୍କର ନାୟକ, ପବିତ୍ର ମୋହନ ନାୟକ,କନଷ୍ଟେବଳ ଚୈତନ୍ୟ କିର୍‌ସାନୀ, କନ୍‌ଷ୍ଟେବଳ ସୁଧାଂଶୁ ଭୂପତି ଓ କନ୍‌ଷ୍ଟେବଳ ରୁକ୍ମଧର ନେଗୀ। ସେହିଭଳି ପ୍ରତିଷ୍ଠିତ ସେବା ପାଇଁ ରାଷ୍ଟ୍ରପତି ପଦକ ପାଇଥିଲେ କମିଶନରେଟ ପୋଲିସର ଅତିରିକ୍ତ ଡିସିପି ପ୍ରମୋଦ କୁମାର ରଥ ଓ ଭିଜିଲାନ୍ସ ନିର୍ଦ୍ଦେଶାଳୟର ଏଏସ୍‌ଆଇ ଶିବ ନାରାୟଣ ରଥ। ଉଲ୍ଲେଖନୀୟ ସେବା ପାଇଁ ଆସିଷ୍ଟାଣ୍ଟ କମାଣ୍ଡାଣ୍ଟ ଅଫ୍ ପୋଲିସ (ସୁରକ୍ଷା) ସୁଜିତ କୁମାର ଦଳାଇ, ଭୁବନେଶ୍ୱର ଜୋନ୍-୧ ଏସିପି ମାନସ ରଞ୍ଜନ ଗଡ଼ନାୟକ, କ୍ରାଇମବ୍ରାଞ୍ଚ ଇଓଡବ୍ଲ୍ୟୁ ଡିଏସ୍‌ପି ଇତି ଦାସ, ଜଗତ୍‌ସିଂହପୁରର ଇନ୍ସପେକ୍ଟର ରଜନୀକାନ୍ତ ସାମଲ, ଖୋର୍ଦ୍ଧା ଜିଆର୍‌ପିରେ କାର୍ଯ୍ୟରତ ଇନ୍ସପେକ୍ଟର ଭରତ ଚରଣ ସାହୁ, ଭିଜିଲାନ୍ସ ନିର୍ଦ୍ଦେଶାଳୟ କଟକର ଇନ୍ସପେକ୍ଟର ସ୍ମିତାରାଣୀ ମହାନ୍ତି, ଏସ୍‌ଆଇଡବ୍ଲ୍ୟୁ ଭୁବନେଶ୍ୱରର ଏସ୍‌ଆଇ ନିରଞ୍ଜନ ତ୍ରିପାଠୀ, ଖୋର୍ଦ୍ଧା ଜିଆର୍‌ପି ଏସ୍‌ଆଇ ସନ୍ତୋଷ କୁମାର ବାହିନୀପତି, ଭିଜିଲାନ୍ସ ନିର୍ଦ୍ଦେଶାଳୟ କଟକର କନ୍‌ଷ୍ଟେବଳ ସନାତନ ସାହୁ, କନଷ୍ଟେବଳ ପ୍ରଶାନ୍ତ କୁମାର ସାହୁ ଓ ବ୍ରହ୍ମପୁର ଭିଜିଲାନ୍ସ ଡିଭିଜନର କନଷ୍ଟେବଳ ଦୁର୍ଗାପ୍ରସାଦ ହୋତା।

ସେହିଭଳି ରାଜ୍ୟପାଳ ମେଡାଲଧାରୀ ହେଲେ ପୋଲିସ ମୁଖ୍ୟାଳୟର ଏଡିଜି ବିନୟତୋଷ ମିଶ୍ର, ଆଇଜିପି (ମଡର୍ନାଇଜେଶନ) ରେଖା ଲୋହାନି, ପୁରୀ ଏସ୍‌ପି ଉମାଶଙ୍କର ଦାଶ, କଟକ ଡିସିପି ଅଖିଳେଶ୍ୱର ସିଂ, ଭିଜିଲାନ୍ସ ନିର୍ଦ୍ଦେଶାଳୟର ଡିଏସ୍‌ପି ସରୋଜ କୁମାର ସାମଲ, ଭୁବନେଶ୍ୱର ଏସ୍‌ଆଇଡବ୍ଲ୍ୟୁ ଇନ୍ସପେକ୍ଟର ହରିବନ୍ଧୁ ଭତ୍ରା, ଭିଜିଲାନ୍ସ ନିର୍ଦ୍ଦେଶାଳୟ କଟକର ଇନ୍ସପେକ୍ଟର ପ୍ରଣିତା କୁମାରୀ ରାୟ, ଭୁବନେଶ୍ୱର ସ୍ପେଶାଲ ବ୍ରାଞ୍ଚ ଏସ୍‌ଆଇ ସୁବାସ ଚନ୍ଦ୍ର ନାୟକ, ବିପିଏସ୍‌ପିଏ ଭୁବନେଶ୍ୱରର ଡେପୁଟି ସୁବେଦାର ବୁଢ଼ୀ ବାହାଦୁର ଥାପା, ବାରିପଦା ଓଏସ୍‌ଏପି ୫ମ ବାଟାଲିୟନର ହାବିଲ୍‌ଦାର ମେଜର ବୁଦ୍ଧା ସିଂ ଗୁରୁଙ୍ଗ୍, ରାଉରକେଲାର ହାବିଲଦାର(କ୍ରାଇମ) ସରୋଜ କୁମାର ଭୋଇ, ରାଉରକେଲା ଓଏସ୍‌ଏପି ୪ ବାଟାଲିୟନର ସିପାହି ରଥ ଲାକ୍ରା, ନୟାଗଡ଼ର କନଷ୍ଟେବଳ ପ୍ରତିମା ରାଉତ ଓ ସିକ୍ୟୁରିଟି ୱିଙ୍ଗ ଭୁବନେଶ୍ୱରର ସିପାହି ସୁଶାନ୍ତ କୁମାର ମାଝି। ଏହି ମେଡ଼ାଲ ପ୍ରଦାନ ଉତ୍ସବରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ପୋଲିସ ଡିଜି ଅଭୟ, ମୁଖ୍ୟ ଶାସନ ସଚିବ ଅସିତ ତ୍ରିପାଠୀ, ଜେଲ୍ ଡିଜି ସନ୍ତୋଷ ଉପାଧ୍ୟାୟ ପ୍ରମୁଖ ଉପସ୍ଥିତ ରହିଥିଲେ।



ମେଡାଲଧାରୀଙ୍କ ସହ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ, ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ମୁଖ୍ୟ ଶାସନ ସଚିବ ଅସିତ ତ୍ରିପାଠୀ ଓ ଅନ୍ୟମାନେ।

- ରାଜ୍ୟସ୍ତରୀୟ ଉତ୍ସବରେ ମେଡାଲ ପ୍ରଦାନ କଲେ ରାଜ୍ୟପାଳ
- ସେବା କରିବାକୁ ମିଳିଲା ପ୍ରେରଣା: ମେଡାଲଧାରୀ ପୋଲିସ

## ମା' ତାରିଣୀ ଇଷ୍ଟକନ୍ ସଂସ୍ଥାର ସମ୍ପତ୍ତି ବାଜ୍ୟାପ୍ତି ନିର୍ଦ୍ଦେଶ

କଟକ ଅଫିସ, ୨୭।୧

ଚିଟ୍‌ଫଣ୍ଡ ସଂସ୍ଥା ମା' ତାରିଣୀ ଇଷ୍ଟକନ୍ ପ୍ରାଇଭେଟ ଲିମିଟେଡ୍‌ର ଜବତ ସ୍ଥାବର ଅସ୍ଥାବର ସମ୍ପତ୍ତିକୁ ବାଜ୍ୟାପ୍ତ କରାଯିବ। ପରେ ଉକ୍ତ ସମ୍ପତ୍ତିକୁ ସର୍ବସାଧାରଣରେ ନିଲାମ ଡକାଯାଇ ବିକ୍ରି କରାଯିବ। ଏଥିରୁ ଯେଉଁ ଅର୍ଥ ମିଳିବ ତାହାକୁ କ୍ଷତିଗ୍ରସ୍ତ ଜମାକାରୀଙ୍କ ମଧ୍ୟରେ ବଣ୍ଟନ କରାଯିବ ବୋଲି ଚିଟ୍‌ଫଣ୍ଡ ମାମଲାର ଶୁଣାଣି କରୁଥିବା ସ୍ୱତନ୍ତ୍ର ଅଦାଲତ ଆଦେଶ ଦେଇଛନ୍ତି। ତାରିଣୀ ଇଷ୍ଟକନ୍‌କୁ ମିଶାଇଲେ ମୋଟ୍ ୧୭ଟି ଚିଟ୍‌ଫଣ୍ଡ ସଂସ୍ଥାର ସମ୍ପତ୍ତି ବାଜ୍ୟାପ୍ତ ପାଇଁ ସ୍ୱତନ୍ତ୍ର ଅଦାଲତ ଇତିମଧ୍ୟରେ ଆଦେଶ ଦେଇଛନ୍ତି।

ସୂଚନାଥାଉ କି, ଲୋକଙ୍କୁ ଭୁବନେଶ୍ୱରରେ ହାଉସିଂ ପ୍ରୋଜେକ୍ଟରେ ଘର ଓ ଜମି ଯୋଗାଇଦେବାକୁ କହି ଉକ୍ତ ସଂସ୍ଥା ବହୁ କୋଟି ଟଙ୍କା ଠକି ନେଇଥିଲା। ଏ ନେଇ ସଂସ୍ଥା ବିରୋଧରେ ଲୋକେ ଶହୀଦନଗର ଥାନାରେ ଏତଲା ଦେବା ପରେ ପୋଲିସ ଉକ୍ତ ସଂସ୍ଥାର ପରିଚାଳନା ନିର୍ଦ୍ଦେଶକ ନିରଞ୍ଜନ ରଣାଙ୍କୁ ୨୦୧୬ ଜୁନ୍ ମାସରେ ଗିରଫ କରିଥିଲା। ସଂସ୍ଥାର ୪୨ ଏକର ଜମି ଓ ଆକାଉଣ୍ଟରେ ଥିବା ୫୧ ଲକ୍ଷ ଟଙ୍କା ସହିତ କେତେକ ଗାଡ଼ିକୁ ପୋଲିସ ଜବତ କରିଥିଲା। ମୋଟାମୋଟି ଭାବେ ସଂସ୍ଥାର ୧ କୋଟି ୧୫ ଲକ୍ଷ ୧୩ହଜାର ୩୧୮ ଟଙ୍କାର ସମ୍ପତ୍ତିକୁ ପୋଲିସ ଜବତ କରିଥିଲା। ଏହାପରେ ସଂସ୍ଥାର ସମ୍ପତ୍ତିକୁ ଓପିଆଇଡି ଆଇନ ଅନୁଯାୟୀ, ରାଜ୍ୟ ଅର୍ଥ ବିଭାଗ ପକ୍ଷରୁ ଆଟାଚମେଣ୍ଟ କରାଯାଇଥିଲା। ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପିପି ସୁବ୍ରତ ମହାନ୍ତି ମାମଲା ପରିଚାଳନା କରୁଥିଲେ।

## ଜିଲା ଚିଠି — ନୟାଗଡ଼



### ଯଥା ପୂର୍ବ ତଥା ପର

୧୧ ଫେବୃୟାରୀ ୨୦୧୯, ଏହିଦିନ ନୟାଗଡ଼ ବିଜ୍ଞାପିତ ଅଞ୍ଚଳ ପରିଷଦରୁ ପୌର ପରିଷଦ ମାନ୍ୟତା ପାଇଲା। ଦୀର୍ଘ ୬୬ ବର୍ଷ ପରେ ଏନ୍‌ଏସିରୁ ମ୍ୟୁନିସିପାଲିଟି ହେବା ନେଇ ସହରବାସୀଙ୍କ ମନରେ ଉତ୍ସାହ ଭରିଯାଇଥିଲା। ସେହି ଅନୁସାରେ ସହରବାସୀ ନୂଆ ସେବା ପାଇବା ପାଇଁ ମଧ୍ୟ ଆଶା ରଖିଥିଲେ। ଏନ୍‌ଏସିରୁ ମ୍ୟୁନିସିପାଲିଟି ହେବାକୁ ଇତିମଧ୍ୟରେ ବର୍ଷେ ବିତିବାକୁ ବସିଥିବା ବେଳେ ପୂର୍ବରୁ ଯାହା ସମସ୍ୟା ରହିଥିଲା ତାହା ବର୍ତ୍ତମାନ ବଜାୟ ରହିଛି। ସହରରେ ସଫେଇ କାର୍ଯ୍ୟକୁ ଛାଡ଼ିଦେଲେ ଅନ୍ୟ କୌଣସି କାର୍ଯ୍ୟ ଠିକ୍ ଭାବେ ହେଉ ନ ଥିବା ଦେଖିବାକୁ ମିଳିଛି। ବହୁ ବର୍ଷ ଧରି ମାଛ ପିଣ୍ଡି ପାଇଁ ବେପାରୀମାନେ ଦାବି କରୁଥିଲେ ମଧ୍ୟ ତାହା ଏ ପର୍ଯ୍ୟନ୍ତ କାର୍ଯ୍ୟକାରୀ ହେଉନାହିଁ। ଫଳରେ ଯିଏ ଯେଉଁଠି ପାରିଲା ଆମିଷ ବିକ୍ରି କରୁଛନ୍ତି। ଜାତୀୟ ରାଜପଥ କଡ଼ଠାରୁ ଆରମ୍ଭକରି ସ୍କୁଲ ନିକଟରେ ଆମିଷ ବିକ୍ରି ହେଉଛି। ନୂଆ ବସ୍‌ଷ୍ଟାଣ୍ଡର କାର୍ଯ୍ୟ ବର୍ତ୍ତମାନ ସୁଦ୍ଧା ସରିନାହିଁ। ଫଳରେ ପୁରୁଣା ବସ୍‌ଷ୍ଟାଣ୍ଡଠାରେ ଟ୍ରାଫିକ୍ ସମସ୍ୟା ଏବେ ବି ଜାରି ରହିଛି। ସହରର ବିଭିନ୍ନ ସ୍ଥାନରେ ଉଠାଦୋକାନୀମାନେ ରାସ୍ତାକଡ଼ରେ ବେଆଇନ ଭାବେ ଦୋକାନ କରି ବ୍ୟବସାୟ କରିବାରେ ଲାଗିଛନ୍ତି। ପୌର ପରିଷଦ ପକ୍ଷରୁ ଭେଣ୍ଡିଂ ଜୋନ୍ ବ୍ୟବସ୍ଥା କୋମାରେ ପଡ଼ି ରହିଛି। ନାଲିଫିତା ତଳେ ଏହି ବ୍ୟବସ୍ଥା ପଡ଼ି ରହିଥିବା ବେଳେ କେବେ ଭେଣ୍ଡିଂ ଜୋନ୍ କରାଯାଇ ବ୍ୟବସାୟୀମାନଙ୍କୁ ଦିଆଯାଉଛି ତାହା ଦେଖିବାକୁ ଲୋକେ ଅପେକ୍ଷା କରିଛନ୍ତି। ସେହିଭଳି ସହରର ବିଭିନ୍ନ ସ୍ଥାନରେ ବେଆଇନ ହୋର୍ଡିଂ ଲଗାଯାଇଥିବା ବେଳେ ସେଥିପ୍ରତି ମଧ୍ୟ କାହାର ନଜର ନାହିଁ। ବିଭିନ୍ନ ୱାର୍ଡରେ ଅଫିସ ଖୋଲା ଯାଇଥିଲେ ମଧ୍ୟ ଅଫିସରମାନଙ୍କ ଦେଖା ମିଳୁନାହିଁ। ଏହିଭଳି ବିଭିନ୍ନ ସମସ୍ୟା ଲାଗି ରହିଥିବା ଯୋଗୁ ସହରବାସୀ ପୂର୍ବରୁ ଯେଉଁଭଳି ଅସୁବିଧା ଭୋଗ କରୁଥିଲେ ବର୍ତ୍ତମାନ ବି ଭୋଗ କରୁଛନ୍ତି। ତେଣୁ ଯଥା ପୂର୍ବ ତଥା ପର ବୋଲି ବର୍ତ୍ତମାନ ସହରବାସୀ କହୁଛନ୍ତି।

– ରଞ୍ଜନ କୁମାର ପ୍ରଧାନ




## ଜାତୀୟ ସ୍ମୃତି ହେବ ଗୋପବନ୍ଧୁଙ୍କ ଜନ୍ମପୀଠ



ସୁଆଣ୍ଡୋ ଗ୍ରାମରେ ୫-ଟି ସଚିବ ଭି. କାର୍ତ୍ତିକେୟନ ପାଣ୍ଡିଆନ ଓ ଅନ୍ୟମାନେ।

### ସୁଆଣ୍ଡୋରେ ୫-ଟି ସଚିବ

ସାକ୍ଷୀଗୋପାଳ,୨୭।୧(ଡି.ଏନ.ଏ.)

ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ଜନ୍ମପୀଠକୁ ଜାତୀୟ ସ୍ମୃତି ଭାବେ ସଂରକ୍ଷିତ କରାଯିବାକୁ ସରକାରୀ ସ୍ତରରେ ତତ୍ପରତା ପ୍ରକାଶ ପାଇଛି। ଏଥିପାଇଁ ରାଜ୍ୟ ସରକାରଙ୍କ ୫-ଟି ସଚିବ ଭି. କାର୍ତ୍ତିକେୟନ ପାଣ୍ଡିଆନ ରବିବାର ପୁରୀ ଜିଲା ସତ୍ୟବାଦୀ ବ୍ଲକର ସୁଆଣ୍ଡୋ ଗ୍ରାମକୁ ଯାଇଥିଲେ। ଗ୍ରାମ ମନ୍ଦିର ଉନ୍ନୟନ ସହ ଗୋପବନ୍ଧୁଙ୍କ ପୈତୃକ ବାସଗୃହର ପୁନରୁଦ୍ଧାର କରାଯାଇ ଏହାକୁ ଜାତୀୟ ସ୍ମୃତି ଉଦ୍ଦେଶ୍ୟରେ ସଂରକ୍ଷିତ କରାଯିବ। ଏଥିପାଇଁ ଜମି ହସ୍ତାନ୍ତର ନେଇ ପରିବାରର ସଦସ୍ୟଙ୍କ ସହ ଆଲୋଚନାକ୍ରମେ ଉକ୍ତ ପ୍ରକଳ୍ପର ରୂପରେଖ ଚୂଡ଼ାନ୍ତ ହେବ ବୋଲି ଜଣାପଡିଛି। ବାସଗୃହଠାରୁ ଶହେ ମିଟର ଦୂର ପ୍ରସ୍ତାବିତ ଜମିରେ ସଂଗ୍ରହାଳୟ ସ୍ଥାପନ କରାଯାଇ ସେଠାରେ ଗୋପବନ୍ଧୁଙ୍କ ନିତ୍ୟ ବ୍ୟାବହାର୍ଯ୍ୟ ଜିନିଷ ସବୁ ସାଇତି ରଖାଯିବ। ଏଥିସହ ପାଠାଗାର, ଶୌଚାଳୟ, ପାର୍କିଂ, ଗ୍ରାମ୍ୟରାସ୍ତା ପ୍ରଶସ୍ତୀକରଣ, ବିଦ୍ୟୁତ୍, ପାନୀୟଜଳ ସୁବିଧା ନିମନ୍ତେ ଉନ୍ନୟନ କାମ ଖୁବଶୀଘ୍ର ଆରମ୍ଭ କରାଯାଇ ଏକବର୍ଷ ମଧ୍ୟରେ ଶେଷ କରାଯିବ ବୋଲି ଆଲୋଚନା ହୋଇଛି। ସଚିବଙ୍କ ସହିତ ପୁରୀ ଜିଲାପାଳ ବଲୱନ୍ତ ସିଂହ, ଅତିରିକ୍ତ ଜିଲାପାଳ ପ୍ରଦୀପ କୁମାର ସାହୁ, ଇଡ୍‌କୋର ସିଏମ୍‌ଡି ବିନ୍ଦେଶ୍ୱର ପାତ୍ର, ସତ୍ୟବାଦୀ ତହସିଲଦାର କସ୍ତୁରୀ ପ୍ରଧାନ ଓ ଇଂ ଶାନ୍ତନୁ ଜେନା ପ୍ରମୁଖ ଅଧିକାରୀମାନେ ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିବା ପରେ କୁଳଦେବତା ରାଧାବିନୋଦ ବିହାରୀଙ୍କ ଦର୍ଶନ କରିଥିଲେ। ପୁରାତନ ବାସଗୃହ, ଗ୍ରାମ ମନ୍ଦିର, ବିଦ୍ୟାଳୟ ଆଦି ପରିଦର୍ଶନ କରିଥିଲେ। ଜମି ହସ୍ତାନ୍ତର ନେଇ ସଚିବ ଓ ଜିଲାପାଳ ପରିବାରର ସଦସ୍ୟ ଧୀରେନ୍ଦ୍ର ନାଥ ଦାସ, ରବୀନ୍ଦ୍ର ନାଥ ଦାସ ଏବଂ ଗ୍ରାମବାସୀଙ୍କ ସହ ଆଲୋଚନା କରିଥିଲେ। ସୂଚନାଯୋଗ୍ୟ, ଅନେକ ଦିନ ହେଲା ଗୋପବନ୍ଧୁଙ୍କ ଜନ୍ମପୀଠ ସୁଆଣ୍ଡୋକୁ ଜାତୀୟ ସ୍ମୃତିପୀଠ ଭାବରେ ସଂରକ୍ଷଣ କରାଯିବାକୁ ଦାବି ହୋଇଆସୁଥିଲା। ଗତ ଅକ୍ଟୋବର ୯ରେ ଗୋପବନ୍ଧୁଙ୍କ ଜୟନ୍ତୀ ଉତ୍ସବରେ ରାଜ୍ୟପାଳ ଯୋଗଦେଇ ଗୋପବନ୍ଧୁଙ୍କ ଜନ୍ମପୀଠର ସୁରକ୍ଷା ଓ ବିକାଶ ନିମନ୍ତେ ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିବେ ବୋଲି କହିଥିଲେ। ଗତ ୨୩ତାରିଖରେ ଏକ ଉଚ୍ଚସ୍ତରୀୟ କମିଟି ସ୍ଥପତିଙ୍କ ସହ ସୁଆଣ୍ଡୋରେ ଭିତ୍ତିଭୂମି ଅନୁଧ୍ୟାନ କରି ଫେରିବା ପରେ ଏହି କାର୍ଯ୍ୟକ୍ରମ ସରକାର ହାତକୁ ନେଇଛନ୍ତି। ରାଜ୍ୟ ସରକାରଙ୍କ ଏହି ପଦକ୍ଷେପ ପାଇଁ ସତ୍ୟବାଦୀ ବିଧାୟକ ଉମାକାନ୍ତ ସାମନ୍ତରାୟ ଓ ଜିଲା ପରିଷଦ ସଭ୍ୟ ଧ୍ରୁବଚରଣ ଦାଶ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ କୃତଜ୍ଞତା ଜଣାଇଛନ୍ତି।





STATE IHM, BALANGIR
THE GOVT. HOTEL MANAGEMENT COLLEGE AFFILIATED TO NCHMCT MINISTRY OF TOURISM, GOVT. OF INDIA IN WESTERN ODISHA (JOINTLY DEVELOPED BY MINISTRY OF TOURISM, GOVT. OF INDIA & DEPTT. OF TOURISM, GOVT. OF ODISHA.)
FREE COACHING FOR JEE (HOTEL MANAGEMENT) AT SIHM BALANGIR
FOR CLASS 10+2 PASSOUT CANDIDATES WITH 50% MARKS
B.Sc IN Hospitality & Hotel Administration
FOR THE ACADEMIC SESSION 2020-21
Age: Maximum 25 Years as on 1st July 2020 for GEN/OBC and 28 Years for SC/ST candidates.
ADMISSION PROCESS ONLINE
On-line Applications forms are available on NTA website: Login to - www.ntanchm.nic.in
On-line Submission of Application Form: From 01.01.2020 to 29.02.2020
Examination Date: 25.04.2020 (Saturday)
VISIT STATE IHM, BALANGIR FOR FURTHER DETAILS
website - www.sihmbalangir.org, e-mail: principal@sihmbalangir.org, admissions@sihmbalangir.org
Titilagarh Road, Balangir - 767001 (Odisha)
Mob. No. 6370184189, 9437140772, 6370180040, 9437030720




CLASSIFIED DISPLAY

ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ମଙ୍ଗୁଳି, ଜଗତ୍‌ସିଂହପୁର
UDISE No.21110205371
ସରକାରଙ୍କ ଦ୍ୱାରା ସ୍ୱୀକୃତିପ୍ରାପ୍ତ ବିଦ୍ୟାଳୟ
ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ଯେ, ଶିକ୍ଷାବର୍ଷ ୨୦୨୦-୨୧ ପାଇଁ ଆମ ବିଦ୍ୟାଳୟରେ ପ୍ରଥମ ଶ୍ରେଣୀରେ ନାମ ଲେଖାଇବାକୁ ଚାହୁଁଥିବା ଅଭିଭାବକ ତା।୧୦।୦୨।୨୦୨୦ରିଖଠାରୁ ବିଦ୍ୟାଳୟ ସମୟ ମଧ୍ୟରେ ଆବେଦନପତ୍ର ନେଇ ତା।୩୧।୦୩।୨୦୨୦ ମଧ୍ୟରେ ଆବେଦନ କରିପାରିବେ। ସରକାରଙ୍କ ଶିକ୍ଷା ଅଧିକାର ଅଧିନିୟମ ଅନୁଯାୟୀ ପ୍ରଥମ ଶ୍ରେଣୀରେ ୨୫% ମାଗଣା ନାମଲେଖା SC, ST, BPL ଏବଂ ଜବ୍‌କାର୍ଡ ଶ୍ରେଣୀୟ ଛାତ୍ରଛାତ୍ରୀମାନଙ୍କ ନିମନ୍ତେ ଏହା ଉଦ୍ଦିଷ୍ଟ।
ନାମଲେଖା ଆରମ୍ଭ- ତା।୦୨।୦୪।୨୦୨୦ରିଖ
ସବିଶେଷ ବିବରଣୀ ଜାଣିବା ନିମନ୍ତେ ଯୋଗାଯୋଗ କରନ୍ତୁ।
ପ୍ରଧାନ ଆଚାର୍ଯ୍ୟା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର
ମଙ୍ଗୁଳି, ଜଗତ୍‌ସିଂହପୁର, ଦୂରଭାଷ ନଂ.-9938406795

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଚ୍ୟାଲେଞ୍ଜ
ବ୍ୟବସାୟ, ପ୍ରେମ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଲେଶ, ସ୍ୱାମୀ-ସ୍ତ୍ରୀଙ୍କ ମନୋମାଳିନ୍ୟ, ପ୍ରେମବିବାହ, ପ୍ରପର୍ଟି କୋର୍ଟକେସ୍, ଗୁପ୍ତରୋଗ, ପୁରୁଣା ଯନ୍ତ୍ରଣା, ଔଷଧ କାମ ନ କରିବା, ବଶୀକରଣ, ଯାଦୁ-ଟୋନା, ଗୁଣିଗାରେଡ଼ି, ପୋଡାଧନ
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ: ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ବାବା କମାଲ ଖାନ୍ (ଅଜମେର ୱାଲେ)
ମାଷ୍ଟର କ୍ୟାଣ୍ଟିନ୍, ଏକ୍ସିସ୍ ବ୍ୟାଙ୍କ ନିକଟ, ଭୁବନେଶ୍ୱର
କାମ ନ ହେଲେ ଟଙ୍କା ଫେରସ୍ତ
ଆପଣଙ୍କ ଝିଅକୁ ଆପଣଙ୍କ ଜ୍ୱାଇଁ କିମ୍ବା ବାହାରର କେହି ଲୋକ, ଶାଶୁଘର ଲୋକେ ହଇରାଣ କରୁଛନ୍ତି କି?
8447703551 9971793786

କୌଣସି ମାନୁଷୀପ୍ରୟାସ ବା ତପସ୍ୟା ନୁହେଁ- କେବଳ ଦିବ୍ୟଜନନୀଙ୍କର ଶକ୍ତି ହିଁ ଆବରଣ ଛିନ୍ନ କରିଦେଇ ପାରେ - ଆଧାରକୁ ଗଠନ କରିପାରେ। ଏହି ତ ମିଥ୍ୟା, ମୃତ୍ୟୁ ଓ ବେଦନାପୂର୍ଣ୍ଣ ଜଗତରେ ଉତାରି ଆଣିପାରେ ସତ୍ୟ, ଜ୍ୟୋତି, ଦିବ୍ୟଜୀବନ ଓ ଅମର ଆନନ୍ଦ।

-ଶ୍ରୀଅରବିନ୍ଦ

# ଧୁଆ ଅଧୁଆ ସମାନ

ଭାରତରେ ରାଜନୀତିକୁ ଅପରାଧମୁକ୍ତ କରାଯିବା ଲାଗି ବାରମ୍ବାର ପ୍ରୟାସ କରାଯାଉଛି। ହେଲେ ଏହାର ସୁଫଳ ମିଳିପାରୁ ନାହିଁ। ଏଭଳି ସ୍ଥଳେ ବରିଷ୍ଠ ଆଇନଜୀବୀ ଗୋପାଳ ଶଙ୍କରନାରାୟଣନ୍ ସୁପ୍ରିମକୋର୍ଟଙ୍କୁ ଦେଇଥିବା ଏକ ତଥ୍ୟରେ ପାର୍ଲାମେଣ୍ଟରେ ଅପରାଧ ପୃଷ୍ଠଭୂମି ଥିବା ୪୬ ପ୍ରତିଶତ ସଦସ୍ୟ ଅଛନ୍ତି ବୋଲି ଜଣାଇଥିଲେ। ତେଣୁ ପାର୍ଲାମେଣ୍ଟରେ ଏ ସଂକ୍ରାନ୍ତ ଆଇନ ଗୃହୀତ ହେବା ଭଳି ମନେହେଉ ନାହିଁ। ଏହି ପରିପ୍ରେକ୍ଷୀରେ ସର୍ବୋଚ୍ଚ ଅଦାଲତ ଏହା ଉପରେ ନିର୍ଦ୍ଦେଶନାମା ଜାରି କରନ୍ତୁ। ୨୪ ଜାନୁୟାରୀ ୨୦୨୦ରେ ରାଜନୀତିର ଅପରାଧୀକରଣକୁ ନେଇ ସୁପ୍ରିମକୋର୍ଟ ଚିନ୍ତାବ୍ୟକ୍ତ କରିଥିଲେ। ରାଜନୈତିକ ଦଳଗୁଡ଼ିକ ଆପରାଧିକ ମାମଲାରେ ଜଡ଼ିତ ନେତାଙ୍କୁ ନିର୍ବାଚନ ଲଢ଼ିବା ପାଇଁ ଟିକେଟ ପ୍ରଦାନ ନ କରିବାକୁ ନିର୍ଦ୍ଦେଶ ଦେବା ଲାଗି ନିର୍ବାଚନ କମିଶନ (ଇସି) ସର୍ବୋଚ୍ଚ ଅଦାଲତଙ୍କୁ ଅନୁରୋଧ କରିଥିଲେ। ତେବେ ଜଷ୍ଟିସ୍ ଆର୍.ଏଫ୍. ନରିମାନ୍ ଏବଂ ଏସ୍. ରବୀନ୍ଦ୍ର ଭଟ୍ଟଙ୍କୁ ନେଇ ଗଠିତ ସୁପ୍ରିମକୋର୍ଟଙ୍କ ଖଣ୍ଡପୀଠ ରାଜନୀତିକୁ ଅପରାଧମୁକ୍ତ କରିବା ଲାଗି କେତେକ ପଦକ୍ଷେପ ନେବା ସକାଶେ ଇସିଙ୍କୁ ପରାମର୍ଶ ଦେଇଛନ୍ତି। ୨୦୧୮ରେ ସର୍ବୋଚ୍ଚ ଅଦାଲତର ଏକ ସାମ୍ବିଧାନିକ ଖଣ୍ଡପୀଠ ରାଜନୀତିରେ ଅପରାଧୀକରଣ ସଂକ୍ରାନ୍ତ ଏକ ଆବେଦନର ଶୁଣାଣି କରି କହିଥିଲେ ଯେ, ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରିବା ପୂର୍ବରୁ ପ୍ରାର୍ଥୀମାନେ ନିଜ ବିରୋଧରେ ବିଚାରାଧୀନ ଆପରାଧିକ ମାମଲାଗୁଡ଼ିକ ସମ୍ପର୍କରେ ଘୋଷଣା କରିବା ଦରକାର। ସେହିଭଳି ପ୍ରାର୍ଥୀମାନଙ୍କ ସମ୍ପର୍କରେ ରାଜନୈତିକ ଦଳଗୁଡ଼ିକ ଦଳୀୟ ୱେବସାଇଟ୍‌ରେ ମଧ୍ୟ ସୂଚନା ଦେବେ। ଏପରି କି ଗଣମାଧ୍ୟମରେ ପ୍ରାର୍ଥୀ ଓ ଦଳଗୁଡ଼ିକ ଏକ ଘୋଷଣାନାମା ଜାରି କରିବା ଲାଗି ନିର୍ଦ୍ଦେଶ ଦିଆଯାଇଥିଲା। ତାହା ସତ୍ତ୍ୱେ ଅପରାଧ ମାମଲା ଥିବା ନେତାମାନେ ନିର୍ବାଚନ ଲଢ଼ି ଜିତୁଛନ୍ତି। ତେବେ ରାଜନୀତିକୁ ଅପରାଧମୁକ୍ତ କରିବା ଲାଗି ଇସି ଏବଂ ଭାଜପା ନେତା ତଥା ଆବେଦନକାରୀ ଆଇନଜୀବୀ ଅଶ୍ୱିନୀ ଉପାଧ୍ୟାୟ ଏକାଠି ବସି ଏହାର ମୁକାବିଲା ପାଇଁ ଏକ ପ୍ରସ୍ତାବ ଦେବାକୁ ସୁପ୍ରିମକୋର୍ଟ ପରାମର୍ଶ ଦେଇଛନ୍ତି।

ବିଭିନ୍ନ ସମୟରେ ସର୍ବୋଚ୍ଚ ଅଦାଲତ ରାଜନୀତିକୁ ଅପରାଧମୁକ୍ତ କରିବା ଲାଗି ତାଗିଦ୍ କରୁଛନ୍ତି। ପାର୍ଲାମେଣ୍ଟରେ ଏ ଦିଗରେ ଆଇନ ଅଣାଯିବା ପାଇଁ ଦାବି ହେଉଛି। ହେଲେ ରାୟ ଦେଉଥିବା ବିଚାରପତିମାନଙ୍କ ଦ୍ୱାରା ଘଟାଯାଉଥିବା ଅପରାଧ ଅନେକ ସମୟରେ ଯାଞ୍ଚ ହେଉନାହିଁ। ଏହାର ଜ୍ୱଳନ୍ତ ଉଦାହରଣ ସୁପ୍ରିମକୋର୍ଟଙ୍କ ପୂର୍ବତନ ପ୍ରଧାନ ବିଚାରପତି ରଞ୍ଜନ ଗୋଗୋଇ। ଅନ୍ୟପଟେ ଅପରାଧର ଗମ୍ଭୀରତାକୁ ମପାଯିବାର ବ୍ୟବସ୍ଥା ନାହିଁ। ସାଧାରଣତଃ ରାଜନୀତିରେ ଜଡ଼ିତ ବ୍ୟକ୍ତିମାନେ ଅନେକ ସମୟରେ ଶୋଭାଯାତ୍ରା, ପ୍ରତିବାଦ ସଭା ଆଦିରେ ଲୋକଙ୍କ ସହିତ ଭାଗ ନେଇଥାଆନ୍ତି। ସେତେବେଳେ ଶାସନ ବ୍ୟବସ୍ଥା ତରଫରୁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥାଏ। ବିଭିନ୍ନ ଅବାଞ୍ଛିତ ଦଫା ଲଗାଯାଇ ପ୍ରତିବାଦକାରୀଙ୍କୁ ଗିରଫ କରାଯାଏ। ଏହାକୁ ଉସୁକାଇବା ପାଇଁ ସେହି ସମୟର ଶାସକ ଦଳ ସକ୍ରିୟ ଭୂମିକା ନେଇଥାଏ। ଘଟଣାସ୍ଥଳରୁ ବିକ୍ଷୋଭକାରୀଙ୍କୁ ଉଠାଇ ନେବା ପାଇଁ ପୋଲିସ ପାଖରେ କ୍ଷମତାର ପ୍ରୟୋଜନ ରହିଥାଏ। ସେଥିପାଇଁ ମିଛରେ ଦଫା ଲଗାଯାଇ ରାଜନେତାଙ୍କୁ ଗିରଫ କରାଯାଏ। ଏହି ପ୍ରକ୍ରିୟା ପରବର୍ତ୍ତୀ ସମୟରେ ଚାଲୁ ରହେ ଏବଂ ଅଧିକାଂଶ ସମୟରେ ରାଜନୈତିକ ବ୍ୟକ୍ତିମାନଙ୍କ ବିରୋଧରେ ବିଧିବଦ୍ଧ ମାମଲା ଦାଏର ହୁଏ। ଫଳରେ ବାସ୍ତବ ଅପରାଧୀ ଓ ପ୍ରତିବାଦ କରି ଦଫା ଲାଗିଥିବା ବ୍ୟକ୍ତିଙ୍କ ମଧ୍ୟରେ କୌଣସି ପ୍ରଭେଦ ଜଣାପଡ଼େ ନାହିଁ। ଓଡ଼ିଆରେ ଢଗ ଅଛି- ଧୁଆ ମୂଳା, ଅଧୁଆ ମୂଳା ସମାନ।

# ଡାଭୋସ୍ ସମ୍ମିଳନୀର ନିଷ୍କର୍ଷ

ସହଦେବ ସାହୁ

ୱାର୍ଲ୍ଡ ଇକୋନମିକ୍ ଫୋରମ୍ (ବିଶ୍ୱ ଅର୍ଥନୈତିକ ମଞ୍ଚ)ର ବାର୍ଷିକ ଅଧିବେଶନ ଜାନୁଆରୀ ୨୧ରୁ ୨୪ ଯାଏ ବସେ ଜେନେଭାର ଡାଭୋସ୍‌ଠାରେ। ପୃଥିବୀରେ ଚିରନ୍ତନ ବିକାଶର ଏକ ଅକ୍ଷୟ ପରିବେଶ ସୃଷ୍ଟି କରିବାର ଲକ୍ଷ୍ୟ ନେଇ ଏ ଫୋରମ୍‌କୁ ୫୦ ବର୍ଷ ତଳେ ତିଆରି କରିଥିଲେ କ୍ଲାଉସ୍ ସ୍ୱାବ୍। ଜଙ୍ଗଲରେ ପ୍ରାଣୀମାନେ ଶୋଷ ମେଣ୍ଟାଇବା ପାଇଁ ପାଣି ଥିବା ଯେଉଁ ଜାଗାକୁ ଯାଆନ୍ତି, ତାକୁ ୱାଟରିଂ ହୋଲ୍ କୁହାଯାଏ, ଦୁନିଆଟା କିପରି ସମସ୍ତଙ୍କ ପାଇଁ ସବୁଦିନେ ସୁଖ ଓ ଶାନ୍ତିର ଇଲାକା ହୋଇ ରହିବ ସେହି ଚିନ୍ତା-ଶୋଷରେ ଜଡିତ ବ୍ୟକ୍ତିମାନଙ୍କ ପାଇଁ ଗୋଟିଏ ଶୋଷ ମେଣ୍ଟାଇବା ଜାଗା ହୋଇଯାଇଛି ସୁଇଜରଲାଣ୍ଡର ଏକ ହିମପାହାଡ଼ ଘେରା ଡାଭୋସ୍ ଗ୍ରାମ। ପୃଥିବୀର ବିଭିନ୍ନ ସମସ୍ୟାକୁ ସୁଚାରୁରୂପେ ପରିଚାଳନା କରିବା ଲାଗି ଦରକାର ଉଭୟ ସରକାରୀ ଓ ବେସରକାରୀ କ୍ଷେତ୍ର ଭିତରେ ଉତ୍ତମ ବୁଝାମଣା ଓ ସହଯୋଗ। ପ୍ରତିବର୍ଷ ଗୋଟିଏ ସ୍ଥାନରେ ଉଭୟ କ୍ଷେତ୍ରର ନେତୃବୃନ୍ଦ ଏକାଠି ହେବା ଦରକାର, ସ୍ୱଳ୍ପ ସମୟ ଭିତରେ ପୃଥିବୀର ବ୍ୟସ୍ତତମ ବ୍ୟକ୍ତିମାନଙ୍କ ଚିନ୍ତା ଓ କାର୍ଯ୍ୟ ସମସ୍ତଙ୍କ ସମ୍ମୁଖରେ ପ୍ରକାଶ ପାଇବା ଉଚିତ। ସେମାନେ ମଧ୍ୟ ସାଧାରଣ ଲୋକଙ୍କ ପ୍ରତିନିଧିମାନଙ୍କ କଥା ଶୁଣିବା ଦରକାର। ସେପରି ଏକ ମଞ୍ଚ ହେଉଛି ୱାର୍ଲ୍ଡ ଇକୋନମିକ୍ ଫୋରମ୍।

ଭୋଟରଙ୍କୁ ଖୁସି କଲାଭଳି ପ୍ରକଳ୍ପମାନ ଦେଖାଉଥିବା ନେତାମାନଙ୍କ ସଂଖ୍ୟା ବଢୁଛି, ତେଣୁ 'ଭବିଷ୍ୟତ'ର ଦିଗ୍‌ବଳୟ କେବଳ ଆଗାମୀ ନିର୍ବାଚନ ପର୍ଯ୍ୟନ୍ତ ଦୃଶ୍ୟମାନ। ଏପରି କ୍ଷେତ୍ରରେ ମଣିଷ ଜାତି ଆଗାମୀ ପ୍ରଳୟଙ୍କରୀ ଜଳବାୟୁ ପରିବର୍ତ୍ତନର ଆହ୍ୱାନକୁ ସାମ୍ନା କରିବାର ଚିନ୍ତା କାହାରି ମୁଣ୍ଡରେ ପଶୁନାହିଁ, ସେ ଦିଗରେ ଚିନ୍ତା କରିବାର ମଞ୍ଚ ହେଉଛି ଡାଭୋସ୍। ଯେଉଁମାନେ ଦେଶକୁ ଚଳାଇବାରେ ଭାଗ ନିଅନ୍ତି ଓ ଯେଉଁମାନଙ୍କ କଥାରେ ବା ପରାମର୍ଶରେ ସରକାର ଚାଲେ ସେମାନେ କିପରି ସମସ୍ତଙ୍କୁ ମିଶାଇ ଏକ ଅକ୍ଷୟ ପୃଥିବୀ ଗଢିବେ ତାହା ହେଉଛି ୫୦ତମ ଡାଭୋସ ସମ୍ମିଳନୀର ଆଲୋଚ୍ୟ ବିଷୟ। ଏ ବିଷୟର କେନ୍ଦ୍ରରେ ଅଛି ଉତ୍ତରଦାୟୀ ପୁଞ୍ଜିବାଦୀମାନଙ୍କ ଧାରଣା ଉପରେ ଆଲୋଚନା। ପୁଞ୍ଜିବାଦୀମାନେ କିପରି 'ଆୟର ଅସମାନତା, ସମାଜର ବିଭେଦ ଓ ଜଳବାୟୁ ସଂକଟ'କୁ ପରାହତ କରିପାରିବେ, ତାକୁ ହେଜାଇ ଦେବାର ଏହା ଏକ ଅବସର ଥିଲା। ଆଲୋଚନା ଥିଲା- ନ୍ୟାୟୋଚିତ ଟିକସ ବ୍ୟବସ୍ଥା, ଭ୍ରଷ୍ଟାଚାର ପ୍ରତି ଅସହ୍ୟତା ଓ ମାନବିକ ଅଧିକାର ପ୍ରତି ସମ୍ମାନ।

ପୁଞ୍ଜିବାଦରେ ଲାଭର ଲୋଭକୁ କମାଇ କିପରି ବିଶ୍ୱକୁ ଅକ୍ଷୟ ଓ ସଂହତ ରଖିବାରେ ସମ୍ପୃକ୍ତ ବ୍ୟକ୍ତିମାନେ ଲାଗିବେ ସେଥିପାଇଁ ଛଅଟି ବିଭାଗରେ ଆଲୋଚନା ହେଲା- ପରିବେଶ, ଜଳବାୟୁ, ସମାଜ, ଶିଳ୍ପ, ପ୍ରଯୁକ୍ତିବିଦ୍ୟା ଓ ରାଜନୀତିର ଭୌଗୋଳିକତା। ୪୦୦ ସେସନ ବା ବିଭାଗରେ ଆଲୋଚନା ହେଲା- ଭାଗନେଲେ ୧୧୭ ଦେଶରୁ ଆସିଥିବା ପ୍ରତିନିଧିମାନେ। ତହିଁରେ ଥିଲେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ, ଚୀନ ଉପପ୍ରଧାନମନ୍ତ୍ରୀ ହାନ୍ ଝେଙ୍ଗ୍, ଜର୍ମାନୀ ଚାନ୍ସେଲର୍ ଆଞ୍ଜେଲା ମର୍କେଲ୍ ପ୍ରମୁଖ ୫୩ଟି ରାଷ୍ଟ୍ରର ମୁଖ୍ୟ ବା ଉପମୁଖ୍ୟ। ବେସରକାରୀ ସଂସ୍ଥାମାନଙ୍କରୁ ୧୬୮୦ ନେତା, ସାଧାରଣ ସମାଜରୁ ବିଭିନ୍ନ ଶ୍ରମିକ ନେତା ଏବଂ ଶିକ୍ଷା, ସ୍ୱାସ୍ଥ୍ୟ ଓ ସୁରକ୍ଷା ସହ ସମ୍ପୃକ୍ତ ସଂସ୍ଥାମାନଙ୍କର ନିର୍ବାହୀ ପ୍ରଶାସକଙ୍କ ଭଳି ନିୟାମକ ବ୍ୟକ୍ତିମାନେ। ୨୦ ବର୍ଷରୁ କମ୍ କିଶୋର କିଶୋରୀ ନେତା ବି ଥିଲେ। ୨୦୨୦ର ପ୍ରସଙ୍ଗ ଥିଲା 'ମାର୍ଫତ୍‌ଦାରଙ୍କ ପୁଞ୍ଜିବାଦ' ମାନେ କ'ଣ? ପ୍ୟାରିସ୍ ରାଜିନାମା ଏବଂ ନିରନ୍ତର ବିକାଶ ଲକ୍ଷ୍ୟ କେତେଦୂର ପୂରଣ ହୋଇଛି? ପ୍ରଯୁକ୍ତି ଓ ବାଣିଜ୍ୟ କିପରି ମଣିଷ ସମାଜର ମଙ୍ଗଳ କରିବ ତାହା ଉପରେ ଆଲୋଚନା। ବିଶ୍ୱଅର୍ଥନୈତିକ ମଞ୍ଚର ୧୦୦୦ ମେମ୍ବର କମ୍ପାନୀର ପ୍ରତିନିଧିଙ୍କ ସହ ୧୧୭ ଦେଶ ତଥା ଅଞ୍ଚଳରୁ ୩୦୦୦ ବ୍ୟକ୍ତି ଭାଗନେଲେ। ମନେ ରଖିବା କଥା ଯେ ଡାଭୋସ୍ ପୌରପରିଷଦର ଅଧିବାସୀ ସଂଖ୍ୟା ୧୧ ହଜାରରୁ କମ୍, ପୁଣି ଜୁରିକ୍ ବିମାନବନ୍ଦରଠାରୁ ୧୫୦ କିଲୋମିଟର ଦୂର। ଡାଭୋସ୍ ସମ୍ମିଳନୀରେ କେବଳ ଆମନ୍ତ୍ରଣ ପାଇଥିବା ରାଜନେତା, ଶିକ୍ଷାଜଗତର ବ୍ୟକ୍ତି, ଏନ୍‌ଜିଓ, ଧର୍ମଗୁରୁ, ମେଡିଆ ଯୋଗ ଦେଇପାରନ୍ତି। ଲକ୍ଷ୍ୟ ବା ମିଶନ ହେଉଛି ବିଶ୍ୱର ଅବସ୍ଥାରେ ଉନ୍ନତି। ଢାଞ୍ଚା (ଫର୍ମାଟ୍) ହେଉଛି- ପ୍ରତ୍ୟେକ ବକ୍ତା ୧୦ ମିନିଟ କହିବେ ବା ଉପକ୍ରମଣିକା ଦେବେ, ପରେ ପାନେଲ୍ ବା ଗୋଷ୍ଠୀ ଆଲୋଚନା ହେବ, ଶ୍ରୋତାମାନେ ବି ଭାଗନେବେ। ସେଠି ପାୱାର ପଏଣ୍ଟ ପ୍ରେଜେଣ୍ଟେସନ୍ ନାହିଁ, କି ଆନୁଷ୍ଠାନିକ ଉପସ୍ଥାପନ ନାହିଁ।

ମାର୍ଫତ୍‌ଦାରୀ ପୁଞ୍ଜିବାଦ ଉପରେ ଆଲୋଚନାର ବିଷୟବସ୍ତୁ ଥିଲା- ନ୍ୟାୟୋଚିତ ଟିକସ ବ୍ୟବସ୍ଥା, ଭ୍ରଷ୍ଟାଚାର ପ୍ରତି ଅସହ୍ୟତା ଓ ମାନବିକ ଅଧିକାର ପ୍ରତି ସମ୍ମାନ। ପୁଞ୍ଜିବାଦରେ ଲାଭର ଲୋଭ ବଦଳରେ କିପରି ବିଶ୍ୱକୁ ଅକ୍ଷୟ ଓ ସଂହତ ରଖିବାରେ ଲାଗିବେ ସେଥିପାଇଁ ଛଅଟି ବିଭାଗରେ ଆଲୋଚନା ହୋଇଛି- ପରିବେଶ, ସମାଜ, ଶିଳ୍ପ, ପ୍ରଯୁକ୍ତିବିଦ୍ୟା ଓ ରାଜନୀତିର ଭୌଗୋଳିକତା। ୪୦୦ ସେସନ ବା ବିଭାଗରେ ଆଲୋଚନା ହେଲା- ଭାଗନେଲେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ, ଚୀନ ଉପପ୍ରଧାନମନ୍ତ୍ରୀ ହାନ୍ ଝେଙ୍ଗ୍, ଜର୍ମାନୀ ଚାନ୍ସେଲର୍ ଆଞ୍ଜେଲା ମର୍କେଲ୍ ଆଦି ୫୩ଟି ଦେଶର ରାଷ୍ଟ୍ରମୁଖ୍ୟ ବା ରାଷ୍ଟ୍ରର ଉପମୁଖ୍ୟ, ଜାତିସଂଘର ବିଭିନ୍ନ ଶାଖାର ମୁଖ୍ୟ ବା ଉପମୁଖ୍ୟ, ଇଣ୍ଟରପୋଲ୍‌ର ସେକ୍ରେଟାରି ଜେନେରାଲ୍, ନାଟୋର ସେକ୍ରେଟାରି ଜେନେରାଲ୍, ବେସରକାରୀ ସଂସ୍ଥାମାନଙ୍କରୁ ୧୬୮୦ ନେତା, ସାଧାରଣ ସମାଜରୁ ବିଭିନ୍ନ ଶ୍ରମିକ ନେତା, ଶିକ୍ଷା ସ୍ୱାସ୍ଥ୍ୟ ଓ ସୁରକ୍ଷା ସହ ସମ୍ପୃକ୍ତ ସଂସ୍ଥାମାନଙ୍କର ନିର୍ବାହୀ ନିର୍ଦ୍ଦେଶକମାନେ, ୨୦ ବର୍ଷରୁ କମ୍ ଯୁବନେତା ୧୦ ଜଣ।

ଚଳିତ ୫୦ତମ ବାର୍ଷିକୀରେ ଡାଭୋସ୍ ସମ୍ମିଳନୀର ଆଲୋଚନାର ଶୀର୍ଷକ ଥିଲା 'ମୁକ୍ତ ସମାଜ, ଉଦାରତା, ମାନବିକ ଅଧିକାର ଓ ବିଶ୍ୱଭ୍ରାତୃତ୍ୱ'। ଏ ସବୁର ଅନ୍ତରାୟ ହେଉଛି ଭ୍ରଷ୍ଟାଚାର। ସମ୍ମିଳନୀକୁ ହେଜାଇ ଦେବା ଲାଗି ସମ୍ମିଳନୀପୂର୍ବରୁ ଟ୍ରାନ୍ସପାରେନ୍ସି ଇଣ୍ଟର୍‌ନାସନାଲ୍ (ସ୍ୱଚ୍ଛତା ଆନ୍ତର୍ଜାତିକୀ) ୧୮୦ଟି ଦେଶ ଓ ଅଞ୍ଚଳର ସର୍ଭେ କରି ସେମାନଙ୍କର 'କରପ୍‌ସନ୍ ପର୍‌ସେପ୍ସନ୍ ଇଣ୍ଡେକ୍ସ' (ସିପିଆଇ) ପ୍ରକାଶ କଲା, ତହିଁରେ ଦର୍ଶାଇଲା ଯେ ଲୁଚାଛପା ରାଜନୈତିକ ପାଣ୍ଠି ସଂଗ୍ରହ ଓ ସରକାର ତଥା ପ୍ରଭାବଶାଳୀ ନେତାମାନଙ୍କ ଉପରେ ଲାଭଖୋର ପୁଞ୍ଜିପତିମାନଙ୍କ (କମ୍ପାନୀମାନଙ୍କ ବି) ଅନୈତିକ ଚାପ (ଲବି) ହିଁ ଭ୍ରଷ୍ଟାଚାର ବଢାଉଛି। ସବୁ ଦେଶ ସମ୍ମତ ଯେ ଆର୍ଥିକ ସ୍ୱଚ୍ଛତା ଦେଶର ବିକାଶରେ ସହାୟକ, ତଥାପି ଜିଡିପିରେ ଉନ୍ନତି ଦେଖାଉଥିବା ଦେଶମାନେ ବି ସ୍ୱଚ୍ଛତାକୁ ପ୍ରାଧାନ୍ୟ ଦେଉନାହାନ୍ତି। ସିପିଆଇରେ ଭାରତର ସ୍ଥାନ ୮୦, ପାଇଛି ୪୧ ନମ୍ବର। ୨୦୧୯ରେ ସିପିଆଇରେ ସ୍ଥାନ ଥିଲା ୭୮, ଭାରତ ୨ ସ୍ଥାନ ତଳକୁ ଖସୁଛି। ସିପିଆଇରେ ଶୂନ ହେଉଛି ଆଦର୍ଶ ଶାସନ ବା ଭ୍ରଷ୍ଟାଚାର-ଶୂନ୍ୟ, ୧୦୦ ହେଉଛି ସବୁଠୁ ବେଶୀ ଭ୍ରଷ୍ଟାଚାରୀ। ଅଷ୍ଟ୍ରେଲିଆ (ସିପିଆଇ ୭୭ ଥିଲେ ବି) ଓ ଭାରତ ଭଳି ଗଣତନ୍ତ୍ରରେ ବି ରାଜନେତାଙ୍କ ଭ୍ରଷ୍ଟାଚାର କମିବାର ନାଁ ଧରୁନାହିଁ। ଚୀନ (ସିପିଆଇରେ ଭାରତ ଭଳି ୪୧ ନମ୍ବର ପାଇଛି। ଭ୍ରଷ୍ଟାଚାର ହାର କମାଇପାରିଲେ ଯେ ଭାରତ ଆହୁରି ବିକଶିତ ହୋଇପାରନ୍ତା ଏବଂ ଧନୀ ଗରିବ ତାରତମ୍ୟ କମନ୍ତା, ତାହା ଆମ ନେତାମାନେ ଭାବୁନାହାନ୍ତି।

କେବଳ ନିର୍ମାଣଭିତ୍ତିକ କାମ କଲେ ଶାସକଦଳକୁ ପର୍‌ସେଣ୍ଟେଜ୍‌ଟା ସାଙ୍ଗେ ସାଙ୍ଗେ ମିଳିଯାଏ, ଡାକ୍ତର ନ ଥିଲେ ବି ଚିକିତ୍ସାଳୟ କୋଠା ହେବ, ଶିକ୍ଷକ ନ ଥିଲେ ବି ବିଶ୍ୱବିଦ୍ୟାଳୟ କୋଠାବାଡି ହେବ, ଇସ୍ପାତ ଶିଳ୍ପରେ ତାଲିମ୍ ବା ଶିକ୍ଷାପ୍ରାପ୍ତ ଯୁବା ପ୍ରସ୍ତୁତ ନ କରି ଲୌହ କାରଖାନା ବସିବ- ଏ ସବୁ ଭିତରେ ଧନ ଅର୍ଜନ ଚିନ୍ତା ବେଶି, ଲୋକଙ୍କ ସେବା ବା ବିକାଶ କମ୍। ନାଗରିକମାନଙ୍କ ପ୍ରତି ପୁଞ୍ଜିବାଦୀମାନଙ୍କ କର୍ତ୍ତବ୍ୟ ଏବଂ ସମାଜରେ ଅସମାନତା ଦୂର କରିବା ପ୍ରତି ସରକାରୀ ଉଦ୍ୟମ କରିବାକୁ କୁହାଯାଉଛି। ଏ ସମ୍ମିଳନୀରେ ତ ପୁଞ୍ଜିବାଦର ଲଗାମଛଡା ଲୋଭ, ଉତ୍ତରାଧିକାର ସୂତ୍ରରେ ପାଇଥିବା ସମ୍ପତ୍ତି ଉପରେ ଟିକସଛାଡର ପ୍ରତିମୂର୍ତ୍ତି ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଡାଭୋସ୍ ସମ୍ମିଳନୀକୁ ନିଜ-ବ୍ୟକ୍ତିତ୍ୱର ବିଜ୍ଞାପନପତ୍ର କରିଦେଲେ, ଯେଉଁ ଚାରୋଟି ବିଷୟ ସମସ୍ତ ଚିନ୍ତାଶୀଳ ବ୍ୟକ୍ତିଙ୍କ ମୁଣ୍ଡରେ ଥିଲା- ମୁକ୍ତ ସମାଜ, ଉଦାରତା, ମାନବିକ ଅଧିକାର ଓ ବିଶ୍ୱଭ୍ରାତୃତ୍ୱ- ଏ ସବୁର ବିରୋଧୀ ଟ୍ରମ୍ପ ଡାଭୋସ୍ ମଞ୍ଚକୁ ଆତ୍ମବଡ଼ିମାର ମଞ୍ଚ କରିଥିଲେ, ଆଗାମୀ ରାଷ୍ଟ୍ରପତି ନିର୍ବାଚନର ପ୍ରଚାର ମଞ୍ଚ। ଡୋଭୋସ୍ ତା'ର ଉଦ୍ଦେଶ୍ୟକୁ କିଞ୍ଚିତ୍ ମାତ୍ରାରେ ବି ସଫଳ କରିପାରିଲା ନାହିଁ, ପୃଥିବୀର ଭବିଷ୍ୟତ ଘେନି ଚିନ୍ତା କରୁଥିବା ବ୍ୟକ୍ତିମାନଙ୍କୁ ବେଶି ଚିନ୍ତାରେ ପକାଇଲା। ସମ୍ଭବତଃ ନେତାମାନଙ୍କ ତଥା ଲାଭଖୋର ପୁଞ୍ଜିପତିମାନଙ୍କ ଅସଲ ଚେହେରା ପୁଣି ଥରେ ଦେଖାଇଦେବା ଡାଭୋସ୍‌ର ସଫଳତା।

ଇମେଲ୍: sahadevas@yahoo.com

# ଶ୍ରୀମନ୍ଦିର ସଂସ୍କାରର ବାକି ଦିଗ

ଯଦୁନନ୍ଦନ ସାମଲ

ମୁଁ ଜଣେ ବରିଷ୍ଠ ନାଗରିକ। ବୟସ ୮୦ରୁ ଊର୍ଦ୍ଧ୍ୱ। ମୋ ନାତୁଣୀ (୧୨ ବର୍ଷ) ଓ ପରିବାର ସଦସ୍ୟଙ୍କ ସହ ଗତ ଜାନୁୟାରୀ ୧୨ ତାରିଖରେ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ଦର୍ଶନ ନିମନ୍ତେ ପୁରୀ ଯାଇଥିଲି। ମନର ଉତ୍କଣ୍ଠା ଥିଲା ଶ୍ରୀମନ୍ଦିରର ଯେଉଁ ସଂସ୍କାର କାର୍ଯ୍ୟ କରାଯାଉଛି, ତାକୁ ଆଖି ପୂରେଇ ଦେଖିବା ପାଇଁ। ସଂସ୍କାର ପ୍ରକ୍ରିୟା ଦେଖି ମାନନୀୟ ମୁଖ୍ୟମନ୍ତ୍ରୀଙ୍କ ମହତ୍ କାର୍ଯ୍ୟ ପାଇଁ ଅନ୍ତର ମୋର କୃତଜ୍ଞତା ବୋଧରେ ଭରିଗଲା। ଧାଡିରେ ଯାଇ ସିଂହଦ୍ୱାରରୁ ବାଇଶିପାହାଚ ଓ ତା'ପରେ ବିନା ଧାଡିରେ ଶେଷଯାଏ ଯିବାକୁ ହେଲା। ବିଶେଷ କିଛି ଅସୁବିଧା ହେଲାନାହିଁ। କାରଣ ପରିସର ପ୍ରଶସ୍ତ ଥିଲା। ବେଢା ମଧ୍ୟରେ ପ୍ରବେଶ କରି ପୁଣି ଧାଡିରେ ଯିବାକୁ ହେଲା ଏବଂ ବହୁଧାଡିର ଭକ୍ତମାନଙ୍କୁ ଦଳ ଦଳ କରି ମନ୍ଦିର ମଧ୍ୟକୁ ଛଡା ଯାଉଥିବା ଦେଖିଲି, ଅତ୍ୟନ୍ତ ଶୃଙ୍ଖଳିତ ବ୍ୟବସ୍ଥା।

କିନ୍ତୁ ମନ୍ଦିର ପ୍ରବେଶପଥ ପୂର୍ବରୁ ଏତେ ସଂଖ୍ୟକ ଭକ୍ତଙ୍କୁ ଭିତରକୁ ଛଡାଗଲା ଯେ ମୁଁ ଓ ମୋ ନାତୁଣୀ ସେ ଭିଡ ଭିତରେ ଥଳଦେବା ଅସମ୍ଭବ ହୋଇପଡିଲା। ପ୍ରଭୁଙ୍କ ଦର୍ଶନ ଅଭୀପ୍‌ସାରେ ବହୁ କଷ୍ଟରେ ଚିପି ହୋଇ ଗର୍ଭଗୃହ ପର୍ଯ୍ୟନ୍ତ ଗଲୁ। ସେଠାରେ ଦୁଆରର ସଂକୀର୍ଣ୍ଣତା ଓ ପଛରୁ ପ୍ରଚଣ୍ଡ ଠେଲାପେଲା ହେତୁ ମୁଁ ଅଣନିଃଶ୍ୱାସୀ ହୋଇପଡିଲି। ନାତୁଣୀର ହାତ ଛାଡୁ ନ ଥାଏ। ତଳେ ପଡିଗଲେ ଦଳାଚକଟାରେ ପ୍ରାଣ ନାଶ। ପାହାଚ ଦୃଷ୍ଟିଗୋଚର ହେଉ ନ ଥାଏ। ବହୁ କଷ୍ଟରେ ନାତୁଣୀକୁ କାଛ ପାଖକୁ ଟାଣି ପାହାଚ ଚଢି ଉପରକୁ ଉଠିଲା ପରେ କଳା ଠାକୁରଙ୍କ ସୌମ୍ୟ ମୂର୍ତ୍ତିର ଭବ୍ୟ ଦର୍ଶନ କ୍ଷଣକ ପାଇଁ ହୋଇଗଲା। କାରଣ ପଛର ଠେଲାପେଲାରେ ଅଧିକ କ୍ଷଣ ଠିଆ ହେବା କିମ୍ବା ଆଗକୁ ଯିବାର ଯୁ' ରହିଲା ନାହିଁ। ସେତିକିରେ ସନ୍ତୁଷ୍ଟ ହୋଇ ନୀରବ ପ୍ରଣାମ ଜଣାଇ ପ୍ରସ୍ଥାନ ପଥରେ ଫେରି ଆସିଲି।

ପରିବାରର ଅନ୍ୟମାନେ ଅନ୍ୟ ଦଳରେ ଥିଲେ। ଯାହାହେଉ ପ୍ରଭୁଙ୍କ କରୁଣାରୁ ସେ ଜନସମୁଦ୍ର ମଧ୍ୟରେ ସମ୍ମିଳିତ ହୋଇ ଆନନ୍ଦବଜାର ଗଲୁ। ସେଥିରୁ ଜଣଙ୍କୁ ଖୁବ୍ ପରିସ୍ରା ଲାଗିଲାଣି। ଆନନ୍ଦବଜାର ଶେଷରେ ଯେଉଁଠାରେ ହାତ ଓ ପାଦ ଧୋଇବାର ପାଣି ଟ୍ୟାପ ବ୍ୟବସ୍ଥା ଅଛି, ସେହି କୋଣରେ ଶୌଚାଳୟର ବ୍ୟବସ୍ଥା ଥିବ ବୋଲି ଭାବି ତାକୁ ସାଙ୍ଗରେ ନେଇ ଦେଖିଲି, ସେଠାରେ ଶୌଚାଳୟ ନାହିଁ, କିନ୍ତୁ ଲୋକମାନେ ସେଠାରେ ପରିସ୍ରା କରୁଛନ୍ତି। ବଡ ଦୁର୍ଗନ୍ଧଯୁକ୍ତ ଦୟନୀୟ ଅବସ୍ଥା। ବାଧ୍ୟ ହୋଇ ଆମ ପିଲାଟି ସେଠାରେ ପରିସ୍ରା କଲା।

ଏ ହେଲା ଶ୍ରୀମନ୍ଦିରର ଭିତର ଅବସ୍ଥା ବରଂ ବିଶେଷ ଅବ୍ୟବସ୍ଥା। ପର୍ଯ୍ୟଟକମାନେ କେବଳ ଚିତ୍ରକଳା ଦେଖିବାକୁ ଯା'ନ୍ତି। ଭକ୍ତ ଯାଏ କିଛି କ୍ଷଣ ଶାନ୍ତ ରହି ସ୍ଥିର ନେତ୍ରରେ ପ୍ରଭୁଙ୍କର ଦର୍ଶନ ପାଇଁ। ଅକସ୍ମାତ୍ ଝାଡା ପରିସ୍ରା ମାଡିଲେ ଯଦି ତହିଁରୁ ନିସ୍ତାରର ବ୍ୟବସ୍ଥା ମନ୍ଦିର ଭିତରେ ନ ରହେ, ତେବେ ଭକ୍ତ ଜଣକ କରେ କ'ଣ। ଏଥିପାଇଁ ତ କୌଣସି ବ୍ୟବସ୍ଥା ବେଢା ମଧ୍ୟରେ ନାହିଁ। ବଡ ବିକଳ ଅବସ୍ଥା। ଏହା ଯେବେ ଲୋକପ୍ରିୟ ସରକାରଙ୍କ ବିଚାର, ତେବେ କାହାକୁ ଆଉ କହିବା? ମୋ ଭଳି ବହୁ ଦୁର୍ବଳ, ବୟସ୍କ ଓ ପିଲାମାନେ ଶୌଚାଳୟ ଅଭାବରୁ ହନ୍ତସନ୍ତ ହେଉଥିବେ, ତାହା ନିଜ ଅଭିଜ୍ଞତାରୁ ଜଣାଗଲା।

ଓଡ଼ିଶାର ଜଣେ ବରିଷ୍ଠ ନାଗରିକ ଭାବେ ଏହି ସମସ୍ୟାର ସମାଧାନ ପାଇଁ ମୁଁ କେତୋଟି ପରାମର୍ଶ ମୁଖ୍ୟମନ୍ତ୍ରୀଙ୍କଠାରେ ରଖୁଛି। ଯଥା: ବାହାରେ ଭିଡରୁ ରକ୍ଷା ପାଇବା ପାଇଁ ଯେପରି ଧାଡିର ବ୍ୟବସ୍ଥା ହୋଇଛି ମନ୍ଦିର ଭିତରେ ମଧ୍ୟ ସେମିତି ଧାଡିର ବ୍ୟବସ୍ଥା ହେଉ। ସେଥିରେ ବୟସ୍କ, ବରିଷ୍ଠ ନାଗରିକଙ୍କ ପାଇଁ ସ୍ୱତନ୍ତ୍ର ଧାଡିଟିଏ ରହୁ। ନାରୀ ପୁରୁଷଙ୍କ ପାଇଁ ଅଲଗା ଧାଡି ରହିଲେ ସମସ୍ତେ ସୁସଂଯତ ଓ ସୁରକ୍ଷିତ ଭାବେ ପ୍ରଭୁଙ୍କୁ ମନଭରି ଦର୍ଶନର ସୁଯୋଗ ଲାଭ କରିପାରିବେ। ମୁଁ ସେଠାରେ ଜଣକୁ ପଚାରିବାରୁ ସେ କହିଲେ, ମନ୍ଦିର ମଧ୍ୟରେ ଧାଡି ବ୍ୟବସ୍ଥାର ପରମ୍ପରା ନାହିଁ। ଶୌଚାଳୟ ସ୍ଥାପନ ମଧ୍ୟ ସେହି ପରମ୍ପରା କାରଣରୁ ହୋଇପାରୁନାହିଁ କି? ଗରୁଡ଼ସ୍ତମ୍ଭ ପାଖରେ ମାଳ ମାଳ ଦୀପ ପ୍ରଜ୍ୱଳନ ପରମ୍ପରା, ତେବେ ଭାଙ୍ଗିଲା କେମିତି? ପରିବର୍ତ୍ତନ ପାଇଁ ପରମ୍ପରାକୁ ଭାଙ୍ଗିବାକୁ ପଡିବ ବୋଲି ବିଚାର କରି ତ ସରକାର ବାହାରେ ଏପରି ନିୟନ୍ତ୍ରିତ ବ୍ୟବସ୍ଥା କରିଛନ୍ତି। ଭିତର ପାଇଁ ଆବଶ୍ୟକ ହେଲେ ପରମ୍ପରା ଭଙ୍ଗ କରାଯାଇ ପାରିବ ନାହିଁ କାହିଁକି? ଯଦି ଭଙ୍ଗା ନ ଯିବ, ତା' ହେଲେ ଏହା ଏକ ଅନ୍ଧବିଶ୍ୱାସ ଏବଂ ବିକଳ ମାନସିକତା ବୋଲି ବୁଝିବାକୁ ହେବ। ଝାଡାପରିସ୍ରା ଲାଗିଲେ ଅସ୍ତବ୍ୟସ୍ତ ହେଉଥିବା ବ୍ୟକ୍ତିଟିର ସ୍ଥିତି କ'ଣ ସରକାରୀ ମହାନୁଭବମାନଙ୍କ ଅନୁଭବ ବାହାରେ। ଭକ୍ତଙ୍କ ପାଇଁ ଭଗବାନ। ଭକ୍ତଙ୍କ ସୁଖସୁବିଧା ଦେଖିବା ଭଗବତାନୁଷ୍ଠାନର ଏକ ଗୁରୁତ୍ୱପୂର୍ଣ୍ଣ ଦାୟ।

ମୋର କ୍ଷୁଦ୍ର ପରାମର୍ଶ ଯେ ଶ୍ରୀମନ୍ଦିର ଭିତର ପରିସୀମା ମଧ୍ୟରେ ବିଭିନ୍ନ ସ୍ଥାନ ଯଥା କୋଇଲି ବୈକୁଣ୍ଠ, ଆନନ୍ଦବଜାର ଆଦି ସ୍ଥାନରେ ପର୍ଯ୍ୟାପ୍ତ ଶୌଚାଳୟର ନିର୍ମାଣ କରାଯାଉ। ବାହାରେ ସୁଲଭ ଶୌଚାଳୟ କଲେ ଭିତରେ ଥିବା ଭକ୍ତମାନଙ୍କର ଆଶୁ ଆବଶ୍ୟକତା ମେଣ୍ଟାଇବାରେ ତାହା ଆଦୌ ସାହାଯ୍ୟ କରିପାରିବ ନାହିଁ। ପରିଷ୍କାର ପରିଚ୍ଛନ୍ନତା ଶତପ୍ରତିଶତ ହେବା ଉଚିତ ଏବଂ ଅଳିଆ ପକାଇବା ପାଇଁ ଉପଯୁକ୍ତ ଅଳିଆ ପାତ୍ର ପର୍ଯ୍ୟାପ୍ତ ପରିମାଣରେ ବିଭିନ୍ନ ସ୍ଥାନରେ ରଖାଯିବା ମଧ୍ୟ ଜରୁରୀ। ମାନନୀୟ ମୁଖ୍ୟମନ୍ତ୍ରୀ ମହୋଦୟ ଓ ଶ୍ରୀମନ୍ଦିର ପରିଚାଳନା କମିଟି ସଭାପତି ଏ ବିଷୟରେ ନିର୍ମଳ ହୃଦୟରେ ବିଚାର କରି ଆଶୁ ବିହିତ ପ୍ରତିକାର କରିବା ପାଇଁ ଏଇ ଲେଖାରେ ଅନୁରୋଧ।

ସତ୍ୟସାଇ ଏନ୍‌କ୍ଲେଭ, ଖଣ୍ଡଗିରି,
ଭୁବନେଶ୍ୱର, ମୋ-୯୪୩୭୯୨୦୬୬୦

## ଏଇ ଭାରତରେ

ସେବା କରିବାର ଦୃଢ ଇଚ୍ଛାଶକ୍ତି ଆଗରେ ଭୟର କୌଣସି ସ୍ଥାନ ନ ଥାଏ। ନିର୍ଭୟରେ ସବୁ ପ୍ରତିକୂଳ ପରିବେଶକୁ ପ୍ରତିହତ କରି ସେବକମାନେ ଆଗେଇ ଚାଲନ୍ତି ଲକ୍ଷ୍ୟ ପଥରେ, ଯାହା କରୁଛନ୍ତି ଜମ୍ମୁ ସହରର ରବିନହୁଡ୍ ଆର୍ମି ସଦସ୍ୟମାନେ। ଏମାନେ ରାତିରେ ଘରୁ ବାହାରିଯାଆନ୍ତି ଭୋକିଲାଙ୍କ ପେଟ ଭରିବାକୁ। ଏମାନଙ୍କୁ ନ ଥାଏ ଆତଙ୍କବାଦୀ କି ଥଣ୍ଡାକୁ ଭୟ। ବସ୍ତି, ରେଲୱେଷ୍ଟେଶନ ଓ ଫ୍ଲାଏଓଭର୍ ତଳେ ରହୁଥିବା ଲୋକମାନଙ୍କୁ ଖାଇବାକୁ ଦେଉଛନ୍ତି ଏମାନେ। କିଛି ବର୍ଷ ପୂର୍ବେ ଏହି ଆର୍ମି ଗଠନ କରିଥିଲେ ଗାନ୍ଧୀନଗର ନିବାସୀ ବିନସ ସେଠୀ। ଧୀରେ ଧୀରେ ଏଥିରେ ସ୍ଥାନୀୟ ଯୁବକମାନେ ସାମିଲ ହୋଇ ହୋଟେଲ, ରେସ୍ତୋରାଁ, ବେକରି ସହ ବିଭିନ୍ନ ସ୍ଥାନରେ ଏହାର ପୋଷ୍ଟର୍ ଲଗାଇ ବଳକା ଖାଦ୍ୟ ଦେବା ଲାଗି ଅନୁରୋଧ କରିଥିଲେ। ପ୍ରଥମେ ସେମାନଙ୍କୁ କେହି ବିଶ୍ୱାସକୁ ନେଇ ନ ଥିଲେ। କିନ୍ତୁ ଗୋଟିଏ ବେକରି ବଳକା ଖାଦ୍ୟ ଦେବାରୁ ସେମାନେ ଏହାକୁ ନେଇ ରାତିରେ ବାଣ୍ଟିବା ଆରମ୍ଭ କରିଥିଲେ। ଏହାପରେ ହୋଟେଲ ଓ ରେସ୍ତୋରାଁରୁ ଖାଦ୍ୟ ମିଳିବା ଆରମ୍ଭ ହୋଇଥିଲା। ସବୁ ଖାଦ୍ୟ ରାତି ୧୦ଟା ପରେ ମିଳେ। ଏହି ସମୟରେ ଜମ୍ମୁରେ ଖାଦ୍ୟ ବାଣ୍ଟିବା ସହଜ ନୁହେଁ। କିନ୍ତୁ ବିନସଙ୍କ ନେତୃତ୍ୱରେ ଏହାକୁ ସଫଳତାର ସହ କରାଯାଉଛି। ରାତି ୧୧ଟା ବେଳକୁ ସେମାନେ ଖାଦ୍ୟ ବାଣ୍ଟିବାକୁ ଯାଉଛନ୍ତି। ଭୋକିଲାମାନେ ଖାଇବା ପରେ ତାଙ୍କ ମୁହଁର ଚେନାଏ ହସରେ ସଦସ୍ୟମାନେ ସବୁ ଦୁଃଖ ଭୁଲିଯାଆନ୍ତି ବୋଲି କୁହନ୍ତି ବିନସ। ଜମ୍ମୁର କୌଣସି ଡଷ୍ଟବିନରେ ଯେମିତି ଖାଦ୍ୟ ନ ପଡେ ସେଥିପାଇଁ ଏହି ଆର୍ମି ମଧ୍ୟ ଅଭିଯାନ ଆରମ୍ଭ କରିଛି।

## ୨୫ ବର୍ଷ ତଳର ଧରିତ୍ରୀ

୨୮ ଜାନୁୟାରୀ ୧୯୯୫

- ୧୯୯୪ ମସିହାର ଇନ୍ଦିରା ଗାନ୍ଧୀ ଶାନ୍ତି ଓ ନିରସ୍ତ୍ରୀକରଣ ପୁରସ୍କାର ଦକ୍ଷିଣ ଆଫ୍ରିକାର ଆର୍କ ବିଶପ୍ ରେଭରେଣ୍ଡ ଟ୍ରେଭୋର ହଡଲଷ୍ଟନଙ୍କୁ ପ୍ରଦାନ କରାଯାଇଛି।
- ଉନ୍ନତ ରାଷ୍ଟ୍ରଗୁଡ଼ିକର ମୋଟ ଘରୋଇ ଉତ୍ପାଦନର ଶତକଡା ୦.୭ ଭାଗ ଦାରିଦ୍ର୍ୟ ଦୂରୀକରଣ କାର୍ଯ୍ୟକ୍ରମ ନିମନ୍ତେ ସରକାରୀ ବିକାଶ ସହାୟତା ରୂପେ ଦେବା ପାଇଁ ବିକାଶଶୀଳ ଦେଶଗୁଡ଼ିକର ଦାବିକୁ ଆମେରିକାର ପ୍ରତ୍ୟାଖ୍ୟାନ।

## ଚିରନ୍ତନୀ

ଶୀତର ଗୋଧୂଳି ଶୀତଳ ତୋ କୋଳୁଁ
    ଆସଇ ଚାଲି
ବୁଡ଼ିଯାଏ ରବି ଉକୁଟାଇ ଛବି
    ତୋହରି ପରେ।
ରହିଯାଏ ଆଭା ତୋର ଚୂଳେ ଲେଖି
    ସୁନାର ଗାର।
ସାନ୍ତାଳ ଯୁବା ବୀଣାରେ କି ସ୍ୱର
    ଦିଅଇ ଢାଳି।
ଆବରଣହୀନ କଳା ଦେହେ ତା'ର
    କି ରୂପ ଝରେ,
କଣ୍ଠେ ଲଗାଇ ଯବାଫୁଲ ସମ
    ପୋହଳାହାର!
ବନର ବିହଗ ପରାଏ ତାହାର
    ବିତଇ କାଳ
ତୋତେ ଚାହିଁ ସବୁ ପାସୋରି ଦିଏରେ
    ଶିମୁଳିପାଳ!
    (ପାସୋରି ଦେଲିରେ ଶିମୁଳିପାଳ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ


## su | do | ku — ସୁ-ଡୋ-କୁ

Puzzles by Srikant Ghosh



ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁକୁ ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ A ରୁ F ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।



ଗତ ରବିବାରର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ଖାଦ୍ୟ ମୁଦ୍ରାସ୍ଫୀତି ହ୍ରାସ ପାଉ

ମହାଶୟ,

ଗତ କିଛି ମାସ ଧରି ଦେଶ ସାରା ଅତ୍ୟାବଶ୍ୟକ ଖାଦ୍ୟ ପଦାର୍ଥର ଦର ଅହେତୁକ ବୃଦ୍ଧିପାଇଛି। ଏଗୁଡିକ ହେଉଛି ଚାଉଳ, ଅଟା, ଚିନି, ଗୁଡ, ଡାଲି, ଖାଇବା ତେଲ, ଆଳୁ, ପିଆଜ, ସବୁଜ ପନିପରିବା, ଫଳ, କ୍ଷୀର ଓ ପନୀର ଇତ୍ୟାଦି। ସରକାରୀ ତଥ୍ୟ ଅନୁସାରେ ଗତ ଅକ୍ଟୋବରରେ ଖାଦ୍ୟ ମୁଦ୍ରାସ୍ଫୀତି ୭.୮% ଥିବା ବେଳେ ନଭେମ୍ବରରେ ୧୦.୧%କୁ ବୃଦ୍ଧିପାଇଛି। ଖାଦ୍ୟ ମୁଦ୍ରାସ୍ଫୀତି ଗରିବ ଲୋକମାନଙ୍କୁ ସର୍ବାଧିକ ବାଧିଥାଏ। ଏଣୁ କେନ୍ଦ୍ର ସରକାର ଖାଦ୍ୟ ମୁଦ୍ରାସ୍ଫୀତି ହ୍ରାସ ଦିଗରେ ତତ୍ପରତା ପ୍ରକାଶ କରନ୍ତୁ।

ଅକ୍ଷୟ କୁମାର ମହାନ୍ତି, ହାଜିପୁର, ବିରିଡି, ଜଗତ୍‌ସିଂହପୁର

### ଦୁର୍ନୀତି ହଟିଲେ ଦେଶର ଉନ୍ନତି ହେବ

ଉତ୍କୋଚଖିଆଙ୍କୁ ଧରିବା ପାଇଁ ଦୁର୍ନୀତି ନିବାରଣ ବିଭାଗ ରହିଛି। ନିକଟ ଅତୀତରେ ଅନେକ ଉତ୍କୋଚଖିଆ ଧରାପଡି ଦଣ୍ଡିତ ତଥା ନିନ୍ଦିତ ହୋଇଛନ୍ତି। ଜନସାଧାରଣଙ୍କ ପାଖରେ ଯେଉଁ ପଞ୍ଚାୟତ ଅଧିକାରୀ, ସରପଞ୍ଚ, ଜି.ଆର.ଏସ୍, ବ୍ଲକ କର୍ମଚାରୀ କିମ୍ବା କୌଣସି କାର୍ଯ୍ୟାଳୟର କର୍ମଚାରୀ ବା ଅଧିକାରୀ ଉତ୍କୋଚ ନେଇ କାର୍ଯ୍ୟ କରିବାର ପ୍ରସ୍ତାବ ରଖୁଛନ୍ତି ତାଙ୍କୁ ଦେବି ବୋଲି କହି ଆସି ଜିଲା ଦୁର୍ନୀତି ନିବାରଣ କାର୍ଯ୍ୟାଳୟରେ ଲିଖିତ ଅଭିଯୋଗ କରନ୍ତୁ। ଆସ୍ତେ ଦୁର୍ନୀତି ଦୂର ହୋଇଯିବ।

ଶ୍ରୀରାମଚନ୍ଦ୍ର ଦାଶ, ବିଦ୍ୟାଧରପୁର,
ଗୁଆଳିଗୋରଡା, ଗବକୁଣ୍ଡ, ପୁରୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ସଂକ୍ଷେପରେ

### ଗାଡ଼ି ଧକ୍କାରେ ଜଣେ ମୃତ

ଓଡାପଡା,୨୭।୧(ଡି.ଏନ.ଏ)- ଢେଙ୍କାନାଳ ଜିଲା ସଦର ଥାନା ୫୫ନଂ ଜାତୀୟ ରାଜପଥର ରସାସିଂହ ବ୍ରିଜ ନିକଟରେ ଏକ ଅଜଣା ଗାଡ଼ି ଧକ୍କାରେ ପସାସିଂହ ଗ୍ରାମର ପ୍ରସନ୍ନ ବେହେରାଙ୍କ ମୃତ୍ୟୁ ଘଟିଛି। ପ୍ରସନ୍ନ ବାଇକରେ ଯାଉଥିବାବେଳେ ଦୁର୍ଘଟଣା ଘଟିଥିଲା। କ୍ଷତିପୂରଣ ଦାବିରେ ସ୍ଥାନୀୟ ଅଞ୍ଚଳବାସୀ ଜାତୀୟ ରାଜପଥ ଅବରୋଧ କରିଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ଲୋକମାନଙ୍କୁ ବୁଝାଶୁଝା କରିବା ପରେ ପରିସ୍ଥିତି ସ୍ୱାଭାବିକ ହୋଇଥିଲା । ପୋଲିସ ନଂ. ୩୭/୨୦ରେ ମାମଲା ରୁଜୁ କରିବା ସହ ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଇଛି।

### ଲେବର ୟୁନିୟନ ଜେନେରାଲ ବଡି ବୈଠକ

ଢେଙ୍କାନାଳ ଅଫିସ,୨୭।୧- ଢେଙ୍କାନାଳସ୍ଥିତ କଳିଙ୍ଗ ଜୁଟ୍ ପ୍ରଡକ୍ଟ ଲେବର ୟୁନିୟନର ଜେନେରାଲ ବଡିର ଏକ ବୈଠକ ସୋମବାର ଅନୁଷ୍ଠିତ ହୋଇଯାଇଛି । ଏଥିରେ ୨୦୨୦-୨୧ ପାଇଁ ନୂତନ କର୍ମକର୍ତ୍ତା ନିର୍ବାଚନ ହୋଇଥିଲା। ସଭାପତି ଭାବେ ଦିନେଶ କୁମାର ପ୍ରଧାନ, ସମ୍ପାଦକ ଭାବେ ଅକ୍ଷୟ ନାୟକ ନିର୍ବାଚିତ ହୋଇଥିଲେ। କାର୍ଯ୍ୟକାରୀ ସଭାପତି ଭାବେ ଅଭିମନ୍ୟୁ ଦାସ, ଉପସଭାପତି ପ୍ରଶାନ୍ତ ମହାନ୍ତି, ଯୁଗ୍ମ ସମ୍ପାଦକ ବୈରାଗୀ ଦାସ, ସଙ୍ଗଠନ ସମ୍ପାଦକ ନକୁଳ ବରାଳ, କୋଷାଧ୍ୟକ୍ଷ ଭାବେ ବିଷ୍ଣୁ ବେହେରା ଓ ଅଡିଟର ଭାବେ ଅର୍ଜୁନ ବିଶ୍ୱାଳ ନିର୍ବାଚିତ ହୋଇଥିଲେ। ସେହିପରି ୨୨ଜଣ କାର୍ଯ୍ୟକାରିଣୀ ସଦସ୍ୟ ଭାବେ ମନୋନୀତ ହୋଇଥିଲେ ।

# 'ରାଜ୍ୟର ବିକାଶ ଚିତ୍ର ଦେଶରେ ପ୍ରତିଫଳିତ ହୋଇଛି'

**ଢେଙ୍କାନାଳ ଅଫିସ,୨୭।୧**



ଢେଙ୍କାନାଳ ଷ୍ଟାଡିୟମଠାରେ ସାଧାରଣତନ୍ତ୍ର ଦିବସରେ ମନ୍ତ୍ରୀ ଅଶୋକଚନ୍ଦ୍ର ପଣ୍ଡା ଶ୍ରେଷ୍ଠ ଏନ୍‌ସିସି ଦଳକୁ ପୁରସ୍କୃତ କରୁଛନ୍ତି । ନିକଟରେ ଅଛନ୍ତି ବିଧାୟକ ସୁଧୀର କୁମାର ସାମଲ, ଜିଲାପାଳ ଭୂମେଶଚନ୍ଦ୍ର ବେହେରା ଓ ଏସ୍‌ପି ଅନୁପମା ଜେମ୍‌ସ ।

**ଜିଲାସ୍ତରୀୟ ସାଧାରଣତନ୍ତ୍ର ଦିବସ**

ଢେଙ୍କାନାଳ ସଦର ମହକୁମାରେ ଜିଲାସ୍ତରୀୟ ସାଧାରଣତନ୍ତ୍ର ଦିବସ ରବିବାର ପାଳିତ ହୋଇଯାଇଛି। ସ୍ଥାନୀୟ ଷ୍ଟାଡିୟମଠାରେ ଆୟୋଜିତ ଉତ୍ସବରେ ମୁଖ୍ୟଅତିଥି ରାଜ୍ୟ ବିଜ୍ଞାନ ଓ କାରିଗରୀ, ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ଜାତୀୟ ପତାକା ଉତ୍ତୋଳନ କରି ସମ୍ମିଳିତ ପରେଡରେ ଅଭିବାଦନ ଗ୍ରହଣ କରିଥିଲେ। ଏହି ଅବସରରେ ସେ ସ୍ୱାଧୀନତା ସଂଗ୍ରାମୀ ଓ ଢେଙ୍କାନାଳର ବରପୁତ୍ରମାନଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ସହ କହିଲେ ଯେ, ମୁଖ୍ୟମନ୍ତ୍ରୀଙ୍କ ନେତୃତ୍ୱରେ ଦୁଇ ଦଶନ୍ଧିଧରି ରାଜ୍ୟରେ ଏକ ସ୍ଥିର ସରକାର ଜନହିତକର କାର୍ଯ୍ୟ କରିଚାଲିଛି । ରାଜ୍ୟର ସାମଗ୍ରୀକ ବିକାଶର ଚିତ୍ର ସମଗ୍ର ଦେଶରେ ପ୍ରତିଫଳିତ ହୋଇଛି। ମୁଖ୍ୟମନ୍ତ୍ରୀଙ୍କ ୫-ଟି ଓ ମୋ ସରକାର କାର୍ଯ୍ୟକ୍ରମ ଯୁଗାନ୍ତକାରୀ ପଦକ୍ଷେପ ବୋଲି ମନ୍ତ୍ରୀ କହିଥିଲେ। ଢେଙ୍କାନାଳର ଅର୍ଥନୈତିକ ପ୍ରଗତି ହୋଇଛି। ଭୁବନେଶ୍ୱରଠାରେ ଭିନ୍ନକ୍ଷମମାନଙ୍କର ଏକ କ୍ରୀଡାଙ୍ଗନ ସ୍ଥାପନ ପାଇଁ ପ୍ରସ୍ତାବ ଦିଆଯାଇଛି । ବରିଷ୍ଠ ନାଗରିକମାନଙ୍କର ସୁବିଧା ପାଇଁ ପ୍ରତି ଜିଲାରେ ଅତ୍ୟାଧୁନିକ ଜରାନିବାସ ଖୋଲାଯିବ ବୋଲି ମନ୍ତ୍ରୀ କହିଥିଲେ। ଚଳିତବର୍ଷ ପରେଡରେ ୪୩ଟି ଦଳ ଅଂଶଗ୍ରହଣ କରିଥିଲେ। ରିଜର୍ଭ ଇନ୍ସପେକ୍ଟର କବିରଞ୍ଜନ ସେଠି ପରେଡ୍ ପରିଚାଳନା କରିଥିଲେ। ଶ୍ରେଷ୍ଠ ଏନ୍‌ସିସି ଦଳ ଭାବେ ଦିଲ୍ଲୀ ପବ୍ଲିକ ସ୍କୁଲ, ଶ୍ରେଷ୍ଠ ବେସାମରିକ ବାଳିକା ଦଳ ଭାବେ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର, ଶ୍ରେଷ୍ଠ ବାଳକ ଦଳ ଭାବେ ମଣ୍ଟଫୋର୍ଟ ସ୍କୁଲ, ଶ୍ରେଷ୍ଠ ସ୍କାଉଟ୍ ଦଳ ଭାବେ ଜାଭିୟର ହାଇସ୍କୁଲ ପୁରସ୍କୃତ ହୋଇଥିଲେ । ସେହିପରି ସାଂସ୍କୃତିକ କାର୍ଯ୍ୟକ୍ରମରେ ସେଣ୍ଟ ଜାଭିୟର ହାଇସ୍କୁଲ ପ୍ରଥମ, ଦିଲ୍ଲୀ ପବ୍ଲିକ ସ୍କୁଲ ଦ୍ୱିତୀୟ, ଆନନ୍ଦମାର୍ଗ ସ୍କୁଲ ତୃତୀୟ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଥିଲେ । ରେଡକ୍ରସ ସର୍ବାଧିକ ପାଣ୍ଠି ସଂଗ୍ରହ କରିବାରେ ଡେପୁଟି କେଲକ୍ଟର, ଜୁଡିସିଆଲ, ଜିଲା କାର୍ଯ୍ୟାଳୟ, ଆରଟିଓ ଓ ଢେଙ୍କାନାଳ ଉପଜିଲାପାଳଙ୍କୁ ପୁରସ୍କୃତ କରାଯାଇଥିଲା। ଲକ୍ଷ୍ମୀ ପୂଜା ଉତ୍ସବରେ ପୌରାଣିକ ମୂଲ୍ୟବୋଧ ଓ ପରମ୍ପରା ପାଇଁ ଲକ୍ଷ୍ମୀବଜାର, ସାଜସଜ୍ଜା ପାଇଁ ଗଣେଶ ବଜାର ଓ ଶାନ୍ତିଶୃଙ୍ଖଳା ପାଇଁ ଜବାହରଚୌକ ପୂଜା ପ୍ରତିଷ୍ଠାନକୁ ପୁରସ୍କୃତ କରାଯାଇଥିଲା। ରାଜ୍ୟସ୍ତରୀୟ ପାରାସ୍ପୋର୍ଟ୍ସ ମିଟ୍‌ରେ ୩ଚକିଆ ସାଇକେଲ ରେସ୍‌ରେ କୃତିତ୍ୱ ଅର୍ଜନ କରିଥିବା ହିନ୍ଦୋଳ ବ୍ଲକର ବୁହାଳିପାଳ ବାଣୀବିଳାସ ହାଇସ୍କୁଲ ଛାତ୍ର ସୌମ୍ୟରଞ୍ଜନ ପ୍ରଧାନ ରାଜ୍ୟ ଓ ଜାତୀୟସ୍ତରରେ କୃତିତ୍ୱ ଅର୍ଜନ କରିଥିବା ସେଣ୍ଟ ଜାଭିୟର ହାଇସ୍କୁଲ ଛାତ୍ର ସାଇସ୍ୱରୁପ ମିଶ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ଜାତୀୟସ୍ତର ବିଜ୍ଞାନ ନାଟକ ପ୍ରତିଯୋଗିତାରେ ସଫଳତା ପାଇଁ କାନପୁରା ପଞ୍ଚାୟତ ହାଇସ୍କୁଲ ଓ ଶିକ୍ଷାର ଗୁଣାତ୍ମକ ବିକାଶ ପାଇଁ ଢେଙ୍କାନାଳ ଉପଖଣ୍ଡର ୨୨ଟି ବିଦ୍ୟାଳୟକୁ ୧୦ହଜାର ଟଙ୍କା ଲେଖାଏଁ ସହ ପ୍ରଶଂସାପତ୍ର ପ୍ରଦାନ କରାଯାଇଥିଲା। ପରେଡ୍ ପରେ ମିନି ଷ୍ଟାଡିୟମରେ ପୁଷ୍ପ ପ୍ରଦର୍ଶନୀ ଉଦ୍‌ଘାଟିତ ହୋଇଥିଲା। ରମଣ ବିଜ୍ଞାନ ସଂସଦ ଓ ବିଜ୍ଞାନ କେନ୍ଦ୍ର ସହଯୋଗରେ ଗୋପବନ୍ଧୁ ଟାଉନହଲଠାରେ ଜଣାଅଜଣା ପ୍ରତିଯୋଗିତା, ବିଶ୍ୱକୁନ୍ତଳ କୁନ୍ତଳ ଶିଶୁ ଗୃହରେ ଇଶୋ, ମହର୍ଷି ଦୟାନନ୍ଦ ସର୍ଭିସ୍ ମିଶନ, ସାତ ହିନ୍ଦୁସ୍ଥାନୀ ସଂଗଠନ, ଇନରହ୍ୱିଲ କ୍ଲବ ଓ ଉତ୍କଳ ଆଜବେଷ୍ଟସ ପକ୍ଷରୁ ମଧ୍ୟାହ୍ନ ଭୋଜନ ଓ ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ ପ୍ରଦାନ କରାଯାଇଥିଲା। ରୋଟାରି କ୍ଲବ ପରିସରରେ ରକ୍ତଦାନ ଶିବିର ଆୟୋଜିତ ହୋଇଥିଲା । ଅପରାହ୍ନରେ ଷ୍ଟାଡିୟମଠାରେ ଏକ ମହିଳା ଫୁଟବଲ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ପରେଡ୍ ଉତ୍ସବରେ ଢେଙ୍କାନାଳ ବିଧାୟକ ସୁଧିର କୁମାର ସାମଲ, ଜିଲାପାଳ ଭୂମେଶଚନ୍ଦ୍ର ବେହେରା, ଏସ୍‌ପି ଅନୁପମା ଜେମ୍‌ସ, ଅତିରିକ୍ତ ଜିଲାପାଳ ଭବେଶ କୁମାର ନାୟକ, ଜିଲା ଗ୍ରାମ୍ୟ ଉନ୍ନୟନ ପ୍ରକଳ୍ପ ନିର୍ଦ୍ଦେଶକ ନରୋତ୍ତମ ବେହେରା, ଉପଜିଲାପାଳ ସାଫଲ୍ୟ ମଣ୍ଡିତ ପ୍ରଧାନଙ୍କ ସମେତ ଜିଲାସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ। ଅବନୀ ମିଶ୍ର ପରେଡ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ ।

## ୨ରେ ସାଇ ପ୍ରଶିକ୍ଷଣ କେନ୍ଦ୍ରରେ ଖେଳାଳି ଚୟନ

**ଢେଙ୍କାନାଳ ଅଫିସ,୨୭।୧**

ଭାରତୀୟ କ୍ରୀଡ଼ା ପ୍ରାଧିକରଣର ଢେଙ୍କାନାଳ ସାଇ ପ୍ରଶିକ୍ଷଣ କେନ୍ଦ୍ରରେ ଆଗାମୀ ୨୦୨୦-୨୧ ଶିକ୍ଷା ବର୍ଷ ପାଇଁ ଖେଳାଳି ମନୋନୟନ ଆସନ୍ତା ୨ ତାରିଖରେ ଅନୁଷ୍ଠିତ ହେବ। କେବଳ କୁସ୍ତି ପାଇଁ ଆବାସିକ ବାଳକ ଚୟନ କରାଯିବ। ସେମାନଙ୍କ ବୟସ ୧୨ରୁ ୧୭ବର୍ଷ ମଧ୍ୟରେ ହେବା ଆବଶ୍ୟକ। ପ୍ରତିଯୋଗୀମାନେ କୌଣସି ଜିଲାସ୍ତରୀୟ ସ୍କୁଲ ପ୍ରତିଯୋଗିତା କିମ୍ବା ଜିଲାସ୍ତରୀୟ ପଞ୍ଚାୟତ ଯୁବକ୍ରୀଡା ପ୍ରତିଯୋଗିତାରେ ପ୍ରଥମ, ଦ୍ୱିତୀୟ କିମ୍ବା ତୃତୀୟ ସ୍ଥାନ ଅଧିକାର କରିଥିବେ କିମ୍ବା ଏତଦ୍‌ବ୍ୟତୀତ ରାଜ୍ୟ ଓ ଜାତୀୟ କ୍ରୀଡା ସଂଘ ଦ୍ୱାରା ଆୟୋଜିତ କ୍ରୀଡ଼ା ପ୍ରତିଯୋଗିତାରେ ପ୍ରଥମ, ଦ୍ୱିତୀୟ କିମ୍ବା ତୃତୀୟସ୍ଥାନ ହାସଲ କରିଥିଲେ। ଜାତୀୟସ୍ତର ପ୍ରତିଯୋଗୀଙ୍କୁ ଅଗ୍ରାଧିକାର ଦିଆଯିବ ବୋଲି ଢେଙ୍କାନାଳ ସାଇ ପ୍ରଶିକ୍ଷଣ କେନ୍ଦ୍ରର ନିର୍ବାହୀ ଅଧିକାରୀ ରାଜେଶ କୁମାର ଜଣାଇଛନ୍ତି । ଚୟନ ପ୍ରକ୍ରିୟାରେ ଭାଗନେବା ପାଇଁ କ୍ରୀଡାରେ ଅଂଶଗ୍ରହଣ କରିଥିବା ପ୍ରମାଣପତ୍ର ଏବଂ ବୟସ ପ୍ରମାଣପତ୍ର ସହିତ ଜିଲା ପୌରସଂସ୍ଥା କିମ୍ବା ପଞ୍ଚାୟତ କାର୍ଯ୍ୟାଳୟରୁ ଜନ୍ମ ପ୍ରମାଣପତ୍ର ଆଣି ଦାଖଲ କରିବା ବାଧ୍ୟତାମୂଳକ। ସେହିପରି ଶିକ୍ଷାଗତ ଯୋଗ୍ୟତାର ପ୍ରମାଣପତ୍ର ଆଣିବା ପାଇଁ ମଧ୍ୟ ନିର୍ବାହୀ ଅଧିକାରୀ ଏକ ପ୍ରେସ୍ ବିଜ୍ଞପ୍ତି ମାଧ୍ୟମରେ ଜଣାଇଛନ୍ତି।

# ଏବିଭିପି ପକ୍ଷରୁ ତ୍ରିରଙ୍ଗା ଶୋଭାଯାତ୍ରା



ଏବିଭିପି ପକ୍ଷରୁ ତ୍ରିରଙ୍ଗା ଶୋଭାଯାତ୍ରା ।

**ଢେଙ୍କାନାଳ ଅଫିସ,୨୭।୧**

ଅଖିଳ ଭାରତ ବିଦ୍ୟାର୍ଥୀ ପରିଷଦ(ଏବିଭିପି) ଢେଙ୍କାନାଳ ଶାଖା ପକ୍ଷରୁ ସାଧାରଣତନ୍ତ୍ର ଦିବସ ଅବସରରେ ସ୍ଥାନୀୟ ବଳରାମ ମନ୍ଦିରଠାରୁ ଏକ ତ୍ରିରଙ୍ଗା ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ନଗର ସମ୍ପାଦକ ଅରଜିତ ପଟ୍ଟନାୟକଙ୍କ ନେତୃତ୍ୱରେ ଅନୁଷ୍ଠାନର ସଦସ୍ୟ ଓ ବିଭିନ୍ନ କଲେଜର ଛାତ୍ରମାନେ ସାମିଲ ହୋଇ ୧୫୦ ଫୁଟ ଲମ୍ବର ଏକ ଜାତୀୟ ପତାକାକୁ ଶୋଭାଯାତ୍ରାରେ ବାଜିଚୌକ ପର୍ଯ୍ୟନ୍ତ ନେଇଥିଲେ। ସେଠାରେ ଶହୀଦ ବାଜିରାଉତଙ୍କ ପ୍ରତିମୂର୍ତ୍ତିରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। ଜିଲା ସଂଯୋଜକ ବି ସୂର୍ଯ୍ୟ ରୋଶନ, ଅମ୍ରିତ ଅଭିଷେକ ଦାସ, ଅଭିନବ ବେହେରା, ଆଦର୍ଶ ସାହୁ ପ୍ରମୁଖ ଛାତ୍ର ନେତାମାନେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଦିନେଶ ସଭାପତି, ବନମାଳୀ ସମ୍ପାଦକ

**ୟୁଏଲ୍ ପ୍ରୋଗ୍ରେସିଭ୍ ଏମ୍ପ୍ଲୟିଜ୍ ୟୁନିୟନର କର୍ମକର୍ତ୍ତା**

**ଢେଙ୍କାନାଳ ଅଫିସ,୨୭।୧**

ଢେଙ୍କାନାଳ କୋରିଆଁସ୍ଥିତ ଉତ୍କଳ ଆଜବେଷ୍ଟସ ପ୍ରୋଗ୍ରେସିଭ୍ ଏମ୍ପ୍ଲୟିଜ୍ ୟୁନିୟନର ସାଧାରଣ ସଭା ରବିବାର ଅନୁଷ୍ଠିତ ହୋଇଯାଇଛି । ଏଥିରେ ୟୁନିୟନର ନୂତନ କର୍ମକର୍ତ୍ତାଙ୍କୁ ନିର୍ବାଚିତ କରାଯାଇଥିଲା। ସଭାପତି ଭାବରେ ଦିନେଶ କୁମାର ପ୍ରଧାନ ଓ ସାଧାରଣ ସମ୍ପାଦକ ଭାବେ ବନମାଳି ମଲ୍ଲିକ ନିର୍ବାଚିତ ହୋଇଥିଲେ। ସେହିପରି ଉପଦେଷ୍ଟା ଭାବେ ମହେଶ ପ୍ରସାଦ ପାଣି, ଉପସଭାପତି ଭାବେ ପ୍ରମୋଦ କୁମାର ସାହୁ, ଭରତ ମହାରଣା ଓ ପ୍ରସନ୍ନ ବିଶ୍ୱାଳ, ଯୁଗ୍ମ ସମ୍ପାଦକ ଭାବେ ବାବାଜୀ ସାମଲ ଓ ଆଲୋକ ସ୍ୱାଇଁ, କୋଷାଧ୍ୟକ୍ଷ ଭାବେ ନୃସିଂହ ଚରଣ ସ୍ୱାଇଁ ନିର୍ବାଚିତ ହୋଇଥିଲେ । ସେହିପରି କାର୍ଯ୍ୟକାରିଣୀ ସଦସ୍ୟ ଭାବେ ସୁରେଶ ପରିଡା, ବିଜୟ ମହାନ୍ତି, ଶରତ ରାଉତ, ମୋହନ ବେହେରା, କାଶୀନାଥ ଦିଅ ଓ ସ୍ୱପ୍ନେଶ୍ୱର ଦେହୁରୀ ନିର୍ବାଚିତ ହୋଇଥିଲେ ।

# ଆଦର୍ଶ ବିଚାରଧାରା ରଖନ୍ତୁ ଛାତ୍ରୀଛାତ୍ର



ବାର୍ଷିକ ଉତ୍ସବରେ ମଞ୍ଚାସୀନ ଅତିଥିମାନେ।

**ଢେଙ୍କାନାଳ ଅଫିସ,୨୭।୧**

**ସିମିଳଇ ଡିଗ୍ରୀ କଲେଜ ବାର୍ଷିକ ଉତ୍ସବ**

ଢେଙ୍କାନାଳ ଜିଲା ଓଡାପଡା ବ୍ଲକ ସିମିଳଇ ଡିଗ୍ରୀ କଲେଜର ବାର୍ଷିକ ଉତ୍ସବ ସୋମବାର ପାଳିତ ହୋଇଯାଇଛି । ଏଥିରେ ମୁଖ୍ୟଅତିଥି ଭାବେ ଏମ୍‌ପି ମହେଶ ସାହୁ ଯୋଗଦେଇ ଆଦର୍ଶ ବିଚାରଧାରା ରଖିଲେ ଛାତ୍ରୀଛାତ୍ରମାନେ ସୁନାଗରିକ ହୋଇପାରିବେ ବୋଲି କହିଥିଲେ। ସମ୍ମାନିତ ଅତିଥି ହିନ୍ଦୋଳ ବିଧାୟିକା ସୀମାରାଣୀ ନାୟକ ଶିକ୍ଷା ସହିତ ଉତ୍ତମ ଚରିତ୍ର ଗଠନ ଦିଗରେ ଛାତ୍ରୀଛାତ୍ରମାନେ ଯତ୍ନବାନ ହେବାକୁ ପରାମର୍ଶ ଦେଇଥିଲେ। ମୁଖ୍ୟବକ୍ତା ଯାଜପୁର ଜିଲା ଗୋପବନ୍ଧୁ ଚୌଧୁରୀ କଲେଜର ଇଂଲିଶ ବିଭାଗ ମୁଖ୍ୟ ଡ. ଜ୍ଞାନେନ୍ଦ୍ର କୁମାର ଧଳ, ସମ୍ମାନିତ ଅତିଥି ଭାବେ ସାମାଜିକକର୍ମୀ ନିରାକାର ପରିଡା ଯୋଗଦେଇଥିଲେ। ଛାତ୍ର ଜିତେନ୍ଦ୍ର କୁମାର ଭକ୍ତିସଙ୍ଗୀତ, ଛାତ୍ରୀ ପ୍ରଜ୍ଞା ନନ୍ଦ ଓଡ଼ିଶୀ ନୃତ୍ୟ ପରିବେଷଣ କରିଥିଲେ। ଅଧ୍ୟକ୍ଷ ଧରଣୀଧର ବାରିକ ସଭାପତିତ୍ୱ କରିଥିଲେ। ଅନୁଷ୍ଠାନର ଶ୍ରେଷ୍ଠ ଛାତ୍ରୀ ଭାବେ ପ୍ରିୟଙ୍କା ଦଳେଇ ଓ ଶ୍ରେଷ୍ଠ ଛାତ୍ର କୁନା ବରାଳଙ୍କୁ ପୁରସ୍କୃତ କରାଯାଇଥିଲା। ଶଶଧର ସାହୁ ବାର୍ଷିକ ବିବରଣୀ ପ୍ରଦାନ କରିଥିଲେ। ଏହି ଅବସରରେ କଲେଜର ମୁଖପତ୍ର 'ପ୍ରଜ୍ଞାଶ୍ରୀ' ଉନ୍ମୋଚନ କରାଯାଇଥିଲା। ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀଛାତ୍ରମାନଙ୍କୁ ପୁରସ୍କୃତ କରାଯାଇଥିଲା। ଅଧ୍ୟାପକ ସୁରେନ୍ଦ୍ର କୁମାର ପରିଡା, ଧରଣୀଧର ସେଠି, ଅନ୍ତର୍ଯ୍ୟାମୀ ବେହେରା, ନରେଶ ବେହେରା, ଅନିଲ କୁମାର ପଣ୍ଡା, ଅନିତା ଦାସ, ପରିମିତା ନାୟକ, ମୁଖ୍ୟ କିରାଣୀ ବିରଞ୍ଚି ନାରାୟଣ ପୃଷ୍ଟି ଓ ଗ୍ରନ୍ଥାଗାରିକା କିଶୋରଚନ୍ଦ୍ର ନନ୍ଦ ପ୍ରମୁଖ ପରିଚାଳନା କରିଥିଲେ । ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା ।

### ମୃତଦେହ ଉଦ୍ଧାର

ଓଡାପଡା,୨୭।୧(ଡି.ଏନ.ଏ)- ଢେଙ୍କାନାଳ ଜିଲା ମୋଟଙ୍ଗା ଥାନା ହଳଦିଆବାହାଳ ଅଞ୍ଚଳରୁ ସୋମବାର ଜଣେ ଅଜଣା ବ୍ୟକ୍ତିଙ୍କ ମୃତଦେହକୁ ପୋଲିସ ଜବତ କରିଛି। ମୃତକ ସମ୍ପୃକ୍ତ ଅଞ୍ଚଳରେ ଭିକ୍ଷାବୃତ୍ତି କରୁଥିଲେ ବୋଲି ଜଣାପଡିଛି । ତେବେ ତାଙ୍କ ମୃତ୍ୟୁ ସ୍ୱାଭାବିକ ହୋଇଥିବା ପୋଲିସ ପ୍ରାଥମିକ ତଦନ୍ତରୁ ଜାଣିବାକୁ ପାଇଛି।

### ଷ୍ଟାଡିୟମରେ ଉଡ଼ିଲା ତ୍ରିରଙ୍ଗା

କାମାକ୍ଷାନଗର, ୨୭।୧ (ଡି.ଏନ.ଏ.)- ସାରଙ୍ଗଧର ଷ୍ଟାଡିୟମ ଠାରେ ଉପଖଣ୍ଡ ପ୍ରଶାସନ ପକ୍ଷରୁ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଯାଇଛି। ଉପଜିଲାପାଳ ବିଷ୍ଣୁପ୍ରସାଦ ଆଚାର୍ଯ୍ୟ ମୁଖ୍ୟଅତିଥି ଭାବେ ଯୋଗଦେଇ ପତାକା ଉତ୍ତୋଳନ କରିଥିଲେ। ଉତ୍ସବରେ ୪୩ଟି ବିଦ୍ୟାଳୟର ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ମୁଖ୍ୟଅତିଥି ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଲାଭ କରିଥିବା ୧୦ ଜଣ ବ୍ୟକ୍ତିଙ୍କୁ ମାନପତ୍ର ଦେଇ ସମ୍ମାନିତ କରିଥିଲେ। ସମ୍ମାନିତ ଅତିଥି ଭାବେ ଏସ୍‌ଡିପିଓ ସୁପ୍ରସନ୍ନ ମଲ୍ଲିକ, ବିଡିଓ ବିକାଶ କୁମାର ମହାନ୍ତି, ତହସିଲଦାର ସଞ୍ଜୟ କୁମାର ରାଉତ, କାମାକ୍ଷାନଗର ଥାନା ଅଧିକାରୀ ଅଭିନବ ଡାଲୁଆ, କାମାକ୍ଷାନଗର ଉଭୟ ବନାଞ୍ଚଳର ରେଞ୍ଜର, ଜେଲର, ଏସ୍‌ଡିଏମ୍‌ଓଙ୍କ ସମେତ ସମସ୍ତ ପ୍ରଶାସନିକ ଅଧିକାରୀ ଉପସ୍ଥିତ ଥିଲେ।

# କପିଳାସରେ ହେବ ରୋପ୍‌ୱେ



ଡ୍ରୋନ୍ କ୍ୟାମେରାରେ ଉଠାଯାଇଥିବା କପିଳାସ ଘାଟିରାସ୍ତାର ଫଟୋ।

**ଢେଙ୍କାନାଳ ଅଫିସ,୨୭।୧**

ଢେଙ୍କାନାଳର ପ୍ରସିଦ୍ଧ ଶୈବପୀଠ କପିଳାସରେ କାର୍ଯ୍ୟକାରୀ ହେବ ରୋପ୍‌ୱେ। ଜିଲାସ୍ତରୀୟ ସାଧାରଣତନ୍ତ୍ର ଦିବସ ଉତ୍ସବରେ ଯୋଗଦେଇ ଏହି ସୂଚନା ଦେଇଛନ୍ତି ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ମନ୍ତ୍ରୀ ଅଶୋକଚନ୍ଦ୍ର ପଣ୍ଡା। କପିଳାସ ସମେତ ରାଜ୍ୟର ୪ଟି ପର୍ଯ୍ୟଟନସ୍ଥଳୀରେ ଏହି ବ୍ୟବସ୍ଥା କରାଯିବ ବୋଲି ମନ୍ତ୍ରୀ କହିଛନ୍ତି। ଏଥିପାଇଁ ସମସ୍ତ ସ୍ୱୀକୃତି ପ୍ରଦାନ କରାଯାଇଛି । ୨୦୧୮-୧୯ ବର୍ଷରେ ରାଜ୍ୟ ପର୍ଯ୍ୟଟନ ବିଭାଗ ପକ୍ଷରୁ କପିଳାସ, ଖୋର୍ଦ୍ଧାର ବରୁଣେଇ, ଧଉଳି ଓ କେନ୍ଦୁଝରର ଭୀମକୁଣ୍ଡ ପର୍ଯ୍ୟଟନ ସ୍ଥଳୀରେ ରୋପୱେ ବ୍ୟବସ୍ଥା କାର୍ଯ୍ୟକାରୀ କରାଯିବାକୁ ପ୍ରସ୍ତାବ ଦିଆଯାଇଥିଲା। କପିଳାସଠାରେ ରୋପୱେ କରାଯିବା ପାଇଁ ବିଧାନସଭାରେ ଢେଙ୍କାନାଳ ବିଧାୟକ ସୁଧିର କୁମାର ସାମଲ ପ୍ରସ୍ତାବ ଦେଇଥିଲେ। ଏଥିପୂର୍ବରୁ ୧୯୯୨ ଓ ୨୦୦୪ରେ ତତ୍କାଳୀନ ଜିଲାପାଳଙ୍କ ପକ୍ଷରୁ କପିଳାସରେ ରୋପୱେ ପାଇଁ ପ୍ରସ୍ତାବ ଦିଆଯାଇଥିଲା। ମାତ୍ର ବନବିଭାଗ ଓ ଦେବୋତ୍ତର ବିଭାଗ ମଧ୍ୟରେ ଜାଗା ବିବାଦ ଯୋଗୁ ପ୍ରକଳ୍ପ ଚୂଡାନ୍ତ ହୋଇପାରି ନ ଥିଲା। ୧୬ ବର୍ଷ ପରେ କପିଳାସରେ ରୋପୱେ ପ୍ରକଳ୍ପ ପାଇଁ ରାଜ୍ୟ ପର୍ଯ୍ୟଟନ ବିଭାଗ ପ୍ରସ୍ତୁତି ଆରମ୍ଭ କରିଛି । ସେହିପରି କପିଳାସ ବିଜ୍ଞାନ ପାର୍କ ସମେତ ରାଜ୍ୟର ୮ଟି ସ୍ଥାନରେ ପ୍ଲାନେଟୋରିୟମ ଓ ୧୦ ଜିଲାରେ ବିଜ୍ଞାନ କେନ୍ଦ୍ର ପ୍ରତିଷ୍ଠା ହେବ ବୋଲି ମନ୍ତ୍ରୀ ଅଶୋକଚନ୍ଦ୍ର ପଣ୍ଡା ସୂଚନା ଦେଇଛନ୍ତି। ଏ ସଂକ୍ରାନ୍ତରେ ଢେଙ୍କାନାଳ ବିଧାୟକ ସୁଧିର କୁମାର ସାମଲ କୁହନ୍ତି, ଗତ ବିଧାନସଭାରେ କପିଳାସଠାରେ ରୋପ୍‌ୱେ ଏବଂ ବିଜ୍ଞାନ ପାର୍କରେ ପ୍ଲାନେଟୋରିୟମ କରିବାକୁ ପ୍ରସ୍ତାବ ଦେଇଥିଲୁ। ପର୍ଯ୍ୟଟନ ବିଭାଗ ପକ୍ଷରୁ ରୋପୱେ ପ୍ରସ୍ତାବକୁ ସ୍ୱୀକୃତି ପ୍ରଦାନ କରାଯାଇଛି । ଏଥିପାଇଁ ଜାଗା ଚିହ୍ନଟ ପାଇଁ ଦେବୋତ୍ତର ବିଭାଗକୁ ଜଣାଇଛି। ଢେଙ୍କାନାଳ ଉପଜିଲାପାଳ ତଥା ଦେବୋତ୍ତର ଅଧିକାରୀ ସାଫଲ୍ୟ ମଣ୍ଡିତ ପ୍ରଧାନ କହିଛନ୍ତି, ବିଧାୟକ ବିଧାନସଭାରେ ପ୍ରସ୍ତାବ ଦେବାପରେ ଆମକୁ ୫ ଏକର ଜାଗା ଚିହ୍ନଟ କରିବାକୁ ଜଣାଇଛନ୍ତି । ଜାଗା ଚିହ୍ନଟ କରିବା ପରେ ବିଧାୟକଙ୍କୁ ରିପୋର୍ଟ ପ୍ରଦାନ କରାଯିବ।

## ଜନଶୁଣାଣିରେ ୯୮ ଅଭିଯୋଗ ସମାଧାନ



ଆୟୋଜିତ ଜନଶୁଣାଣି ଶିବିରରେ ଅଧିକାରୀମାନେ।

**ଭୁବନ, ୨୭।୧(ଡି.ଏନ.ଏ)**

ଢେଙ୍କାନାଳ ଜିଲା ଭୁବନ ବାଜିରାଉତ କଲ୍ୟାଣ ମଣ୍ଡପ ପରିସରରେ ସୋମବାର ଜିଲାପାଳ ଓ ଏସ୍‌ପିଙ୍କ ମିଳିତ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ୧୨୯ଟି ଅଭିଯୋଗ ଆସିଥିବାବେଳେ ୯୮ଟିର ସମାଧାନ କରାଯାଇଥିଲା । ବ୍ୟକ୍ତିଗତ ୧୨୬ ଏବଂ ୩ଟି ଗ୍ରାମସ୍ତରୀୟ ଅଭିଯୋଗ ହୋଇଥିଲା । ଜିଲା ରେଡକ୍ରସ ପାଣ୍ଠିରୁ ୧୦ଜଣଙ୍କୁ ୨ହଜାର ଲେଖାଏଁ ୨୦ହଜାର ଟଙ୍କା, ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ଜଣଙ୍କୁ ୨୦ହଜାର ଟଙ୍କା ଏବଂ ଜଣେ ଭିନ୍ନକ୍ଷମଙ୍କୁ ୩ ଚକିଆ ସାଇକେଲ ଦିଆଯାଇଥିଲା। ଜିଲାପାଳ ଭୂମେଶଚନ୍ଦ୍ର ବେହେରା, ଏସ୍‌ପି ଅନୁପମା ଜେମ୍‌ସ, ପିଡି ଡିଆରଡିଏ ନରୋତ୍ତମ ବେହେରା, ଡା. ନିରଞ୍ଜନ ମିଶ୍ର, କାମାକ୍ଷାନଗର ଉପଜିଲାପାଳ ବିଷ୍ଣୁପ୍ରସାଦ ଆଚାର୍ଯ୍ୟ, କାମାକ୍ଷାନଗର ଏସ୍‌ଡିପିଓ ସୁପ୍ରସନ୍ନ ମଲିକ, ତହସିଲଦାର ଶକ୍ତିକାନ୍ତ ରାୟ, ବିଡିଓ ଆଶୀର୍ବାଦ ପରିଡା, ଭୁବନ ବ୍ଲକ ଅଧ୍ୟକ୍ଷ ଧର୍ମାନନ୍ଦ ବରାଳ, ଜିଲା ମଙ୍ଗଳ ଅଧିକାରୀ ମାନସ ରଞ୍ଜନ ମିଶ୍ର, ସମାଜ ମଙ୍ଗଳ ଅଧିକାରୀ ଜୟନ୍ତୀ ବେହେରା, ଜରୁରୀକାଳୀନ ବିଭାଗ ଅଧିକାରୀ ଶଶାଙ୍କ ଶେଖର ମିଶ୍ର, ପିଜିସେଲ ସହକାରୀ ଜିଲାପାଳ ସୀତାଂଶୁ ଶେଖର ଦାସ, ଅଧିକାରୀ ଲଳିତ ମାଧବ ଚୌଧୁରୀ ଏବଂ ସମସ୍ତ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ ।



# ଦ୍ୱିତୀୟ ଭାଷା ଇଂରାଜୀ (SECOND LANGUAGE ENGLISH)

**Time: 2:30 Hours** **Full Marks - 100**

*Candidates are required to write the answers in their own words as far as practicable. The figures in the right-hand margin indicate marks. Answer all questions as directed.*

## PART – I (OBJECTIVE)

**1. Answer the following questions, each in a word or a phrase.** [1×5=5
(i) Why did the boys go out ?
(ii) What was the ambition of the greatest man of our generation ?
(iii) What brought Kapil into national focus ?
(iv) What harm can inhalation of polluted air do ?
(v) Who is the speaker of the essay "School's Goodbye" ?

**2. Answer the following questions, each in a word or a phrase.** [1×5=5
(i) Where do rushes grow?
(ii) Who was forced to go?
(iii) What does the mother address her daughter?
(iv) Where does the brook join the brimming river?
(v) What is the virtuous soul compared to?

**3. Fill in the blanks with right words.** [1×5=5
(i) God has given ______ to the little birds.
(ii) The little girl's ______ made Wordsworth glad.
(iii) The expression ______ means the music of nature.
(iv) The brook hurries down by thirty ______ .
(v) The root of the rose lies in the ______ .

**4. Answer the following questions, each in a word or a phrase.** [1×5=5
(i) Who were Timothy's companions at home ?
(ii) Who chopped wood for Lushkoff ?
(iii) Why did the old aunt ask Jumman for some money?
(iv) What was the only thing men called their own during grandfather's time ?
(v) How much did the traveller give to the children ?

**5. Fill in the blanks with correct words.** [1×5=5
(i) Grandfather smacked the tiger across the mouth to keep him ______.
(ii) At first Timothy was brought up entirely on ______.
(iii) The beggar was looking like a ______.
(iv) Samjhoo put a double load on the bullock during the ______.
(v) In grandfather's time ______ was free.

**6. Fill in the blanks using the correct forms of words given in brackets.** [1×5=5
(i) I helped him but he has no ______. (oblige)
(ii) You can not ______ (success) unless you work hard.
(iii) The step taken by the government is very ______ (effect).
(iv) The people supported the leader ______ (stalwart).
(v) I don't like his ______ (involve) in my affairs.

**7. Do as directed.** [1×5=5
(i) My father returned at midnight. I was sleeping then. (Join the sentences using an adverb clause)
(ii) Somebody ______ the police. (Fill in the gap adding suitable negative prefix to 'informed')
(iii) The trees lost all their leaves. (Express the idea emphatically with negative words)
(iv) She writes fast. She writes legibly. (Join the sentences using 'not only........ but also')
(v) The boy went on running. He was tired. (Join the sentences using 'although')

**8. Do as directed.** [1×5=5
(i) I ______ (be) fifteen next week. (Use the correct form of the verb)
(ii) We proved him wrong. (Write the pattern of the sentence)
(iii) He as well as his brothers ______ (is/are) responsible for it. (Choose the correct alternative)
(iv) I enjoy ______ (swim) in the river. (Use the correct non-finite form of the verb)
(v) The road goes ______ the tunnel. (Fill in the gap with a suitable preposition)

**9. Do as directed.** [1×5=5
(i) The plane took ______ in time. (Fill in the gap with a particle)
(ii) It is not clear ______. (Complete the sentence with a noun clause)
(iii) If I ______ (win) a lottery, I would give up my job. (Use the correct form of the verb)
(iv) We admire the pictures. You drew them yourself. (Join the sentences using a relative clause)
(v) He said to his friend, "Good Morning". (Turn into indirect speech)

**10. Translate into English.** [1×5=5
ଆଶିଷ ସ୍କୁଲରେ ଭଲ ବ୍ୟବହାର କରେ। ସେ ଶ୍ରେଣୀରେ କେବେ ବି ଗଣ୍ଡଗୋଳ କରେ ନାହିଁ। ସେ ସ୍କୁଲ୍‌କୁ ଠିକ୍ ସମୟରେ ଯାଏ। ସେ ଗୁରୁଜୀମାନଙ୍କର ଆଜ୍ଞାଧୀନ ଅଟେ। ସେ ତା'ର ଗୃହକାର୍ଯ୍ୟ ମଧ୍ୟ ଠିକ୍ ଭାବରେ କରିଥାଏ।

Or, ବାପା – ତୁମେ ଏତେବେଳେ ଯାଏ କେଉଁଠି ଥିଲ ?
ପୁଅ – ସ୍କୁଲ୍‌ରେ ଥିଲି।
ବାପା – ତୁମେ ମିଛ କହୁଛ।
ପୁଅ – ବାପା ମୋତେ ବିଶ୍ୱାସ କରନ୍ତୁ। ମୁଁ ସତ କଥା କହୁଛି।

## PART – II (SUBJECTIVE)

**11.(i)** How, according to Lord Eustace Percy, can one achieve success in life? [5
**Or,** Who is Sunil Manohar Gavaskar ? What was his real intention while he talked to Kapil Dev in a Wills Trophy Match ?
**(ii)** What is the composition of air ? When is air said to be polluted ? [5
**Or,** What accident took place at Bhopal in 1984 ? What were its tragic consequences ?

**12.** Write an essay, in about 250 words, on any one of the following topics, keeping to the outline given. [12
**(i) Newspapers**
(Necessity of newspapers - different kinds of newspapers - different types of news - benefits it offers - your opinion)
**(ii) Your / My Family**
(Introduction – members of your family – their occupations – your role in your family – an ideal family)
**(iii) Science in Everyday Life**
(Science and modern society – things we use everyday – scientific tools and equipments – their advantages and disadvantages – your views on science.)

**13.** Imagine you are Rajesh K. Das staying at Netaji Subhas hostel, Ravenshaw Collegiate School, Cuttack and your father is Laxmidhar Das of Anandpur, Keonjhar. Write a letter to your father, in about **100** words, requesting him to send some money for joining the school picnic. [10
**Or,** Imagine you are Nandita Prusty studying in Raighar High School, Nawarangpur. You face problems in using your school toilets. Write an application to your Headmaster/Headmistress, in about 100 words, requesting him/her to take steps for their maintenance.

**14. Read the passage and write its summary in about 60 (sixty) words** [8

Noise pollutes our environment just as much as smoke, foul water, dirty air and litter. It can cause illness and deafness. The human body never gets used to noise. It continues to react even though a person thinks he or she has become accustomed to all the surrounding noises. For instance, Naseer, who lived in an apartment on a busy street, often boasted that he could sleep through any kind of noise. He claimed he just didn't hear it. Well, Naseer could sleep through the roar of traffic and the blare of a television set in the next apartment, but he did not know that while he slept, his body was reacting to the stress of the noise.

A doctor in West Germany, after researching the effects of noise, concluded that sounds heard by persons when they are asleep can cause danger to their hearts and blood vessels. May be this was the reason why Naseer had so many headaches. Noise causes the blood vessels in the brain to expand. It brings no pain.

**Or,** Suppose you are working as a reporter for 'The Dharitri'. There was a fire-tragedy in your neighbourhood last week. Write a report for newspaper, in about 60 words.

**15. Read the passage carefully, answer the questions that follow, each in about 20 words.** [2×5

Mini was a little girl who lived with her grandmother in a little cottage in the country. Near the cottage was a good wood and in the wood there was well. Mini often went to well to watch the curious little flies that skimmed on the surface. She asked her grandmother about these flies and the old woman said that they kept the well clean. When the water was made muddy by the birds that came to drink in it, the flies went skimming over the well to make the water clean again.

Mini often went to the well and did her best to keep it clean. She cleared away the weeds that were growing round it, and planted pretty flowers, and she also put pretty stones round the well. As the water running from the well spread out over the ground and made a little marsh, Mini dug a channel with her spade, and the water ran along it. The birds then began to drink from the little stream, and the well was always clean.

**Questions**
(i) Who else was there in Mini's family?
(ii) Why did Mini use to go to the well in the forest?
(iii) Who made the water of the well dirty?
(iv) How did Mini make the well a clean and beautiful place?
(v) What was the place like where Mini's family was living?

## ANSWER: PART – I (OBJECTIVE)

1. **(i)** to collect frozen pearls **(ii)** to wipe every tear from every eye **(iii)** excellent performance in the Wills Trophy match **(iv)** respiratory disorder, scratchy throat and eye irritation **(v)** Lord Eustace Percy
2. **(i)** by the water **(ii)** John, the cottage girl's brother **(iii)** honey child **(iv)** near Philip's farm **(v)** seasoned timber
3. **(i)** tiny wings **(ii)** beauty **(iii)** forest notes **(iv)** hills **(v)** grave
4. **(i)** Toto and mongrel puppy **(ii)** Olga **(iii)** to cook and eat separately **(iv)** labour **(v)** a penny
5. **(i)** quiet **(ii)** milk **(iii)** scarecrow **(iv)** fourth trip **(v)** land
6. **(i)** obligation **(ii)** succeed **(iii)** effective **(iv)** stalwartly **(v)** involvement
7. **(i)** My father returned at the midnight when I was sleeping. **(ii)** misinformed **(iii)** Not a leaf remained on the trees. **(iv)** She writes not only fast but also legibly. **(v)** The boy went on running although he was tired.
8. **(i)** will be **(ii)** SVOC **(iii)** is **(iv)** swimming **(v)** through
9. **(i)** off **(ii)** who has done it. **(iii)** won **(iv)** We admire the pictures which you drew yourself. **(v)** He greeted his friend/He wished his friend a good morning.
10. Ashish behaves well at school. He never makes a noise in the class. He goes to school in good time. He is obedient to his teachers. He also does his homework sincerely.

OR, Father – Where have you been so long?
Son – I have been to school.
father – You are telling a lie.
Son – Father, believe me. I am telling the truth.

## ANSWER: PART – II (SUBJECTIVE)

**11. (i)** Success in life comes to those who work hard and continue learning. It largely depends on good health. One must keep one's body fit by cleanliness, fresh air, regular habits, suitable recreations. One must avoid smoking and drinking for success in life.

**Or,**

Sunil Manohar Gavaskar is a great batsman of India. He is the author of the essay Kapil Dev. In the Wills Trophy match he suggested Kapil to bowl coming close to the stumps so that his outswinger would be more effective. Unfortunately some players in Kapil's team thought of Gavaskar's gamesmanship. But his real intention was to promote Kapil's bowling.

**(ii)** Air is a mixture of gases comprising of 78 per cent nitrogen, 21 per cent oxygen and a little less than 1 per cent argon together with 0.03 per cent of carbon dioxide. As long as this composition is maintained, the air is pure. When oxygen level gets reduced or any other irritating gases enter the atmosphere, the air is said to be polluted.

**Or,**

A tragic industrial accident took place in a chemical plant operated by Union Carbide at Bhopal in 1984. Deadly gas from the plant escaped into the atmosphere. As a result it killed over 4000 local people and made a large number of people of the city blind and disabled.

**12. (i)** Newspaper is the powerful means of communication. It can shake the very foundation of the government. The newspaper helps in preparing public opinion. It has become so important in our life that we can miss our meals for the whole day but not daily newspaper.

Newspapers are of many types. They are daily, weekly, economy-based and employment newspaper. In most of the leading newspapers, we find all national and international news. Newspapers can be availed in Hindi, English and all other regional languages. Press is the only medium of detailed news. The demands of newspapers are so high that we may find two or three types of newspapers in a single home.

Newspapers provide not only news but a lot of information and current topics which are helpful in career making. Question papers of many competitive examinations are beneficial for new aspirants. We find a lot of subject matters in geography, history, political science, literature, philosophy, economics or business etc. Newspaper is the cheap and best means of advertisement for all sections of society. Informations regarding results and vacancies are also available in almost all the newspapers.

It is an age of newspaper. They are the part and parcel of the modern civilization. A day without a newspaper is stale and tasteless. A newspaper is the mirror of all world news or events. It covers both news and views of global importance.

In modern time the role of press is very crucial (important). Newspapers can lead us towards a right direction. So everyone should make it a habit of reading newspaper.

**(ii)** Family is as old as the human civilization. It is the smallest social unit where inmates live amicably and in the spirit of love, affection and sacrifice. It is the oldest organised institution of man. It is the base on which the pyramid of human civilization stands proudly and gloriously.

I belong to a Khandayat middle-class family. Our family go by the surname 'Badajena'. It is a small and sweet family of six members. They are my grandmother, father, mother, my two sisters and I, the youngest member. Being the youngest one, I am showered on with love and affection. In return I pay due regards to the senior members.

My grandmother is a sexagenarian. She has been living a widowed life since grandfather parted from her in 2014. She is a strong and stout lady. Her smiling face radiates eternal joy. She is clothed in white. In her hey days, she used to one of the prettiest women. Being gifted with intellect and cleverness we seek her advice and guidance in the matters of difficulties.

Next to her is my mother. She is the pivot of our family. She is on the wrong side of forty. She has a rosy complexion. She looks rather beautiful for her age. She possesses a slim but energetic figure. She works in a Government Girls' High School. I sometimes wonder when I notice her amazing adaptability in various work. Before she sets out for her school, she sweeps, cleans, cooks and serves meals. After her return from school, she is usually wrapped up in preparation of dinner besides guarding my lessons regularly.

My father is working as a manager in a private company. He is a jolly-dog. His sense of humour is wonderful. He hardly finds time for us to attend to our education. Yet he prefers to spend time with us during festivities and open-field amusements. He is strictly a disciplinarian.

My two sisters are very cordial and friendly to me. They take every care of mine. So I grow in the warmth of family pleasures. I am proud to be born in such an ideal and peace-loving family.

**(iii)** The present age is known as the age of science. All the scientific invention and discoveries have made human life easier. People of today lead their lives more comfortably than their forefathers. Day-to-day scientific developments influence the modern society greatly. They have changed the ways of living of people. The things which seemed to be impossible in the past can be done easily now-a-days. This shows that science plays an important role in the modern society. It is obvious when we think of the things that we use in our day-to-day life.

We use a lot of tings in our everyday life. Some of them are the fan, the refrigerator, the air-cooler, the television set, the washing machine and some other electronic goods. For transportation and communication we depend on cars, buses, trucks, train, aeroplane, computer, telephone, internet etc. All these things are the gifts of science. Great endeavour and sincere effort of great scientists made it possible to produce these things. All these things have made man live a comfortable and luxurious life.

These gifts of science have enabled man to do everything with less labour and less time. The machines do our work. We can utilize the remaining time in other activities. We can travel hundred of kilometres within a few hours by different means of transportation. On telephone and cell phone we can talk to persons who are at a long distance. When we watch television, we see and hear things that come from far off place. Science has also brought a great change in agriculture, industry that produce different things we use in our daily life.

Although science has the above advantages for comfortable life, it has also brought some disadvantages. It has made man idle. We have become completely dependent on machines and forgotten the value of labour. Most of the people fear that the modern war weapons may one day cause the destructions of the humanity. Knowledge of science will be helpful only if it is used for good purposes.

**13.(i)** Netaji Subhas Hostel,
Ravenshaw Collegiate School,
Cuttack

2nd January 2020

Respected Father,

I received your M.O. on the 2nd instant and cleared up my hostel and school dues. About sixty students of our class have decided to go on a picnic to Konark and Chandrabhaga. The picnic is on 25th of the current month. Each picnic-goer has to pay ₹ 200/-. I think the proposed journey will provide us with renewed vigour and zeal for the upcoming Annual High School Certificate Exams. So I request you to send me a sum of ₹ 300/- for the said picnic and other pocket expenses.

Hope you are fine. Tender my regards to mother. Expecting a quick response.

Yours affectionately,

**Rajesh**

**ADDRESS**

| | Stamp |
|---|---|
| **From** | **To** |
| Rajesh K. Das<br>Ravenshaw Collegiate School,<br>Chandinichowk, Cuttack - 2 | Laxmidhar Das<br>Anandpur<br>Keonjhar. |

**Or,**

Raighar High School
Nawarangpur
15th January, 2020

To
The Headmaster/Headmistress
Raighar High School
Nawarangpur

**Sub:** Regarding poor maintenance of the school toilets.

Sir,

I beg to draw your kind attention to the following facts for favour of your kind consideration and speedy disposal.

It is a matter of regret that the toilets of the school are not properly maintained by the users and sweeper. The door of the girls' toilet and the water tap have been damaged due to frequent use. The other two toilets are in similar condition. As a result they emit a strong unpleasant smell. They are not timely disinfected. We fear that it may pose health hazards.

I, therefore, request you to take prompt actions for proper maintenance of the toilets taking into consideration the problems of the students.

Yours faithfully

**Nandita Prusty**

**14. Title : Harmful Effects of Noise Pollution**

Noise pollutes our environment just as much as smoke, dirty water, dirty air and litter. It can cause illness and deafness. Naseer, a boy who lived on a busy street hardly knew that his body was reacting the noise. A doctor in West Germany proved that sounds heard by persons when they are asleep can cause danger to their hearts and blood vessels.

**Or,**

Naugaon, Jagatsinghpur
22nd January, 2020

To
The Editor, The Dharitri
Industrial Area, Mancheswar, Bhubaneswar

**Title:** Fire-Tragedy at Naugaon

A fire broke out in the neighbourhood of Naugaon last week. It was 16th January 2020. The day was getting hotter and hotter. All of a sudden at 2 p.m. the villagers were found rushing (running quickly) towards a site. Soon a large number of people gathered. As the wind fanned the fire (made fire more blazing), the flames licked (touched) the sky. The firemen took two hours to bring the fire under control. There was a huge loss of property. But there was no loss of life. The ill-fated people are living under the open sky. The family have reduced to paupers (very poor), having lost their all. People demand help from the government. The entire village is mourning the loss of the property of the family.

**Sanjib Mohapatra**
Reporter

**15.(i)** Mini's grandmother was there in Mini's family.
(ii) Mini used to go to the well in the forest to watch the curious little flies that skimmed on the surface.
(iii) The birds that came to drink water made the water of the well dirty.
(iv) Mini cleaned the weeds growing round it and planted pretty flowers and she also put pretty stones round the well, she dug a channel and the water ran along it.
(v) Mini's family lived in a little cottage. There was a good wood near the cottage and in the wood there was a well.

❑❑❑



ନାବାଳିକା ଗଣବଳାତ୍କାର, ହତ୍ୟା ମାମଲାରେ ହୁଗ୍‌ଲି ଜିଲା କୋର୍ଟର ବିଚାରପତି ମାନସ ରଞ୍ଜନ ସନ୍ୟାଲ ୨ ଦୋଷୀ ଗୌରବ ମଣ୍ଡଳ ଓ କୌଶିକ ମଲିକଙ୍କୁ ସୋମବାର ଫାଶୀଦଣ୍ଡାଦେଶ ଶୁଣାଇଛନ୍ତି। ଅନ୍ୟ ଜଣେ ଦୋଷୀ ନାବାଳକ ଥିବାରୁ ତାଙ୍କ ବିଚାର ଜୁଭେନାଇଲ କୋର୍ଟରେ କରାଯାଉଛି। ୨୦୧୪ ଡିସେମ୍ବର ୧୧ରେ ନାବାଳିକା ଟିଉସନ୍‌ରୁ ଫେରୁଥିବାବେଳେ ତାଙ୍କୁ ଅପହରଣ ପରେ ଗଣବଳାତ୍କାର ଓ ହତ୍ୟା କରାଯାଇଥିଲା।



ନୂଆଦିଲ୍ଲୀରେ ସାଧାରଣତନ୍ତ୍ର ଦିବସ ପରେଡ୍ ଅବସରରେ ମଞ୍ଚାସୀନ ମୁଖ୍ୟଅତିଥି ବ୍ରାଜିଲ ରାଷ୍ଟ୍ରପତି ଜୈର୍ ବୋଲ୍‌ସୋନାରୋଙ୍କ ସହ ରାଷ୍ଟ୍ରପତି ରାମନାଥ କୋବିନ୍ଦ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ।




ସାଧାରଣତନ୍ତ୍ର ଦିବସ ପରେଡ୍‌ରେ ଅଂଶଗ୍ରହଣ କରିଥିବା ଓଡ଼ିଶାର ପ୍ରଜ୍ଞାପନ ମେଢ଼ରେ ଲିଙ୍ଗରାଜ ମନ୍ଦିର ଓ ରୁକୁଣା ରଥର ପ୍ରତିକୃତି।



ଜାତୀୟସ୍ତରରେ ଅନୁଷ୍ଠିତ ସାଧାରଣତନ୍ତ୍ର ଦିବସ ପରେଡ୍ ଅବସରରେ ଅଂଶଗ୍ରହଣ କରିଥିବା ମହିଳା ସିଆରପିଏଫ୍ ଯବାନମାନେ ଷ୍ଟଣ୍ଟ ଶୋ' ପ୍ରଦର୍ଶନ କରୁଛନ୍ତି।

# ତେଜୁଛି ସିଏଏ ବିରୋଧୀ ଆନ୍ଦୋଳନ

**ନୂଆଦିଲ୍ଲୀ/କୋଲକାତା/ୱାଶିଂଟନ,୨୭।୧**

- ପଶ୍ଚିମବଙ୍ଗ ବିଧାନସଭାରେ ସଂକଳ୍ପନାମା ଗୃହୀତ
- ଆମେରିକାରେ ବିକ୍ଷୋଭ
- ଇୟୁରେ ସିଏଏ ବିରୋଧରେ ୬ ପ୍ରସ୍ତାବ
- ଭାରତକୁ ବଡ଼ କୂଟନୈତିକ ଝଟକା

ନାଗରିକତ୍ୱ ସଂଶୋଧନ ଆଇନ (ସିଏଏ) ବିରୋଧରେ ଆନ୍ଦୋଳନ ଥମିବାର ନାଁ ନେଉନାହିଁ। ଗୋଟିଏ ପରେ ଗୋଟିଏ ରାଜ୍ୟ ବିଧାନସଭାରେ ସିଏଏ ବିରୋଧୀ ସଂକଳ୍ପନାମା ଗୃହୀତ ହେବାରେ ଲାଗିଛି। କେରଳ, ପଞ୍ଜାବ, ରାଜସ୍ଥାନ ପରେ ସୋମବାର ପଶ୍ଚିମବଙ୍ଗ ବିଧାନସଭାରେ ସଂକଳ୍ପନାମା ଗୃହୀତ ହୋଇଛି। ସିଏଏ ସହିତ ଏନ୍‌ପିଆର୍ ଏବଂ ପ୍ରସ୍ତାବିତ ଏନ୍‌ଆର୍‌ସି ଜଡ଼ିତ ରହିଥିବାରୁ ତାହାର ପ୍ରତ୍ୟାହାର ପାଇଁ ଦାବି ହୋଇଛି। ସିଏଏ ଦେଶର ସମ୍ବିଧାନ ଓ ମାନବିକତା ବିରୋଧୀ ବୋଲି ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ କହିବା ସହ ସରକାର ଏହାକୁ ରଦ୍ଦ କରନ୍ତୁ ବୋଲି ଦାବି କରିଛନ୍ତି। ରାଜ୍ୟ ବିଧାନସଭାରେ ସରକାରଙ୍କ ତରଫରୁ ଅଣାଯାଇଥିବା ସଂକଳ୍ପନାମାକୁ ବିରୋଧୀ ଦଳ କଂଗ୍ରେସ ଏବଂ ସିପିଏମ୍ ନେତୃତ୍ୱାଧୀନ ବାମ ସାମ୍ମୁଖ୍ୟ ସମର୍ଥନ ଜଣାଇଛି। ଗତବର୍ଷ ସେପ୍ଟେମ୍ବରରେ ପଶ୍ଚିମବଙ୍ଗ ବିଧାନସଭା ଏନ୍‌ଆର୍‌ସି ବିରୋଧରେ ସଂକଳ୍ପନାମା ଗୃହୀତ କରାଇଥିଲା।

ସିଏଏକୁ କେବଳ ବିରୋଧୀ ରାଜନୈତିକ ଦଳଗୁଡ଼ିକ ବିରୋଧ କରୁନାହାନ୍ତି, ବିଭିନ୍ନ ସଂଗଠନ ଏହାର ପ୍ରତିବାଦ କରୁଛନ୍ତି। ମାସେରୁ ଊର୍ଦ୍ଧ୍ୱ ସମୟ ଧରି ଏହି ବିକ୍ଷୋଭ ଲାଗି ରହିଥିବାବେଳେ ବିଭିନ୍ନ ସ୍ଥାନରେ ହିଂସାତ୍ମକ ରୂପ ନେଇଥିଲା। ଏବେ ଏହି ପ୍ରସଙ୍ଗ ଅନ୍ତର୍ଜାତୀୟ ସ୍ତରରେ ପହଞ୍ଚିଲାଣି। ୟୁରୋପୀୟ ପାର୍ଲାମେଣ୍ଟରେ ସିଏଏ ଏବଂ କଶ୍ମୀର ପ୍ରସଙ୍ଗକୁ ନେଇ ୬ଟି ପ୍ରସ୍ତାବ ଅଣାଯାଇଛି। ୟୁରୋପୀୟ ସଂଘ (ଇୟୁ) ପାର୍ଲାମେଣ୍ଟର ମୋଟ ୭୫୧ ସଦସ୍ୟଙ୍କ ମଧ୍ୟରୁ ୬୨୬ ଜଣ ସିଏଏ ଏବଂ ସମ୍ବିଧାନର ଅନୁଚ୍ଛେଦ ୩୭୦ ଉଚ୍ଛେଦ ବିରୋଧରେ ୬ଟି ସଂକଳ୍ପନାମା ଆଣିଛନ୍ତି। କେତେକ ପ୍ରସ୍ତାବରେ ଆସାମରେ ଲାଗୁ ହୋଇଥିବା ଏନ୍‌ଆର୍‌ସିକୁ ମଧ୍ୟ ବିରୋଧ କରାଯାଇଛି। ଇୟୁ ପାର୍ଲାମେଣ୍ଟରେ ୨୯ରେ ଏହା ଉପରେ ଆଲୋଚନା ହୋଇ ୩୦ରେ ଭୋଟ ନିଆଯିବ। ମାର୍ଚ୍ଚରେ ଭାରତ-ଇୟୁ ସମିଟ୍‌ରେ ଯୋଗଦେବା ଲାଗି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ବ୍ରସେଲ୍ସ ଗସ୍ତରେ ଯିବାକୁ ଥିବାବେଳେ ଏହା ପୂର୍ବରୁ ଇୟୁ ପାର୍ଲାମେଣ୍ଟରେ ପ୍ରସ୍ତାବ ଅଣାଯିବା ଭାରତ ପାଇଁ ବଡ଼ କୂଟନୈତିକ ଝଟ୍‌କା ହୋଇଛି। ଏହା ଉପରେ ପ୍ରତିକ୍ରିୟା ଦେଇ କେନ୍ଦ୍ର ସରକାର କହିଛନ୍ତି, ସିଏଏ ଭାରତର ସମ୍ପୂର୍ଣ୍ଣ ଆଭ୍ୟନ୍ତରୀଣ ବ୍ୟାପାର। ପାର୍ଲାମେଣ୍ଟର ଉଭୟ ଗୃହରେ ପର୍ଯ୍ୟାପ୍ତ ଆଲୋଚନା ପରେ ଗଣତାନ୍ତ୍ରିକ ଉପାୟରେ ଓ ଉପଯୁକ୍ତ ପ୍ରକ୍ରିୟାରେ ଏହା ଗୃହୀତ ହୋଇଛି।

ଇୟୁ ପାର୍ଲାମେଣ୍ଟରେ ୧୫୪ ସଦସ୍ୟ ବିଶିଷ୍ଟ ପ୍ରୋଗ୍ରେସିଭ୍ ଆଲିଆନ୍ସ ଅଫ ସୋସିଆଲିଷ୍ଟସ୍ ଆଣ୍ଡ ଡେମୋକ୍ରାଟ୍ସ, ୧୮୨ ସଦସ୍ୟ ବିଶିଷ୍ଟ ୟୁରୋପୀୟ ପିପୁଲ୍ସ ପାର୍ଟି (ଖ୍ରୀଷ୍ଟିୟାନ ଡେମୋକ୍ରାଟ୍‌ସ), ୟୁରୋପୀୟ ୟୁନାଇଟେଡ ଲେଫ୍ଟ ଆଣ୍ଡ ନୋର୍ଡିଆକ ଗ୍ରୀନ୍ ଲେଫ୍ଟ (୧୪୧ ସଦସ୍ୟ), ୟୁରୋପୀୟାନ୍ ଫ୍ରି ଆଲିଆନ୍ସ (୭୫ ସଦସ୍ୟ), କଞ୍ଜରଭେଟିଭ୍‌ସ ଆଣ୍ଡ୍ ରିଫର୍ମିଷ୍ଟସ୍ (୬୬ ସଦସ୍ୟ), ରିନ୍ୟୁ ୟୁରୋପ ଗ୍ରୁପ୍ (୧୦୮ ସଦସ୍ୟ) ସିଏଏ ବିରୋଧରେ ପ୍ରସ୍ତାବ ଆଣିଛନ୍ତି।

ଆମେରିକାରେ ଭାରତର ୭୧ତମ ସାଧାରଣତନ୍ତ୍ର ଦିବସ ପାଳନ ସହିତ ସିଏଏ ବିରୋଧରେ ଶାନ୍ତିପୂର୍ଣ୍ଣ ବିକ୍ଷୋଭ ଶୋଭାଯାତ୍ରା ଆୟୋଜନ ହୋଇଯାଇଛି। ଆମେରିକାର ବିଭିନ୍ନ ସହରରୁ ବହୁସଂଖ୍ୟାରେ ଭାରତୀୟ-ଆମେରିକୀୟମାନେ ଏହି ଶୋଭାଯାତ୍ରାରେ ଅଂଶଗ୍ରହଣ କରିଥିଲେ। ତେବେ ସେଠାରେ ଅନ୍ୟ କେତେଜଣ ଭାରତୀୟ-ଆମେରିକୀୟ ସିଏଏକୁ ସମର୍ଥନ ଜଣାଇବା ସହ ବିକ୍ଷୋଭକୁ ବିରୋଧ କରିଥିଲେ। ପଡ଼ୋଶୀ ଦେଶର ସଂଖ୍ୟାଲଘୁମାନଙ୍କୁ ସୁବିଧା ଦେବା ଲାଗି ଭାରତ ନୂଆ ଆଇନ ଆଣିଛି। ଏହା ଭାରତୀୟ ନାଗରିକଙ୍କ ଉପରେ କୌଣସି ପ୍ରଭାବ ପକାଇବ ନାହିଁ ବୋଲି ସେମାନେ କହିଛନ୍ତି। ନ୍ୟୁୟର୍କ, ଶିକାଗୋ, ହ୍ୟୁଷ୍ଟନ୍, ଆଟଲାଣ୍ଟା, ସାନ୍‌ଫ୍ରାନ୍ସିସ୍କୋ ତଥା ୱାଶିଂଟନ ଡିସିରେ ସପକ୍ଷବାଦୀମାନେ ଭାରତମାତା କୀ ଜୟ ସ୍ଲୋଗାନ ଦେଇଥିଲେ। ତେବେ ସିଏଏ ବିରୋଧୀ ବିକ୍ଷୋଭକାରୀଙ୍କ ସଂଖ୍ୟା ଏହା ତୁଳନାରେ ଯଥେଷ୍ଟ ଅଧିକ ଥିଲା। ଶିକାଗୋ ଏବଂ ୱାଶିଂଟନ ଡିସିରେ ସିଏଏ ବିରୋଧରେ ବିକ୍ଷୋଭ ଶୋଭାଯାତ୍ରା ହୋଇଥିଲା।




ଲକ୍ଷ୍ନୌରେ ସିଏଏ ଏବଂ ଏନ୍‌ଆର୍‌ସିକୁ ବିରୋଧ କରି ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

## ସେନା ଓ ନାରୀ ଶକ୍ତି ପ୍ରଦର୍ଶିତ

**ନୂଆଦିଲ୍ଲୀ,୨୭।୧**

**୭୧ତମ ସାଧାରଣତନ୍ତ୍ର ଦିବସ ଜାତୀୟ ଉତ୍ସବ**

**ପରେଡ ଦେଖିଲେ ବ୍ରାଜିଲ ରାଷ୍ଟ୍ରପତି**

ଭାରତରେ ୭୧ତମ ସାଧାରଣତନ୍ତ୍ର ଦିବସ ଆନନ୍ଦ ଉଲ୍ଲାସର ସହ ପାଳିତ ହୋଇଯାଇଛି। ଏଥର ଭାରତ ନିଜର ଅତ୍ୟାଧୁନିକ ଅସ୍ତ୍ରଶସ୍ତ୍ର ପ୍ରଦର୍ଶନ କରିବା ସହ ନାରୀଶକ୍ତିକୁ ପ୍ରଦର୍ଶିତ କରିଛି। ରବିବାର ଦିଲ୍ଲୀ ରାଜପଥରେ ଆଣ୍ଟିସାଟେଲାଇଟ୍ ମିଶାଇଲ, ଆମେରିକା ନିର୍ମିତ ଚିନୁକ ଓ ଆଣ୍ଟି ଟ୍ୟାଙ୍କ୍ ଆଟାକ୍ ଆପାଚେ ଭଳି କେତେକ ନୂତନ ପ୍ରତିରକ୍ଷା ଜ୍ଞାନକୌଶଳ ପ୍ରଦର୍ଶନ କରାଯାଇଛି। ପ୍ରାୟ ଦେଢ଼ଘଣ୍ଟା ପର୍ଯ୍ୟନ୍ତ ପ୍ରଦର୍ଶିତ ଏହି ଉତ୍ସବରେ ରାଷ୍ଟ୍ରପତି ରାମନାଥ କୋବିନ୍ଦ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ମୁଖ୍ୟ ଅତିଥି ବ୍ରାଜିଲ ରାଷ୍ଟ୍ରପତି ଜୈର୍ ମେସିଆସ୍ ବୋଲ୍‌ସୋନାରୋଙ୍କ ସହ କ୍ୟାବିନେଟ ମନ୍ତ୍ରୀଗଣ, ବିରୋଧୀ ଦଳ ନେତୃବୃନ୍ଦ, ବରିଷ୍ଠ ଅଧିକାରୀ ଓ କୂଟନୀତିଜ୍ଞମାନେ ଯୋଗଦେଇଥିଲେ। ପ୍ରଧାନମନ୍ତ୍ରୀ ପ୍ରଥମ ଥର ଲାଗି ଜାତୀୟ ଯୁଦ୍ଧ ସ୍ମାରକୀଠାରେ ଶହୀଦ ଯବାନଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ପ୍ରଥମ ଥର ଲାଗି ମହିଳା ସିଆର୍‌ପିଏଫ୍‌ମାନେ ଡେୟାର୍‌ଡେଭିଲ୍ ଷ୍ଟଣ୍ଟ ପ୍ରଦର୍ଶନ କରିଥିଲେ। ସେନାର ୩ ହେଲିକପ୍ଟର ସେମାନଙ୍କ ପରାକାଷ୍ଠା ପ୍ରଦର୍ଶିତ କରିଥିଲେ। ସେନା ଦିବସ ପରେଡ୍‌ରେ ପ୍ରଥମ ମହିଳା ଅଫିସର କ୍ୟାପ୍‌ଟେନ ତାନିଆ ଶେର୍‌ଗିଲ ମାର୍ଚ୍ଚିଂ କଣ୍ଟିଜେଣ୍ଟର ନେତୃତ୍ୱ ନେଇଥିଲେ। ଗତବର୍ଷ ମାର୍ଚ୍ଚରେ ସଫଳ ଭାବେ ପରୀକ୍ଷଣ କରାଯାଇଥିବା ଆଣ୍ଟି ସାଟେଲାଇଟ୍ ୱେପନ୍ ସିଷ୍ଟମ୍‌କୁ ପରେଡ୍‌ରେ ପ୍ରଦର୍ଶିତ କରାଯାଇଥିଲା। ପରେଡ୍‌ରେ ଭାଗ ନେଇଥିବା ବିଭିନ୍ନ ରାଜ୍ୟର ୨୨ଟି ପ୍ରଜ୍ଞାପନ ମେଢ଼ ସହ ସେ ଅଞ୍ଚଳର ସାମାଜିକ, ସାଂସ୍କୃତିକ କାର୍ଯ୍ୟକ୍ରମ ଦେଖିବାକୁ ମିଳିଥିଲା। ପ୍ରଥମଥର ଲାଗି ଜମ୍ମୁ-କଶ୍ମୀର କେନ୍ଦ୍ରଶାସିତ ଅଞ୍ଚଳ ଭାବେ ନିଜର ପ୍ରଜ୍ଞାପନ ମେଢ଼ ସହ ପରେଡ୍‌ରେ ଭାଗ ନେଇଥିଲା। ଓଡ଼ିଶା ପକ୍ଷରୁ ଲିଙ୍ଗରାଜ ମନ୍ଦିର ଓ ରୁକୁଣା ରଥର ପ୍ରତିକୃତି ପ୍ରଜ୍ଞାପନ ମେଢ଼ରେ ସ୍ଥାନ ପାଇଥିଲା। ଦିଲ୍ଲୀ ରାଜପଥରେ ଓଡ଼ିଶାର ପ୍ରଜ୍ଞାପନ ମେଢ଼ ସହ କଳାକାରମାନେ ଓଡ଼ିଶୀ ଓ ସମ୍ବଲପୁରୀ ନୃତ୍ୟ ପରିବେଷଣ କରିଥିଲେ।

## ଆନ୍ଧ୍ରପ୍ରଦେଶରୁ ଉଚ୍ଛେଦ ହେବ ବିଧାନ ପରିଷଦ

**ଅମରାବତୀ,୨୭।୧(ପି.ଟି.)**

**ରାଜ୍ୟ କ୍ୟାବିନେଟରେ ପ୍ରସ୍ତାବ ଗୃହୀତ**

ଆନ୍ଧ୍ରପ୍ରଦେଶରୁ ବିଧାନ ପରିଷଦ ଉଚ୍ଛେଦ ହେବାକୁ ଯାଉଛି। ଏ ନେଇ ରାଜ୍ୟ କ୍ୟାବିନେଟରେ ସୋମବାର ଏକ ପ୍ରସ୍ତାବ ଗୃହୀତ ହୋଇଛି। ଅନୁରୂପ ପ୍ରସ୍ତାବ ବିଧାନସଭାରେ ଗୃହୀତ ହେବା ପରେ ଆବଶ୍ୟକ ପଦକ୍ଷେପ ଲାଗି କେନ୍ଦ୍ରକୁ ପଠାଯିବ। ୫୮ ସଦସ୍ୟ ବିଶିଷ୍ଟ ବିଧାନ ପରିଷଦରେ ଶାସକ ୱାଇଏସ୍‌ଆର୍ କଂଗ୍ରେସର ମାତ୍ର ୯ ଜଣ ଅଛନ୍ତି। ବିରୋଧୀ ତେଲୁଗୁଦେଶମ୍ ପାର୍ଟିର ସଦସ୍ୟ ସଂଖ୍ୟା ୨୮ ରହିଛି। ବିଧାନ ପରିଷଦରେ ସରକାରଙ୍କର ଆବଶ୍ୟକ ସଂଖ୍ୟା ନ ଥିବାରୁ ଗତ ସପ୍ତାହରେ ଦୁଇଟି ଗୁରୁତ୍ୱପୂର୍ଣ୍ଣ ବିଲ୍ ଗୃହୀତ କରାଇବାରେ ୱାଇ.ଏସ୍. ଜଗନମୋହନ ରେଡ୍ଡୀ ସରକାର ବିଫଳ ହୋଇଥିଲେ। ତିନି ରାଜଧାନୀ ବିଲ୍ ସମେତ ୨ଟି ବିଲ୍‌କୁ ବିଧାନ ପରିଷଦ ଅଧ୍ୟକ୍ଷ ଏମ.ଏ. ଶରିଫ୍ ଏହାକୁ ସିଲେକ୍ଟ କମିଟିକୁ ପଠାଇଦେଇଥିଲେ। ଫଳରେ ବିଧାନ ପରିଷଦର ଆବଶ୍ୟକତା ଅଛି କି ନାହିଁ ସେନେଇ ଗୁରୁତର ସହ ଚିନ୍ତା କରିବାକୁ ମୁଖ୍ୟମନ୍ତ୍ରୀ ଜଗନମୋହନ ବିଧାନସଭାକୁ କହିଥିଲେ।

## ବନ୍ଧୁକରୁ ଗୁଳି ଫୁଟି ମୁକେଶ ଅମ୍ବାନୀଙ୍କ ସୁରକ୍ଷା କର୍ମୀ ମୃତ

**ମୁମ୍ବାଇ,୨୭।୧**

ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍ ଲିମିଟେଡର ଅଧ୍ୟକ୍ଷ ମୁକେଶ ଅମ୍ବାନୀଙ୍କ ସୁରକ୍ଷା ଦାୟିତ୍ୱରେ ଥିବା ଜଣେ ସିଆର୍‌ପିଏଫ୍ ଯବାନଙ୍କ ବନ୍ଧୁକରୁ ଭୁଲ୍‌ବଶତଃ ଗୁଳିଫୁଟି ତାଙ୍କର ମୃତ୍ୟୁ ଘଟିଛି। ୩୧ ବର୍ଷୀୟ ସିଆର୍‌ପିଏଫ୍ କନ୍‌ଷ୍ଟେବଲ ବୋଟରା ଡି ରମ୍ଭାଇ ଭାରତର ସବୁଠୁ ଧନୀ ବ୍ୟକ୍ତି ଅମ୍ବାନୀଙ୍କ ବଙ୍ଗଳା ଆଣ୍ଟିଲିଆ ବାହାରେ ମୁତୟନ ଥିବାବେଳେ ବୁଧବାର ରାତି ୭ଟାରେ ତାଙ୍କର ମୃତ୍ୟୁ ଘଟିଥିଲା। ରମ୍ଭାଇଙ୍କ ସର୍ଭିସ ରାଇଫଲ୍‌ରୁ ଦୁଇଟି ଗୁଳି ଫୁଟି ତାଙ୍କ ଛାତିରେ ବାଜିଥିଲା। ସଙ୍ଗେ ସଙ୍ଗେ ତାଙ୍କୁ ନିକଟସ୍ଥ ହସ୍ପିଟାଲ ନିଆଯାଇଥିଲେ ହେଁ ସେଠାରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା।

## ମୋଦିଙ୍କ 'ମନ୍ କି ବାତ୍'ରେ ପଦ୍ମ ପୁରସ୍କାର

**ନୂଆଦିଲ୍ଲୀ,୨୭।୧**

ପଦ୍ମ ପୁରସ୍କାର ଲୋକମାନଙ୍କ ଦ୍ୱାରା ସ୍ଥିର କରାଯାଇଥିବା ବ୍ୟକ୍ତିବିଶେଷଙ୍କୁ ପ୍ରଦାନ କରାଯାଇଛି। ପୂର୍ବରୁ କେତେଜଣ ବ୍ୟକ୍ତି ଏନେଇ ଚୟନ କରୁଥିଲେ। ଏବେ ଆଉ ତାହା ନାହିଁ, ଲୋକେ ସର୍ବେସର୍ବା ବୋଲି ପ୍ରଧାନମନ୍ତ୍ରୀ ମୋଦି ମାସିକ 'ମନ୍ କି ବାତ୍' କାର୍ଯ୍ୟକ୍ରମରେ ରବିବାର ପ୍ରକାଶ କରିଛନ୍ତି। ଅନ୍‌ଲାଇନରେ ସମସ୍ତ ପ୍ରକ୍ରିୟା କରାଯାଇଛି। ଚଳିତବର୍ଷ ଏଥିଲାଗି ୪୬ ହଜାର ନାମାଙ୍କନପତ୍ର ଦାଖଲ କରାଯାଇଥିଲା। ରାଷ୍ଟ୍ରପତି ୧୪୧ ପଦ୍ମ ପୁରସ୍କାର ଲାଗି ସ୍ୱୀକୃତି ପ୍ରଦାନ କରିଥିଲେ। ପୁରସ୍କାର ପାଇଥିବା ଅନେକ ବ୍ୟକ୍ତି ତୃଣମୂଳସ୍ତରରୁ ଶୀର୍ଷକୁ ଛୁଇଁଥିବା ମୋଦି ଉଲ୍ଲେଖ କରିଛନ୍ତି। ୨୦୨୨ରେ ଭାରତ ଗଗନୟାନ ମିଶନ ଲାଗି ପ୍ରୟାସ କରୁଛି ବୋଲି କହିଥିଲେ। ଏହିବର୍ଷ ଭାରତ ୭୫ତମ ସ୍ୱାଧୀନତା ଦିବସ ପାଳନ କରୁଥିବାରୁ ଗଗନୟାନ ମିଶନ ସଫଳତା ନେଇ କାମନା କରାଯାଉଛି। ଏଥିଲାଗି ୪ ବାୟୁସେନା ପାଇଲଟଙ୍କୁ ମହାକାଶ ଯିବା ଲାଗି ଚୟନ କରାଯାଇଛି। ସେମାନଙ୍କୁ ପ୍ରଶିକ୍ଷଣ ପାଇଁ ରୁଷିଆ ପଠାଯିବ ବୋଲି ପ୍ରଧାନମନ୍ତ୍ରୀ ମୋଦି କହିଛନ୍ତି।

## କରୋନା ସଂକ୍ରମଣ ମୃତ୍ୟୁସଂଖ୍ୟା ୮୧



ଚାଇନାର ନାନ୍‌ଟୋଙ୍ଗସ୍ଥିତ କାରଖାନାରେ କର୍ମଚାରୀମାନେ ମେଡ଼ିକାଲ ମାସ୍କ ପ୍ୟାକ୍ କରୁଛନ୍ତି।

### ନେପାଳ ସୀମାରେ ସତର୍କତା

**ନୂଆଦିଲ୍ଲୀ୨୭।୧(ପି.ଟି.)**–କରୋନା ଭୂତାଣୁ ସଂକ୍ରମିତ ରୋଗୀ ନେପାଳରେ ଚିହ୍ନଟ ହେବା ପରେ ଏହାର ସୀମାକୁ ଲାଗି ରହିଥିବା ଜିଲାଗୁଡ଼ିକ ଉପରେ ସତର୍କ ଦୃଷ୍ଟି ରଖାଯାଇଛି। ଉକ୍ତ ଅଞ୍ଚଳକୁ କେନ୍ଦ୍ରୀୟ ସ୍ୱାସ୍ଥ୍ୟ ଟିମ୍ ପଠାଯାଇଛି। ନେପାଳକୁ ଲାଗିଥିବା ପଶ୍ଚିମବଙ୍ଗର ପାଣିଟାଙ୍କି, ଉତ୍ତରାଖଣ୍ଡ ପିଥୋରାଗଡ଼ର ଝୁଲାଘାଟ ଓ ଜୌଲଜିବିଠାରେ ଉକ୍ତ ଟିମ୍‌କୁ ନିୟୋଜିତ କରାଯାଇଛି। ଦିଲ୍ଲୀର କେନ୍ଦ୍ରୀୟ ସରକାରୀ ହସ୍ପିଟାଲ, ଏମ୍ସ ଏବଂ ଆର୍‌ଏମ୍‌ଏଲ୍‌ରେ ସ୍ୱତନ୍ତ୍ର ଆଇସୋଲେଶନ ୱାର୍ଡ ସ୍ଥାପନ କରାଯାଇଛି। ଜାତୀୟ ରୋଗ ନିୟନ୍ତ୍ରଣ କେନ୍ଦ୍ରର ବିଶେଷଜ୍ଞମାନେ ଡ. ଆର୍‌ଏମ୍‌ଏଲ୍ ହସ୍ପିଟାଲ ପରିଦର୍ଶନ କରି ପ୍ରସ୍ତୁତି ତଦାରଖ କରିଥିଲେ। ବର୍ତ୍ତମାନ ସୁଦ୍ଧା ବିଦେଶରୁ ଆସିଥିବା ୩୦ ହଜାରରୁ ଊର୍ଦ୍ଧ୍ୱ ଯାତ୍ରୀଙ୍କ ଯାଞ୍ଚ କରାଗଲାଣି। ସେମାନଙ୍କ ମଧ୍ୟରୁ ଶତାଧିକଙ୍କଠାରେ ଭାଇରସ୍ ଥିବା ସନ୍ଦେହରେ ସେମାନଙ୍କୁ ବିଭିନ୍ନ ହସ୍ପିଟାଲରେ ସ୍ୱତନ୍ତ୍ର ୱାର୍ଡରେ ରଖାଯାଇ ଚିକିତ୍ସା କରାଯାଉଛି।

**ସାଂଘାଇ୨୭।୧**

**ଚାଇନାରେ ବହୁ ବ୍ୟବସାୟ ପ୍ରତିଷ୍ଠାନ ବନ୍ଦ**

ଚାଇନାରେ କରୋନା ଭୂତାଣୁ ସଂକ୍ରମଣ ଜନିତ ମୃତ୍ୟୁସଂଖ୍ୟା ସୋମବାର ୮୧ରେ ପହଞ୍ଚିଥିବାବେଳେ ସରକାର ଚାନ୍ଦ୍ର ନୂଆବର୍ଷ ଛୁଟିକୁ ବଢ଼ାଇବା ସହ ବହୁସଂଖ୍ୟାରେ ବଡ଼ ବ୍ୟବସାୟ ବନ୍ଦ କରିଦେଇଛନ୍ତି, କିମ୍ବା ଏହାର କର୍ମଚାରୀମାନଙ୍କୁ ଘରେ ରହି କାମ କରିବାକୁ କହିଛନ୍ତି। ଚାଇନା ପ୍ରଧାନମନ୍ତ୍ରୀ ଲି କେକିଆଙ୍ଗ କରୋନା ଭୂତାଣୁ ସଂକ୍ରମଣର କେନ୍ଦ୍ରସ୍ଥଳ ୟୁହାନ ଗସ୍ତରେ ଯାଇ ସ୍ଥିତି ଅନୁଧ୍ୟାନ କରିଛନ୍ତି। ସଂକ୍ରମିତ ରୋଗୀ ସଂଖ୍ୟା ୩୦ ପ୍ରତିଶତ ବୃଦ୍ଧିପାଇ ୨୭୪୪ରେ ପହଞ୍ଚିଛି। ସେଥିରୁ ୫୦ ପ୍ରତିଶତରୁ ଅଧିକ ହୁବେଇ ପ୍ରଦେଶର ବୋଲି ଜଣାପଡ଼ିଛି। କରୋନାକୁ ନେଇ ସାରା ବିଶ୍ୱରେ ଆତଙ୍କ ଖେଳିଯାଇଛି। ଚାଇନା ଶାସିତ ହଂକଂରେ ୮ ଜଣଙ୍କଠାରେ ଏହି ଭୂତାଣୁ ଥିବା ଜଣାପଡିବା ପରେ ଗତ ୧୪ ଦିନ ମଧ୍ୟରେ ହୁବେଇ ଯାଇଥିବା ଲୋକମାନଙ୍କ ପ୍ରବେଶ ଉପରେ କଟକଣା ଜାରି ହୋଇଛି। ସୂଚନାଯୋଗ୍ୟ ମୃତ ୮୧ ଜଣଙ୍କ ମଧ୍ୟରୁ ୭୬ ଜଣ ହେଉଛନ୍ତି ହୁବେଇ ପ୍ରଦେଶର। ଏବେ ୧୦ରୁ ଅଧିକ ଦେଶରେ ଏହି ଭୂତାଣୁ ସଂକ୍ରମଣ ରୋଗୀ ଚିହ୍ନଟ ହେଲେଣି। ତେବେ ଅନ୍ୟ କୌଣସି ଦେଶରେ ଏଭଳି ରୋଗୀଙ୍କ ମୃତ୍ୟୁ ଘଟିନାହିଁ।


ଚାଇନା ସରକାର ଚାନ୍ଦ୍ର ନବବର୍ଷ ଛୁଟିକୁ ଫେବୃୟାରୀ ୨ ପର୍ଯ୍ୟନ୍ତ ବୃଦ୍ଧି କରିଛନ୍ତି। ଏହି ସମୟରେ ଲକ୍ଷ ଲକ୍ଷ ଲୋକ ବିଭିନ୍ନ ସ୍ଥାନକୁ ଭ୍ରମଣରେ ଯାଇଥାନ୍ତି। ତେବେ ଭୂତାଣୁ ଭୟ ଯୋଗୁ ଅଧିକାଂଶ ସେମାନଙ୍କ ଭ୍ରମଣ ଯୋଜନାକୁ ବାତିଲ କରିଛନ୍ତି। ସ୍ୱାସ୍ଥ୍ୟ ଯାଞ୍ଚ ପାଇଁ ହସ୍ପିଟାଲଗୁଡ଼ିକରେ ଲୋକମାନଙ୍କ ପ୍ରବଳ ଭିଡ଼ ଦେଖିବାକୁ ମିଳିଛି। ୧୧ ନିୟୁତ ଜନସଂଖ୍ୟା ବିଶିଷ୍ଟ ୟୁହାନ ସହରକୁ ଏକପ୍ରକାର ବନ୍ଦ କରିଦିଆଯାଇଛି। ଜାନୁୟାରୀ ୩୦ ପର୍ଯ୍ୟନ୍ତ ଉକ୍ତ ସହରକୁ ଭିଜା ଓ ପାସ୍‌ପୋର୍ଟ ସେବା ବନ୍ଦ ରଖାଯାଇଛି। କଟକଣା ସତ୍ତ୍ୱେ ସହରରୁ ପ୍ରାୟ ୫ ନିୟୁତ ଲୋକ ଛୁଟି କଟାଇବା ଓ ଅନ୍ୟ କାରଣରୁ ବାହାରକୁ ଯାଇଥିବା ମେୟର କହିଛନ୍ତି।

### ଇତିହାସର ଆଇନାରେ

**ଜାନୁୟାରୀ ୨୮ର ପ୍ରମୁଖ ଘଟଣା**

୧୯୨୫ ଜାନୁୟାରୀ ୨୮ରେ ଭାରତର ଖ୍ୟାତନାମା ଆଣବିକ ବୈଜ୍ଞାନିକ ରାଜା ରମନ୍ନାଙ୍କର ଜନ୍ମ। ୧୯୭୪ରେ ପୋଖରାନରେ ହୋଇଥିବା ଅଣୁଅସ୍ତ୍ର ପରୀକ୍ଷାରେ ତାଙ୍କର ପ୍ରମୁଖ ଭୂମିକା ରହିଥିଲା। ୧୯୭୨ ସେପ୍ଟେମ୍ବରରେ ତତ୍କାଳୀନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀ ତାଙ୍କୁ ଅଣୁଅସ୍ତ୍ର ନିର୍ମାଣ କରି ପରୀକ୍ଷା ପାଇଁ ପ୍ରସ୍ତୁତ ରଖିବାକୁ କହିଥିଲେ।

୧୯୮୪ ଜାନୁୟାରୀ ୨୮ରେ ଦକ୍ଷିଣ ମୋଜାମ୍ବିକରେ ପ୍ରବଳ ଝଡ଼ବର୍ଷା ହେବାରୁ ପ୍ରାୟ ୨୧୫ ଜଣ ପ୍ରାଣ ହରାଇଥିଲେ। ଅନେକ ଘର ଭାଙ୍ଗି ଯାଇଥିଲା। ପ୍ରବଳ ବର୍ଷା ଯୋଗୁ ବନ୍ୟା ଭୟଙ୍କର ରୂପ ଧାରଣ କରିଥିଲା।




ସୋମବାର ଅପରାହ୍ନ ୫ଟାରେ ମହାକାଶରୁ ନିଆଯାଇଥିବା ପାଣିପାଗ ଚିତ୍ର।

### କେମିତି ରହିବ ଆଜିର ପାଗ

**ରାଜ୍ୟ–**ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଓଡ଼ିଶାର ପ୍ରତ୍ୟେକ ଜିଲାରେ ପାଗ ମୁଖ୍ୟତଃ ଶୁଖିଲା ରହିବା ସହ ଶୀତ ଅନୁଭୂତ ହେବ।

**ସ୍ଥାନୀୟ ଅଞ୍ଚଳ–**ଭୁବନେଶ୍ୱର ଓ ଏହାର ଆଖପାଖ ଅଞ୍ଚଳରେ ପାଗ ପ୍ରାୟତଃ ଶୁଖିଲା ରହିବ। ମଙ୍ଗଳବାର ଏଠାରେ ସର୍ବୋଚ୍ଚ ତାପମାତ୍ରା ୨୯ ଡିଗ୍ରୀ ଏବଂ ସର୍ବନିମ୍ନ ୧୩ ଡିଗ୍ରୀ ସେଲ୍‌ସିୟସ୍ ରହିବ ବୋଲି ଅନୁମାନ କରାଯାଇଛି। ସୋମବାର ରାଜ୍ୟରେ ରେକର୍ଡ କରାଯାଇଥିବା ସର୍ବୋଚ୍ଚ ଓ ସର୍ବନିମ୍ନ ତାପାମାତ୍ରା ପାର୍ଶ୍ୱରେ ଦିଆଗଲା।

| ସ୍ଥାନ | ସର୍ବୋଚ୍ଚ ତାପମାତ୍ରା | ସର୍ବ ନିମ୍ନ ତାପମାତ୍ରା |
|---|---|---|
| ବାଲେଶ୍ୱର | ୨୭.୫ | ୧୧.୧ |
| ଚାନ୍ଦବାଲି | ୨୬.୫ | ୧୩.୯ |
| କଟକ | ୨୯.୮ | ୧୨.୫ |
| ପାରାଦ୍ୱୀପ | ୨୬.୭ | ୧୬.୧ |
| ଭୁବନେଶ୍ୱର | ୨୯.୪ | ୧୩.୩ |
| ଗୋପାଳପୁର | ୨୯.୧ | ୧୭.୮ |
| ପୁରୀ | ୨୬.୫ | ୧୫.୦ |
| ଅନୁଗୋଳ | ୨୯.୭ | ୮.୬ |
| ବାରିପଦା | ୨୬.୦ | ୧୧.୫ |
| ଝାରସୁଗୁଡ଼ା | ୨୮.୬ | ୧୦.୨ |
| କେନ୍ଦୁଝର | ୨୭.୪ | ୧୦.୪ |
| ସମ୍ବଲପୁର | ୨୯.୫ | ୧୦.୮ |
| ସୁନ୍ଦରଗଡ଼ | ୨୬.୦ | ୧୧.୦ |
| ହୀରାକୁଦ | ୨୮.୭ | ୧୨.୭ |
| ତାଳଚେର | ୩୨.୩ | ୧୧.୫ |
| ଭବାନୀପାଟଣା | ୩୦.୦ | ୧୨.୦ |
| ବଲାଙ୍ଗୀର | ୩୦.୭ | ୧୨.୦ |
| କୋରାପୁଟ | ୩୦.୦ | ୧୧.୫ |
| ଫୁଲବାଣୀ | ୨୭.୪ | ୮.୩ |
| ଟିଟିଲାଗଡ଼ | ୩୨.୦ | ୯.୬ |
| ମାଲକାନଗିରି | ୩୧.୦ | ୧୦.୦ |
| ସୋନପୁର | ୨୯.୦ | ୮.୦ |
| ଦାରିଙ୍ଗିବାଡ଼ି | ୨୬.୫ | ୧୦.୦ |

ଡିଗ୍ରୀ ସେଲ୍‌ସିୟସ୍

## ବୋଡୋ ଚୁକ୍ତିନାମା ସ୍ୱାକ୍ଷର

**ନୂଆଦିଲ୍ଲୀ,୨୭।୧(ପି.ଟି.)**

**ଶାନ୍ତି, ସଦ୍‌ଭାବନାର ନୂଆ ସକାଳ ଆଣିବ: ମୋଦି**

ବୋଡୋ ସମସ୍ୟାର ସମାଧାନ ଲାଗି ସରକାର ସୋମବାର ଆସାମର ଦୁଇ ଉଗ୍ରପନ୍ଥୀ ସଂଗଠନ ନ୍ୟାଶନାଲ ଡେମୋକ୍ରାଟିକ୍ ଫ୍ରଣ୍ଟ ଅଫ୍ ବୋଡୋଲ୍ୟାଣ୍ଡ (ଏନ୍‌ଡିଏଫ୍‌ବି) ଏବଂ ଅଲ୍ ବୋଡୋ ଷ୍ଟୁଡେଣ୍ଟସ୍ ୟୁନିୟନ (ଏବିଏସ୍‌ୟୁ) ସହ ଚୁକ୍ତିନାମା ସ୍ୱାକ୍ଷର କରିଛନ୍ତି। ବୋଡୋଲ୍ୟାଣ୍ଡ ରାଜ୍ୟ ଗଠନ ଆନ୍ଦୋଳନର ନେତୃତ୍ୱ ନେଉଥିଲା ଏବିଏସ୍‌ୟୁ। ଏହି ତ୍ରିପାକ୍ଷିକ ଚୁକ୍ତିନାମାରେ ଆସାମ ମୁଖ୍ୟମନ୍ତ୍ରୀ ସର୍ବାନନ୍ଦ ସୋନୋୱାଲ, ଏନ୍‌ଡିଏଫ୍‌ବି ଏବଂ ଏବିଏସ୍‌ୟୁର ଶୀର୍ଷ ନେତୃତ୍ୱ, ସ୍ୱରାଷ୍ଟ୍ର ମନ୍ତ୍ରଣାଳୟର ଯୁଗ୍ମ ସଚିବ ସତ୍ୟେନ୍ଦ୍ର ଗର୍ଗ ଏବଂ ଆସାମର ମୁଖ୍ୟ ଶାସନ ସଚିବ କୁମାର ସଞ୍ଜୟ କ୍ରିଷ୍ଣା ସ୍ୱାକ୍ଷର କରିଛନ୍ତି। ଏହି ସମୟରେ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହା ଉପସ୍ଥିତ ଥିଲେ। ଏହା ଏକ ଐତିହାସିକ ମୁହୂର୍ତ୍ତ ବୋଲି ଶାହା କହିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏହି ପଦକ୍ଷେପକୁ ଉଚ୍ଚ ପ୍ରଶଂସା କରିଛନ୍ତି। ଏହା ଶାନ୍ତି, ସଦ୍‌ଭାବନା ଓ ଭାଇଚାରାର ନୂଆ ସକାଳ ଆଣିବ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି। ଚୁକ୍ତିନାମା ଅନୁଯାୟୀ ବୋଡୋ ସଂଗଠନକୁ ବିଭିନ୍ନ ରାଜନୈତିକ ଓ ଆର୍ଥିକ ସହାୟତା ଯୋଗାଇଦିଆଯିବ। ଚୁକ୍ତି ଅନୁଯାୟୀ ପୂର୍ବରୁ ଯେଉଁମାନେ ସଶସ୍ତ୍ର ଉଗ୍ରବାଦୀ ସଂଗଠନରେ ସାମିଲ ଥିଲେ, ସେମାନେ ଏବେ ମୁଖ୍ୟସ୍ରୋତରେ ସାମିଲ ହେବେ ଓ ରାଷ୍ଟ୍ରର ବିକାଶରେ ସହଯୋଗ କରିବେ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି।



ଧରିତ୍ରୀ
DHARITRI
ଢେଙ୍କାନାଳ, ମଙ୍ଗଳବାର ୨୮ ଜାନୁୟାରୀ, ୨୦୨୦



ଭବିଷ୍ୟତରେ ସାପ ବିଷରୁ ତିଆରି ହେବାକୁ ଥିବା ଆଣ୍ଟି ଭେନମର ପ୍ରସ୍ତୁତିରେ ବଡ ସଫଳତା ମିଳିପାରେ ବୋଲି ଆଶା କରାଯାଉଛି। ବୈଜ୍ଞାନିକମାନେ ପରୀକ୍ଷାଗାରରେ ପ୍ରକୃତ ସାପର ବିଷଗ୍ରନ୍ଥି ବିକଶିତ କରିଛନ୍ତି ବୋଲି ଜଣାପଡିଛି। ଏହା ମାଧ୍ୟମରେ ବହୁ ପରିମାଣରେ ଅସଲ ସାପର ବିଷ ପ୍ରସ୍ତୁତ କରାଯାଇ ପାରିବ। 'ସେଲ' ଜର୍ଣ୍ଣାଲରେ ପ୍ରକାଶିତ ଏକ ଅଧ୍ୟୟନରେ ବୈଜ୍ଞାନିକମାନେ ଏହା ପ୍ରକାଶ କରିଛନ୍ତି। ଏମାନେ କେପ୍ କୋରଲ ସାପର ବିଷଗଛି ପ୍ରସ୍ତୁତ କରିଥିବା କହିଛନ୍ତି। ଏହି ସାପ ଦକ୍ଷିଣ ଆଫ୍ରିକାର କିଛି ସ୍ଥାନରେ ଦେଖାଯାଇଥାଏ।



# ଡିଜିଟାଲ ଯୁଗରେ ତଥ୍ୟ ସୁରକ୍ଷା ଲୋଡ଼ା



ତଥ୍ୟ ଗୋପନୀୟତା ଦିବସ

ଡିଜିଟାଲ ଯୁଗରେ ତଥ୍ୟ ଗୋପନୀୟତା ତଥା ସୁରକ୍ଷା ଉପରେ ଲୋକମାନଙ୍କୁ ସଚେତନ କରିବା ଲକ୍ଷ୍ୟ ନେଇ ପ୍ରତିବର୍ଷ ଜାନୁୟାରୀ ୨୮ରେ ପାଳନ କରାଯାଉଛି ଡାଟା ପ୍ରାଇଭେସି ଡେ' ବା ତଥ୍ୟ ଗୋପନୀୟତା ଦିବସ। ଏହି ଦିବସ ୨୦୦୭ରେ କାଉନ୍‌ସିଲ ଅଫ୍ ୟୁରୋପ ଦ୍ୱାରା ପ୍ରଥମେ ୟୁରୋପୀୟାନ ଡାଟା ପ୍ରୋଟେକ୍‌ସନ ଦିବସ ବା ୟୁରୋପୀୟ ତଥ୍ୟ ସୁରକ୍ଷା ଦିବସ ଭାବେ ଆରମ୍ଭ କରାଯାଇଥିଲା। ଏହାର ଦୁଇ ବର୍ଷ ପରେ ଅର୍ଥାତ୍ ୨୬ ଜାନୁୟାରୀ, ୨୦୦୯ରେ ଜାତିସଂଘ ସାଧାରଣ ପରିଷଦ ୨୮ ଜାନୁୟାରୀକୁ ଜାତୀୟ ତଥ୍ୟ ଗୋପନୀୟତା ଦିବସ ଘୋଷଣା କରି ଏକ ପ୍ରସ୍ତାବ ଗ୍ରହଣ କରିବା ପରେ ଜାତିସଂଘ ସିନେଟ୍ ୨୦୧୦-୨୦୧୧ରେ ଏହାକୁ ସ୍ୱୀକୃତି ପ୍ରଦାନ କରିଥିଲା

ଏହା ନିଃସନ୍ଦେହ ଯେ,ଡିଜିଟାଲ ସିଷ୍ଟମ ଉପରେ ନିର୍ଭର କରୁଥିବା ଲୋକଙ୍କ ସଂଖ୍ୟା କେବଳ ଭାରତ ନୁହେଁ ସାରା ବିଶ୍ୱରେ ବୃଦ୍ଧି ପାଉଛି। ନେଟ୍ ବ୍ୟାଙ୍କିଙ୍ଗ୍ ହେଉ କିମ୍ବା ଜରୁରୀ ଟ୍ରାଞ୍ଜାକ୍ସନ, ଏହା ପ୍ରତି ଲୋକମାନେ ଆଗ୍ରହ ପ୍ରକାଶ କରୁଛନ୍ତି। ଆମ ଦେଶରେ 'ଡିଜିଟାଲ ଇଣ୍ଡିଆ'କୁ ଆଗେଇ ନେବା ପାଇଁ ଡିଜିଟାଲ ସିଷ୍ଟମ୍‌କୁ ଲୋକାଭିମୁଖୀ କରାଯାଉଛି। ଏଥିଲାଗି ଗ୍ରାମୀଣ ଅଞ୍ଚଳରେ ନେଟ୍ ସୁବିଧାଠାରୁ ଆରମ୍ଭକରି ନେଟ୍ ବ୍ୟାଙ୍କିଙ୍ଗ୍‌ର ଉପଯୋଗ ଉପରେ ଗୁରୁତ୍ୱ ଦିଆଯାଉଛି। କିନ୍ତୁ ଡିଜିଟାଲ ପ୍ଲାଟଫର୍ମ ଏବେ ସୁବିଧାଜନକ ମନେକରାଯାଉଥିବାବେଳେ ଏହା ସମ୍ମୁଖରେ ଉଭା ହୋଇଛି ଅନେକ ସମସ୍ୟା। ଜରୁରୀ ତଥ୍ୟ ଚୋରି ହେବା ସହ ବ୍ୟକ୍ତିଗତ ତଥ୍ୟ ବାହାରକୁ ପ୍ରକାଶ ପାଉଛି। ଏଥିରୁ ମୁକ୍ତି ପାଇବା ଲାଗି ଭାରତରେ ଏହି ଦିବସ ପାଳନ ଗୁରୁତ୍ୱପୂର୍ଣ୍ଣ ମନେହୁଏ।

ଡାଟା କିପରି ଲିକ୍ ନ ହେବ ସେଥିପ୍ରତି ସତର୍କ ରହିବା ପାଇଁ ଏହି ଦିବସରେ ଲୋକମାନଙ୍କୁ ଅବଗତ କରାଯାଏ। କିଭଳି ମୋବାଇଲ ଫୋନ୍‌ରେ ସର୍ବନିମ୍ନ ଆପ୍ଲିକେଶନ ରଖାଯାଇପାରିବ ସେ ସମ୍ପର୍କରେ ଏକ୍ସପର୍ଟମାନେ ଅବଗତ କରିଥାନ୍ତି। ଉକ୍ତ ଦିନ ଅନ୍‌ଲାଇନ ବିଶେଷ କରି ସୋସିଆଲ ନେଟ୍‌ୱର୍କରେ ବ୍ୟକ୍ତିଗତ ତଥ୍ୟ କେମିତି ଗୋପନୀୟ ରହିପାରିବ ସେ ସମ୍ବନ୍ଧରେ ମଧ୍ୟ ସଚେତନତା ସୃଷ୍ଟି କରାଯାଏ। ଏହି ଅବସରରେ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ କରାଯାଇ ବ୍ୟକ୍ତିଗତ ତଥ୍ୟ ଉପରେ ନିୟନ୍ତ୍ରଣ ରଖିବା ଲାଗି ବିକଶିତ ବୈଷୟିକ ଉପକରଣ ବିଷୟରେ ଅବଗତ କରାଯିବା ସହ ଓ ଗୋପନୀୟତା ସମ୍ପର୍କିତ ନୀତିନିୟମ ପାଳନ କରିବା ନିମନ୍ତେ ପ୍ରୋତ୍ସାହିତ କରାଯାଏ। ବିଜ୍‌ନେସ କ୍ଷେତ୍ରରେ ନ୍ୟାଶ୍‌ନାଲ ସାଇବର ସିକ୍ୟୁରିଟି ଆଲାଏନ୍ସ (ଏନ୍‌ସିଏସ୍‌ଏ) ଡାଟା ଗୋପନୀୟତା ଦିବସ ଅଭିଯାନରେ ଡିଜିଟାଲ୍ ସିଷ୍ଟମ୍‌ରେ ଡାଟା ସୁରକ୍ଷିତ ରଖିବା ବିଷୟରେ ବ୍ୟକ୍ତିମାନଙ୍କୁ ଅବଗତ କରିଥାଏ।

# ହୋମ୍ ପ୍ରଡକ୍ସନର ୨ୟ ଫିଲ୍ମ ପାଇଁ ପ୍ରସ୍ତୁତ ଦୀପିକା



**ମୁମ୍ବାଇ:** ବଲିଉଡ୍ ମସ୍ତାନୀ ଦୀପିକା ପାଦୁକୋନ୍‌ଙ୍କ ଫ୍ୟାନ୍‌ମାନଙ୍କ ପାଇଁ ଏକ ଖୁସି ଖବର। ଫିଲ୍ମ 'ଛପାକ୍' ପରେ ନିଜ ପ୍ରଡକ୍ସନ ହାଉସ୍‌ର ଦ୍ୱିତୀୟ ଫିଲ୍ମ ଘୋଷଣା କରିଛନ୍ତି ଦୀପିକା। ଏହି ଫିଲ୍ମ ହେଉଛି ଏକ ସୁପର୍‌ହିଟ ହଲିଉଡ୍ ଫିଲ୍ମର ଅଫିସିଆଲ୍ ରିମେକ୍। ତେବେ ଫିଲ୍ମରେ ଦୀପିକା ମୁଖ୍ୟ ଭୂମିକାରେ ରହିଥିବାବେଳେ ସମାନ୍ତରାଳ ଭାବେ ଋଷି କପୁର ମଧ୍ୟ ମୁଖ୍ୟ ଭୂମିକାରେ ନଜରକୁ ଆସିବେ। ପୂର୍ବରୁ ଉଭୟ 'ଲଭ୍ ଆଜ୍ କଲ୍' ଫିଲ୍ମରେ ଏକାଠି କାମ କରିସାରିଛନ୍ତି, ଯେଉଁଥିରେ ଋଷି ମଧ୍ୟ ମୁଖ୍ୟ ଭୂମିକାରେ ନଜରକୁ ଆସିଥିଲେ। ନିଜ ଅଫିସିଆଲ ଟୁଇଟର ହ୍ୟାଣ୍ଡେଲ୍‌ରେ ଦୀପିକା ଆଗାମୀ ପ୍ରୋଜେକ୍ଟ ନେଇ ସୂଚନା ଦେଇଛନ୍ତି। ସେ କହିଛନ୍ତି, ନିଜ ଆଗାମୀ ଫିଲ୍ମ ପାଇଁ ଉତ୍ସାହିତ ଅଛି। ଏହା ହେଉଛି ହଲିଉଡ୍ ଫିଲ୍ମ 'ଦ ଇଣ୍ଟର୍ନ'ର ଭାରତୀୟ ଆଡପ୍‌ଶନ। ୨୦୨୧ରେ ଫିଲ୍ମଟି ରିଲିଜ୍ ହେବ ବୋଲି ଦୀପିକା ଟୁଇଟ୍ ଯୋଗେ ଜଣାଇଛନ୍ତି। ତେବେ ଦୀପିକାଙ୍କ ହୋମ୍ ପ୍ରଡକ୍ସନ 'କା ଏଣ୍ଟରଟେନମେଣ୍ଟ', ୱାର୍ନର ବ୍ରୋସ୍ ଇଣ୍ଡିଆ ଏବଂ ଏଜ୍ୟୁର୍ ମିଳିତ ଭାବେ ଫିଲ୍ମର ପ୍ରଯୋଜନା କରିବେ। ସେହିପରି ଋଷି କପୁର ମଧ୍ୟ ନିଜ ଅଫିସିଆଲ୍ ଟୁଇଟର ହ୍ୟାଣ୍ଡେଲ୍‌ରେ ଉଭୟଙ୍କ ଆଗାମୀ ଫିଲ୍ମ ବାବଦରେ ସୂଚନା ଦେଇଛନ୍ତି। ଫିଲ୍ମ 'ଦ ଇଣ୍ଟର୍ନ'ର ରିମେକ୍ ସହ ଦୀପିକାଙ୍କ ସହିତ ଏକ ନୂଆ ଯାତ୍ରା ଆରମ୍ଭ କରୁଛି ବୋଲି ଋଷି ଟୁଇଟ୍‌ରେ ଲେଖିଛନ୍ତି। ଅନ୍ୟପଟେ ଦୀପିକାଙ୍କ କ୍ୟାରିୟର ବିଷୟରେ କହିବାକୁ ଗଲେ, ସେ 'ଛପାକ୍'ରୁ ଫିଲ୍ମ ପ୍ରଯୋଜନା କ୍ଷେତ୍ରରେ ପାଦ ରଖିଲେ। ଚଳିତମାସ ୧୦ ତାରିଖରେ ଫିଲ୍ମଟି ରିଲିଜ୍ ହୋଇଥିଲା, ଯାହାର ନିର୍ଦ୍ଦେଶନା ଦେଇଥିଲେ ମେଘନା ଗୁଲ୍‌ଜାର। ହେଲେ ବକ୍ସ ଅଫିସ୍‌ରେ ଫିଲ୍ମଟି ସେଭଳି ଆଖିଦୃଶିଆ ସଫଳତା ଅର୍ଜନ କରିପାରିଲା ନାହିଁ କି ଅସଫଳ ମଧ୍ୟ ହେଲାନାହିଁ।

# ୨୭ ବର୍ଷ ଧରି କରୁଛନ୍ତି ଅଚିହ୍ନା ମୃତଦେହ ସଂସ୍କାର



ପଦ୍ମଶ୍ରୀ ମହମ୍ମଦ ଶରିଫ୍

**ଅଯୋଧ୍ୟା:** ଉତ୍ତରପ୍ରଦେଶ ଅଯୋଧ୍ୟାର ମହମ୍ମଦ ଶରିଫ୍‌ଙ୍କୁ ୨୦୨୦ରେ ପଦ୍ମଶ୍ରୀ ସମ୍ମାନ ମିଳିବ ବୋଲି ଘୋଷଣା କରାଯାଇଛି। ଶରିଫ୍ ଗତ ୨୭ ବର୍ଷ ଧରି ଅଚିହ୍ନା ମୃତଦେହଙ୍କ ସଂସ୍କାର ଜାରି ରଖିଛନ୍ତି। ଇତିମଧ୍ୟରେ ସେ ୩ ହଜାର ହିନ୍ଦୁ ଏବଂ ଅଢ଼େଇ ହଜାର ମୁସଲମାନ୍‌ଙ୍କ ମୃତଦେହ ସଂସ୍କାର କରି ସାରିଲେଣି। ୧୯୯୩ରେ ତାଙ୍କ ପୁଅ ସୁଲତାନପୁରକୁ ଔଷଧ ଆଣିବାକୁ ଯାଇଥିଲେ। ତେବେ ସେ ଆଉ ଫେରି ନ ଥିଲେ। ତାଙ୍କର ଏକ ଦୁର୍ଘଟଣାରେ ମୃତ୍ୟୁ ଘଟିଥିଲା। ବହୁ ଖୋଜାଖୋଜି ପରେ ମଧ୍ୟ ପୁଅଙ୍କ କୌଣସି ଖୋଜ୍ ଖବର ମିଳି ନ ଥିଲା। ଶେଷରେ ଏକମାସ ପରେ ଖବର ମିଳିଥିଲା ଯେ, ତାଙ୍କ ପୁଅଙ୍କ ମୃତଦେହକୁ କେହି ଜଣେ ଅପରିଚିତ ଲୋକ ସଂସ୍କାର କରିଛନ୍ତି। ପୁଅର ଶର୍ଟରେ ଥିବା ଟେଲରର ଟ୍ୟାଗ୍‌ରୁ ସଂସ୍କାର କରାଯାଇଥିବା ମୃତଦେହ ସମ୍ପର୍କରେ ଶରିଫ୍ ଜାଣି ପାରିଥିଲେ। ଏହି ଘଟଣା ଶରିଫ୍‌ଙ୍କ ମନରେ ଭାବାନ୍ତର ସୃଷ୍ଟି କରିଥିଲା। ସେବେଠାରୁ ସେ ଅଚିହ୍ନା ମୃତଦେହଗୁଡ଼ିକର ସଂସ୍କାର କାର୍ଯ୍ୟ ଜାରି ରଖିଛନ୍ତି।

# ୪ ବର୍ଷରେ ୧୧୦ କିଲୋ ଓଜନ କମାଇଲେ ବାଳକ

**ଜାକର୍ତ୍ତା:** ପୃଥିବୀର ସବୁଠାରୁ ମେଦବହୁଳ ବାଳକ ଗତ ୪ ବର୍ଷରେ ୧୧୦ କିଲୋ ଓଜନ କମାଇଛନ୍ତି। ସେ ବାଳକ ଜଣକ ହେଉଛନ୍ତି ଇଣ୍ଡୋନେସିଆର ୧୪ ବର୍ଷ ବୟସ୍କ ଆରିୟା ପରମାନା। ପୂର୍ବରୁ ତାଙ୍କ ଓଜନ ୧୯୩ କିଲୋ ଥିଲା। ତେବେ ନିୟମିତ ବ୍ୟାୟାମ ଏବଂ ବାରିଆଟିକ୍ ସର୍ଜରୀ କରାଯିବା ଦ୍ୱାରା ତାଙ୍କର ଓଜନ କମି ଏବେ ୮୩ କିଲୋରେ ପହଞ୍ଚିଛି। ୪୯ ବର୍ଷ ବୟସ୍କ ଟ୍ରେନର ଅଦେ ରୟଙ୍କ ସହଯୋଗରେ ଏହା ସମ୍ଭବ ହୋଇଥିବା ଆରିଆ କହିଛନ୍ତି। ସେ ଟ୍ରେନିଂ ସମୟର ଏକ ଭିଡ଼ିଓ ମଧ୍ୟ ସୋସିଆଲ୍ ମିଡ଼ିଆରେ ଶେୟାର କରିଛନ୍ତି। ୪ ବର୍ଷ ବୟସରୁ ତାଙ୍କର ଓଜନ ବଢ଼ିବାରେ ଲାଗିଥିଲା। ଆରିୟାଙ୍କୁ ୧୦ ବର୍ଷ ହୋଇଥିବାବେଳେ ତାଙ୍କ ଓଜନ ୧୯୩ କିଲୋରେ ପହଞ୍ଚିଥିଲା। ଏହାପରେ ପିତା ଆରିୟାଙ୍କ ଟ୍ରେନରଙ୍କ ପାଖକୁ ନେଇଯାଇଥିଲେ।



# ନିଆଁ ଲଗାଇ କେଶ କାଟିଲେ ବାରିକ

**ନୂଆଦିଲ୍ଲୀ:** ପ୍ରତିଦିନ କିଛି ନା କିଛି ଟିକ୍‌ଟକ୍ ଭିଡିଓ ଭାଇରାଲ ହେଉଛି। ଏବେ ଏମିତି ଏକ ଭିଡିଓ ଭାଇରାଲ ହୋଇଛି ଯାହାକୁ ୪ କୋଟି ଥର ଦେଖାସରିଲାଣି। ଉକ୍ତ ଭିଡିଓରେ ବାରିକ ଜଣେ ଯୁବକଙ୍କ କେଶ କାଟିବା ପୂର୍ବରୁ ସେଥିରେ କିଛି ଜେଲ୍ ଲଗାଉଥିବା ଦେଖାଯାଇଛି। ଏହାପରେ ଏଥିରେ ଲାଇଟର ସାହାଯ୍ୟରେ ନିଆଁ ଲଗାଇ ଦୁଇଟି ପାନିଆରେ ସେଟ୍ କରୁଥିବା ଦେଖାଯାଇଛି। ଏହାପରେ ଆପଣାଛାଏଁ ନିଆଁ ଲିଭିଯାଉଛି ଓ ଯୁବକଙ୍କର କେଶ ମଧ୍ୟ କମ୍ ହୋଇଯାଇଛି। ତେବେ ଏହି ସମୟରେ ଯୁବକ ଜଣଙ୍କ ଚୁପ୍ ହୋଇ ବସି ରହିଛନ୍ତି। ନଭେମ୍ବର ମାସର ଏହି ଭିଡିଓ ଏବେ ଭାଇରାଲ ହୋଇଥିବା କୁହାଯାଇଛି। ଏପର୍ଯ୍ୟନ୍ତ ଏହାକୁ ପ୍ରାୟ ୪କୋଟି ଥର ଦେଖାଯାଇ ସାରିଲାଣି ବୋଲି ଜଣାପଡିଛି। ତେବେ ଭିଡିଓଟି କେବେକାର ଓ କେଉଁ ସ୍ଥାନର ତାହା ଏପର୍ଯ୍ୟନ୍ତ ସ୍ପଷ୍ଟ ହୋଇ ନ ଥିବା ବେଳେ ଏହା ଭାରତର ବୋଲି ଅନୁମାନ କରାଯାଉଛି।



ଭିଡିଓ ଭାଇରାଲ

## ଯବାନଙ୍କ ଦେଶପ୍ରେମ

# ମାଟି ପାଇଁ ୧୪ ହଜାର ଖର୍ଚ୍ଚ

**ନୂଆଦିଲ୍ଲୀ:** ମାଟି ମା' ବା ଜନ୍ମଭୂମି ପ୍ରତି ଭଲପାଇବା ଓ ସମ୍ମାନ ସମସ୍ତଙ୍କ ମନରେ ରହିଥାଏ। ପାଠପଢ଼ା କିମ୍ବା ଚାକିରି ପାଇଁ ଅନ୍ୟ କୌଣସି ସ୍ଥାନକୁ ଚାଲିଗଲେ ବି ଜନ୍ମଭୂମି ପ୍ରତି ଭଲପାଇବା କମ୍ ହୁଏନି। ଆମେରିକାରେ ଏମିତି କିଛି ଘଟଣା ନଜରକୁ ଆସିଛି, ଯାହା ଜଣେ ବ୍ୟକ୍ତିଙ୍କର ଜନ୍ମଭୂମି ପ୍ରତି ରହିଥିବା ପ୍ରେମକୁ ପ୍ରତିଫଳିତ କରୁଛି। ନିଜ ସନ୍ତାନର ପ୍ରଥମ ପାଦ କିପରି ଜନ୍ମମାଟି ଉପରେ ପଡ଼ିବ ସେ ନେଇ ଯୁବକ ଜଣକ ନିଜ ଦେଶରୁ ମାଟି କିଣି ଆଣିଥିବା ଜଣାପଡ଼ିଛି। ଏଥିପାଇଁ ତାଙ୍କୁ ୨୦୦ ଡଲାର ଖର୍ଚ୍ଚ କରିବାକୁ ପଡିଛି। ଘଟଣାଟି ଏମିତି, ଆମେରିକାର ଟେକ୍‌ସାସ୍‌ଠାରେ ଟୋନୀ ଟ୍ରାକୋନୀଙ୍କର ଜନ୍ମ। ସେଠାରେ ପାଠପଢ଼ା ସାରିବା ପରେ ସେ ସୈନ୍ୟବାହିନୀରେ ଯୋଗଦେଇଥିଲେ। ତାଙ୍କ ପିଲା ମାତୃଭୂମି ଟେକ୍‌ସାସ୍‌ରେ ଜନ୍ମହେଉ ବୋଲି ଟୋନୀଙ୍କର ସବୁବେଳେ ଇଚ୍ଛାଥିଲା। ମାତ୍ର ପିଲା ଜନ୍ମହେବାର କିଛିଦିନ ପୂର୍ବରୁ ହିଁ ଇଟାଲୀର ପୋଡୁଆଙ୍କୁ ଟୋନୀଙ୍କର ବଦଳି ହୋଇଗଲା। ତେଣୁ ପିଲା ଜନ୍ମହେବା ପୂର୍ବରୁ ସେ ଜନ୍ମଭୂମି ଆଣି ପାଖରେ ରଖିବେ ବୋଲି ଚିନ୍ତା କରିଥିଲେ। ଟୋନୀଙ୍କ କହିବା ଅନୁସାରେ, ତାଙ୍କ ମା'ବାପା ଏକ କଣ୍ଟେନରରେ ମାଟି ଭର୍ତ୍ତିକରି ଜାହାଜ ଯୋଗେ ଇଟାଲି ପଠାଇଥିଲେ। ସେଥିପାଇଁ ତାଙ୍କୁ ପାଖାପାଖି ୨୦୦ ଡଲାର ଅର୍ଥାତ୍ ୧୪ ହଜାର ଟଙ୍କା ଖର୍ଚ୍ଚ କରିବାକୁ ପଡ଼ିଥିଲା।



# ୫୧ ବର୍ଷରେ ବବି ଦେଓଲ

## ଫିଲ୍ମ 'ବରସାତ୍'ରୁ ରାତାରାତି ହୋଇଥିଲେ ଷ୍ଟାର



ମୁମ୍ବାଇ: ବଲିଉଡ୍‌ରେ ନିଜର ଭିନ୍ନ ହେୟାର ଷ୍ଟାଇଲ୍‌ରେ ଯୁବପିଢ଼ିଙ୍କୁ ନିଜ ପ୍ରତି ଆକର୍ଷିତ କରିଥିଲେ ୯୦ ଦଶକର ଅଭିନେତା ବବି ଦେଓଲ୍। ନିଜ ଲମ୍ବା ଓ କର୍ଲି ହେୟାର ସେହି ସମୟର ଯୁବପିଢ଼ିଙ୍କ ମଧ୍ୟରେ ଏକ କ୍ରେଜ୍ ସୃଷ୍ଟି କରିପାରିଥିଲେ ବବି। କ୍ୟାରିୟର ଭିତରେ ଖରାପ ସମୟ ଦେଇ ଗତି କରିଥିବା ବବି ସୋମବାର ନିଜର ୫୧ତମ ଜନ୍ମଦିନ ପାଳନ କରିଛନ୍ତି। ବବି ୧୯୬୭ ଜାନୁୟାରୀ ୨୭ରେ ମୁମ୍ବାଇରେ ଜନ୍ମଗ୍ରହଣ କରିଥିଲେ। ୧୯୭୭ରେ ବବି ନିଜ ପିତା ଧର୍ମେନ୍ଦ୍ରଙ୍କ ସହ ଫିଲ୍ମ 'ଧରମବୀର'ରେ ଶିଶୁ କଳାକାର ଭାବେ ନଜର ଆସିଥିଲେ। ଏହି ଫିଲ୍ମରେ ଦର୍ଶକ ତାଙ୍କ ଅଭିନୟକୁ ବେଶ୍ ପସନ୍ଦ କରିଥିଲେ। ବବିଙ୍କ ଅଭିନୀତ ୯୦ ଦଶକର ସେହି ଗୀତଗୁଡିକୁ ଆଜି ବି ପ୍ରଶଂସକ ମନେ ରଖିଛନ୍ତି। ୧୯୯୫ରେ ଟ୍ୱିଙ୍କିଲ ଖାନ୍ନାଙ୍କ ସହ ବବି ଦେଓଲଙ୍କ ଅଭିନୀତ ଫିଲ୍ମ 'ବରସାତ୍' ତାଙ୍କୁ ଏକ ସ୍ୱତନ୍ତ୍ର ପରିଚୟ ଦେବା ସହ ରାତାରାତି ସୁପରଷ୍ଟାର କରିଦେଇଥିଲା। ଏହି ଫିଲ୍ମରେ ତାଙ୍କର ହେୟାର ଷ୍ଟାଇଲ୍ ବେଶ୍ ଚର୍ଚ୍ଚା ସାଉଁଟିଥିବା ବେଳେ ଯୁବପିଢ଼ି ଏହାକୁ କପି କରିବାକୁ ଲାଗିଥିଲେ। ଏହାପରେ ଫିଲ୍ମ ସୋଲ୍‌ଜର, ବାଦଲ, ଗୁପ୍ତ, ବିଚ୍ଛୁ, ଅଜ୍‌ନବୀ ଭଳି ବହୁ ସୁପରହିଟ୍ ଫିଲ୍ମ ବକ୍ସ ଅଫିସ୍‌ରେ ଧମାଲ୍ କରିଥିଲା। ୨୦୦୦ରେ ଆସିଥିବା ଫିଲ୍ମ 'ବାଦଲ' ପାଇଁ ତାଙ୍କୁ 'ଫିଲ୍ମ ଫେୟାର ବେଷ୍ଟ ଡେବ୍ୟୁ' ପୁରସ୍କାରରେ ସମ୍ମାନିତ କରାଯାଇଥିଲା। ଏହାପରେ ଗୋଟିଏ ପରେ ଗୋଟିଏ ହିଟ୍ ଫିଲ୍ମ ଦେଇଥିଲେ ବବି। ଗୋଟିଏ ସମୟ ଥିଲା ଫିଲ୍ମ ଇଣ୍ଡଷ୍ଟ୍ରିରେ ସେ ରାଜ୍ କରୁଥିଲେ। ହେଲେ ଏମିତି ଏକ ସମୟ ଆସିଲା ଯେତେବେଳେ ତାଙ୍କୁ ଏକ ଡିଜେ ଭାବେ କାମ କରିବାକୁ ପଡ଼ିଥିଲା। ଫିଲ୍ମଠାରୁ ବହୁ ସମୟ ପର୍ଯ୍ୟନ୍ତ ଦୂରେଇ ରହିବା ପରେ ୨୦୧୬ରେ ସେ ଡିଜେ ଭାବେ କ୍ୟାରିୟର କରିଥିଲେ। ତେବେ ହୋମ୍ ପ୍ରୋଡକ୍ସନରେ ତିଆରି ହୋଇଥିବା 'ୟମ୍‌ଲା ପଗ୍‌ଲା ଦିୱାନା' ତାଙ୍କର ଶେଷ ଅଭିନୀତ ଫିଲ୍ମ ଥିଲା।

# ବିବାହ କଲେ ପ୍ରଥମ ଟ୍ରାନ୍ସଜେଣ୍ଡର ଖବରଦାତା

**ଥିରୁଭାନନ୍ତପୁରମ:** କେରଳର ପ୍ରଥମ ଟ୍ରାନ୍ସଜେଣ୍ଡର ଖବରଦାତା ହେଇଦି ସାଦିୟା ବିବାହ କରିଛନ୍ତି। ଏର୍ନାକୁଲମରେ ଅଥର୍ବ ମୋହନଙ୍କୁ ସେ ରବିବାର ବିବାହ କରିଥିବା ଜଣାପଡିଛି। ସ୍ପେଶାଲ ମ୍ୟାରେଜ୍ ଆକ୍ଟ ମାଧ୍ୟମରେ ଏହି ବିବାହ କରାଯାଇଛି। ସାଦିୟା ପ୍ରଥମ ଟ୍ରାନ୍ସଜେଣ୍ଡର ଖବରଦାତା ହୋଇଥିବା ବେଳେ ରାଜ୍ୟରେ ଏହା ଚତୁର୍ଥ ଟ୍ରାନ୍ସଜେଣ୍ଡର ବିବାହ ବୋଲି ଜଣାପଡିଛି। ସାଦିୟା କେରଳର ଏକ ଜଣାଶୁଣା ନ୍ୟୁଜ୍ ଚ୍ୟାନେଲରେ ଖବରଦାତା ଭାବେ କାମ କରୁଥିବା ବେଳେ ଅଥର୍ବ ତ୍ରିଭାନ୍ଦ୍ରମରେ ଏକ ଘରୋଇ ସଂସ୍ଥାରେ ଆକାଉଣ୍ଟାଣ୍ଟ ଭାବେ କାମ କରୁଛନ୍ତି।



## ସଂକ୍ଷେପରେ

### ବସ୍ତାନି ବୋଝ: ଗଣଶିକ୍ଷା ବିଭାଗକୁ ରିପୋର୍ଟ ତଲବ

କଟକ ଅଫିସ,୨୭।୧

ଶିଶୁ କାନ୍ଧରେ ବହିବସ୍ତାନି ବୋଝକୁ ନେଇ ହାଇକୋର୍ଟରେ ରୁଜୁ ହୋଇଥିବା ମାମଲାରେ ସୋମବାର ଆବେଦନକାରୀ ଆଡଭୋକେଟ କହ୍ନେୟାଲାଲ ଶର୍ମା ସତ୍ୟପାଠ ଦାଖଲ କରିଛନ୍ତି। ସତ୍ୟପାଠରେ ଶର୍ମା ଉଲ୍ଲେଖ କରିଛନ୍ତି

**ଆବେଦନକାରୀଙ୍କ ପକ୍ଷରୁ ହାଇକୋର୍ଟରେ ସତ୍ୟପାଠ ଦାଖଲ**

ଯେ, ବସ୍ତାନି ବୋଝକୁ ହାଲୁକା କରିବା ପାଇଁ ହାଇକୋର୍ଟଙ୍କ ପକ୍ଷରୁ ଗତ ଅଗଷ୍ଟ ୫ରେ ଯେଉଁ ଆଦେଶ ଜାରି କରାଯାଇଥିଲା ତାହାକୁ ଅଧିକାଂଶ ଶିକ୍ଷାଧିକାରୀ ଅନୁପାଳନ କରୁନାହାନ୍ତି। ଗଣଶିକ୍ଷା ବିଭାଗ ପକ୍ଷରୁ ମଧ ଗତ ଅକ୍ଟୋବର ୨୧ରେ ଏ ସମ୍ପର୍କରେ ଜିଲାପାଳମାନଙ୍କୁ ଏକ ନିର୍ଦ୍ଦେଶନାମା ଜାରି କରାଯାଇଥିଲା, ଯେଉଁଥିରେ ଜିଲାସ୍ତରରେ ଏକ ସ୍କ୍ୱାଡ୍ ଗଠନ କରି ସ୍କୁଲଗୁଡ଼ିକ ପରିଦର୍ଶନ ପାଇଁ କୁହାଯାଇଥିଲା। ଏପରି କି ସ୍କ୍ୱାଡ୍ ଗଠନ ସମ୍ପର୍କରେ ୧୦ଦିନ ମଧ୍ୟରେ ଗଣଶିକ୍ଷା ବିଭାଗ ନିକଟରେ ରିପୋର୍ଟ ଦାଖଲ କରିବା ପାଇଁ କୁହାଯାଇଥିଲା। କିନ୍ତୁ ଏହାକୁ ଅଧିକାଂଶ ଜିଲାପାଳ ଓ ଶିକ୍ଷାଧିକାରୀମାନେ ଅନୁପାଳନ କରି ନ ଥିବା ଆବେଦନକାରୀ ଶର୍ମା ସତ୍ୟପାଠରେ ଉଲ୍ଲେଖ କରିଛନ୍ତି। ଆବେଦନକାରୀଙ୍କ ସତ୍ୟପାଠ ଉପରେ ଶୁଣାଣିକରି କାର୍ଯ୍ୟକାରୀ ମୁଖ୍ୟ ବିଚାରପତି ସଞ୍ଜୁ ପଣ୍ଡା ଓ ବିଚାରପତି ସଙ୍ଗମ କୁମାର ସାହୁ ଗଣଶିକ୍ଷା ବିଭାଗକୁ ହାଇକୋର୍ଟଙ୍କ ଆଦେଶ ଅନୁପାଳନ କରିବା ସମ୍ପର୍କିତ ରିପୋର୍ଟ ସତ୍ୟପାଠ ଆକାରରେ ଦାଖଲ କରିବା ପାଇଁ ଆଦେଶ ଦେଇଛନ୍ତି। ମାର୍ଚ୍ଚ ୨କୁ ମାମଲାର ପରବର୍ତ୍ତୀ ଶୁଣାଣି ପାଇଁ ଦିନଧାର୍ଯ୍ୟ ହୋଇଛି।


### ହେଟାବାଘ ଆକ୍ରମଣରେ ଜଣେ ଗୁରୁତର

ଚିତ୍ରଡା,୨୭।୧(ଡ଼ି.ଏନ୍.ଏ.)- ମୋରଡା ବ୍ଲକ ଅଧୀନ ଭାଲିଆଡିହା ପଞ୍ଚାୟତରେ ହେଟା ବାଘ ଆକ୍ରମଣରେ ଜଣେ ଗୁରୁତର ଆହତ ହୋଇଛନ୍ତି। ଆହତ ହେଲେ ସୁନାହଜାର ଗ୍ରାମର ବିରାମ ଟୁଡୁ (୪୦)। ସୋମବାର ସକାଳେ ଶୌଚ ହେବା ପାଇଁ ସେ ଜଙ୍ଗଲକୁ ଯାଇଥିବା ସମୟରେ ହେଟା ବାଘଟି ହଠାତ ତାଙ୍କୁ ଆକ୍ରମଣ କରିଥିଲା। ଦୀର୍ଘ ସମୟ ଧରି ବିରାମ ଏବଂ ହେଟା ବାଘ ମଧ୍ୟରେ ଲଢେଇ ଚାଲିଥିଲା। ଗୁରୁତର ଅବସ୍ଥାରେ ତାଙ୍କୁ ପ୍ରଥମେ କିଶାନତାଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଏବଂ ପରେ ବାରିପଦାକୁ ସ୍ଥାନାନ୍ତର କରାଯାଇଛି।

# କପିଳାସ ଆଣିବାକୁ ମସୁଧା

ଢେଙ୍କାନାଳ ଅଫିସ,୨୭।୧

**ଚିନ୍ତା ବଢାଇଲା ଯାଜପୁର ନରହନ୍ତା ଦନ୍ତା**



କପିଳାସ ରେସକ୍ୟୁ ସେଣ୍ଟରରେ ତାଳଚେରରୁ ଅଣାଯାଇଥିବା ନରହନ୍ତା ଦନ୍ତା।

କିଛି ଦିନ ତଳେ ତାଳଚେରରେ ଉପଦ୍ରବ କରୁଥିବା ନରହନ୍ତା ଦନ୍ତାକୁ କପିଳାସ କପିଳାସ ଚିଡିଆଖାନା ପରିସରରେ ଥିବା ଏଲିଫ୍ୟାଣ୍ଟ ରେସକ୍ୟୁ ସେଣ୍ଟରକୁ ଅଣାଯାଇଥିବାବେଳେ ଏବେ ଆଉ ଏକ ଦନ୍ତାକୁ ସେଠାକୁ ଅଣାଯିବାକୁ ମସୁଧା କରାଯାଉଥିବା ସୂଚନା ମିଳିଛି। ଉଗ୍ର ସ୍ୱଭାବର ହାତୀକୁ ସେଠାରେ ରଖିବାକୁ ଭିତ୍ତିଭୂମି ନ ଥିବାବେଳେ ବନ ବିଭାଗର ଏପରି ନିଷ୍ପତ୍ତିକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଯାଜପୁର ଜିଲାର ଦାନଗଦି ଅଞ୍ଚଳରେ ଉପଦ୍ରବ କରୁଥିବା ନରହନ୍ତା ହାତୀକୁ କପିଳାସ ଅଣାଯିବାକୁ ଯୋଜନା ହେଉଥିବା ବିଶ୍ୱସ୍ତ ସୂତ୍ରରୁ ଜଣାପଡିଥିବାବେଳେ ଏହାକୁ ନେଇ ରେସକ୍ୟୁ ସେଣ୍ଟର ଦାୟିତ୍ୱରେ ଥିବା ବନବିଭାଗ ଅଧିକାରୀ ଓ କର୍ମଚାରୀଙ୍କ ମଧ୍ୟରେ ଭୟର ବାତାବରଣ ଖେଳିଯାଇଛି।

**■ଭିତ୍ତିଭୂମି ଅଭାବ ନେଇ ପ୍ରଶ୍ନବାଚୀ**

ଗତ ୨୨ ତାରିଖରେ ତାଳଚେରରେ ଉପଦ୍ରବ କରୁଥିବା ନରହନ୍ତା ଦନ୍ତାକୁ କପିଳାସ ରେସକ୍ୟୁ ସେଣ୍ଟରକୁ ଅଣାଯାଇଥିଲା। ହାତୀଟିକୁ ରେସକ୍ୟୁ ସେଣ୍ଟର ପରିସରରେ ଏକ ଖୋଲା ମଣ୍ଡପରେ ୪ଟି ଚେନ ବାନ୍ଧି ରଖାଯାଇଥିବା ବେଳେ ସେଥିରୁ ୩ଟି ଚେନ୍ ଛିଣ୍ଡାଇ ଦେଇଥିଲା। ବିପଦ ଆଶଙ୍କା କରି ରେଞ୍ଜ କର୍ତ୍ତୃପକ୍ଷ ଗୋଟିଏ ଦିନ ଚିଡିଆଖାନାକୁ ବନ୍ଦ ରଖିଥିଲେ । ଏଥିସହିତ ପୂର୍ବରୁ ରେସକ୍ୟୁ ସେଣ୍ଟର ପରିସରରେ ଥିବା ୪ଟି ହାତୀକୁ ଚିଡିଆଖାନା ପରିସରରେ ଥିବା ଅନ୍ୟ ଏକ ସ୍ଥାନକୁ ସ୍ଥାନାନ୍ତର କରାଯାଇଥିଲା। ପୁଣିଥରେ ହାତୀଟିକୁ ଚେନ୍‌ରେ ବନ୍ଧାଯାଇ ଏହାର ଚତୁଃପାର୍ଶ୍ୱରେ ଟ୍ରେଞ୍ଚ୍ ଖୋଳାଯାଇଛି । ଏହାପରେ ହାତୀଟି ଅଧିକ ଉଗ୍ର ହୋଇଥିବା ଦେଖାଯାଇଛି। ପାଣି କୁଣ୍ଡକୁ ହାତୀ ଭାଙ୍ଗି ଦେଇଥିବା ବେଳେ ପାଟ୍ରୋଲିଂ କରୁଥିବା ବନ କର୍ମଚାରୀ ଏବଂ ଖାଇବାକୁ ଦେବାକୁ ଯାଉଥିବା କର୍ମଚାରୀମାନଙ୍କ ଉପରକୁ ହାତୀଟି ମାଟି ଏବଂ ଅନ୍ୟାନ୍ୟ ଜିନିଷ ଶୁଣ୍ଢରେ ଉଠାଇ ଫିଙ୍ଗୁଥିବା ଦେଖାଯାଇଛି । ଏଭଳି ପରିସ୍ଥିତିରେ ଯାଜପୁର ଜିଲା ଦାନଗଦିରେ ୨ଜଣଙ୍କୁ ମାରିବା ପରେ ଘରଦ୍ୱାର ଭଙ୍ଗାରୁଜା କରିଥିବା ହାତୀକୁ କପିଳାସ ରେସକ୍ୟୁ ସେଣ୍ଟରରେ ଆଣି ରଖିବା ଯୋଜନା ଆଲୋଚନାର ବିଷୟ ହୋଇଛି।

ଏ ସଂକ୍ରାନ୍ତରେ ଜିଲା ବନଖଣ୍ଡ ଅଧିକାରୀ ବିମଳ ପ୍ରସନ୍ନ ଆଚାର୍ଯ୍ୟ କୁହନ୍ତି, ବର୍ତ୍ତମାନ ସୁଦ୍ଧା ବନ୍ୟପ୍ରାଣୀ ବିଭାଗ ପକ୍ଷରୁ ଆମ ପାଖକୁ ଏ ନେଇ କୌଣସି ପତ୍ର ଆସିନାହିଁ । ଯଦି ଏଭଳି ନିର୍ଦ୍ଦେଶନାମା ଆସେ ତେବେ କପିଳାସ ରେସକ୍ୟୁ ସେଣ୍ଟରରେ ଭିତ୍ତିଭୂମିର ଅଭାବ ଏବଂ ଆଉ ଏକ ଏଭଳି ହାତୀକୁ ରଖିବା ସମ୍ଭବପର ନୁହେଁ ବୋଲି ଦର୍ଶାଇ ମନା କରାଯିବ ବୋଲି ସେ କହିଛନ୍ତି।

# 'ଗୁଣାତ୍ମକ ଶିକ୍ଷାଦାନ କରନ୍ତୁ ଶିକ୍ଷକ'




ଉତ୍ସବରେ ଉପସ୍ଥିତ ଅତିଥିମାନେ।

ଭୁବନ, ୨୭।୧(ଡି.ଏନ.ଏ)

ଢେଙ୍କାନାଳ ଜିଲା ଭୁବନ ବ୍ଲକ ଅନଳ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଉଚ୍ଚ ବିଦ୍ୟାଳୟର ୩୮ତମ ବାର୍ଷିକ ଉତ୍ସବ ସୋମବାର ଅନୁଷ୍ଠିତ ହୋଇଯାଇଛି। ଉତ୍ସବରେ ସାମାଜିକ କର୍ମୀ ରବି ନାରାୟଣ କର ମୁଖ୍ୟଅତିଥି ଭାବେ ଯୋଗଦେଇ କହିଲେ, ଶିକ୍ଷୟିତ୍ରୀ ଶିକ୍ଷକମାନେ ଗୁଣାତ୍ମକ ଶିକ୍ଷାଦାନ ଦିଗରେ ସଚେତନ ରହିବା ଆବଶ୍ୟକ। ଅଭିଭାବକମାନେ ମଧ୍ୟ ଏଥିପ୍ରତି ଧ୍ୟାନ ଦିଅନ୍ତୁ। ପ୍ରଧାନ ଶିକ୍ଷକ ଅକ୍ଷୟ କୁମାର ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ ଅଧ୍ୟାପକ ଉମାକାନ୍ତ ସିଂହ ମୁଖ୍ୟବକ୍ତା, ସତ୍ୟରଞ୍ଜନ ମହାନ୍ତି ଓ ସରପଞ୍ଚ ଲିଲି ସାହୁ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ବରିଷ୍ଠ ଶିକ୍ଷକ ଦୁଃଶାସନ ପରିଡା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ବିଭିନ୍ନ କାର୍ଯ୍ୟକ୍ରମରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀଛାତ୍ରମାନଙ୍କୁ ପୁରସ୍କୃତ କରାଯାଇଥିଲା। ଏହି ଅବସରରେ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିଲା। ସହକାରୀ ଶିକ୍ଷକ ବିଜୟ କୁମାର ଆଚାର୍ଯ୍ୟ, ନାରାୟଣ ରଣା, ଡମ୍ବରୁଧର ସାହୁ, ଲକ୍ଷ୍ମୀଧର ସାହୁଙ୍କ ସମେତ ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ଉପସ୍ଥିତ ଥିଲେ।

## ପ୍ରାପ୍ୟ ପ୍ରଦାନ ଦାବିରେ ଠିକା ଶ୍ରମିକଙ୍କ ବିକ୍ଷୋଭ

ଓଡାପଡା,୨୭।୧(ଡି.ଏନ.ଏ)

ଢେଙ୍କାନାଳ ଜିଲା କଣ୍ଟାବଣିଆ ଅଞ୍ଚଳ ସ୍ଥିତ ଟାଟାଷ୍ଟିଲ ବିଏସ୍‌ଏଲ ଓ ଜିଏମ୍‌ଆର କମ୍ପାନୀରେ ଠିକାକାର୍ଯ୍ୟ କରୁଥିବା କେତେକ ସଂସ୍ଥା ଶ୍ରମିକମାନଙ୍କୁ କାମ କରାଇ ପ୍ରାପ୍ୟ ଦେଇ ନ ଥିବା ଅଭିଯୋଗ ହୋଇଛି। ଏହା ବିରୋଧରେ ସୋମବାର ଠିକା ଶ୍ରମିକମାନେ ଏକ ଶୋଭାଯାତ୍ରାରେ ବାହାରି ତୁରନ୍ତ ପ୍ରାପ୍ୟ ପ୍ରଦାନ ଦାବିରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ପରେ ଉପଜିଲାପାଳ ସାଫଲ୍ୟ ମଣ୍ଡିତ ପ୍ରଧାନ, ଓଡାପଡା ତହସିଲଦାର ବାଣୀ ନିବେଦିତା ସ୍ୱାଇଁ, ଏସ୍‌ଡିପିଓ ଶ୍ରୀହର୍ଷ ମିଶ୍ର, ସହକାରୀ ଶ୍ରମ କମିଶନର ଜିତ୍ରିସାନ ହାଁସଦା, ଜିଲା ଶ୍ରମ ଅଧିକାରୀ ମାନସ ରଞ୍ଜନ ପ୍ରଧାନ, କଣ୍ଟାବଣିଆ ଥାନା ଅଧିକାରୀ ନିରଞ୍ଜନ ସେଠିଙ୍କ ଉପସ୍ଥିତିରେ କଣ୍ଟାବଣିଆ ଥାନା ପରିସରରେ ଏକ ଆଲୋଚନା କରାଯାଇଥିଲା। ଏଥିରେ ଟାଟାଷ୍ଟିଲ ବିଏସ୍‌ଏଲର କେତେକ ଅଧିକାରୀ ମଧ୍ୟ ଯୋଗ ଦେଇଥିଲେ । ଟିଏସ୍‌ପିଏଲ୍, ବର୍ଷା ଏଣ୍ଟରପ୍ରାଇଜେସ୍, ଲେବର କଣ୍ଟ୍ରାକ୍ଟର ପ୍ରଗତି ନାଥ ଓ ମେଲକୋ ଇଣ୍ଡିଆ ଆଦି ଠିକାସଂସ୍ଥାଗୁଡିକ ଶ୍ରମିକମାନଙ୍କୁ କାମ କରାଇ ଏପର୍ଯ୍ୟନ୍ତ ଟଙ୍କା ଦେଇ ନ ଥିବା ଶ୍ରମିକମାନେ ଅଭିଯୋଗ କରିଥିଲେ।

ଏ ସଂକ୍ରାନ୍ତରେ ଆଲୋଚନା ବେଳେ କମ୍ପାନୀଗୁଡିକୁ ସମ୍ପୃକ୍ତ ଠିକାସଂସ୍ଥା ଗୁଡିକ ସମ୍ପର୍କରେ ସବିଶେଷ ତଥ୍ୟ ପ୍ରଦାନ ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଏଥିସହ ଫେବୃୟାରୀ ୫ ତାରିଖରେ ଜିଲା ଶ୍ରମ ଅଧିକାରୀଙ୍କ କାର୍ଯ୍ୟାଳୟରେ ବିଶେଷ ଆଲୋଚନା କରାଯାଇ ସମସ୍ୟାର ସମାଧାନ କରାଯିବା ପାଇଁ ନିଷ୍ପତ୍ତି ନିଆଯିବା ପରେ ଶ୍ରମିକମାନେ ବିକ୍ଷୋଭ ପ୍ରଦର୍ଶନରୁ ଓହରି ଥିବା ଜଣାପଡିଛି।

## ଭୁବନରେ ସାଧାରଣତନ୍ତ୍ର ଦିବସ

ଭୁବନ,୨୭।୧(ଡି.ଏନ.ଏ.)

ଢେଙ୍କାନାଳ ଜିଲା ଭୁବନର ବିଭିନ୍ନ ସରକାରୀ ଓ ବେସରକାରୀ ଅନୁଷ୍ଠାନରେ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଯାଇଛି। ଏନଏସି କାର୍ଯ୍ୟାଳୟରେ ଏନଏସି କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରମୋଦ କୁମାର ବରାଳ ମୁଖ୍ୟଅତିଥି ଭାବେ ଯୋଗଦେଇ ପତାକା ଉତ୍ତୋଳନ କରିଥିଲେ। ଶିକ୍ଷକ ପରିଷଦ ପକ୍ଷରୁ ତିନି ଷ୍ଟାଡିୟମଠାରେ ପତାକା ଉତ୍ତୋଳନ କରାଯାଇଥିଲା। ଭୁବନର ସମସ୍ତ ଅନୁଷ୍ଠାନ ପକ୍ଷରୁ ନୂଆ ବଜାର ବଣିକ ସଂଘ ପକ୍ଷରୁ ପତାକା ଉତ୍ତୋଳନ କରାଯାଇଥିଲା। ଏଥିରେ ଶିକ୍ଷକ ପରିଷଦର ସଭାପତି ବ୍ରହ୍ମୋତ୍ରୀ ବିଶାଳ ମୁଖ୍ୟଅତିଥି ଭାବେ ଯୋଗଦେଇ ପତାକା ଉତ୍ତୋଳନ କରିଥିଲେ। ଏହି ଅବସରରେ ସମସ୍ତ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା।

## କଳା ପରିଷଦର ନୂତନ କର୍ମକର୍ତ୍ତା




କଳା ପରିଷଦ ପକ୍ଷରୁ ଅନୁଷ୍ଠିତ ବୈଠକ।

ଭୁବନ, ୨୭।୧(ଡି.ଏନ.ଏ)

ଢେଙ୍କାନାଳ ଜିଲା ଭୁବନ କଳାପରିଷଦର ବାର୍ଷିକ ଉତ୍ସବ ଓ ନୂତନ କର୍ମକର୍ତ୍ତା ଚୟନ ରବିବାର ସ୍ଥାନୀୟ ଫାଷ୍ଟଷ୍ଟେପ୍ ଡ୍ୟାନ୍ସ ସ୍କୁଲରେ ଅନୁଷ୍ଠିତ ହୋଇଯାଇଛି। ଦିଲୀପ ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୀରାବାଈ କଳା ବିକାଶ କେନ୍ଦ୍ର ନିର୍ଦ୍ଦେଶକ ଭଗବାନ ଗୁରୁ ମୁଖ୍ୟଅତିଥି ଭାବେ ଯୋଗଦେଇ କହିଲେ, ସ୍ଥାନୀୟ ଅଞ୍ଚଳର କଳାକାରମାନେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛନ୍ତି । ସେମାନଙ୍କୁ ଉତ୍ସାହିତ କରିବା ସମସ୍ତଙ୍କ ଦାୟିତ୍ୱ ବୋଲି ସେ କହିଥିଲେ। ଗୁରୁପ୍ରସାଦ ମିଶ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏଥିରେ ଭୁବନର ୭୫ କଳାକାର ଉପସ୍ଥିତ ରହିଥିଲେ। ଏହି ଅବସରରେ ସର୍ବସମ୍ମତି କ୍ରମେ ଦିଲୀପ ଦାସଙ୍କୁ ସଭାପତି, ବିନୋଦ ମହାରଣା ଓ ସନ୍ତୋଷ ବିହାରୀଙ୍କୁ ଉପସଭାପତି, ଗୁରୁପ୍ରସାଦ ମିଶ୍ର ସମ୍ପାଦକ, ରଞ୍ଜନ ପୋଥାଳ ଓ ନିରଞ୍ଜନ ଗୁରୁ ସହ ସମ୍ପାଦକ, ଅମ୍ବୁଜ କୁମାର ସାହୁ କୋଷାଧ୍ୟକ୍ଷ ଏବଂ ପରିଚାଳକ ଭାବେ ଶ୍ରୀକାନ୍ତ କୁମାର ସାହୁଙ୍କୁ ମନୋନୀତ କରାଯାଇଥିଲା। ସତ୍ୟବାଦୀ ସେନାପତି ଧନ୍ୟବାଦ ଦେଇଥିଲେ । କଳାକାରମାନଙ୍କ ଦ୍ୱାରା ଭଜନ ପରିବେଷଣ କରାଯାଇଥିଲା।

## ସିଦ୍ଧେଶ୍ୱରୀ ହାଇସ୍କୁଲ ବାର୍ଷିକ ଉତ୍ସବ

ଢେଙ୍କାନାଳ ଅଫିସ,୨୭।୧

ଢେଙ୍କାନାଳ ଜିଲା କାମାକ୍ଷାନଗର ବ୍ଲକ ରାୟନୃସିଂହପୁରସ୍ଥିତ ସିଦ୍ଧେଶ୍ୱରୀ ସରକାରୀ ଉଚ୍ଚ ବିଦ୍ୟାଳୟର ୬୦ତମ ବାର୍ଷିକ ଉତ୍ସବ ସୋମବାର ଅନୁଷ୍ଠିତ ହୋଇଯାଇଛି । ମୁଖ୍ୟଅତିଥି ଭାବେ ସ୍ଥାନୀୟ ସରପଞ୍ଚ ଶିଶିରକାନ୍ତ ବେହେରା ଯୋଗଦେଇ କାର୍ଯ୍ୟକ୍ରମ ଉଦଘାଟନ କରିଥିଲେ। ପୂର୍ବତନ ଛାତ୍ର ସଂସଦ ସମ୍ପାଦକ ଶଶାଙ୍କ ଶେଖର ମିଶ୍ର ମୁଖ୍ୟବକ୍ତା, ପୂର୍ବତନ ପ୍ରଧାନ ଶିକ୍ଷକ



ସିଦ୍ଧେଶ୍ୱରୀ ହାଇସ୍କୁଲର ବାର୍ଷିକ ଉତ୍ସବ।

ପ୍ରବୋଧ ମିଶ୍ର, ପୂର୍ବତନ କ୍ରୀଡା ଶିକ୍ଷକ କୈଳାସଚନ୍ଦ୍ର ବେହେରା ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ବାର୍ଷିକ କ୍ରୀଡ଼ାର କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା । କ୍ରୀଡା ଶିକ୍ଷକ ରାମକୃଷ୍ଣ ବେହେରା ଧନ୍ୟବାଦ ପ୍ରଦାନ କରିଥିଲେ।

## ଆଠଗଡକୁ ହରାଇ ଭୁବନ ସେମିରେ


ଭୁବନ,୨୭।୧(ଡି.ଏନ.ଏ.)

ଢେଙ୍କାନାଳ ଜିଲା ଭୁବନ ବ୍ଲକ କିଙ୍ଗୋଳ ଅସୁରବନ୍ଧ ଖେଳ ପଡିଆରେ ୮ମ ବାର୍ଷିକ ଅଭିମନ୍ୟୁ ମେମୋରିଆଲ କ୍ରିକେଟ ଟୁର୍ନାମେଣ୍ଟ ରବିବାର ଅନୁଷ୍ଠିତ ହୋଇଯାଇଛି। ପ୍ରଥମ କ୍ୱାର୍ଟର ଫାଇନାଲ ମ୍ୟାଚ ଭୁବନ କ୍ରିକେଟ କ୍ଲବ ଓ ଆଠଗଡ଼ କ୍ରିକେଟ କ୍ଲବ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଆଠଗଡକୁ ହରାଇ ଭୁବନ ସେମିଫାଇନାଲରେ ପ୍ରବେଶ କରିଛି।



ପ୍ରଥମେ ଆଠଗଡ଼ ବ୍ୟାଟିଂ କରି ୧୯୨ ରନ କରିଥିଲା। ଜବାବରେ ଭୁବନ ୧୯୬ ରନ କରି ବିଜୟୀ ହୋଇଥିଲା। ବାବୁ ବର୍ଦ୍ଧନ ମ୍ୟାନ ଅଫ ଦି ମ୍ୟାଚ ବିବେଚିତ ହୋଇଥିଲେ। ବୁଲୁ ପଟ୍ଟନାୟକ, ବିପିନ ବିହାରୀ ସେଠୀ ଖେଳ ପରିଚାଳନା କରିଥିଲେ। ସର୍ବେଶ୍ୱର ରାଉତ ଧାରା ବିବରଣୀ ପ୍ରଦାନ କରିଥିଲେ। ସୋମବାର ୨ୟ କ୍ୱାର୍ଟର ଫାଇନାଲ ମ୍ୟାଚ ଅଳତି ବାନ୍ଦଗୋଡା ଓ ମାର୍ଥାପୁର ମଧ୍ୟରେ ଅନୁଷ୍ଠିତ ହେବ। ଉଦ୍‌ଘାଟନୀ ମ୍ୟାଚରେ ଭୁବନ ବ୍ଲକ ଅଧ୍ୟକ୍ଷ ଧର୍ମାନନ୍ଦ ବରାଳ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାକୁ ଉଦଘାଟନ କରିଥିଲେ। ଅବସରପ୍ରାପ୍ତ ଶିକ୍ଷକ ରଙ୍ଗାଧର ପଣ୍ଡା, ନିରଞ୍ଜନ ଧୀର, ଅଜୟ କୁମାର ପଣ୍ଡା ଅତିଥି ଭାବେ ଯୋଗ ଦେଇଥିଲେ।

## ଭୁବନ କଲେଜର ଆଲୁମନି କମିଟି ବୈଠକ




ବୈଠକରେ ଉପସ୍ଥିତ ଅତିଥିବୃନ୍ଦ।

ଭୁବନ,୨୭।୧(ଡି.ଏନ.ଏ.)

ଢେଙ୍କାନାଳ ଜିଲା ଭୁବନ ବାଜିରାଉତ କଲେଜ ପରିସରରେ ରବିବାର ପୁରାତନ ଛାତ୍ରୀଛାତ୍ରମାନଙ୍କୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଆଲୁମିନ କମିଟି ସଭାପତି ବିନୋଦ କୁମାର କଅର ଏଥିରେ ଅଧ୍ୟକ୍ଷତା କରିଥିଲେ। ବୈଠକରେ ମହାବିଦ୍ୟାଳୟର ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରାଯାଇଥିଲା। ସେହିପରି ମହାବିଦ୍ୟାଳୟ ପାଇଁ ପୁରାତନ ଛାତ୍ରୀଛାତ୍ରଙ୍କ ଭୂମିକା ସମ୍ପର୍କରେ ଆଲୋଚନା ହୋଇଥିଲା। ଆସନ୍ତା ଫେବୃୟାରୀ ୧୬ରେ ପରବର୍ତ୍ତୀ ବୈଠକ ଅନୁଷ୍ଠିତ ହେବ। ଖୁବଶୀଘ୍ର ଆଲୁମିନ କମିଟିର କର୍ମକର୍ତ୍ତାମାନଙ୍କୁ ନେଇ ନୂତନ କମିଟିକୁ ରେଜିଷ୍ଟ୍ରେଶନ କରାଯିବା ପାଇଁ ସ୍ଥିର ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ ମହାବିଦ୍ୟାଳୟ ଅଧ୍ୟକ୍ଷ ଡ. କିଶୋର ଚନ୍ଦ୍ର ଦାସ, ସମ୍ପାଦକ ମାତୃପ୍ରସାଦ ମିଶ୍ର ଯୋଗଦେଇଥିଲେ। ପୁରାତନ ଛାତ୍ର କମଳ ମହାରଣା ଧନ୍ୟବାଦ ଦେଇଥିଲେ।

# ସବୁଠି ଉଡ଼ିଲା ତ୍ରିରଙ୍ଗା

ଢେଙ୍କାନାଳ ଅଫିସ,୨୭।୧

ସାଧାରଣତନ୍ତ୍ର ଦିବସ ଉପଲକ୍ଷେ ଢେଙ୍କାନାଳ ଜିଲା ଏବଂ ସହରର ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଜାତୀୟ ପତାକା ଉତ୍ତୋଳନ ହୋଇଥିଲା। ଜିଲା କଂଗ୍ରେସ ପକ୍ଷରୁ ସ୍ଥାନୀୟ ଗାନ୍ଧୀମନ୍ଦିର ପରିସରରେ ସଭାପତି ସୁରେଶଚନ୍ଦ୍ର ପାଣିଗ୍ରାହୀ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ଦେଶର ସାମ୍ପ୍ରତିକ ରାଜନୈତିକ ପରିସ୍ଥିତି ଓ ନାଗରିକତା ସଂଶୋଧନ ଆଇନ ପ୍ରଣୟନ ଉପରେ ଏହାକୁ ବିରୋଧ କରି ସାରା ଦେଶରେ ଆରମ୍ଭ ହୋଇଥିବା ଜନ ଆନ୍ଦୋଳନ ସମ୍ପର୍କରେ ନେତୃବୃନ୍ଦ ଆଲୋଚନା କରିଥିଲେ। ପୂର୍ବତନ ମନ୍ତ୍ରୀ ନବୀନଚନ୍ଦ୍ର ନାରାୟଣ ଦାସ, ସୁବାସିନୀ ମହାକୁଡ, ରବି ନାରାୟଣ ମହାନ୍ତି, ସରୋଜ ପଟ୍ଟନାୟକ, ଚକ୍ରଧର ନାୟକ, ସୁନିଲ



ଜିଲା କଂଗ୍ରେସ ପକ୍ଷରୁ ଗାନ୍ଧୀ ମନ୍ଦିରଠାରେ ସାଧାରଣତନ୍ତ୍ର ଦିବସ ପାଳିତ।

ଦାଶ, ପ୍ରେମଶଙ୍କର ମିଶ୍ର, ମମତାଞ୍ଜଳି ବେହେରା, ଗୋପାଳଚନ୍ଦ୍ର ସାହୁ, ପ୍ରକାଶ କୁଅଁର ଓ ନିର୍ମଳ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ । ସେହିପରି ଦିଲ୍ଲୀ ପବ୍ଲିକ ସ୍କୁଲ ପରିସରରେ ଅଧ୍ୟକ୍ଷ ଯଜ୍ଞେଶ୍ୱର ବୋରା ଜାତୀୟ ପତାକା ଉତ୍ତୋଳନ କରି ଛାତ୍ରୀଛାତ୍ରମାନେ ଆଜୀବନ ଭାରତୀୟ ସମ୍ବିଧାନ ପ୍ରତି ସତ୍ୟନିଷ୍ଠ ରହିବା ପାଇଁ ଉପଦେଶ ଦେଇଥିଲେ। ସେହିପରି ଟାଉନ ପ୍ଲାନିଂ ଆଞ୍ଚଳିକ ବିକାଶ ପରିଷଦ ପକ୍ଷରୁ ସ୍ଥାନୀୟ ଦୁର୍ଗାମଣ୍ଡପଠାରେ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଥିଲା। ସଞ୍ଜିବନୀ ନର୍ସିଂହୋମର ପରିଚାଳକ ଡା. ଅବୋଧ କୁମାର ମହାପାତ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ଏହି ଅବସରରେ ଶମ୍ଭୁଗୋପାଳ ଉଚ୍ଚ ପ୍ରା ବିଦ୍ୟାଳୟର ୫ଜଣ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ପରିଷଦର ସଭାପତି ଭ୍ରମରବର ଦଳେଇ, ଉପସଭାପତି ପଞ୍ଚାନନ ପାଳ, ସମ୍ପାଦକ ଜନାର୍ଦ୍ଦନ ସାହୁ, ସହ ସମ୍ପାଦକ ବିଷ୍ଣୁଚରଣ ସ୍ୱାଇଁ, କୋଷାଧ୍ୟକ୍ଷ ପ୍ରଶାନ୍ତ କୁମାର ମିଶ୍ର ଓ ସଦସ୍ୟମାନେ ଉପସ୍ଥିତ ଥିଲେ । ସେହିପରି ଆପ୍ ପକ୍ଷରୁ ଜିଲା ଆବାହକ ପଙ୍କଜ ନାୟକଙ୍କ ନେତୃତ୍ୱରେ ବସଷ୍ଟାଣ୍ଡସ୍ଥିତ ମହାତ୍ମା ଗାନ୍ଧୀ ପାର୍କଠାରେ ଗଣତନ୍ତ୍ର ଦିବସ ପାଳିତ ହୋଇଯାଇଛି । ଯୁବକର୍ମୀ ସନ୍ତୋଷ ସାହୁ ଗାନ୍ଧିଜୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ଅନ୍ତର୍ଯ୍ୟାମୀ ସାହୁ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ଚକ୍ରଧର ତରାଇ, ନୁରୁଲ ଇସଲାମ, କବି ନାୟକ, ଅଜୟ ମିଶ୍ର, ରାଜୀବ କର, ଉମାକାନ୍ତ ପରିଡା ଓ କାମାକ୍ଷା ବେହେରା ପ୍ରମୁଖ ଯୋଗ ଦେଇଥିଲେ।

## ସଂକ୍ଷେପରେ

### ଟ୍ରକ୍ ଧକ୍କାରେ ଜଣେ ମୃତ

ବଅଁରପାଲ,୨୭।୧(ଡି.ଏନ.ଏ.)-୫୫ ନଂ. ଜାତୀୟ ରାଜପଥର ନାଲ୍କୋ ଥାନା ସିପିପି ଛକ ନିକଟରେ ଏକ ଟ୍ରକ୍ ଧକ୍କାରେ ଜଣଙ୍କର ମୃତ୍ୟୁ ଘଟିଥିବାବେଳେ ଜଣେ ଗୁରୁତର ହୋଇଛନ୍ତି। ମୃତକ ହେଲେ ଖୋର୍ଦ୍ଧା ଅଞ୍ଚଳର ସଞ୍ଜୟ ଦାସ। ଆହତ ହେଲେ ପ୍ରମୋଦ। ଉଭୟେ ଏକ ବାଇକ୍ ଯୋଗେ ନାଲ୍କୋରୁ ବଅଁରପାଳ ଅଭିମୁଖେ ଆସୁଥିବାବେଳେ ବିପରୀତ ଦିଗରୁ ଆସୁଥିବା ଏକ ଟ୍ରକ୍ ତାଙ୍କୁ ଧକ୍କା ଦେଇଥିଲା। ଘଟଣାସ୍ଥଳରେ ପୋଲିସ ପହଞ୍ଚି ତଦନ୍ତ ଚଳାଇଛି।

### ଚୋରା ଶାଗୁଆନ କାଠ ଜବତ



ଛେଣ୍ଡିପଦା, ୨୭।୧ (ସ୍ୱ.ପ୍ର.)- ଛେଣ୍ଡିପଦା ବନାଞ୍ଚଳ କୋଶଳା ଗ୍ରାମରେ ବନବିଭାଗ ପକ୍ଷରୁ ଚଢାଉ କରାଯାଇ ବିପୁଳ ପରିମାଣର ଚୋରା ଶାଗୁଆନ ଓ ଶାଳକାଠ ଜବତ କରାଯାଇଛି। ବିଶ୍ୱସ୍ତସୂତ୍ରରୁ ଖବରପାଇ ଛେଣ୍ଡିପଦା ବନାଞ୍ଚଳ ଅଧିକାରୀ ମନମୋହନ ସ୍ୱାଇଁ, କୋଶଳା ଫରେଷ୍ଟର ଦୀପକ କୁମାର ସେଠୀ ଓ ବନ କର୍ମଚାରୀ ମାନେ କୋଶଳାର ଲିପୁ ପ୍ରଧାନଙ୍କ ଫର୍ନିଚର କାରଖାନାରେ ଚଢାଉ କରି ବିପୁଳ ପରିମାଣର ଚୋରା ଶାଗୁଆନ କାଠ, ଶାଳ କାଠ ଗଣ୍ଡି, ଦୁଆର ବନ୍ଧ, ପଲଙ୍କ, ଘରର କବାଟ ଆଦି ଜବତ କରିଥିଲେ। ଖୁବଶୀଘ୍ର ଫର୍ନିଚର ବ୍ୟବସାୟୀଙ୍କୁ ଗିରଫ କରାଯିବ ବୋଲି ବନବିଭାଗ ସୂତ୍ରରୁ ପ୍ରକାଶ।

### ୪ ବଖରା ଭସ୍ମୀଭୂତ

କାମାକ୍ଷାନଗର, ୨୭।୧ (ଡି.ଏନ.ଏ.)- ଢେଙ୍କାନାଳ ଜିଲା କାମାକ୍ଷାନଗର ବ୍ଲକ ତୁମୁସିଙ୍ଗା ଥାନା କନ୍ତିଓପୁଟସାହି ଭାଲିଆ ଡେିଲାରେ ଶନିବାର ରାତିରେ ଅଗ୍ନିକାଣ୍ଡ ଘଟି ୪ ବଖରା ଘର ଜଳିଯାଇଛି। ବିଦ୍ୟୁତ୍ ସର୍ଟସର୍କିଟ ଯୋଗୁ ଗ୍ରାମର ଶିବପ୍ରସାଦ ପରିଡ଼ା, ପ୍ରକାଶ ପରିଡା, ନରେଶ ପରିଡା, ସୁରେଶ ପରିଡାଙ୍କ ଏକ ବଖରା ଲେଖାଏଁ ପୋଡିଯାଇଛି। ଗ୍ରାମବାସୀ ନିଆଁକୁ ଆୟତ୍ତ କରିଥିଲେ।

### ଦୁର୍ଘଟଣାରେ କାର ଚାଳକ ମୃତ

ରାଇରଙ୍ଗପୁର,୨୭।୧(ଡି.ଏନ୍.ଏ.): ବହଳଦା ଥାନା ଅନ୍ତର୍ଗତ ବାସିଙ୍ଗି ଗ୍ରାମ ନିକଟସ୍ଥ ୨୨୦ନଂ. ଜାତୀୟ ରାଜପଥ ପାର୍ଶ୍ୱ ଏକ ସାଇନ୍‌ବୋର୍ଡ ପିଲରକୁ ଧକ୍କା ଦେଇ ଓଲଟି ପଡ଼ିବାରୁ କାର୍ ଚାଳକଙ୍କ ରବିବାର ମୃତ୍ୟୁ ଘଟିଛି। କାର ଚାଳକ ହେଲେ ଦାଖିନ ହାଁସଦା(୪୦)। ଖବରପାଇ ପୋଲିସ ମୃତଦେହ ଜବତ କରି ସ୍ଥାନୀୟ ରାଇରଙ୍ଗପୁର ହସ୍ପିଟାଲରେ ବ୍ୟବଚ୍ଛେଦ କରି ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏନେଇ ଥାନାରେ ଏକ ମାମଲା (ନଂ. ୯/୨୦୨୦) ରୁଜୁ ହୋଇଛି।

# ମଶାଲ ଶୋଭାଯାତ୍ରା ପ୍ରସ୍ତୁତି ବୈଠକ



ପ୍ରସ୍ତୁତି ବୈଠକରେ ଅଧିକାରୀମାନେ।

ଆଠମଲ୍ଲିକ,୨୭।୧(ଡି.ଏନ.ଏ.)

ଆଠମଲ୍ଲିକ ବ୍ଲକ ସଭାଘରେ ଅନୁଗୋଳ ଜିଲା ମହୋତ୍ସବ ଉପଲକ୍ଷେ ମଶାଲ ଶୋଭାଯାତ୍ରା ପାଇଁ ଉପଜିଲାପାଳ ଡ. ରଜନିକାନ୍ତ ବିଶ୍ୱାଳଙ୍କ ଅଧକ୍ଷତାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମକୁ ସରସ ସୁନ୍ଦର କରିବା ପାଇଁ ଉପଜିଲାପାଳ ଡ. ବିଶ୍ୱାଳ ଆଠମଲ୍ଲିକବାସୀଙ୍କ ସହଯୋଗ କାମନା କରିବା ସହ ସମସ୍ତେ ସାମିଲ ହେବାକୁ ଆହ୍ୱାନ ଦେଇଛନ୍ତି। ଆଠମଲ୍ଲିକ ଉପଖଣ୍ଡର ସମସ୍ତ ବିଭାଗୀୟ ଅଧିକାରୀ, ଜନପ୍ରତିନିଧି ଏହି କାର୍ଯ୍ୟକ୍ରମରେ ଯୋଗଦେବାକୁ ଉପଜିଲାପାଳ ପରାମର୍ଶ ଦେଇଛନ୍ତି। ମଶାଲ ଶୋଭାଯାତ୍ରା ଦିନ ସକାଳ ୬ଟାରେ ପ୍ରସିଦ୍ଧ ପର୍ଯ୍ୟଟନ ସ୍ଥଳୀ ତଥା ଶୈବପୀଠ ଦେଉଳଝରୀରେ ପୂଜାର୍ଚ୍ଚନା କରାଯାଇ ମଶାଲ ଶୋଭାଯାତ୍ରା ବାହାରିବାର କାର୍ଯ୍ୟସୂଚୀ ରହିଛି। ଏହି ଶୋଭାଯାତ୍ରା ଆଠମଲ୍ଲିକ ଉପଖଣ୍ଡ ଦେଇ ତାଳଚେରର ମା' ହିଙ୍ଗୁଳାଙ୍କ ପୀଠରେ ପହଞ୍ଚିବ। ଏହାଛଡା ବିଭିନ୍ନ ବିଭାଗର ପ୍ରଜ୍ଞାପନ ମେଢ ଶୋଭାଯାତ୍ରାରେ ସାମିଲ ହେବାର କାର୍ଯ୍ୟକ୍ରମ ରହିଛି। ସରକାରଙ୍କ ବିଭିନ୍ନ ଜନହିତକର ଯୋଜନା ଲୋକଙ୍କ ନିକଟରେ ପହଞ୍ଚାଇବା ପ୍ରଜ୍ଞାପନ ମେଢର ଉଦ୍ଦେଶ୍ୟ ବୋଲି ଉପଜିଲାପାଳ ପ୍ରକାଶ କରିଥିଲେ। ଆଠମଲ୍ଲିକ ଓ କିଶୋରନଗର ବ୍ଲକର ସିଡିପିଓ, ଅଙ୍ଗନୱାଡି କର୍ମୀ ଓ ସ୍ୱୟଂ ସହାୟକ ଗୋଷ୍ଠୀକୁ ଏକତ୍ରିତ କରି ମଶାଲ ଶୋଭାଯାତ୍ରା ଯାଉଥିବା ରାସ୍ତାର ପୂର୍ବ ନିର୍ଦ୍ଧାରିତ ବିଭିନ୍ନ ଛକରେ ସ୍ୱାଗତ କରିବାର କାର୍ଯ୍ୟକ୍ରମ ରହିଛି। ଏହି ବୈଠକରେ କିଶୋରନଗର ତହସିଲଦାର ଡ. ଲକ୍ଷ୍ମୀପ୍ରସାଦ ସାହୁ, ଆଠମଲ୍ଲିକ ଆଇଆଇସି ପ୍ରିୟବ୍ରତ ଦାସଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ, ଖବରଦାତା, ବୁଦ୍ଧିଜୀବୀ, ଆଇନଜୀବୀମାନେ ଉପସ୍ଥିତ ଥିଲେ। ଭାରପ୍ରାପ୍ତ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସର୍ବେଶ୍ୱର ମଲ୍ଲିକ ଧନ୍ୟବାଦ ଅର୍ପଣ କରିଥିଲେ।

## ଦୁର୍ଘଟଣାରେ ୧ ମୃତ, ୩ ଗୁରୁତର

ପାଲଲହଡା,୨୭।୧(ଡି.ଏନ.ଏ.)

ପାଲଲହଡା ଥାନା ନମପଶି ପଞ୍ଚାୟତ ଯମରା ଘାଟି ନିକଟରେ ୨ ବାଇକ୍ ମୁହାଁମୁହିଁ ଧକ୍କା ହୋଇଛି। ଏଥିରେ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ୩ଜଣ ଗୁରୁତର ହୋଇଛନ୍ତି। ମୃତକ ହେଲେ ସ୍ଥାନୀୟ କ୍ଷେତ୍ରବାସୀପୁର ଗ୍ରାମର ଦେବାସନ ବାରିକ। ଗୁରୁତର ହେଲେ ବଡ଼ଝାର ଗ୍ରାମର ରୁଦ୍ର ବଡ଼ଉଲି, ଯମରା ଗ୍ରାମର ପ୍ରଦୀପ ନାୟକ ଓ ଗଗନ ମୁଣ୍ଡା। କ୍ଷେତ୍ରବାସୀପୁରରୁ ବାଇକ୍‌ରେ ଦେବସନ ଏବଂ ରୁଦ୍ର ଯାଉଥିଲାବେଳେ ବିପରୀତ ଦିଗରୁ ଆସୁଥିବା ଗଗନ ଓ ପ୍ରଦୀପଙ୍କ ବାଇକ ସହ ମୁହାଁମୁହିଁ ଧକ୍କା ହୋଇଥିଲା। ଏ ନେଇ କେସ ନଂ. ୭/୨୦ ଏକ ମାମଲା ରୁଜୁ ହୋଇଥିବା ତଦନ୍ତକାରୀ ଅଧିକାରୀ ଆଶିଷ କୁମାର ଦାସ ସୂଚନା ଦେଇଛନ୍ତି।

## ଚୋରା ଡିଜେଲ ଜବତ, ୫ ଗିରଫ







ତାଳଚେର,୨୭।୧(ନି.ପ୍ର.)

ଏମ୍‌ସିଏଲ ଅଧୀନସ୍ଥ ଲିଙ୍ଗରାଜ କୋଇଲା ଖଣିରୁ ୨ ହଜାର ଲିଟର ଚୋରା ଡିଜେଲକୁ ତାଳଚେର ପୋଲିସ ଜବତ କରିଛି। ଏଥିରେ ସମ୍ପୃକ୍ତ ୫ ଜଣଙ୍କୁ ଗିରଫ ପରେ କୋର୍ଟଚାଲାଣ କରାଯିବା ସହ ଚୋରା କାରବାରରେ ବ୍ୟବହୃତ ବୋଲେରୋ (ନଂ. ଓଆର୧୯ ସି-୪୭୬୧) ଜବତ କରାଯାଇଛି। ସେମାନେ ହେଲେ ଲୋଧଣୀ ଗ୍ରାମର ନିରଞ୍ଜନ ବିଶ୍ୱାଳ, ନରହରିପୁର ଗ୍ରାମର ବିନୋଦ ପ୍ରଧାନ ଓ ଅଜୟ ନାଏକ, ଡେରା ଗ୍ରାମର ସୁକାନ୍ତ ପ୍ରଧାନ ଓ ବୁଟୁ ଓରଫ ପ୍ରଶାନ୍ତ ନାଏକ। ପୋଲିସ ସୂଚନା ମୁତାବକ, ଲିଙ୍ଗରାଜ କୋଇଲା ଖଣି ଖନନ କାର୍ଯ୍ୟରେ ନିୟୋଜିତ ଗାଡିରୁ ଦୁର୍ବୃତ୍ତମାନେ ୪୩୧ ଲିଟର ଡିଜେଲ ଚୋରି କରି ନେଇଥିବା ଖଣି ପ୍ରକଳ୍ପ ଅଧିକାରୀ ଅଜୟ କୁମାର ଦେହୁରୀ ତାଳଚେର ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗ କ୍ରମେ ପୋଲିସ ଅଭିଯୁକ୍ତମାନଙ୍କୁ ଗିରଫ କରିବା ସହ ସେମାନଙ୍କଠାରୁ ୧୦ଟି ପ୍ଲାଷ୍ଟିକ୍ ଡ୍ରମ୍‌ରୁ ପ୍ରାୟ ୨ ହଜାର ଲିଟର ଚୋରା ଡିଜେଲ୍‌କୁ ଜବତ କରିଥିଲା। ଏ ନେଇ ନଂ. ୩୪/୨୦ ରେ ମାମଲା ରୁଜୁ କରାଯାଇଛି। ଅନ୍ୟ ଅଭିଯୁକ୍ତମାନଙ୍କୁ ଖୁବ୍ ଶୀଘ୍ର ଧରାଯିବ ବୋଲି ଥାନା ଅଧିକାରୀ ସତ୍ୟବ୍ରତ ରାଉତ ପ୍ରକାଶ କରିଛନ୍ତି।

## ବାରଦାକୁ ହରାଇ ଭୁବନ ସେମିରେ





କାମାକ୍ଷାନଗର,୨୭।୧(ଡି.ଏନ.ଏ.)

ଢେଙ୍କାନାଳ ଜିଲା କଙ୍କଡାହାଡ ବ୍ଲକ ହଳଦୀକୁଣ୍ଡି ଗ୍ରାମ୍ୟ ପଡିଆରେ ହଳଦୀକୁଣ୍ଡି ସ୍ପୋର୍ଟିଂ କ୍ଲବ ଆନୁକୂଲ୍ୟରେ ସୋମବାର ୮ମ ରାଜ୍ୟସ୍ତରୀୟ ହଳଦୀକୁଣ୍ଡି କପ୍ କ୍ରିକେଟ ମ୍ୟାଚ ଉଦ୍‌ଘାଟିତ ହୋଇଯାଇଛି। ହିନ୍ଦ୍‌ମଜଦୁର ସଭା ରାଜ୍ୟ ସମ୍ପାଦକ ବାସୁଦେବ ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ପ୍ରଥମ କ୍ୱାର୍ଟର ଫାଇନାଲ ମ୍ୟାଚ ଏସ୍‌ସିସି ବାରଦା, ବିସିସି ଭୁବନ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ବାରଦା ପ୍ରଥମେ ବ୍ୟାଟିଂ କରି ୧୫୦ ରନ କରିଥିଲା। ଜବାବରେ ଭୁବନ ଆବଶ୍ୟକ ରନ କରି ବିଜୟୀ ହୋଇଥିଲା। ବିଜୟୀ ଦଳର ଖେଳାଳି ବାବୁ ବର୍ଦ୍ଧନ ମ୍ୟାନ ଅଫ ଦ ମ୍ୟାଚ ବିବେଚିତ ହୋଇଥିଲେ। ସୁରେନ୍ଦ୍ର ସାହୁ, ପପୁନି ସାହୁ ପରିଚାଳନା କରିଥିଲେ। ବିପିନ ବିହାରୀ ସାହୁ ଧାରା ବିବରଣୀ ଦେଇଥିଲେ। ମଙ୍ଗଳବାର ୨ୟ କ୍ୱାର୍ଟର ଫାଇନାଲ ମ୍ୟାଚ ବିସିସି ଗୋଲକୁଣ୍ଡା ଓ ଯୁଗଜ୍ୟୋତି ତାଳଚେର ମଧ୍ୟରେ ଅନୁଷ୍ଠିତ ହେବ।

# ନାରୀଶକ୍ତିର ପ୍ରଗତି ଉପରେ ଗୁରୁତ୍ୱ

ତାଳଚେର,୨୭।୧(ନି.ପ୍ର.)






କାର୍ଯ୍ୟକ୍ରମରେ ସଚେତନତା ସୃଷ୍ଟି କରାଯାଉଛି।

ତାଳଚେର ବ୍ଲକ କାର୍ଯ୍ୟାଳୟଠାରେ ଜାତୀୟ ଶିଶୁ କନ୍ୟା ଦିବସ ଓ ବେଟି ବଚାଓ, ବେଟି ପଢ଼ାଓ ସପ୍ତାହ ପାଳିତ ହୋଇଯାଇଛି। ବିଡିଓ ନେତ୍ରାନନ୍ଦ ମଲ୍ଲିକ ଏଥିରେ ଅଧକ୍ଷତା କରିଥିଲେ। ତାଳଚେର ଉପଖଣ୍ଡ ସାମାଜିକ ସୁରକ୍ଷା ଅଧିକାରୀ ଅଶୋକ କୁମାର ନାୟକ ଦିବସ ପାଳନର ତାତ୍ପର୍ଯ୍ୟ ସମ୍ପର୍କରେ ବିସ୍ତୃତ ଭାବେ ଆଲୋକପାତ କରିଥିଲେ। ନାରୀ ଶକ୍ତିର ପ୍ରଗତି ସହ ଭ୍ରୁଣହତ୍ୟା ରୋକିବା, ଯୌତୁକ ନିରାକରଣ ଆଦି ସମ୍ପର୍କରେ ସଚେତନତା ସୃଷ୍ଟି କରାଯିବା ଉପରେ ସେ ଗୁରୁତ୍ୱାରୋପ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଶିଳ୍ପାଞ୍ଚଳ ମହିଳା ମହାବିଦ୍ୟାଳୟର ଅଧ୍ୟାପିକା ଜ୍ୟୋତ୍ସ୍ନାମୟୀ ମହାରଣା ଓ ମଞ୍ଜରୀ ମହାନ୍ତି, କଲ୍ୟାଣ ସମ୍ପ୍ରସାରଣ ଅଧିକାରୀ ଅକ୍ଷୟ କୁମାର ପିଙ୍ଗୁଆ, ଗୋଡ଼ିବନ୍ଧ ସ୍ୱାସ୍ଥ୍ୟକେନ୍ଦ୍ର ଚିକିତ୍ସାଧିକାରୀ ଡ. ଅନ୍ୱେଷା ମହନ୍ତ, ସାମାଜିକକର୍ମୀ ସେଫାଳୀ ବଳ, ଜିପିଟିଏ ଶିଳାରାଣୀ ସାହୁ ପ୍ରମୁଖ ଯୋଗ ଦେଇଥିଲେ। ବିଡିଓ ବାଳିକା ଓ ମହିଳାମାନଙ୍କ ନିମନ୍ତେ ଉଦ୍ଦିଷ୍ଟ ବିଭିନ୍ନ ସରକାରୀ ଯୋଜନା ସମ୍ପର୍କରେ ସୂଚନା ଦେଇଥିଲେ। ଏହି ଅବସରରେ ଚିତ୍ରାଙ୍କନ ପ୍ରତିଯୋଗିତାର କୃତୀ ଛାତ୍ରୀ ଆଫ୍ରିନ ପରବିନ୍, ପ୍ରିୟଙ୍କା ସାହୁ ସସ୍ମିତା ମଣ୍ଡଳ, ବକ୍ତୃତା ପ୍ରତିଯୋଗିତାରେ କଲେଜ ଛାତ୍ରୀ ମୁସ୍କାନ କୁମାରୀ ଗୁପ୍ତା, ରୋଜି ମହାରଣା, ପାୟଲ ସାହୁ ଅତିଥିମାନଙ୍କ ଦ୍ୱାରା ପୁରସ୍କୃତ ହୋଇଥିଲେ। ଭାରପ୍ରାପ୍ତ ଗୋଷ୍ଠୀ ସାମାଜିକ ସୁରକ୍ଷା ଅଧିକାରୀ ସୁଶୀଲ କୁମାର ପ୍ରଧାନ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ବ୍ଲକ କର୍ମଚାରୀ, ଅଙ୍ଗନୱାଡ଼ି କର୍ମୀ ଓ ଆଶା କର୍ମୀମାନେ ଏଥିରେ ଯୋଗ ଦେଇଥିଲେ।

# ଘର ହିଁ ବିଦ୍ୟାଳୟ ପ୍ରକଳ୍ପ

ଅନୁଗୋଳ ଅଫିସ୍, ୨୭।୧





କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରାଯାଉଛି।

ଅନୁଗୋଳ ଗାନ୍ଧୀମାର୍ଗ ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଠାରେ 'ଘର ହିଁ ବିଦ୍ୟାଳୟ ପ୍ରକଳ୍ପ'ର ଦ୍ୱିତୀୟ ପର୍ଯ୍ୟାୟ (ସଂସ୍କାର ପ୍ରକ୍ରିୟା) ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ ଶିଶୁ ସାହିତ୍ୟିକ ଡ. ସଦାନନ୍ଦ ପରିଡ଼ା ମୁଖ୍ୟଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ବରିଷ୍ଠ ଆଚାର୍ଯ୍ୟ ବୈଦ୍ୟନାଥ ସାମଲ ଅତିଥିମାନଙ୍କ ପରିଚୟ ପ୍ରଦାନ କରିଥିଲେ। ପ୍ରଧାନ ଆଚାର୍ଯ୍ୟ ପ୍ରସନ୍ନ କୁମାର ପ୍ରଧାନ ସ୍ୱାଗତ ଭାଷଣ ପ୍ରଦାନ କରିବା ସହ ପ୍ରକଳ୍ପର ଆଭିମୁଖ୍ୟ ବିଷୟରେ ଅବଗତ କରିଥିଲେ। ସମ୍ମାନିତ ଅତିଥି ତଥା ମୁଖ୍ୟବକ୍ତା ଷୋଡ଼ଶ ସଂସ୍କାର ବିଷୟରେ ବିଶଦ ଭାବେ ଆଲୋକପାତ କରିଥିଲେ। ବିଦ୍ୟାଳୟର ଶିଶୁ ବାଟିକା ପ୍ରମୁଖ ଅଭିଭାବକମାନଙ୍କୁ ସୂଚନା ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ଶିଶୁବୋଧ ଶ୍ରେଣୀର ଶିଶୁମାନଙ୍କୁ ନେଇ ଏକ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସମସ୍ତ ଗୁରୁମା ଓ ଗୁରୁଜୀ ସହଯୋଗ କରିଥିଲେ।

# ସେଣ୍ଟ ଜାଭିୟର୍ସରେ ସାଧାରଣତନ୍ତ୍ର ଦିବସ

ଅନୁଗୋଳ ଅଫିସ୍, ୨୭।୧



କୃତୀ ଛାତ୍ରଙ୍କୁ ପୁରସ୍କୃତ କରାଯାଉଛି।

ଅନୁଗୋଳ ଜିଲା ନାଲ୍‌କୋ (କୁଲାଡ଼) ଓ ମିଶ୍ରପଡ଼ାସ୍ଥିତ ସେଣ୍ଟ ଜାଭିୟର୍ସ ହାଇସ୍କୁଲରେ ଗଣତନ୍ତ୍ର ଦିବସ ପାଳିତ ହୋଇଯାଇଛି। ହାଇସ୍କୁଲ ଦ୍ୱୟରେ ମୁଖ୍ୟଅତିଥି ଭାବେ କୁଲାଡ଼ ସରପଞ୍ଚ ଶେଷଦେବ ଦେହୁରୀ ଓ ଅନୁଗୋଳ ସହକାରୀ ଜିଲାପାଳ ଇଶାନୀ ପଣ୍ଡା ଯୋଗଦେଇ ପତାକା ଉତ୍ତୋଳନ କରି ଅଭିବାଦନ ଗ୍ରହଣ କରିଥିଲେ। ସମ୍ମାନିତ ଅତିଥି ଭାବେ ସେଣ୍ଟ ଜାଭିୟର୍ସ ସ୍କୁଲ ନିର୍ଦ୍ଦେଶକ କୁଳଦୀପ ରଥ ଉପସ୍ଥିତ ରହି ଏହି ଦିବସର ତାତ୍ପର୍ଯ୍ୟ ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ପୂର୍ବ ଆୟୋଜିତ ପ୍ରତିଯୋଗିତା ଗୁଡ଼ିକର କୃତୀ ପ୍ରତିଯୋଗୀମାନଙ୍କୁ ଅତିଥିମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ହାଇସ୍କଲ ଦ୍ୱୟର ଅଧକ୍ଷ, ଉପାଧକ୍ଷ, ଶିକ୍ଷୟିତ୍ରୀ, ଶିକ୍ଷକ, କର୍ମଚାରୀ, ଅଭିଭାବକ ତଥା ଛାତ୍ରୀଛାତ୍ରମାନେ ସହଯୋଗ କରିଥିଲେ।

# ଭତ୍ତା ବଣ୍ଟନ କାର୍ଯ୍ୟକ୍ରମ

ଅନୁଗୋଳ ଅଫିସ୍, ୨୭।୧





ବିଧାୟକ ଜଣେ ହିତାଧିକାରୀଙ୍କୁ ଭତ୍ତା କାର୍ଡ ପ୍ରଦାନ କରୁଛନ୍ତି।

ଅନୁଗୋଳ ପୌରପାଳିକାରେ ଅଙ୍ଗୀକାର ଓ ଭତ୍ତା ବଣ୍ଟନ କାର୍ଯ୍ୟକ୍ରମ ଜିଲା କଳାକେନ୍ଦ୍ରଠାରେ ଅନୁଷ୍ଠିତ ହୋଇଯାଇଛି। ପୌରାଞ୍ଚଳରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଘର ସମ୍ପୂର୍ଣ୍ଣ କରିଥିବା ୨୦୫ ଜଣ ହିତାଧିକାରୀଙ୍କୁ ୫ ଜଣ ଅଙ୍ଗୀକାର ରିସର୍ଚ୍ଚ ପର୍ସନ୍ ସଚେତନ କରିଥିଲେ। ପୌରପାଳିକା ପକ୍ଷରୁ ବଛାଯାଇଥିବା ରିସର୍ଚ୍ଚ ପର୍ସନ୍‌ମାନେ ଘର ଘର ବୁଲି ଲୋକମାନେ କିପରି ମୌଳିକ ସୁବିଧା ନିଜ ଘରେ ରଖିବେ ସେ ସମ୍ପର୍କରେ ସଚେତନ ସଚେତନ କରାଇଥିବାରୁ କାର୍ଯ୍ୟକ୍ରମରେ ଯୋଗଦେଇଥିବା ମୁଖ୍ୟଅତିଥି ଅନୁଗୋଳ ବିଧାୟକ ରଜନୀକାନ୍ତ ସିଂହ ସେମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ପରେ ପୌରପାଳିକା ଅଞ୍ଚଳରେ ରହୁଥିବା ୧୮ ଜଣଙ୍କୁ ଭତ୍ତା କାର୍ଡ ପ୍ରଦାନ କରିଥିଲେ। ପୌର କାର୍ଯ୍ୟନିର୍ବାହୀ ଅଧିକାରୀ ବିନୋଦ ଚନ୍ଦ୍ର ପଣ୍ଡା ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୌରନିର୍ବାହୀ ଯନ୍ତ୍ରୀ ସୀମାଞ୍ଚଳ ମିଶ୍ର, ପିଏମ୍‌ଏୱାଇ ଏକ୍ସପର୍ଟ୍ ଅଭୟ କୁମାର ନାଏକ, ଦୀପକ କୁମାର ସାହୁ, ଦୀପକ କୁମାର ସେଠୀଙ୍କ ସମେତ ଅନ୍ୟ କର୍ମଚାରୀମାନେ ସହଯୋଗ କରିଥିଲେ।

## ବାଇକ୍ ଧକ୍କାରେ ଛାତ୍ର ଗୁରୁତର

ଛେଣ୍ଡିପଦା,୨୭।୧(ସ୍ୱ.ପ୍ର.)

ଛେଣ୍ଡିପଦା ବ୍ଲକ ଟାଙ୍ଗିର ପଞ୍ଚାୟତ ବରାଳ ବାଲୁଙ୍କେଶ୍ୱର ଉଚ୍ଚ ବିଦ୍ୟାଳୟର ଛାତ୍ର ଅବିନାଶ ସାହୁ ବାଇକ୍ ଧକ୍କାରେ ଗୁରୁତର ହୋଇଛନ୍ତି। ସାଧାରଣତନ୍ତ୍ର ଦିବସ ଉପଲକ୍ଷେ ନଗର ପରିକ୍ରମା ନିମନ୍ତେ ପାରମ୍ପରିକ ସାଜସଜ୍ଜାରେ ଅବିନାଶ ପୁରୁଣାଗଡ ଗ୍ରାମକୁ ଯାଉଥିବାବେଳେ ବିପରୀତ ଦିଗରୁ ଆସୁଥିବା ଏକ ବାଇକ୍ ତାଙ୍କୁ ଧକ୍କା ଦେଇଥିଲା। ଫଳରେ ସେ ଗୁରୁତର ହୋଇଥିଲେ। ଶିକ୍ଷକ ଓ ପରିଚାଳନା କମିଟି ସଦସ୍ୟମାନେ ତାଙ୍କୁ ଉଦ୍ଧାର କରି ବାଗଡିଆ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ମୁଣ୍ଡରେ ଗଭୀର ଆଘାତ ଲାଗିଥିବାରୁ ଡାକ୍ତର ତାଙ୍କୁ ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇ ଦେଇଛନ୍ତି।

# ଉପଜିଲାପାଳଙ୍କ କାର୍ଯ୍ୟାଳୟ ଉଦ୍‌ଘାଟିତ

ତାଳଚେର, ୨୭।୧(ଡି.ଏନ.ଏ.)



କାର୍ଯ୍ୟାଳୟକୁ ଅତିଥିମାନେ ଉଦ୍‌ଘାଟନ କରୁଛନ୍ତି।

ତାଳଚେର ଉପଜିଲାପାଳଙ୍କ ନୂତନ କାର୍ଯ୍ୟାଳୟ ସନ୍ଧ୍ୟାରେ ଉଦ୍‌ଘାଟିତ ହୋଇଯାଇଛି। ୧ କୋଟି ୨୦ ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ଏହି କାର୍ଯ୍ୟାଳୟ ଢେଙ୍କାନାଳ ଏମ୍‌ପି ମହେଶ ସାହୁ ଏବଂ ସ୍ଥାନୀୟ ବିଧାୟକ ବ୍ରଜକିଶୋର ପ୍ରଧାନଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଛି। ତାଳଚେର ଉପଜିଲାପାଳ ପରେଶ ଚନ୍ଦ୍ର ନାୟକ, ଭାରପ୍ରାପ୍ତ ତହସିଲଦାର ଗୌରୀ ନାଏକ, ପୌରପାଳିକା ଅଧିକାରୀ ଅତସୀ ପରିଡା, ଉପଖଣ୍ଡ ଲୋକ ସଂପର୍କ ସୂଚନା ଅଧିକାରୀ ସୌରଭ ପ୍ରଧାନ, ଏସ୍‌ଡିଓ ପି.ଡବ୍ଲ୍ୟୁଡି ବାବାଜୀ ଚରଣ ମିଶ୍ର, ଚକ୍ରଧର ସାହୁ, ଠିକାଦାର ସୁଶୀଲ ନାଥ, ସହକାରୀ ଜିଲାପାଳ ସୁବାସ ଚନ୍ଦ୍ର ପ୍ରଧାନ, ସଞ୍ଜୟ ବେହେରା ପ୍ରମୁଖ ଉଦ୍‌ଘାଟନୀ ଉତ୍ସବରେ ଉପସ୍ଥିତ ଥିଲେ। ଏମ୍‌ପି ଓ ବିଧାୟକ ନବନିର୍ମିତ କାର୍ଯ୍ୟାଳୟ ବୁଲି ଦେଖିଥିଲେ। ପରବର୍ତ୍ତୀ ଆରପିଡିଏସି ବୈଠକ ଏହି କାର୍ଯ୍ୟାଳୟରେ ଅନୁଷ୍ଠିତ ହେଲେ ଅଞ୍ଚଳବାସୀ ଉପକୃତ ହୁଅନ୍ତେ ବୋଲି ବିଧାୟକ ପ୍ରଧାନ ଏମ୍‌ପିଙ୍କୁ ପ୍ରସ୍ତାବ ଦେଇଥିଲେ। ଏହା ସହିତ ତାଳଚେର ସରକାରୀ କାର୍ଯ୍ୟାଳୟଗୁଡିକ ମଧ୍ୟରେ ଦୂରତା ଅଧିକ ହେଉଥିବାରୁ ରାଣୀ ପାର୍କଠାରେ ଏକ ଛଅ ମହଲା ବିଶିଷ୍ଟ ଅତ୍ୟାଧୁନିକ ପ୍ରଶାସନିକ ଭବନ ନିର୍ମାଣ କରାଯିବ ବୋଲି ଉଭୟ ଏମ୍‌ପି ଓ ବିଧାୟକ ସୂଚନା ଦେଇଥିଲେ। ଉପଜିଲାପାଳଙ୍କ କାର୍ଯ୍ୟାଳୟ ଚାରିପାଖେ ଏକ ନୂତନ ପାଚେରି ନିର୍ମାଣ କରିବାକୁ ବିଧାୟକ ପ୍ରଧାନ ପ୍ରସ୍ତାବ ଦେଇଥିଲେ। ଏହି ଅବସରରେ ସମସ୍ତ ସରକାରୀ କର୍ମଚାରୀଙ୍କୁ ଉତ୍ତରୀୟ ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା।

## ସଂକ୍ଷେପରେ

### ଯୁବକଙ୍କୁ ମାଡ଼ ମାରି ଜଣେ ଗିରଫ

ବଇଣ୍ଡା,୨୭।୧(ଡି.ଏନ.ଏ.): ହଣ୍ଡପା ଥାନା ବିଡ଼ିସିଙ୍ଗ ଗ୍ରାମର ବିରଞ୍ଚି ନାୟକଙ୍କୁ ସେହିଗ୍ରାମର କାଳନ୍ଦି ପ୍ରଧାନ ଓ ତାଙ୍କ ପୁଅ ମାଡ଼ ମାରିଥିବା ରବିବାର ହଣ୍ଡପା ଥାନାରେ ଅଭିଯୋଗ ହୋଇଛି। ପୋଲିସ ନଂ. ୧୪/୨୦ରେ ଏକ ମାମଲା ରୁଜୁ କରି କାଳନ୍ଦିଙ୍କୁ ଗିରଫ କରିଛି। ପୋଲିସ କହିଛି, ଉଭୟ ପରିବାର ମଧ୍ୟରେ ପୂର୍ବରୁ ଶତ୍ରୁତା ଲାଗି ରହିଛି। ଏହାକୁ ନେଇ ବିରଞ୍ଚିଙ୍କୁ ମାଡ଼ ମରାଯାଇଥିବା ଅଭିଯୋଗପତ୍ରରେ ଦର୍ଶାଯାଇଛି।

### ଶିବ ମନ୍ଦିରର ରତ୍ନମୁଦ ଉତ୍ସବ



ବଇଣ୍ଡା,୨୭।୧(ଡି.ଏନ.ଏ.): ଆଠମଲ୍ଲିକ ବ୍ଲକ ଟାପଡୋଲ ପଞ୍ଚାୟତ ବରଡିପ ଗ୍ରାମରେ ନିର୍ମାଣ ହେଉଥିବା ଶିବ ମନ୍ଦିରର ରତ୍ନମୁଦ ଉତ୍ସବ ଅନୁଷ୍ଠିତ ହୋଇଛି। ଏହି ଅବସରରେ ଗ୍ରାମ ପୋଖରୀରୁ ପାଣି ଅଣାଯାଇ କଳସ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ପରେ ହୋମଯଜ୍ଞ ଆଦି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପୂଜକ ସ୍ୱପ୍ନେଶ୍ୱର ମିଶ୍ର ଯୋଗଦେଇ ଥିଲେ। ହୋମରେ ଗ୍ରାମ ସଭାପତି ବୈରାଗୀ ବିଶ୍ୱାଳ ଓ କମଳା ବିଶ୍ୱାଳ କର୍ତ୍ତା ଭାବେ ଯୋଗ ଦେଇଥିଲେ। ଗ୍ରାମବାସୀ ସହଯୋଗ କରିଥିଲେ।

### ଜାତୀୟ ସମରକଳାରେ ରୋଟାରି ପବ୍ଲିକ ସ୍କୁଲର ମୁନ୍ମୟୀ ଓ ଅବିନାଶ

ଅନୁଗୋଳ ଅଫିସ୍, ୨୫।୧: ଆସନ୍ତା ୩୦ ତାରିଖରୁ ଫେବୃୟାରୀ ୩ ପର୍ଯ୍ୟନ୍ତ ସ୍କୁଲ ସମୂହ ଜାତୀୟ ସମରକଳା ପ୍ରତିଯୋଗିତା ଜାମ୍ମୁ-କାଶ୍ମୀରଠାରେ ଅନୁଷ୍ଠିତ ହେବ। ଏହି ପ୍ରତିଯୋଗିତାରେ ରୋଟାରି ପବ୍ଲିକ ସ୍କୁଲର ବାଳିକା ବିଭାଗ ୧୭ ବର୍ଷରୁ କମ୍ ମୁନ୍ମୟୀ ତ୍ରିପାଠୀ, ବାଳକ ବିଭାଗ ପକ୍ଷରୁ ୧୭ ବର୍ଷରୁ କମ୍ ଅବିନାଶ ମିଶ୍ର ଅଂଶଗ୍ରହଣ କରିବେ। ଏଥିପାଇଁ ରୋଟାରି ପବ୍ଲିକ ସ୍କୁଲର ଚେୟାରମ୍ୟାନ ନିଖିଳ ରଞ୍ଜନ ମିଶ୍ର, ସରକାରୀ ଅଧକ୍ଷା କଳ୍ପଲତା ଦାଶ ଉଭୟଙ୍କୁ ପୁଷ୍ପଗୁଚ୍ଛ ଦେଇ ଶୁଭେଚ୍ଛା ଜଣାଇଛନ୍ତି। ଜିଲା ଶିକ୍ଷା ଅଧିକାରୀ ସଚ୍ଚିଦାନନ୍ଦ ବେହେରା, ଜିଲା ଶାରୀରିକ ଶିକ୍ଷା ନିର୍ଦ୍ଦେଶକ ପ୍ରଶାନ୍ତ କୁମାର ସିହ୍ନା, ଜିଲା କ୍ରୀଡ଼ା ଅଧିକାରୀ ଅକ୍ଷୟ କୁମାର ସିଠ ଉଭୟଙ୍କୁ ଧନ୍ୟବାଦ ଦେଇଛନ୍ତି। ଏହି ଦୁଇ ପ୍ରତିଯୋଗୀ ରୋଟାରି ପବ୍ଲିକ ସ୍କୁଲର ଶିକ୍ଷକ ଦୁଶ୍ୟନ୍ତ କୁମାର ନାଥଙ୍କ ଠାରୁ ଶିକ୍ଷା ନେଇଛନ୍ତି।

### ଛେଣ୍ଡିପଦା ଥାନାରେ ନୂଆ ଅଧିକାରୀ



ଛେଣ୍ଡିପଦା,୨୭।୧(ସ୍ୱ.ପ୍ର.): ଅନୁଗୋଳ ଜିଲା ଛେଣ୍ଡିପଦା ଥାନାର ନୂତନ ଅଧିକାରୀ ଭାବେ ଇନ୍ସପେକ୍ଟର କନକ ମାଝି ସୋମବାର ଦାୟିତ୍ୱ ଗ୍ରହଣ କରିଛନ୍ତି। ଏହାପୂର୍ବରୁ ସେ ଜିଲା ପୋଲିସ ବିଭାଗରେ କାର୍ଯ୍ୟ ତୁଲାଇ ଆସୁଥିଲେ। ଛେଣ୍ଡିପଦା ଥାନା ଅଞ୍ଚଳରେ ଆଇନ ଶୃଙ୍ଖଳା ପରିସ୍ଥିତିକୁ ଧ୍ୟାନ ଦେବା ସହିତ ଜନସାଧାରଣ ଏବଂ ପୋଲିସ ବିଭାଗ ମଧ୍ୟରେ ସୁସମନ୍ୱୟ ରକ୍ଷା କରିବେ ବୋଲି ସେ ପ୍ରକାଶ କରିଛନ୍ତି। ସେହିପରି ଏଠାରେ କାର୍ଯ୍ୟରତ ଥିବା ଇନସ୍ପେକ୍ଟର ସତ୍ୟବ୍ରତ ରାଉତଙ୍କ ତାଲଚେର ଥାନାକୁ ବଦଳି ହୋଇଛି।

### ବାଇକ୍‌ରୁ ପଡ଼ି ୩ ଗୁରୁତର

ଭୁବନ,୨୭।୧(ଡି.ଏନ.ଏ.): ଢେଙ୍କାନାଳ ଜିଲା ଭୁବନ ଥାନା କୁମୁରୁସିଙ୍ଗା ଗ୍ରାମ ନିକଟରେ ସୋମବାର ବାଇକ୍‌ରୁ ପଡ଼ି ୩ ଯୁବକ ଗୁରୁତର ହୋଇଛନ୍ତି। ସେମାନେ ହେଲେ ଯାଜପୁର ଜିଲା ସୁକିନ୍ଦା ଥାନା କୁହିକା ଗ୍ରାମର ରାଜୀବ ନାଏକ, ଜ୍ଞାନ ଦେହୁରୀ, ପ୍ରହଲ୍ଲାଦ ଦେହୁରୀ। ଖବରପାଇ ଦମକଳ ବାହିନୀ ପହଞ୍ଚି ଗୁରୁତରଙ୍କୁ ଉଦ୍ଧାର କରି ଭୁବନ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ପ୍ରାଥମିକ ଚିକିତ୍ସା ପରେ ସମସ୍ତଙ୍କୁ ଢେଙ୍କାନାଳ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି।

# ଯୁବକଙ୍କଠାରୁ ୩ ବନ୍ଧୁକ, ଗୁଳି ଜବତ

- ଉଠାଇ ଆଣିଥିଲା ସ୍ପେଶାଲ ସ୍କ୍ୱାଡ୍
- ସନ୍ଦେହରେ ଅନ୍ୟ ଦୁଇ ଅଟକ

**ଅନୁଗୋଳ ଅଫିସ୍, ୨୭।୧**

ଅନୁଗୋଳ ଥାନା ଅଞ୍ଚଳର ଏକ ଘରୁ ଅନୁଗୋଳ ପୋଲିସର ସ୍ପେଶାଲ ସ୍କ୍ୱାଡ୍ ଜଣେ ଯୁବକଙ୍କୁ ଉଠାଇ ଆଣିଛି। ସମ୍ପୃକ୍ତ ଯୁବକଙ୍କ ନିକଟରୁ ୩ଟି ବନ୍ଧୁକ ସହ ୯ଟି ଜୀବନ୍ତ ଗୁଳି ଓ ଏକ କଳା ରଙ୍ଗର ବୁଲେଟ୍ ଜବତ କରାଯାଇଥିବା ଅନୁଗୋଳ ପୋଲିସର ଜଣେ ବରିଷ୍ଠ ଅଧିକାରୀ ସୂଚନା ଦେଇଛନ୍ତି। ଯୁବକ ଜଣକ ନାମରେ ପୂର୍ବରୁ ଦାଦା ବଟି ଆଦାୟ ଅଭିଯୋଗ ଥିବାରୁ ପୋଲିସ ତାଙ୍କୁ ଅଟକ ରଖିଛି। ଅନ୍ୟପକ୍ଷରେ ସମ୍ପୃକ୍ତ ଯୁବକଙ୍କ ଦୁଇ ସହଯୋଗୀ ଭାବି ଅନ୍ୟ ଦୁଇଜଣଙ୍କୁ ସନ୍ଦେହରେ ପୋଲିସ ଥାନାକୁ ଆଣି ଅଟକ ରଖିଥିବା ଜଣାପଡ଼ିଛି।

ପୋଲିସ ସୂତ୍ରରୁ ପ୍ରକାଶ ଯେ, ବନ୍ଧୁକ ରଖିଥିବା ସମ୍ପୃକ୍ତ ଯୁବକଙ୍କୁ ଅନୁଗୋଳ ଏସ୍‌ପି ଜଗମୋହନ ମୀନାଙ୍କ ନିର୍ଦ୍ଦେଶ କ୍ରମେ ସ୍ପେଶାଲ ସ୍କ୍ୱାଡ୍‌ର ଏସ୍‌ଆଇ ଦୀନକୃଷ୍ଣ ମିଶ୍ର ଓ ତାଙ୍କ ଟିମ୍ ରବିବାର ଅପରାହ୍ନରେ ଉଠାଇ ଆଣିଥିଲେ। ଯୁବକ ଜଣକ ପୂର୍ବରୁ ବିଭିନ୍ନ ଠିକାଦାରଙ୍କୁ ବନ୍ଧୁକ ଦେଖାଇ ଦାଦା ବଟି ମାଗୁଥିଲେ। ଏଥିସହ ଲୋକଙ୍କ ଠାରୁ ଟଙ୍କା ଅସୁଲି କରି ନିଜ ପାଖରେ ରଖୁଥିଲେ। ଜଣେ ଲୋକଙ୍କ ପାଇଁ ଡିନାମାଇଟ୍ କାରବାରରେ ମଧ୍ୟ ସେ ସଂଶ୍ଳିଷ୍ଟ ଥିବା କୁହାଯାଇଛି। ବିଭିନ୍ନ ଠିକାଦାରଙ୍କୁ ବନ୍ଧୁକ ଦେଖାଇ ଦାଦା ବଟି ଆଦାୟ କରିବା ସହ ଧମକ ଦେଉଥିବା ପୋଲିସ ନିକଟରେ ଅଭିଯୋଗ ରହିଛି। ବିଜୁ ମଇଦାନ ଓ ତାମ୍ରିତ କଲୋନୀ ଅଞ୍ଚଳରେ ସେ ଆଡ୍ଡା ଜମାଉଥିଲେ। ତାଙ୍କ ଉପରେ ଦୀର୍ଘ ଦିନ ହେବ ସ୍ପେଶାଲ ସ୍କ୍ୱାଡ୍ ନଜର ରଖିଥିବାବେଳେ ଏସ୍‌ପିଙ୍କ ନିର୍ଦ୍ଦେଶ ମିଳିବା ପରେ ତାଙ୍କୁ ଉଠାଇ ଅଣାଯାଇଥିବା ସୂଚନା ମିଳିଛି। ଘଟଣାର ବିଭିନ୍ନ ଦିଗକୁ ନେଇ ପୋଲିସ ଖୋଳତାଡ଼ କରିବା ସହ କାହା କାହା ସହିତ ଯୁବକଙ୍କ ସମ୍ପର୍କ ରହିଛି ତାହାର ମଧ୍ୟ ତଦନ୍ତ କରାଯାଉଥିବା ପୋଲିସ କହିଛି।

## ବୋଲେରୋ-ବାଇକ୍ ଧକ୍କା, ଜଣେ ଗୁରୁତର

**କାମାକ୍ଷାନଗର,୨୭।୧ (ଡି.ଏନ.ଏ.)**

ଢେଙ୍କାନାଳ ଜିଲା କାମାକ୍ଷାନଗର କଙ୍କଡାହାଡ଼ ପୂର୍ତ୍ତ ବିଭାଗ ରାସ୍ତାର ବାଙ୍କମଞ୍ଜରୀ ନିକଟରେ ରବିବାର ବୋଲେରୋ-ବାଇକ ମୁହାଁମୁହିଁ ଧକ୍କା ହୋଇଛି। ଏଥିରେ କଙ୍କଡାହାଡ଼ ଥାନା ଚିଙ୍ଗୁଡ଼ିପାଳ ଗ୍ରାମର ଲକ୍ଷ୍ମୀଧର ମହାନ୍ତ ଗୁରୁତର ହୋଇଛନ୍ତି। ଲକ୍ଷ୍ମୀଧର କାମାକ୍ଷାନଗରରୁ ନିଜ ବାଇକ୍ ଯୋଗେ ଘରକୁ ଫେରୁଥିବା ବେଳେ ଏକ ବୋଲେରୋ ତାଙ୍କୁ ଧକ୍କା ଦେଇଥିଲା। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ୧୦୮ ଆମ୍ବୁଲାନ୍ସ ଯୋଗେ କାମାକ୍ଷାନଗର ମେଡିକାଲରେ ଭର୍ତ୍ତି କରିଥିଲେ। ପରେ ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟ ସ୍ଥାନାନ୍ତର କରାଯାଇଛି।

## ଟ୍ରେନ୍‌ରେ ହଜିଥିବା ଫୋନ୍ ଉଦ୍ଧାର

**ଅନୁଗୋଳ ଅଫିସ୍, ୨୭।୧**




ଅନୁଗୋଳ ରେଲୱେ ପୋଲିସ ଜଣେ ବ୍ୟକ୍ତିଙ୍କ ଟାବ୍‌ଲେଟ୍ ଫୋନ ଟ୍ରେନ୍‌ରୁ ଉଦ୍ଧାର କରି ତାଙ୍କର ଜଣେ ପ୍ରତିନିଧିଙ୍କୁ ପ୍ରଦାନ କରିଥିବା ଆର୍‌ପିଏଫ୍ ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି। ସୂଚନାଯୋଗ୍ୟ ଯେ, ଧାନବାଦ୍‌ରୁ ଭୁବନେଶ୍ୱର ଆସୁଥିବା ଗରିବ ରଥ (ନଂ.୧୨୮୩୧)ରେ ରାଞ୍ଚିରୁ ଗତ ୨୫ ତାରିଖରେ ରାଉରକେଲା ଅଭିମୁଖେ ବିବେକ ଅଗ୍ରୱାଲ ନାମକ ଯାତ୍ରୀ ଚଢ଼ିଥିଲେ। ରାଉରକେଲାରେ ବିବେକ ଓହ୍ଲାଇ ଯାଇଥିଲେ ହେଁ ଫୋନ୍‌ଟିକୁ ନେବାକୁ ଭୁଲିଯାଇଥିଲେ। ପରେ ସେ ଏ ନେଇ ରାଉରକେଲା ଆର୍‌ପିଏଫ୍‌ରେ ଅଭିଯୋଗ କରିବାରୁ ଅନୁଗୋଳ ଷ୍ଟେଶନକୁ ଖବର ଦିଆଯାଇଥିଲା। ଅନୁଗୋଳ ଆର୍‌ପିଏଫ୍‌ର ହେଡ୍ କନେଷ୍ଟବଳ ଅର୍ଜୁନ ବେହେରା ଫୋନ୍ ଉଦ୍ଧାର କରିବା ପରେ ଅଭିଯୋଗକାରୀଙ୍କ ପ୍ରତିନିଧି ଗଣେଶ ମହାନନ୍ଦଙ୍କୁ ଅନୁଗୋଳ ରେଲୱେ ପୋଲିସର ସବ୍‌ଇନ୍ସପେକ୍ଟର ପ୍ରବୀର କୁମାର ମହାନ୍ତି ଓ ସୁଦର୍ଶନ ସାହୁ ପ୍ରଦାନ କରିଥିଲେ।

## ଘୋଷର କପ: କିଶୋରନଗର ଚାମ୍ପିୟନ



**ବଇଣ୍ଡା,୨୭।୧(ଡି.ଏନ.ଏ.)**

କିଶୋରନଗର ବ୍ଲକ ଘୋଷର ଗ୍ରାମ ଖେଳପଡ଼ିଆଠାରେ ଚାଲିଥିବା ଘୋଷର କପ୍ କ୍ରିକେଟ ଟୁର୍ନାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚରେ ନାକିଚି କ୍ରିକେଟ କ୍ଲବକୁ ହରାଇ ଏମ୍‌ଏନ୍‌ସିସି କିଶୋରନଗର ଚାମ୍ପିୟନ ହୋଇଛି। ପ୍ରଥମେ କିଶୋରନଗର ବ୍ୟାଟିଂ କରି ୧୩୩ ରନ କରିଥିଲା। ଜବାବରେ ନାକିଚି ୧୦୨ ରନ କରି ପରାସ୍ତ ହୋଇଥିଲା। କିଶୋରନଗରର ଜୁନା ମ୍ୟାନ ଅଫ ଦି ମ୍ୟାଚ ବିବେଚିତ ହୋଇଥିବାବେଳେ ନାକିଚିର ସମୀର ମ୍ୟାନ ଅଫ ଦି ସିରିଜ ବିବେଚିତ ହୋଇଥିଲେ। ରଞ୍ଜନ କୁମାର ପ୍ରଧାନ, ସୁଶାନ୍ତ ପ୍ରଧାନ ପରିଚାଳନା କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ସାମାଜିକ କର୍ମୀ ଅର୍ଜୁନ ସାହୁ ଯୋଗଦେଇ ଉଭୟ ଦଳକୁ ପୁରସ୍କୃତ କରିଥିଲେ। ଅନ୍ୟତମ ଅତିଥି ଭାବେ କ୍ଲବ ସଭାପତି ସୁଜିତ କୁମାର ପ୍ରଧାନ, ଶୁଭାଶିଷ ପ୍ରଧାନ ଯୋଗ ଦେଇଥିଲେ।

## ମହିଳାଙ୍କୁ ଯୌତୁକ ନିର୍ଯାତନା ଅଭିଯୋଗ

**ବଇଣ୍ଡା,୨୭।୧(ଡି.ଏନ.ଏ.)**

କିଶୋରନଗର ବ୍ଲକ ଲକ୍ଷ୍ମୀପ୍ରିୟାପୁର ଗ୍ରାମର ପୁଷ୍ପାଞ୍ଜଳି ଦେହୁରିଙ୍କୁ ତାଙ୍କ ସ୍ୱାମୀ ହେମନ୍ତ ଦେହୁରି, ଶ୍ୱଶୁର ପତି ଦେହୁରି ଓ ତାଙ୍କ ସମ୍ପର୍କୀୟ କୁଳମଣୀ ଦେହୁରି, ବିଣା ଦେହୁରି, ପ୍ରଶାନ୍ତ ଦେହୁରି, ଦୁଃଖୀ ଦେହୁରି, ରୀତା ଦେହୁରି ଯୌତୁକ ନିର୍ଯାତନା ଦେବା ସହ ହତ୍ୟା ଧମକ ଦେଉଥିବା ସୋମବାର ଥାନାରେ ଅଭିଯୋଗ ହୋଇଛି। ପୁଷ୍ପାଞ୍ଜଳିଙ୍କ ଅଭିଯୋଗକ୍ରମେ ପୋଲିସ ନଂ. ୧୫/୨୦ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ପୋଲିସ କହିଛି, ପୁଷ୍ପାଞ୍ଜଳିଙ୍କୁ ହେମନ୍ତ ବୈଦିକ ରୀତିରେ କିଛିବର୍ଷ ପୂର୍ବ ବିବାହ କରିଥିଲେ। ହେଲେ ଅଧିକ ଯୌତୁକ ଆଣିବା ପାଇଁ କହି ତାଙ୍କୁ ବାରମ୍ବାର ନିର୍ଯାତନା ଦେଉଥିବା ଅଭିଯୋଗପତ୍ରରେ ଦର୍ଶାଯାଇଛି।

## ୨-୧ ସେଟ୍‌ରେ କୋଶଳା ଚାମ୍ପିୟନ




ଟ୍ରଫି ସହ ଚାମ୍ପିୟନ ଦଳର ଖେଳାଳିମାନେ।

**ଛେଣ୍ଡିପଦା,୨୭।୧(ସ୍ୱ.ପ୍ର)**

ଛେଣ୍ଡିପଦା ବ୍ଲକ କୋଶଳା ମା ରାମଚଣ୍ଡି ପଡିଆରେ ୭୧ତମ ସାଧାରଣତନ୍ତ୍ର ଦିବସରେ ୧୫ତମ ସହିଦ ଅରୁଣ ସ୍ମାରକୀ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ଏଥିରେ ୧୬ଟି ଦଳ ଅଂଶଗ୍ରହଣ କରିଥିଲେ। ଫାଇନାଲ ମ୍ୟାଚ କୋଶଳା ଓ କଳମଛୁଇଁ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଫାଇନାଲ ମ୍ୟାଚରେ ଉଭୟଙ୍କ ମଧ୍ୟରେ ୩ଟି ସେଟ ଖେଳା ଯାଇଥିଲା। ଏଥିରେ କୋଶଳା ଟିମ ୨ଟି ସେଟରେ ଜିତି ଚାମ୍ପିୟନ ହୋଇଥିଲା। ଉଦଯାପନୀ ଦିବସରେ ମୁଖ୍ୟଅତିଥି ଭାବେ ଭାଜପା ରାଜ୍ୟ ସଦସ୍ୟ ଗୋବିନ୍ଦ ନାଏକ, ଗ୍ରାମ ସଭାପତି ବ୍ରଜ କିଶୋର ସାହୁ, ଶହୀଦ ଅରୁଣଙ୍କ ମା ଇନ୍ଦୁମତି ଗଡନାୟକ, ତରୁଣ କୁମାର ଗଡନାୟକ ପ୍ରମୁଖ ଯୋଗଦେଇ ଉଭୟ ଦଳକୁ ପୁରସ୍କୃତ କରିଥିଲେ। ବିନୋଦ କୁମାର ସାହ, ଅଜୟ କୁମାର ସାହୁ ଖେଳ ପରିଚାଳନା କରିଥିବାବେଳେ ହେମନ୍ତ କୁମାର ସାହୁ ଧାରା ବିବରଣୀ ପ୍ରଦାନ କରିଥିଲେ। କ୍ଲବର ସଭାପତି ସିଦ୍ଧାର୍ଥ ଶଙ୍କର ସାହୁ, ସମ୍ପାଦକ ସାରଦା ପ୍ରସାଦ ସାହୁଙ୍କ ସମେତ ସମସ୍ତ ସଦସ୍ୟ ସହଯୋଗ କରିଥିଲେ।

## ୧୭୩ ହିତାଧିକାରୀଙ୍କୁ ଭତ୍ତା



ବିଧାୟକ ଭତ୍ତା ବଣ୍ଟନ କରୁଛନ୍ତି।

**ବଇଣ୍ଡା,୨୭।୧(ଡି.ଏନ.ଏ.)**

କିଶୋରନଗର ବ୍ଲକ ସଭାଗୃହ ପରିସରରେ ରବିବାର ବ୍ଲକ ପ୍ରଶାସନ ପକ୍ଷରୁ ଭତ୍ତା ବଣ୍ଟନ କରାଯାଇଛି। ବିଡିଓ ଅମୃତା ପ୍ରିୟମ୍ବଦାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଆଠମଲ୍ଲିକ ବିଧାୟକ ରମେଶ ଚନ୍ଦ୍ର ସାଏ ଯୋଗଦେଇ ୧୭୩ ଜଣ ହିତାଧିକାରୀଙ୍କୁ ମଧୁବାବୁ ପେନସନ ଯୋଜନାରେ ଭତ୍ତା ବଣ୍ଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷା ବବିତା ପ୍ରଧାନ, ପୂର୍ବତନ ଜିଲା ପରିଷଦ ସଦସ୍ୟ ତିମିର ନାୟକ ପ୍ରମୁଖ ଯୋଗଦେଇଥିଲେ।

## ୨ ଜୁଆଡ଼ି ଗିରଫ, ତାସ୍ ସହ ଟଙ୍କା ଜବତ

**ଅନୁଗୋଳ ଅଫିସ୍, ୨୭।୧**

ଅନୁଗୋଳ ବୁଢ଼ୀ ଠାକୁରାଣୀ ଛକରେ ରବିବାର ଅନୁଗୋଳ ପୋଲିସ ପାଟ୍ରୋଲିଂ କରୁଥିବାବେଳେ ଦୁଇ ଜୁଆଡ଼ିଙ୍କୁ ଗିରଫ ସହ ନଂ. ୧୦୦/୨୦ରେ ଏକ ମାମଲା ରୁଜୁ କରି କୋର୍ଟ ଚାଲାଣ କରିଥିବା ସୂଚନା ମିଳିଛି। ସୂଚନାଯୋଗ୍ୟ ଯେ, ବୁଢ଼ୀ ଠାକୁରାଣୀ ଛକରେ ଥିବା ସେଡ୍ ତଳେ ୨ ଯୁବକ ବସିଥିଲେ। ସନ୍ଦେହ ହେବାରୁ ପୋଲିସ ଉଭୟଙ୍କୁ ପଚରାଉଚରା କରିଥିଲା। ଏହି ସମୟରେ ବଜାର ଛକର ଜାଫର ହୁସେନ୍ ଖାଁ(୨୮) ଓ ଶିକ୍ଷକପଡ଼ାର ବିକାଶ ଖେର(୩୦) ଜୁଆ ଖେଳୁଥିବା ପୋଲିସ ଜାଣିବାକୁ ପାଇଥିଲା। ପରେ ସେମାନଙ୍କ ନିକଟରୁ ଗୋଟିଏ ତାସ୍ ବଣ୍ଡଲ ଓ ନଗଦ ୨ ହଜାର ୭୯୯ ଟଙ୍କା ମଧ୍ୟ ଜବତ କରିଥିଲା। ଏଏସ୍‌ଆଇ ରମେଶ ଚନ୍ଦ୍ର ସେନାପତିଙ୍କ ଅଭିଯୋଗ କ୍ରମେ ଏଏସ୍‌ଆଇ ଜୟଚନ୍ଦ୍ର ସାହୁ ଦୁହିଁଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ସୂଚନା ମିଳିଛି।

## ସୁପର ସିକ୍ସର କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଘାଟିତ



ଉଦ୍‌ଘାଟନୀ ଅବସରରେ ଅତିଥିଙ୍କ ସହ ଖେଳାଳିମାନେ।

**ମାଧପୁର,୨୭।୧**

ଆଠମଲ୍ଲିକ ବ୍ଲକ ମାଧପୁର ପଞ୍ଚାୟତ ଖେଳପଡ଼ିଆରେ ମାଧପୁର କ୍ରୀଡା ସଂସଦ ଆନୁକୂଲ୍ୟରେ ସୋମବାର ୧୦ମ ସୁପର ସିକ୍ସର କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଘାଟିତ ହୋଇଯାଇଛି। ମାଧପୁର ସରପଞ୍ଚ ଗଣେଶ୍ୱର ଜେନା, ସାମାଜିକ କର୍ମୀ ମନୋରଞ୍ଜନ ପ୍ରଧାନ ଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଏଥିରେ ୧୬ଟି ଟିମ୍ ଅଂଶଗ୍ରହଣ କରିଛନ୍ତି। ପ୍ରଥମ ମ୍ୟାଚରେ ହଣ୍ଡପା କ୍ରିକେଟ କ୍ଲବ ରାମଗଡ଼ କ୍ରିକେଟ କ୍ଲବକୁ ହରାଇ କ୍ୱାର୍ଟରରେ ପହଞ୍ଚିଥିଲାବେଳେ ଦ୍ୱିତୀୟ ମ୍ୟାଚରେ କିଆକଟା ଦଳ ସର୍ଗିପାଲିକୁ ହରାଇ କ୍ୱାର୍ଟରରେ ପହଞ୍ଚିଥିଲା। କ୍ୱାର୍ଟରରେ କିଆକଟା ଏବଂ ହଣ୍ଡପା ମଧ୍ୟରେ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ଏଥିରେ କିଆକଟା ବିଜୟୀ ହୋଇ ପ୍ରଥମ ଦଳ ଭାବରେ ସେମିଫାଇନାଲକୁ ପ୍ରବେଶ କରିଛି। ଅନ୍ୟମାନଙ୍କ ମଧ୍ୟରେ କ୍ରୀଡା ସଂସଦ ସଭାପତି ଅଜିତ ଆଚାର୍ଯ୍ୟ, ସମ୍ପାଦକ ମନୋଜ କୁମାର ପ୍ରଧାନ, ବିକାଶ ରଞ୍ଜନ ପ୍ରଧାନ, ସୌରଭ ପଣ୍ଡା, ସୁଶାନ୍ତ ଥାଟି, ସ୍ନେହାଶିଷ ମହାନ୍ତି, ଶିଲୁ ସାହୁ, ସୁବାଶିଷ କର୍ମୀ, ବିଦ୍ୟୁତ୍ ରଞ୍ଜନ ପ୍ରଧାନ, ହିମାଂଶୁ ଶେଖର ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ଦିଲୀପ ବଘାର, ପ୍ରଭାସ ଛନ୍ଦ, ଅଜିତ୍ ଆଚାର୍ଯ୍ୟ ପରିଚାଳନା କରିଥିଲେ।

## ପୋକତୁଙ୍ଗାରେ ତାସ୍ ଟୁର୍ନାମେଣ୍ଟ



ଅନୁଷ୍ଠିତ ତାସ ଟୁର୍ନାମେଣ୍ଟ।

**ବନ୍ତଳା, ୨୭।୧**

ଅନୁଗୋଳ ଜିଲା ବନ୍ତଳା ଥାନା ପୋକତୁଙ୍ଗା ଗ୍ରାମ ରଣେଶ୍ୱର ଛକରେ ରବିବାର ସକାଳେ ତାସ୍ ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ଏଥିରେ ୩୨ଟି ଦଳ ଅଂଶ ଗ୍ରହଣ କରିଥିଲେ। ଫାଇନାଲ ଖେଳରେ ଦେହୁରୀସାହିର ବିଜୟ ଦେହୁରୀ ଓ ସୁରେଶ ଦେହୁରୀ ଚାମ୍ପିୟନ ହୋଇଥିଲେ। ଷଣ୍ଢ ଛକ ସାହିର ଧୀରେନ୍ ଦେହୁରୀ ଓ ମନୋଜ ଦେହୁରୀ ରନର୍ସଅପ୍ ହୋଇଥିଲେ। ବିଚାରକ ଭାବେ ସଞ୍ଜୟ ସାହୁ, ବସନ୍ତ ସାହୁ, ରଣଜିତ ପ୍ରଧାନ ଓ ଦୀନେଶ ଦେହୁରୀ ଓ ମୁଖ୍ୟ ବିଚାରକ ଭାବେ ପ୍ରଫୁଲ୍ଲ ଦେହୁରୀ ଦାୟିତ୍ୱ ନେଇଥିଲେ। ଜିତେନ୍ଦ୍ର ପ୍ରଧାନ, ପ୍ରଶାନ୍ତ ପ୍ରଧାନ, ନିର୍ମଳ ଦେହୁରୀ, ନଗେଶ ଦେହୁରୀ ସହଯୋଗ କରିଥିଲେ। ବିଚାରକ ମଣ୍ଡଳୀ ଚାମ୍ପିୟନଙ୍କୁ ୨୫୦ ଟଙ୍କା ସହ ଟ୍ରଫି ଓ ରନର୍ସଅପ୍‌ଙ୍କୁ ୧୫୦ ଟଙ୍କା ସହ ଟ୍ରଫି ପ୍ରଦାନ କରିଥିଲେ। ସେହିପରି ଉଭୟ ଚାମ୍ପିୟନ ଓ ରନର୍ସଅପ୍ ଦଳକୁ ଉତ୍ତମ ପ୍ରଧାନ ୨ ଶହ ଟଙ୍କା ପୁରସ୍କୃତ କରିଥିଲେ।

## ବିଷ ପିଇ ଯୁବକଙ୍କ ମୃତ୍ୟୁ

**ବଇଣ୍ଡା,୨୭।୧(ଡି.ଏନ.ଏ.)**

କିଶୋରନଗର ବ୍ଲକ ଉରୁକୁଳା ଗ୍ରାମର ସିଲୁ ସାହୁ(୨୦) ରବିବାର ବିଷ ପିଇ ଆତ୍ମହତ୍ୟା କରିଛନ୍ତି। ସିଲୁ ସାମାନ୍ୟ କଳହକୁ କେନ୍ଦ୍ର କରି ରବିବାର ଅପରାହ୍ନରେ ବିଷ ପିଇ ଦେଇଥିଲେ। ପରେ ପରିବାର ଲୋକେ ତାଙ୍କୁ ଉଦ୍ଧାର କରି କିଶୋରନଗର ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ତାଙ୍କର ମୃତ୍ୟୁ ଘଟିଥିଲା। ଖବରପାଇ ହଣ୍ଡପା ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ହଣ୍ଡପା ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଦେଇଛି। ଏ ନେଇ ନଂ. ୨/୨୦ରେ ଏକ ଅପମୃତ୍ୟୁ ରୁଜୁ କରି ତଦନ୍ତ ଚଳାଇଛି।

## ଆନ୍ଦୋଳନକାରୀଙ୍କୁ ଉଠାଇନେଲା ପୋଲିସ

**କଣିହାଁ,୨୭।୧(ଡି.ଏନ.ଏ.)**

ଅନୁଗୋଳ ଜିଲାସ୍ଥିତ ଏମସିଏଲ କଣିହାଁ କୋଇଲା ଖଣି କ୍ଷତିଗ୍ରସ୍ତ ବେକାର ଯୁବକମାନେ ନିଯୁକ୍ତି ଦାବିରେ ଖଣିବନ୍ଦ ଆନ୍ଦୋଳନ ପାଇଁ ଚେତାବନୀ ଦେଇଥିଲେ। ଏହାକୁ ନେଇ ପ୍ରଶାସନ ଓ ପୋଲିସ ତରଫରୁ ପୂର୍ବ ପ୍ରସ୍ତୁତିକୁ ନେଇ ୪ ପ୍ଲାଟୁନ ପୋଲିସ ଫୋର୍ସ ନିଯୁକ୍ତ ହୋଇଥିଲେ। ସୋମବାର ପୂର୍ବାହ୍ନରେ ଜରଡ଼ା ଗ୍ରାମର ଅନେକ ଯୁବକ ଖଣିବନ୍ଦ ଆନ୍ଦୋଳନ କରିବାକୁ ଆସିବାରେ ପୋଲିସ ସମସ୍ତଙ୍କୁ ଉଠାଇ ନେଇ ଏନ୍‌ଟିପିସି ଥାନା ଅଞ୍ଚଳର ପୋଲିସ ବାରାକରେ ରଖିଥିଲା। ସମସ୍ୟାକୁ ନେଇ ଗ୍ରାମବାସୀ ଜିଲାପାଳଙ୍କଠାରେ ଅଭିଯୋଗ ଶୁଣାଣି ଶିବିରରେ ସମାଧାନ ପାଇଁ ନିବେଦନ କରିଥିଲେ। ଉପସ୍ଥିତ ଅଧିକାରୀ ବେଆଇନ ଖଣି ବନ୍ଦ ଆନ୍ଦୋଳନକୁ ବରଦାସ୍ତ କରାଯିବ ନାହିଁ। ଆଲୋଚନା ଫେବୃୟାରୀ ମାସରେ ହେବ। ପୋଲିସ କେସ କରା ନ ଯାଇ ଅଟକ ୫୬ ଜଣ ଯୁବକଙ୍କୁ ଛାଡି ଦିଆଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ହେଲେ ଅଟକ ବ୍ୟକ୍ତି ଲିଖିତ ପ୍ରତିଶ୍ରୁତିକୁ ଅଡ଼ି ବସିଥିବା ଖବରଲେଖା ପର୍ଯ୍ୟନ୍ତ ଜଣାପଡ଼ିଛି।

ଆଇଆଇସି ପ୍ରଭାତ କୁମାର ତ୍ରିପାଠୀ କହିଛନ୍ତି, ଆନ୍ଦୋଳନସ୍ଥଳରୁ ଉଠାଯାଇଥିବା ୫୬ ଜଣଙ୍କୁ ଜିଲାପାଳଙ୍କ ନିର୍ଦ୍ଦେଶରେ ଛଡ଼ାଯାଇଛି। ଫେବୃୟାରୀରେ ଆଲୋଚନା ହେବ। କେହି ଗିରଫ ହୋଇନାହାନ୍ତି।

## ସଂକ୍ଷେପରେ

### ଟ୍ରେଲର ଧକ୍କାରେ ମା' ମୃତ, ପୁଅ ଗୁରୁତର

ଛେଣ୍ଡିପଦା,୨୭।୧(ସ୍ୱ.ପ୍ର.): ଅନୁଗୋଳ ଜିଲା ଜରପଡା ଥାନା ୫୫ ନଂ. ଜାତୀୟ ରାଜପଥ କତଡା ଉଚ୍ଚ ବିଦ୍ୟାଳୟ ନିକଟରେ ଏକ ଟ୍ରେଲର ଧକ୍କାରେ ମା'ଙ୍କ ମୃତ୍ୟୁ ଘଟିଥିବାବେଳେ ପୁଅ ଗୁରୁତର ହୋଇଛନ୍ତି। ପୋଲିସ କହିଛି, ଅନୁଗୋଳ ଥାନା ଟିପିରିଶିଙ୍ଗା ଗ୍ରାମର ଯଶୋଦା ମହାପାତ୍ର ଏବଂ ତାଙ୍କ ପୁଅ ରାଜେନ୍ଦ୍ର ମହାପାତ୍ର ବାଇକ୍ ଯୋଗେ ଆଠମଲ୍ଲିକରୁ ଘରକୁ ଫେରୁଥିବାବେଳେ କତଡା ଉଚ୍ଚ ବିଦ୍ୟାଳୟ ନିକଟରେ ଏକ ଟ୍ରେଲର ଉଭୟଙ୍କୁ ଧକ୍କା ଦେଇ ପଳାଇଯାଇଥିଲା। ଖବରପାଇ ଜରପଡା ପୋଲିସ ସ୍ଥାନୀୟ ଲୋକଙ୍କ ସହାୟତାରେ ଉଭୟଙ୍କୁ ଉଦ୍ଧାର କରି ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ଯଶୋଦାଙ୍କୁ ମୃତ ଘୋଷଣା କରିଥିଲେ। ରାଜେନ୍ଦ୍ରଙ୍କ ଅବସ୍ଥା ଗୁରୁତର ରହିଛି। ଏ ନେଇ ଜରପଡା ଥାନାରେ ଏକ ମାମଲା ରୁଜୁ ହୋଇଛି। ପୋଲିସ ଘଟଣାର ତଦନ୍ତ ଚଳାଇଛି।

### ୱାର୍କର୍ସ ୟୁନିୟନର ସାଧାରଣ ସଭା

ଅନୁଗୋଳ ଅଫିସ୍, ୨୭।୧- ଅନୁଗୋଳସ୍ଥିତ ଜେଏସ୍‌ପିଏଲ୍ କାରଖାନାରେ କାର୍ଯ୍ୟରତ ଶ୍ରମିକ କର୍ମଚାରୀଙ୍କୁ ନେଇ ଗଠିତ ହୋଇଥିବା ଜେଏସ୍‌ପିଏଲ୍ ୱାର୍କର୍ସ ୟୁନିୟନ୍‌ର ସାଧାରଣ ସଭା ସୋମବାର ବଡକେରଜାଙ୍ଗ ଠାରେ ଅନୁଷ୍ଠିତ ହୋଇଯାଇଛି। ସାଧାରଣ ସମ୍ପାଦକ ପୁରୁଷୋତ୍ତମ ବିଶ୍ୱାଳଙ୍କ ପରିଚାଳନାରେ କାର୍ଯ୍ୟକାରୀ ସଭାପତି ମାନସ ପାଳ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। ସଭାପତି ତଥା ଏଆଇୟୁଟିୟୁସି ରାଜ୍ୟ ସମ୍ପାଦକ ଜୟସେନ ମେହେର ଯୋଗଦେଇ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଦ୍ୱାରା ଗ୍ରହଣ କରାଯାଇଥିବା ଶ୍ରମିକ ବିରୋଧୀ ନୀତି ସମ୍ପର୍କରେ ଆଲୋକପାତ କରିଥିଲେ। ଏଥିସହ କର୍ମଚାରୀମାନଙ୍କ ମଜୁରି ବୃଦ୍ଧି ଓ ସ୍ଥାୟୀ ନିଯୁକ୍ତି ପ୍ରସଙ୍ଗରେ ବାରମ୍ବାର କମ୍ପାନୀ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲେ ମଧ ଏଯାଏ କୌଣସି ପଦକ୍ଷେପ ଗ୍ରହଣ କରାଯାଇ ନାହିଁ। ଆସନ୍ତା ଫେବୃୟାରୀ ୨୩ରେ ଶ୍ରମିକ ସମାବେଶ ଅନୁଷ୍ଠିତ ହେବା ସହ ପରବର୍ତ୍ତୀ କାର୍ଯ୍ୟକ୍ରମରେ ନିଷ୍ପତ୍ତି ଗ୍ରହଣ କରାଯିବ ବୋଲି ୟୁନିୟନ ପକ୍ଷରୁ ପ୍ରକାଶ କରାଯାଇଥିଲା। ଅନ୍ୟମାନଙ୍କ ସହ ବୁଲୁ ପ୍ରଧାନ, ଉପେନ୍ଦ୍ର ସାହୁ, ସୁରେନ୍ଦ୍ର ଦାସ, ଜିତେନ୍ଦ୍ର ରାଉଳଙ୍କ ସମେତ ଶ୍ରମିକ ପ୍ରତିନିଧିମାନେ ଯୋଗଦେଇଥିଲେ।

### ବାଇକ୍ ଚୋରି ଅଭିଯୋଗ

ତାଳଚେର,୨୭।୧(ନି.ପ୍ର.)- ତାଳଚେର ଥାନା ହାଟତୋଟା ନିକଟସ୍ଥ ପ୍ରଜାମଣ୍ଡଳ ଭବନ ସମ୍ମୁଖରୁ ଗତ ୨୫ ତାରିଖ ସନ୍ଧ୍ୟାରେ 'କଳାନାଗ'ର ସମ୍ପାଦକ ମଦନମୋହନ ସାହୁଙ୍କ ବାଇକ୍ (ଓଆର୦୬ଏଚ୍- ୪୨୮୩) ଚୋରି ହୋଇଥିବା ଅଭିଯୋଗ ହୋଇଛି। ଏ ସଂକ୍ରାନ୍ତରେ ପୋଲିସ ନଂ. ୨୮/୨୦ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

# ଅନୁଗୋଳ ମାଟି ସଂଗ୍ରାମର ମାଟି

## ଜିଲାସ୍ତରୀୟ ସାଧାରଣତନ୍ତ୍ର ଦିବସ ପାଳିତ



ଜିଲାସ୍ତରୀୟ ସାଧାରଣତନ୍ତ୍ର ଦିବସ ପାଳନ ଅବସରରେ ମନ୍ତ୍ରୀ ସୁଶାନ୍ତ ସିଂହ ପରେଡ ଅଭିବାଦନ ଗ୍ରହଣ କରୁଛନ୍ତି।

ଅନୁଗୋଳ ଅଫିସ୍, ୨୭।୧

ଅନୁଗୋଳ ଷ୍ଟାଡିୟମଠାରେ ଜିଲାସ୍ତରୀୟ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଯାଇଛି। ରାଜ୍ୟ ଗ୍ରାମ୍ୟ ଉନ୍ନୟନ, ଶ୍ରମ ଓ କର୍ମଚାରୀ ରାଜ୍ୟ ବୀମା ମନ୍ତ୍ରୀ ସୁଶାନ୍ତ ସିଂହ ମୁଖ୍ୟଅତିଥି ଭାବେ ଯୋଗଦେଇ ପତାକା ଉତ୍ତୋଳନ କରିବା ସହ ସମ୍ମିଳିତ ପରେଡରେ ଅଭିବାଦନ ଗ୍ରହଣ କରିଥିଲେ। ଜିଲାପାଳ ମନୋଜ କୁମାର ମହାନ୍ତି, ଅତିରିକ୍ତ ଏସ୍‌ପି ଯଦୁନାଥ ହାଁସଦା ପ୍ରମୁଖ ଉପସ୍ଥିତ ଥିଲେ।

ଏହି ଅବସରରେ ମନ୍ତ୍ରୀ କହିଥିଲେ ଯେ, ଜାତୀୟ ସଂଗ୍ରାମର ମହାସ୍ରୋତରେ ଅନୁଗୋଳ ଜିଲାର ହଜାର ହଜାର ଜନସାଧାରଣ ନିଜକୁ ସାମିଲ କରିଥିଲେ। ଅନୁଗୋଳର ପବିତ୍ର ମାଟି ସଂଗ୍ରାମର ମାଟି। ଅନୁଗୋଳର ମହାନ୍ ସଂଗ୍ରାମୀମାନଙ୍କ ସ୍ମୃତିଚାରଣ ସହ ନବକୃଷ୍ଣ ଚୌଧୁରୀ ଓ ସହଧର୍ମିଣୀ ମାଳତୀ ଦେବୀ ଅନୁଗୋଳକୁ ନିଜ କର୍ମଭୂମି ଭାବେ ଆଦରି ନେଇ ଏ ମାଟିକୁ ଧନ୍ୟ କରିଛନ୍ତି ବୋଲି ମନ୍ତ୍ରୀ କହିଥିଲେ। ସେହିପରି ରାଧାମୋହନ ଗଡ଼ନାୟକଙ୍କ ସାହିତ୍ୟ କୃତି ଏହି ମାଟିକୁ ସୁନାମଧନ୍ୟ କରିଛି। ଶୈଳଶ୍ରୀକ୍ଷେତ୍ର, ମା' ବୁଢ଼ୀ ଠାକୁରାଣୀ, ସାତକୋଶିଆ ଅଭୟାରଣ୍ୟ, ଭୀମକୁଣ୍ଡ, ହିଙ୍ଗୁଳା ପୀଠ, ଗାନ୍ଧୀ ସ୍ମୃତି ପୀଠ ଆଦି ପର୍ଯ୍ୟଟନସ୍ଥଳୀ ପାଇଁ ଅନୁଗୋଳ ବିଶ୍ୱ ବିଖ୍ୟାତ ବୋଲି ମନ୍ତ୍ରୀ ପ୍ରକାଶ କରିଥିଲେ। ଏଥିସହ ମନ୍ତ୍ରୀ ରାଜ୍ୟ ସରକାରଙ୍କ ବିଭିନ୍ନ ଜନକଲ୍ୟାଣକାରୀ ଯୋଜନା, ମୋ ସରକାର ଓ ୫-ଟି ବ୍ୟବସ୍ଥା ଉପରେ ଆଲୋକପାତ କରିଥିଲେ। ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କୁ ମନ୍ତ୍ରୀ ପୁରସ୍କୃତ କରିଥିଲେ। ଗତ ସାଧାରଣ ନିର୍ବାଚନରେ ଉଲ୍ଲେଖନୀୟ କାର୍ଯ୍ୟ କରିଥିବା ଅନିତା ଦାସ, ପାଲଲହଡ଼ା ଆଇସିଡିଏସ୍‌ର ତୁଡ଼ିପାଣି ଅଙ୍ଗନୱାଡ଼ି କେନ୍ଦ୍ରର ଅଙ୍ଗନୱାଡ଼ି କର୍ମୀ ରୋହିଣୀ ଦେଇ, ଛେଣ୍ଡିପଦା ବ୍ଲକ ଟାଙ୍ଗିରି ସ୍ୱାସ୍ଥ୍ୟ ଉପକେନ୍ଦ୍ରର ଚମ୍ପା ସାହୁ, ଅନୁଗୋଳ ପୌରପାଳିକାର ଶ୍ରେଷ୍ଠ ସଫେଇ କର୍ମଚାରୀ ଭାବେ ସୁରେଶ ବେହେରାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଦୁର୍ଗାପୂଜା ଓ ଲକ୍ଷ୍ମୀ ପୂଜାର ବିଭିନ୍ନ କମିଟି, କ୍ରୀଡ଼ା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ୬ ଜଣ କ୍ରୀଡ଼ାବିତଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଶ୍ରେଷ୍ଠ ପରେଡ ପ୍ରଦର୍ଶନ କରିଥିବା ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟ, ଅନୁଗୋଳ ଉଚ୍ଚ ବିଦ୍ୟାଳୟ, ପିଟିସି ଉଚ୍ଚ ବିଦ୍ୟାଳୟ, ଅମରବାଣୀ ଉଚ୍ଚ ବିଦ୍ୟାଳୟ, ଜବାହର ନବୋଦୟ ବିଦ୍ୟାଳୟ, ହୁଲୁରୁସିଂହା ଉ.ପ୍ରା. ବିଦ୍ୟାଳୟ ଓ ଉତ୍ତରପଡ଼ା ନୋଡାଲ ଉ.ପ୍ରା. ବିଦ୍ୟାଳୟର ଦଳଗୁଡ଼ିକୁ ମୁଖ୍ୟ ଅତିଥି ସିଲଡ୍ ପ୍ରଦାନ କରିଥିଲେ। ଏହାପରେ ମୁଖ୍ୟ ଅତିଥି ସ୍ୱେଚ୍ଛାକୃତ ରକ୍ତଦାନ ଶିବିର, ରୋଗୀମାନଙ୍କୁ ଫଳ ବଣ୍ଟନ, ଜେଲ ଅନ୍ତେବାସୀଙ୍କୁ ମିଷ୍ଟାନ୍ନ ବଣ୍ଟନ ସହ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରିଥିଲେ। ଅପରାହ୍ନରେ ମନ୍ତ୍ରୀ ଆଦୃତା ଶିଶୁ ଗୃହ ପରିଦର୍ଶନ କରିଥିଲେ। ସକାଳେ ଜିଲାପାଳ ମନୋଜ କୁମାର ମହାନ୍ତି ଜିଲା କାର୍ଯ୍ୟାଳୟ ସମେତ ବିଭିନ୍ନ କାର୍ଯ୍ୟାଳୟ ପରିସରେ ପତାକା ଉତ୍ତୋଳନ କରିବା ସହ ଜାତିର ଜନକ ମହାତ୍ମା ଗାନ୍ଧୀ ଓ ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମକୁ ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ପରିଚାଳନା କରିଥିବାବେଳେ ବିଭାଗର କର୍ମଚାରୀମାନେ ସହଯୋଗ କରିଥିଲେ। ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ, ଅତିରିକ୍ତ ଜିଲାପାଳ ତପନ କୁମାର ଶତପଥୀ, ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଅତୁଲ୍ୟ କୁମାର ଚମ୍ପତିରାୟ, ଅନୁଗୋଳ ଉପଜିଲାପାଳ ବାସୁଦେବ ଶତପଥୀ, ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡାକ୍ତର ଅମରେନ୍ଦ୍ରନାଥ ମହାନ୍ତି ପ୍ରମୁଖ ଯୋଗ ଦେଇଥିଲେ। ସେହିପରି ତାଳଚେର ଷ୍ଟାଡିୟମଠାରେ ଉପଜିଲାପାଳ ପରେଶ ଚନ୍ଦ୍ର ନାୟକ ଜାତୀୟ ପତାକା ଉତ୍ତୋଳନ କରିବା ସହ ସମବେତ ପରେଡରେ ଅଭିବାଦନ ଗ୍ରହଣ କରିଥିଲେ। ଏସ୍‌ଡିପିଓ ସିଦ୍ଧାର୍ଥ କାଟାରିଆ, ବିଡିଓ ନେତ୍ରାନନ୍ଦ ମଲ୍ଲିକ, ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସୌରଭ ପ୍ରଧାନ, ଏନ୍‌ସିସି ଅଫିସର ସୁବ୍ରତ ଦାସ ଓ ଅନ୍ୟମାନେ ଉପସ୍ଥିତ ଥିଲେ। ଏଥିସହ ବିଭିନ୍ନ ଶିକ୍ଷାନୁଷ୍ଠାନ, କୋଇଲା ଖଣି କାର୍ଯ୍ୟାଳୟ, ସରକାରୀ ଅଫିସ ଗୁଡିକରେ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଯାଇଛି। ଆଠମଲ୍ଲିକରେ ମୁଖ୍ୟଅତିଥି ଭାବେ ଉପଜିଲାପାଳ ଡ. ରଜନୀକାନ୍ତ ବିଶ୍ୱାଳ ଯୋଗଦେଇ ପତାକା ଉତ୍ତୋଳନ କରିଥିଲେ। ଉପଖଣ୍ଡ ଆରକ୍ଷୀ ଅଧିକାରୀ ଭବାନୀଶଙ୍କର ଉଦ୍‌ଗାତା, ସହକାରୀ ଜିଲାପାଳ ନାରାୟଣ ମହାପାତ୍ର, ତହସିଲଦାର ଅଶୋକ କୁମାର ଦେହୁରୀ ପ୍ରମୁଖ ଯୋଗଦେଇଥିଲେ। ଛେଣ୍ଡିପଦା ମିନିଷ୍ଟାଡିୟମରେ ମୁଖ୍ୟଅତିଥି ଭାବେ ବ୍ଲକ ଅଧ୍ୟକ୍ଷ ଅଶୋକ କୁମାର ପ୍ରଧାନ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ସମ୍ମାନିତ ଅତିଥି ଭାବେ ବ୍ଲକ ଉପାଧ୍ୟକ୍ଷା ସୁଷମା ରାଉଳ, ଛେଣ୍ଡିପଦା ସରପଞ୍ଚ ସରୋଜିନୀ ବେହେରା ପ୍ରମୁଖ ଯୋଗଦେଇଥିଲେ। କଣିହାଁ ବ୍ଲକ ପବିତ୍ରମୋହନ ହାଇସ୍କୁଲଠାରେ ମୁଖ୍ୟଅତିଥି ଭାବେ ବ୍ଲକ ଅଧ୍ୟକ୍ଷା ନମିତା ସାହୁ ଯୋଗଦେଇ ପତାକା ଉତ୍ତୋଳନ କରିଥିଲେ। ସମ୍ମାନିତ ଅତିଥି ଭାବେ ବିଡିଓ ରମେଶ କୁମାର ଜେନାଙ୍କ ଉପସ୍ଥିତିରେ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗ ଦେଇଥିଲେ। ପବିତ୍ରନଗର ମିନି ଷ୍ଟାଡିୟମରେ ମୁଖ୍ୟଅତିଥି ଭାବେ ପାଲଲହଡା ବିଧାୟକ ମୁକେଶ କୁମାର ପାଲ, ପାଲଲହଡା ଷ୍ଟାଡିୟମଠାରେ ଉପ ଜିଲାପାଳ ଅଜିତ କୁମାର ପ୍ରଧାନ ମୁଖ୍ୟଅତିଥି ଭାବେ ଯୋଗ ଦେଇ ପତାକା ଉତ୍ତୋଳନ କରିଥିଲେ। କିଶୋରନଗର ବରପଡ଼ିଆଠାରେ ମୁଖ୍ୟଅତିଥି ଭାବେ ଆଠମଲ୍ଲିକ ବିଧାୟକ ରମେଶ ଚନ୍ଦ୍ରସାଏ ଯୋଗଦେଇ ପତାକା ଉତ୍ତୋଳନ କରିଥିଲେ। ସମ୍ମାନିତ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷା ବବିତା ପ୍ରଧାନ, ବିଡ଼ିଓ ଅମୃତା ପ୍ରିୟମ୍ବଦା ଯୋଗଦେଇଥିଲେ। କିଶୋରନଗର ଡିଗ୍ରୀ କଲେଜରେ ଅଧ୍ୟକ୍ଷ ଅକ୍ଷୟ କୁମାର ଦାସ, ତହସିଲରେ ତହସିଲଦାର ଡ. ଲକ୍ଷ୍ମୀପ୍ରସାଦ ସାହୁ ପତାକା ଉତ୍ତୋଳନ କରିଥିଲେ।

### ନୂଆ ସଭାପତି, ସମ୍ପାଦକ ନିର୍ବାଚିତ

ତାଳଚେର,୨୭।୧(ନି.ପ୍ର.)

ଓଡ଼ିଶା କୋଲିୟରିଜ ମଜଦୁର ସଂଘର ନୂତନ ସଭାପତି ଓ ସମ୍ପାଦକ ନିର୍ବାଚନ ଅନୁଷ୍ଠିତ ହୋଇଯାଇଛି। ଜଗନ୍ନାଥ କଲିୟାରୀ ସଭାପତି ଭାବେ ପୀତାମ୍ବର ସାମଲ ଓ ସମ୍ପାଦକ ଭାବେ ପ୍ରବୀର କୁମାର ସେଠୀ ନିର୍ବାଚିତ ହୋଇଛନ୍ତି। ସେହିପରି ଭୁବନେଶ୍ୱରୀ ଓସିପିରେ ଯଥାକ୍ରମେ କିଶୋର ଚନ୍ଦ୍ର ବେହେରା ଓ ଇନ୍ଦ୍ର ଗୋବିନ୍ଦ ପାଢୀ, ଅନନ୍ତ ଓସିପିରେ ବିନୟ କୁମାର ସାହୁ ଓ ଚନ୍ଦ୍ରଶେଖର ପଟ୍ଟନାୟକ, ଜଗନ୍ନାଥ କ୍ଷେତ୍ର ଜିଏମ୍ ୟୁନିଟ୍‌ରେ ସୌଭାଗ୍ୟ ପ୍ରଧାନ ଓ ବିଜୟ ଦାସ, ଏନ୍‌ଏସ୍‌ସିଏଚ୍‌ରେ ଚିତ୍ତରଞ୍ଜନ ସ୍ୱାଇଁ ଓ ପିଙ୍କୁ ପ୍ରଧାନ, ଭରତପୁର ଓସିପିରେ କିଶୋର ଚନ୍ଦ୍ର ପ୍ରଧାନ ଓ ଛବିନ୍ଦ୍ର ଖିଲାର, ଭରତପୁର କ୍ଷେତ୍ର ଜିଏମ୍ ୟୁନିଟ ଭରତ ଚନ୍ଦ୍ର ସାମଲ ଓ ଲଳିତେନ୍ଦୁ ଗଡନାୟକ, ବଳରାମ ଓସିପିରେ ରାମଚନ୍ଦ୍ର ସାହୁ ଓ ସୁବ୍ରତ ମାଝି, ହିଙ୍ଗୁଳା ଓସିପିରେ ଅଶୋକ କୁମାର ନାଏକ ଓ ରାଧାଗୋବିନ୍ଦ ମହାନ୍ତି, ହିଙ୍ଗୁଳାକ୍ଷେତ୍ର ଜିଏମ୍ ୟୁନିଟରେ ତ୍ରିନାଥ ସାମନ୍ତ ଓ ମନୋଜ ସାହୁ, ତାଳଚେର କଲିୟାରୀରେ ବିଭୁରଞ୍ଜନ ଧୀର ଓ ଗୋବିନ୍ଦଚନ୍ଦ୍ର ମିଶ୍ର, ଦେଉଳବେଡା କଲିୟାରୀରେ ପଙ୍କଜ ଲୋଚନ ବେହେରା ଓ ପ୍ରଫୁଲ୍ଲ ଜୀବନରାୟ, ତାଳଚେର କ୍ଷେତ୍ର ଜିଏମ୍ ୟୁନିଟରେ ସୁଦେଶ ସାମନ୍ତ ଓ ନାରାୟଣ ବେହେରା, କଣିହାଁ ଓସିପିରେ ମହେନ୍ଦ୍ର କୁମାର ପ୍ରଧାନ ଓ ବିକୁମାର ସାହୁ, ଲିଙ୍ଗରାଜ କ୍ଷେତ୍ର ଜିଏମ୍ ୟୁନିଟ୍‌ରେ ମିନତୀଲତା ପ୍ରଧାନ ଓ ମହେନ୍ଦ୍ର କୁମାର ଗୁରୁ ଏବଂ କେନ୍ଦ୍ରୀୟ କର୍ମଶାଳା ତାଳଚେରରେ ଅନିଲ କୁମାର ସାହୁ ଓ ଯଶୋବନ୍ତ ସାହୁ ମନୋନୀତ ହୋଇଛନ୍ତି। ନୂତନ କର୍ମକର୍ତ୍ତାଙ୍କୁ ଶ୍ରମିକମାନେ ଶୁଭେଚ୍ଛା ଜଣାଇଛନ୍ତି।

# ୧୧୧ ଅଭିଯୋଗର ଶୁଣାଣି



ଶୁଣାଣି କାର୍ଯ୍ୟକ୍ରମରେ ମଞ୍ଚାସୀନ ପ୍ରଶାସନିକ ଅଧିକାରୀମାନେ।

କଣିହାଁ,୨୭।୧(ଡି.ଏନ.ଏ.)

କଣିହାଁ ବ୍ଲକ ପବିତ୍ରମୋହନ ସଭାଗୃହରେ ସୋମବାର ଜିଲାପାଳଙ୍କ ଜନ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାପାଳ ମନୋଜ କୁମାର ମହାନ୍ତି, ଏସ୍‌ପି ଜଗମୋହନ ମୀନା, ତାଳଚେର ଉପଜିଲାପାଳ ପରେଶ ଚନ୍ଦ୍ର ନାୟକ, ଡିଆରଡିଏ ପ୍ରକଳ୍ପ ନିର୍ଦ୍ଦେଶକ ଅତୁଲ୍ୟ ଚମ୍ପତିରାୟ, ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର ଅମରେନ୍ଦ୍ର ନାଥ ମହାନ୍ତି, ସହକାରୀ ଜିଲାପାଳ ଈଶାନୀ ପଣ୍ଡା, ବ୍ଲକ ଅଧ୍ୟକ୍ଷା ନମିତା ସାହୁ, ତହସିଲଦାର ଅଂଶୁମାନ ଶତପଥୀ, ବିଡିଓ ରମେଶ କୁମାର ଜେନା ଉପସ୍ଥିତ ରହି ୧୧୧ ଅଭିଯୋଗର ଶୁଣାଣି କରିଥିଲେ। କଣିହାଁ ବ୍ଲକ ଅଞ୍ଚଳରେ ଶିଳ୍ପ ଓ ଖଣି ଖାଦାନକୁ ନେଇ ଅନେକ ଜମିହରା କ୍ଷତିଗ୍ରସ୍ତ ନ୍ୟାୟ ପାଇ ନ ଥିବାରୁ ତାହାର ସମାଧାନ ସହିତ ଟ୍ରକ୍‌ରେ ପରିବହନ ବେଳେ ହେଉଥିବା ପ୍ରଦୂଷଣ ରୋକିବାକୁ ଅନେକ ଗ୍ରାମବାସୀ ଦାବି କରିଥିଲେ। ଏହାର ଶୁଣାଣି କରି ଜିଲାପାଳ ସମାଧାନ ପାଇଁ ପ୍ରଶାସନ ପକ୍ଷରୁ ପଦକ୍ଷେପ ନେବାକୁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହି ଅବସରରେ ଚିକିତ୍ସା ପାଇଁ ଅସହାୟ କମରେଇ ପଞ୍ଚାୟତ ତେଣ୍ଟେଇବେରେଣୀ ଗ୍ରାମର ଦିନବନ୍ଧୁ ଭୂତିଆଙ୍କୁ ୫ହଜାର, ରେଙ୍ଗାଳି ପଞ୍ଚାୟତ ଦେବେନ୍ଦ୍ର ବେହେରାଙ୍କୁ ୫ ହଜାର, ପାଲଲହଡ଼ା ବ୍ଲକ କିଲିଣ୍ଡା ଗ୍ରାମର ପ୍ରଭାକର ଦେହୁରୀଙ୍କୁ ୧୦ ହଜାର ଟଙ୍କା ରେଡକ୍ରସ୍ ତରଫରୁ ପ୍ରଦାନ କରାଯାଇଥିଲା। ସେହିପରି ମୁଖ୍ୟମନ୍ତ୍ରୀଙ୍କ ରିଲିଫ ଫଣ୍ଡରୁ କଣ୍ଟାପାଳ ଗ୍ରାମର କୃଷ୍ଣ ନାଏକଙ୍କୁ ୧୦ ହଜାର ଟଙ୍କାର ଚେକ୍ ଦିଆଯାଇଥିଲା।

### ଏନ୍‌ଟିପିସିରେ ସଂଗ୍ରାମୀଙ୍କ ସ୍ମୃତିଚାରଣ

ତାଳଚେର,୨୭।୧(ନି.ପ୍ର.)

କଣିହାଁସ୍ଥିତ ଏନ୍‌ଟିପିସି ବିଦ୍ୟୁତ୍ ପ୍ରକଳ୍ପରେ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଯାଇଛି। ଚିଫ୍ ଜେନେରାଲ ମ୍ୟାନେଜର ସୁଦୀପ ନାଗ ପତାକା ଉତ୍ତୋଳନ କରି ସମବେତ ପରେଡରେ ଅଭିବାଦନ ଗ୍ରହଣ କରିଥିଲେ। ଏହି ଅବସରରେ ସେ ସ୍ୱାଧୀନତା ସଂଗ୍ରାମୀମାନଙ୍କ ଅବଦାନକୁ ମନେ ପକାଇବା ସହ ସେମାନଙ୍କୁ ସମ୍ମାନ ଦେବାକୁ ଆହ୍ୱାନ ଦେଇଥିଲେ। ସିଆଇଏସ୍‌ଏଫ୍ ଯବାନ, ସ୍କୁଲ ଛାତ୍ରୀଛାତ୍ର, କର୍ମଚାରୀ, ଶ୍ରମିକନେତା, ବରିଷ୍ଠ ପଦାଧିକାରୀ ଉପସ୍ଥିତ ଥିଲେ। ସେହିଭଳି ତାଳଚେର ଥର୍ମାଲ (ଟିଟିପିଏସ୍)ରେ ଗ୍ରୁପ୍ ଜେନେରାଲ ମ୍ୟାନେଜର ଡି.ଏନ. ତିୱାରୀ ପତାକା ଉତ୍ତୋଳନ କରି ପରେଡ ଅଭିବାଦନ ଗ୍ରହଣ କରିଥିଲେ। ସାଗରିକା ଲେଡିଜ କ୍ଲବ, ସିଆଇଏସ୍‌ଏଫ୍ ଯବାନ, ସ୍କୁଲ୍ ଛାତ୍ରୀଛାତ୍ର, କର୍ମଚାରୀ, ଶ୍ରମିକନେତା, ବରିଷ୍ଠ ପଦାଧିକାରୀ ଉପସ୍ଥିତ ଥିଲେ। ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା।

## ଛାତ୍ରୀଛାତ୍ରଙ୍କୁ ପୋଷାକ ବିତରଣ



ଆଦର୍ଶ ଇଣ୍ଟରନ୍ୟାଶନାଲ ସ୍କୁଲ ପକ୍ଷରୁ ପୋଷାକ ବଣ୍ଟନ କରାଯାଉଛି।

ଅନୁଗୋଳ ଅଫିସ୍, ୨୭।୧

ଅନୁଗୋଳସ୍ଥିତ ଆଦର୍ଶ ଇଣ୍ଟରନ୍ୟାଶନାଲ ସ୍କୁଲର ଅଧ୍ୟକ୍ଷ ଡ. ମହେଶ ଚନ୍ଦ୍ର ଧଳଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ବଳରାମପ୍ରସାଦ ଠାରେ ଥିବା ନକୁଳଚନ୍ଦ୍ର ସ୍ୱତନ୍ତ୍ର ଦୃଷ୍ଟିହୀନ ଓ ମୂକ ବଧିର ବିଦ୍ୟାଳୟରେ ଛାତ୍ରୀଛାତ୍ରଙ୍କୁ ପୋଷାକ ବିତରଣ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଅନୁଷ୍ଠାନର ନିର୍ଦ୍ଦେଶିକା ବନଜ୍ୟୋତ୍ସ୍ନା ସିଂହ, ଶିକ୍ଷକ ଜୟନ୍ତ କୁମାର ୱାଘେଲା, ଶିବା ଚୌଧୁରୀ, ରାକେଶ ଜେନା, ବିରେନ ଧଳ ସାମନ୍ତ ଓ ଶିକ୍ଷୟିତ୍ରୀ ରୀନା ସେନ, ରେଣୁବାଳ ପଟ୍ଟନାୟକ ଓ ସ୍ମୃତିସ୍ନିଗ୍ଧା, ମୂକ ବଧିର ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ରେଣୁବାଳା ସାହୁ, ଉପଦେଷ୍ଟା ଶ୍ରୀପତି ସିଂହ ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ। ଆଦର୍ଶ ଇଣ୍ଟର ନ୍ୟାଶନାଲ ସ୍କୁଲର ଏପରି ଜନହିତକର କାର୍ଯ୍ୟକ୍ରମକୁ ଅଭିଭାବକ, ଶିକ୍ଷୟିତ୍ରୀ, ଶିକ୍ଷକ ଓ ଗ୍ରାମବାସୀ ପ୍ରଶଂସା କରିଥିଲେ।

# ସ୍କୁଲ, ଅଙ୍ଗନୱାଡି କେନ୍ଦ୍ରରେ ମିଷ୍ଟାନ୍ନ ବଣ୍ଟନ

## ଜେଏସ୍‌ପିଏଲ୍‌ରେ ସାଧାରଣତନ୍ତ୍ର ଦିବସ



ଓପି ଜିନ୍ଦଲରେ ସାଧାରଣତନ୍ତ୍ର ଦିବସ ପାଳନ ଅବସରରେ ଅଧିକାରୀମାନେ।

ଅନୁଗୋଳ ଅଫିସ୍, ୨୭।୧

ଅନୁଗୋଳସ୍ଥିତ ଜିନ୍ଦଲ ଷ୍ଟିଲ ଆଣ୍ଡ ପାୱାର ଲିମିଟେଡ (ଜେଏସ୍‌ପିଏଲ୍)ରେ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଯାଇଛି। ପ୍ରକଳ୍ପ ପରିଚାଳନା ନିର୍ଦ୍ଦେଶକ ଭି.ଆର. ଶର୍ମା ମୁଖ୍ୟ ଅତିଥିଭାବେ ଯୋଗଦେଇ ପତାକା ଉତ୍ତୋଳନ କରିଥିଲେ। ଏହି ସମାରୋହରେ ଜେଏସ୍‌ପିଏଲ ଓଡ଼ିଶାର ମୁଖ୍ୟ ପରିଚାଳନା ଅଧିକାରୀ ପଙ୍କଜ ଗୌତମ, ଇଡି ମେଣ୍ଟେନାନ୍ସ ସୁରେଶ କୁମାର, ଜିନ୍ଦଲ ମହିଳା ସମିତି ଅଧ୍ୟକ୍ଷା ପ୍ରତିଭା ଗୌତମ, ଓପି ଜିନ୍ଦଲ ସ୍କୁଲ ଅଧ୍ୟକ୍ଷ ଛନ୍ଦାଚରଣ ଦାସଙ୍କ ସମେତ ବିଭିନ୍ନ ବିଭାଗୀୟ ମୁଖ୍ୟ, କର୍ମଚାରୀ ଓ ପାର୍ଶ୍ୱବର୍ତ୍ତୀ ଗ୍ରାମରୁ ବହୁ ମାନ୍ୟଗଣ୍ୟ ବ୍ୟକ୍ତି, କର୍ମଚାରୀ, ସେମାନଙ୍କ ପରିବାର ଓ ପାର୍ଶ୍ୱବର୍ତ୍ତୀ ଗ୍ରାମବାସୀ ଉପସ୍ଥିତ ଥିଲେ। ଏହି ଅବସରରେ ପରିଚାଳନା ନିର୍ଦ୍ଦେଶକ ପରେଡ ଅଭିବାଦନ ଗ୍ରହଣ କରିବା ସହିତ ଜେଏସ୍‌ପିଏଲ୍ ଅଧ୍ୟକ୍ଷ ନବୀନ ଜିନ୍ଦଲଙ୍କ ବାର୍ତ୍ତା ପଢି ଶୁଣାଇଥିଲେ। ଏହି ଅବସରରେ ଓ.ପି. ଜିନ୍ଦଲ, ଡିଏଭି ସାବିତ୍ରୀ ଜିନ୍ଦଲ ହାଇସ୍କୁଲର ଛାତ୍ରୀଛାତ୍ରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ସେହିପରି ଡିଏଭି ସାବିତ୍ରୀ ଜିନ୍ଦଲ ହାଇସ୍କୁଲରେ ଓ ଶ୍ରମିକ ବିହାରଠାରେ ଡିଜିଏମ୍ ଆଶିଷ ରଞ୍ଜନ ମହାନ୍ତି ପତାକା ଉତ୍ତୋଳନ କରିଥିଲେ। ଓ.ପି. ଜିନ୍ଦଲ କମ୍ୟୁନିଟି କଲେଜ ଠାରେ ଆତିଶ କୁମାର, ମ୍ୟାନେଜର ଏଚ୍‌ଆର୍ ପତାକା ଉତ୍ତୋଳନ କରିଥିଲେ। ପରେ ୧୯ ପଞ୍ଚାୟତର ୭୩ଟି ବିଦ୍ୟାଳୟ ଓ ୮୫ ଅଙ୍ଗନୱାଡ଼ି କେନ୍ଦ୍ରରେ ମିଷ୍ଟାନ୍ନ ବଣ୍ଟନ କରାଯାଇଥିଲା।

### ଅସହାୟମାନଙ୍କ ପାଇଁ ସ୍ୱତନ୍ତ୍ର ବିଭାଗ ଦାବି

ଅନୁଗୋଳ ଅଫିସ୍, ୨୭।୧

ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଆସୁଥିବା ଜିଲା ତଥା ଜିଲା ବାହାରର ଅଜଣା, ଅସହାୟ ଓ ନିରାଶ୍ରୟ ରୋଗୀମାନଙ୍କ ପାଇଁ ଏକ ସ୍ୱତନ୍ତ୍ର ବିଭାଗ ଖୋଲିବାକୁ ସାଥୀ ପରିବାର ପକ୍ଷରୁ ଦାବି ହୋଇଛି। ଏ ନେଇ ସାଥୀ ପରିବାର ପକ୍ଷରୁ ଜିଲାପାଳଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ଅତିରିକ୍ତ ଜିଲାପାଳଙ୍କୁ ପ୍ରଦାନ କରାଯାଇଛି। ଏଥିରେ ଦର୍ଶାଯାଇଛି ଯେ, ଜିଲା ମୁଖ୍ୟ ଚିକିତ୍ସାଳୟକୁ ଦୈନିକ ଆସୁଥିବା ରୋଗୀମାନଙ୍କ ମଧ୍ୟରୁ ଅନେକ ଅସହାୟ ଓ ଅଜଣା ରୋଗୀ ଆସିଥାନ୍ତି। ଜିଲା ମୁଖ୍ୟ ଚିକିତ୍ସାଳୟରେ ସେମାନଙ୍କ ପାଇଁ ସ୍ୱତନ୍ତ୍ର ବିଭାଗ ରହିବା କଥା। କିନ୍ତୁ ଏଠାରେ ସେମାନଙ୍କ ପାଇଁ ସେପରି କୌଣସି ବ୍ୟବସ୍ଥା କରାଯାଇନାହିଁ। ତେଣୁ ଏ ନେଇ ପଦକ୍ଷେପ ନେବାକୁ ସାଥୀ ପରିବାର ପକ୍ଷରୁ ଦାବି କରାଯାଇଛି। ଏହି ଦାବିପତ୍ର ପ୍ରଦାନ ସମୟରେ ସୁବ୍ରତ କୁମାର ପ୍ରଧାନ, ସମ୍ପିତ କୁମାର ସାହୁ, ଶୁଭେନ୍ଦୁ ସାହୁ, ସିଦ୍ଧାର୍ଥ ପ୍ରଧାନ, ଚିନ୍ମୟ କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ଉପଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା



ତାଳଚେର ପରିବେଶ ସୁରକ୍ଷା ସମିତି ପକ୍ଷରୁ ଧାରଣା ଦିଆଯାଇଛି।

- ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦିଆଗଲା ଦାବିପତ୍ର
- ସରକାର କିମ୍ବା ଏମ୍‌ସିଏଲ୍ କରୁ ମେଡିକାଲ କଲେଜ ପରିଚାଳନା

ତାଳଚେର,୨୭।୧(ନି.ପ୍ର.)

ତାଳଚେର ଠାରେ ନିର୍ମାଣ ହୋଇଥିବା ମେଡିକାଲ କଲେଜ (ମହାନଦୀ ଇନ୍‌ଷ୍ଟିଚ୍ୟୁଟ୍ ଅଫ ମେଡିକାଲ ସାଇନ୍ସସ୍ ଆଣ୍ଡ ରିସର୍ଚ୍ଚ)ର ଘରୋଇ ପରିଚାଳନା ନିଷ୍ପତ୍ତି ବାତିଲ କରି ୨୦୨୦-୨୧ ଶିକ୍ଷା ବର୍ଷଠାରୁ ସରକାରୀ କିମ୍ବା ଏମ୍‌ସିଏଲ୍‌ର ପ୍ରତ୍ୟକ୍ଷ ପରିଚାଳନାରେ କାର୍ଯ୍ୟକ୍ଷମ କରିବା ଦାବିରେ ତାଳଚେର ପରିବେଶ ସୁରକ୍ଷା ସମିତି ପକ୍ଷରୁ ସୋମବାର ଉପଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଗଣଧାରଣା ଦିଆଯାଇଥିଲା। ସମିତି ଆବାହକ ପଦ୍ମ ଚରଣ ସାମଲଙ୍କ ନେତୃତ୍ୱରେ ଅନୁଷ୍ଠିତ ଧାରଣାରେ ବ୍ଲକର ପୂର୍ବତନ ଅଧ୍ୟକ୍ଷ ଦିଗାମ୍ବର ଗଡନାୟକ, ପୂର୍ବତନ ନଗରପାଳ କେଶବ ଭୂତିଆ, ପୂର୍ବତନ ସରପଞ୍ଚ ପଠାଣୀ ବାରିହା, ଓକିଲ ଉଚ୍ଛନ ପଟ୍ଟନାୟକ, ଦେବାଶିଷ ଘୋଷ, ପ୍ରହ୍ଲାଦ ଚନ୍ଦ୍ର ସାହୁ, ରଣଜିତ କୁମାର ମହାପାତ୍ର, ସୁଶୀଲ କୁମାର ନାଏକ, ନୃସିଂହ ଚରଣ ଗୋଛାୟତ, ଏଆଇଏମ୍‌ଏସ୍‌ଏସ୍‌ର ଜିଲା ସମ୍ପାଦିକା ମାନସୀ ସ୍ୱାଇଁ, କୈଳାସ ସାହୁ ପ୍ରମୁଖ ଯୋଗଦେଇ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ସ୍ୱାସ୍ଥ୍ୟନୀତିକୁ ଦୃଢ ନିନ୍ଦା କରିଥିଲେ। ଘରୋଇ କମ୍ପାନୀ ପରିଚାଳନାରେ ମେଡିକାଲ କଲେଜ କାର୍ଯ୍ୟକ୍ଷମ ହେଲେ ତାଳଚେର ଅଞ୍ଚଳର ଜନଗଣଙ୍କ ଆଶା ପୂରଣ ହେବନାହିଁ ବୋଲି ସମିତି ଅଭିଯୋଗ କରିବା ସହ ତୁରନ୍ତ ଉକ୍ତ ନିଷ୍ପତ୍ତି ବାତିଲ କରିବାକୁ ସମିତି ପକ୍ଷରୁ ଦାବି କରାଯାଇଥିଲା। ଏ ନେଇ ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ତାଳଚେର ଉପଜିଲାପାଳଙ୍କୁ ପ୍ରଦାନ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଅଲେଖ ସାହୁ, ପ୍ରେମାନନ୍ଦ ମହାନ୍ତି, ଭୂପେନ ଥମ୍ବ, ଚିନ୍ମୟ ପ୍ରଧାନ, ସୁଲେଖ ସେଠୀଙ୍କ ସମେତ ବହୁ ଜନସାଧାରଣ ଉପସ୍ଥିତ ଥିଲେ।

# ମାଓବାଦୀ-ଗ୍ରାମବାସୀ ମୁହାଁମୁହିଁ

## ■ ଜଣେ ମାଓବାଦୀ ମୃତ, ଜଣେ ଆହତ




ମାଓବାଦୀମାନେ ପୋଡ଼ିଦେଇଥିବା ଘର ଏବଂ ଗାଡ଼ି।

■ କ୍ଷତିଗ୍ରସ୍ତ ୧୨ ପରିବାରକୁ ପ୍ରଶାସନର ସହାୟତା

■ ଅଞ୍ଚଳର ବିକାଶ ପାଇଁ ପୋଲିସକୁ ସହଯୋଗ କରିବୁ

■ ପୋଲିସ,ଏସ୍‌ଓଜି ବାହିନୀର ସର୍ଚ୍ଚ ଅପରେଶନ

■ ୨୦ କିଲୋମିଟର ପର୍ଯ୍ୟନ୍ତ ପୋଲିସ ଛାଉଣୀ

**ମାଲକାନଗିରି/ଚିତ୍ରକୋଣ୍ଡା, ୨୭।୧(ଡି.ଏନ୍.ଏ.)**

ପ୍ରାୟ ୨୫ ବର୍ଷରୁ ଊର୍ଦ୍ଧ୍ୱ ହେବ ଲାଲବାହିନୀ ମାଲକାନଗିରି ଜିଲାରେ ରାଜ ସୃଷ୍ଟି କରି ଚାଲିଥିଲା । ମାଓବାଦୀମାନେ ସବୁ ସମୟରେ ଗ୍ରାମଗୁଡିକରେ ଭୟ ଓ ଆତଙ୍କର ବାତାବରଣ ସୃଷ୍ଟି କରି ଆସୁଥିଲେ । ସେମାନେ ମିଥ୍ୟା ଆରୋପ ଲଗାଇ ଗ୍ରାମବାସୀଙ୍କୁ ହତ୍ୟା କରିବା, ତାଙ୍କ ଉପରେ ଅତ୍ୟାଚାର କରିବା ଭଳି ଘଟଣା ଘଟାଉଥିଲେ । ମାତ୍ର ଏବେ ଜିଲାରେ ପରିସ୍ଥିତି ବଦଳିଯାଇଛି । ଗ୍ରାମବାସୀ ମାଓବାଦୀଙ୍କ ଉପରେ ଆକ୍ରମଣ କରିବା ସହ ଜଣେ ମାଓବାଦୀଙ୍କୁ ପଥର ଫିଙ୍ଗି ହତ୍ୟା କରିଛନ୍ତି । ଏହି ଘଟଣା ଜିଲାରେ ଆଲୋଡନ ଖେଳାଇ ଦେଇଛି । ମାଲକାନଗିରି ଜିଲା ଚିତ୍ରକୋଣ୍ଡା ବ୍ଲକ ଜୋଡାମ୍ବ ପଞ୍ଚାୟତର ଜନ୍ତୁରାଇଠାରେ ଏଭଳି ଘଟଣା ଘଟିଥିବା ନେଇ ମାଲକାନଗିରି ଏସ୍‌ପି ହୃଷୀକେଶ ଡି. ଖିଲାରି ସୂଚନା ଦେଇଛନ୍ତି ।

ଖବରରୁ ଜଣାପଡିଛି ଶନିବାର ବିଳମ୍ବିତ ରାତିରେ କେତେକ ମାଓବାଦୀ ଜନ୍ତୁରାଇ ଗ୍ରାମକୁ ଆସି ଏହି ଅଞ୍ଚଳର ବିକାଶରେ ତୁମେମାନେ ପୋଲିସ ପ୍ରଶାସନକୁ କାହିଁକି ସହଯୋଗ କରୁଛ ବୋଲି ଗ୍ରାମବାସୀଙ୍କୁ ପ୍ରଶ୍ନ କରିବା ସହ ଗ୍ରାମର କେତେକ ଲୋକଙ୍କ ନାମ ଧରି ସେମାନଙ୍କୁ ପ୍ରଜାକୋର୍ଟରେ ଦଣ୍ଡ ଦେବାକୁ ଧମକ ଦେଇଥିଲେ । ଗ୍ରାମବାସୀ ଏହାର ପ୍ରତିବାଦ କରି କହିଥିଲେ ଯେ, ଆମେ ଆମ ଅଞ୍ଚଳର ବିକାଶ ନେଇ ପୋଲିସକୁ ସହଯୋଗ କରିବୁ । ୭୦ ବର୍ଷ ଜଳବନ୍ଦୀ ଜୀବନ ବିତାଇବା ପରେ ଗୁରୁପ୍ରିୟା ସେତୁ ନିର୍ମାଣ ହେଲା ଏବଂ ବିକାଶ ଆମ ନିକଟରେ ପହଞ୍ଚିଛି । ଆମେ ଆଉ ଲାଲବାହିନୀକୁ ସହଯୋଗ କରିବୁ ନାହିଁ ବୋଲି ଗ୍ରାମବାସୀ ସିଧାସଳଖ ମନା କରି ଦେଇଥିଲେ । ଏହାକୁ ନେଇ ଉଭୟ ଗ୍ରାମବାସୀ ଓ ମାଓବାଦୀଙ୍କ ମଧ୍ୟରେ ଯୁକ୍ତିତର୍କ ଲାଗିଥିଲା । ପରେ ମାଓବାଦୀମାନେ ଗ୍ରାମବାସୀଙ୍କୁ ଆକ୍ରମଣ କରି ୧୨ଟି ଘର ଓ ମୋଟରସାଇକେଲ ପୋଡି ଦେଇଥିଲେ । ଗ୍ରାମବାସୀଙ୍କୁ ଭୟଭୀତ କରିବା ପାଇଁ ଫାଙ୍କା ଗୁଳିଚାଳନା ମଧ୍ୟ କରିଥିଲେ । ଯେଉଁଥିରେ ଗ୍ରାମବାସୀ ପ୍ରତିକ୍ରିୟାଶୀଳ ହୋଇ ଜଣେ ମାଓବାଦୀଙ୍କ ଉପରକୁ ପଥର ଫିଙ୍ଗି ମାରି ଦେଇଛନ୍ତି । ତାଙ୍କ ନାମ ଗଙ୍ଗା ମାଡକାମି ଓରଫ ଆଡମା । ସେ ମିଲିସିଆ ମାଓବାଦୀ କମାଣ୍ଡର ବୋଲି ଜଣାପଡିଛି । ସେ କାଲିମେଳା ଓ ଗୁମ୍ମା ଏରିଆରେ କାର୍ଯ୍ୟ କରୁଥିଲେ । ଗ୍ରାମବାସୀଙ୍କ ପାଲଟା ଆକ୍ରମଣରେ ମାଓବାଦୀମାନେ ଭୟଭୀତ ହୋଇ ଘଟଣା ସ୍ଥଳରୁ ଛତ୍ରଭଙ୍ଗ ଦେଇ ଚାଲିଯାଇଥିଲେ । ତେବେ ୧ଘଣ୍ଟା ପରେ ନାରାୟଣ ପାଟଣା ଅଞ୍ଚଳରେ କାର୍ଯ୍ୟ କରୁଥିବା ଜଣେ ମାଓବାଦୀ ଜିପ୍ରେ ନିଜ ସାଥୀଙ୍କ ଖବର ଜାଣିବାକୁ ଆସିଥିବା ବେଳେ ଗ୍ରାମବାସୀଙ୍କ ହାବୁଡରେ ପଡିଥିଲେ । ତାଙ୍କୁ ମଧ୍ୟ ଗ୍ରାମବାସୀ ଧରି ନିସ୍ତୁକ ମାଡ଼ ମାରିଥିଲେ । ଏଥିରେ ସେ ଗୁରୁତର ଆହତ ହୋଇଛନ୍ତି । ଖବର ପାଇ ପୋଲିସ ଓ ଏସ୍‌ଓଜି ବାହିନୀ ସମ୍ପୃକ୍ତ ଅଞ୍ଚଳରେ ସର୍ଚ୍ଚ ଅପରେଶନ ଆରମ୍ଭ କରି ଦେଇଥିଲେ । ଉଭୟ ମାଓବାଦୀଙ୍କୁ ଉଦ୍ଧାର କରି ଚିତ୍ରକୋଣ୍ଡା ଡାକ୍ତରଖାନା ନେଇଥିଲେ । ସେଠାରେ ଡାକ୍ତର ଆଡମାଙ୍କୁ ମୃତ ଘୋଷଣା କରିଥିଲେ । ଜିପ୍ରଙ୍କୁ ମାଲକାନଗିରି ଜିଲା ମୁଖ୍ୟ ଚିକିତ୍ସାଳୟକୁ ଆଣି ତାଙ୍କ ଚିକିତ୍ସା କରାଯାଉଛି । ଅନ୍ୟପକ୍ଷରେ ଆହତ ଜିପ୍ରଙ୍କ ନାମରେ ସରକାର ୪ ଲକ୍ଷ ଟଙ୍କା ପୁରସ୍କାର ରାଶି ଘୋଷଣା କରିଥିଲେ । ସେହିପରି ମୃତ ଆଡମାଙ୍କ ନାମରେ ମଧ୍ୟ ୧ ଲକ୍ଷ ଟଙ୍କାର ପୁରସ୍କାର ରାଶି ପୂର୍ବରୁ ଘୋଷଣା କରାଯାଇଥିଲା । ସମ୍ପୃକ୍ତ ଅଞ୍ଚଳରେ କଡା ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି । ଆଇନ ଶୃଙ୍ଖଳା ପରିସ୍ଥିତି ଉପୁଜିଥିବାରୁ ଏସ୍‌ପି ଖିଲାରି ଲୋକଙ୍କୁ ଶାନ୍ତି ବଜାୟ ରଖିବା ପାଇଁ ନିବେଦନ କରିଛନ୍ତି । ଆମେ ଲୋକଙ୍କୁ ସୁରକ୍ଷା ଦେବୁ । ବିକାଶ କାର୍ଯ୍ୟ ଜାରି ରହିବ । ଏଥିସହ ଆଦୌ ସାଲିସ କରାଯିବ ନାହିଁ ବୋଲି ଏସପି କହିଛନ୍ତି । ଅନ୍ୟପକ୍ଷରେ ଘଟଣାକୁ ଦୃଷ୍ଟିରେ ରଖି ୨୦ କିଲୋମିଟର ପର୍ଯ୍ୟନ୍ତ ପୋଲିସ ଛାଉଣୀ ହୋଇରହିଛି । ୧ହଜାରରୁ ଊର୍ଦ୍ଧ୍ୱ ଯବାନଙ୍କୁ ନିୟୋଜିତ କରାଯାଇଛି । ୪ଟି ଗାଁ ଯୋଡ଼ାଆମ୍ବ, ସିନ୍ଧିଗୁଡା, ଯନ୍ତରାଇ ଓ ଟିକରଗୁଡାର ଲୋକେ ଏକାଠି ହୋଇ ରହିଛନ୍ତି । ଗୋଟିଏ ଜାଗାରେ ରୋଷେଇ କରି ଖାଇବା ସହ ରାତିରେ ଗୋଟିଏ ସ୍ଥାନରେ ଶୋଉଛନ୍ତି । ତେବେ ଜିଲା ପ୍ରଶାସନ ପକ୍ଷରୁ କ୍ଷତିଗ୍ରସ୍ତ ପରିବାରକୁ ସହାୟତା ପ୍ରଦାନ କରାଯାଇଛି । ଯେଉଁ ପରିବାର ଲୋକଙ୍କ ଘର ମାଓବାଦୀମାନେ ପୋଡି ଦେଇଛନ୍ତି ପ୍ରଶାସନ ପ୍ରତ୍ୟେକ ପରିବାରକୁ ୩୦ ହଜାର ଲେଖାଏ ଟଙ୍କା ସହାୟତା ପ୍ରଦାନ କରିଛି । ସେମାନଙ୍କୁ କମ୍ବଳ ବଣ୍ଟନ କରିବା ସହ ରନ୍ଧା ଖାଦ୍ୟ ପ୍ରଦାନ କରାଯାଇଛି ।

---


## ଜିଲ୍ଲାସ୍ତରୀୟ ହସ୍ତତନ୍ତ ବସ୍ତ୍ର ପ୍ରଦର୍ଶନୀ ଓ ବିକ୍ରୟ

Handloom Mark

ସ୍ଥାନ-ଆନନ୍ଦ ବିହାର କ୍ଲବ (ନିଶିଗନ୍ଧା), M.C.L, ବୁର୍ଲା
ତା.୨୭।୦୧।୨୦୨୦ ରୁ ତା.୩୧।୦୧।୨୦୨୦
(ସମୟ ଅପରାହ୍ନ ୨ ଘଟିକାଠାରୁ ରାତ୍ର ୯ଘଟିକା ପର୍ଯ୍ୟନ୍ତ)

ପବିତ୍ର ସରସ୍ୱତୀ ପୂଜା ଉପଲକ୍ଷେ ରାଜ୍ୟର କୁଶଳୀ ବୁଣାକାରମାନଙ୍କ ଦ୍ୱାରା ଉତ୍ପାଦିତ ହସ୍ତତନ୍ତ ବସ୍ତ୍ର ପ୍ରଦର୍ଶନୀ ଓ ବିକ୍ରୟର ଅପୂର୍ବ ସମ୍ଭାର

**ବିଶେଷ ଆକର୍ଷଣ ୧୦% ସରକାରୀ ରିହାତି**

ପ୍ରାୟୋଜକ: ହସ୍ତତନ୍ତ ଓ ବୟନଶିଳ୍ପ ବିଭାଗ, ଓଡ଼ିଶା ସରକାର

ଆୟୋଜକ: ହସ୍ତତନ୍ତ ଓ ବୟନଶିଳ୍ପ ନିର୍ଦ୍ଦେଶାଳୟ, ଓଡ଼ିଶା, ଭୁବନେଶ୍ୱର ଓ ସହକାରୀ ବୟନଶିଳ୍ପ ନିର୍ଦ୍ଦେଶକ, ବରଗଡ଼


---


## କୃଷି ଓ କୃଷକ ସଶକ୍ତୀକରଣ ବିଭାଗ, ଓଡ଼ିଶା

### ''ବିହନ ବିଶୋଧନ ଅଭିଯାନ'' ରବି-୨୦୧୯-୨୦ ରାଜ୍ୟ ଯୋଜନା

ଗତ ଖରିଫ ଋତୁରେ କୃଷି ଓ କୃଷକ ସଶକ୍ତୀକରଣ ବିଭାଗ ଆନୁକୂଲ୍ୟରେ ସଂଗଠିତ ହୋଇଥିବା ବିହନ ବିଶୋଧନ ଅଭିଯାନ କାର୍ଯ୍ୟକ୍ରମରେ ସାକ୍ଷୀଗୋପାଳ କୃଷି ଜିଲ୍ଲାର ସମସ୍ତ ପଞ୍ଚାୟତର ଚାଷୀ ଭାଇ ଓ ଭଉଣୀମାନେ ବହୁସଂଖ୍ୟାରେ ଯୋଗଦାନ ପୂର୍ବକ ନିଜ ବିହନକୁ ବିଶୋଧନ କରିବା ସହ ତତ୍‌ସମ୍ବନ୍ଧୀୟ କୌଶଳ ତାଲିମପ୍ରାପ୍ତ ହୋଇଥିଲେ ।

ଚଳିତ ରବିଋତୁରେ ସେହି ଜ୍ଞାନ କୌଶଳକୁ ଉପଯୋଗ କରି ଯେ କୌଣସି ଫସଲ ବୁଣିବା ପୂର୍ବରୁ ବିହନ ବିଶୋଧନ ଉପଚାର କରି ସ୍ୱଳ୍ପ ଖର୍ଚ୍ଚରେ ଫସଲର ରୋଗପୋକ ସମସ୍ୟାକୁ ଲାଘବ କରିବାକୁ ଅନୁରୋଧ ।

| ଫସଲ | ରୋଗ | ବିହନ ବିଶୋଧକ | ପରିମାଣ |
|---|---|---|---|
| ଚିନାବାଦାମ | କାଣ୍ଡସଢ଼ା<br>ଚେରସଢ଼ା | ଟ୍ରାଇକୋଡର୍ମା ଭିରିଡେ ୧% WP<br>କିମ୍ବା ଟେବୁକୋନାଜୋଲ ୨% DS | ୪ ଗ୍ରାମ ପ୍ରତି କେଜି ବିହନରେ<br>୨ ଗ୍ରାମ ପ୍ରତି କେଜି ବିହନରେ |
| ସୂର୍ଯ୍ୟମୁଖୀ | ଝାଉଁଳା | ଟେବୁକୋନାଜୋଲ ୨% DS | ୨ ଗ୍ରାମ ପ୍ରତି କେଜି ବିହନରେ |
| ମୁଗ / ବିରି | ବିହନ ସଢ଼ା<br>ଝାଉଁଳା | ଥିରାମ ୭୫% WS<br>ଟେବୁକୋନାଜୋଲ ୨% DS | ୩ ଗ୍ରାମ ପ୍ରତି କେଜି ବିହନରେ<br>୨ ଗ୍ରାମ ପ୍ରତି କେଜି ବିହନରେ |
| ଧାନ | ପତ୍ରଚିତା,<br>ମହିଷା,<br>ପତ୍ରାଚ୍ଛାଦ ପୋଡ଼ା | କାର୍ବେଣ୍ଡାଜିମ୍ ୨୫% +<br>ମାଙ୍କୋଜେବ ୫୦% WP | ୩ ଗ୍ରାମ ପ୍ରତି କେଜି ବିହନରେ |

ସ୍ୱା./-
କୃଷି ଜିଲ୍ଲା ଅଧିକାରୀ, ସାକ୍ଷୀଗୋପାଳ


---


## COLLECTORATE, NAYAGARH
### (ST & SC DEVELOPMENT SECTION)
### TENDER CALL NOTICE

No.V-77 :- Sealed tenders in the prescribed tender paper are invited from the authorized dealer/ Distributor/ specific manufacturer/ Wholesale cooperative/ WSHG for supply of DARI for boarders of ST & SC Hostels of Nayagarh District for the year 2019-20. The tender paper can be obtained from the office of the D.W.O., Nayagarh on payment of Rs 1000/- either in shape of cash / DD during the office hour, which is non-refundable. Those Tenderer Who will download the tender paper from the website i.e **www.nayagarh.nic.in** will required to deposit the cost of tender paper in shape of DD at the time of submission of tender. The rate should be inclusive of all taxes and transportation cost to the school point. The tenderer has to produce GST registration certificate/IT return for 3 years assessment i.e (2016-17, 2017-18 & 2018-19)/ Registration certificate for dealers liable to pay value added tax/ In case of dealer, valid dealerships certificate from the manufactures & PAN card with income tax clearance certificate positively. E.M.D. of Rs. 10,000/- for DARI has to be deposited by the tenderer in shape of Bank Draft drawn in favour of D.W.O., Nayagarh, payable at ICICI Bank, Nayagarh. The authority reserves the right to reject any or all tenders/ supply order without assigning any reason thereof

**Sale of tender paper :- Dt. 28.01.2020**
**Last date and time of receipt :- Dt. 11.02.2020 by 5.00.p.m.**
**Opening of tender paper :- on 12.02.2020 at 4.00P.M. in Office chamber of ADM, Nayagarh.**

Sd./-
District Magistrate & Collector,
Nayagarh

24009/11/0008/1920


---


## नालको NALCO
National Aluminium Company Limited
(A Government of India Enterprise)
Captive Power Plant,
Angul-759145, Odisha, India
CIN : L27203OR1981GOI000920
A NAVRATNA COMPANY

### NOTICE INVITING TENDERS

Digitally signed online tenders are being invited from experienced bidders on OPEN/ Two- part (E-tender) mode through Central Public Procurement Portal for the following jobs at NALCO, CPP Plant at Angul, Odisha :

**1- NIT No. MC-4843**
**Name of the work:** AMC of Chimney Elevator, CHP Elevator & Unit #7 Feeder floor Elevator.

For details of NITs like contract period, EMD, Date and time of E-submission, Part-I Bid Opening, Modification/Amendments (if any) please log in to **www.nalcoindia.com** & **http://eprocure.gov.in**

AGM (Elect.), Contract Cell


---


## SAMAGRA SHIKSHA, GAJAPATI

**No. 217/ Ped/2020** **Dated: 24.01.2020**

### TENDER CALL NOTICE

Sealed tenders are invited from reputed parties/offset printers for printing and supply of Question-cum-Answer Sheets for Summative Assessment-II in Odia, English and Telugu & Report Cards for the year 2019-20 for all Primary & Upper Primary Students from Class I to VIIIth of Gajapati district.

The party can download the tender document from the OSEPA/ Gajapati NIC website **www.osepa.odisha.gov.in**/**www.gajapati.nic.in** and required to submit the tender paper along with a Bank draft for Rs. 3,000/- in favour of District Project Coordinator, Samagra Shiksha, Gajapati, towards cost of processing fee on or before 01.00 PM on 13.02.2020 through registered / Speed post only. The authority reserves the right to reject any or all of the tenders without assigning any reason thereof.

Sd./- Collector-cum-Chairman,
Samagra Shiksha, Gajapati


---


Phone No.(06856)-222081(Off.)
E-mail:- eemirgd@ymail.com

## GOVERNMENT OF ODISHA
## DEPARTMENT OF WATER RESOURCES
### OFFICE OF THE EXECUTIVE ENGINEER, MINOR IRRIGATION DIVISION, RAYAGADA
e-PROCUREMENT NOTICE

No.608-A :- **BID IDENTIFICATION NO. ONLINE - 07/MID RGD/2019-20**

| | | |
|---|---|---|
| Name of work | : | IMPROVEMENT TO MIPS UNDER CRITICAL GRANT 2019-20 |
| No. of works | : | **5 (Five) Nos.** |
| Estimated cost: | : | Varies Approximately from Rs. **13.39 lakh** to **Rs.22.32 lakh**. |
| Tender paper cost | : | Refer DTCN. |
| Period of completion | : | Refer DTCN. |
| Availability of bid documents | : | From 11.00AM on 31.01.2020 & upto 5.00 PM on 10.02.2020 in website (www.tendersorissa.gov.in) |
| Period of receipt of bid through online | : | **From 11.00AM on** 31.01.2020 & upto 5.00 PM on 10.02.2020 through **online.** |
| Date of receipt of **Bid cost & Bid security through On-line payment mode.** | : | **From 11.00AM on** 31.01.2020& upto 5.00 PM on 10.02.2020 **through online** |
| Date of opening of bid documents | : | **From 11.00AM on 11.02.2020** |
| Date of Transpararant lottery ( If Case arises ) | | **14.02.2020 at 11.00AM onwards** |
| Digital signature certificate of Bidder | : | The bidder must possess compatible digital signature certificate (DSC) of Class-II or Class-III. |
| **The detail tender call notice can also be seen in the DOWR website- http://dowrorissa.gov.in** | | |
| Name & Address of the OIT | : | Executive Engineer, M.I. Division, Rayagada Dist:-Rayagada. PIN-765001 Ph-06856-222081, E-mail ID-eemirgd@ymail.com |
| Further details can be seen from the e-Procurement market place. | : | http://tendersorissa.gov.in |

32056/11/0006/1920 Executive Engineer, M.I. Division, Rayagada.


---


## GOVT. OF ODISHA
### OFFICE OF THE SUPERINTENDING ENGINEER
### NORTH EASTERN RURAL WORKS CIRCLE. KEONJHAR

O-919

*Tel. 06766-258301(O)*
*eMail: se_nerwkjr@rediffmail.com*

eProcurement Notice for Building Work
**Identification No. Building Online NCB No.273**
No. 248 // Date: 22-01-2020

1. Name of the work :- **Construction of 100 Bedded Girls Hostel Building and Boundary Wall in the premises of Odisha Adarsha Vidyalaya under OMBADC in the District of Keonjhar, for the year 2019-20.**
2. No. of works :- **03 (Three) Nos.**
3. Estimated Cost :- **As per Annexure**
4. Class of Contractor (Eligible) :- **As per Annexure**
5. Period of Completion :- **As per Annexure**
6. Other details :-

| Procurement Officer | Bid Identification No. | Availability of tender On-line for bidding | | Last Date & Time of seeking Tender Clarification. | Date & Time of Opening of Tender in O/O S.E.N.E.R.W. Circle, Keonjhar | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Superintending Engineer, North Eastern Rural Works Circle, Keonjhar | Building Online NCB No.273 | Dt.31.01.20 at 11.00 AM | Dt.15.02.20 upto 3.00 PM | Dt.14.02.20 upto 3.00 PM | Dt.17.02.20 at 11.00 AM | Dt.25.02.20 at 11.00 AM |

● **Further details can be seen from the website: www.tendersorissa.gov.in**

Sd/- (P.K. Misra)
Superintending Engineer, N.E.R.W. Circle, Keonjhar.

25048/11/0009/1920


---


*ପ୍ରଗତି ପଥେ........*
## ପୌର ପାଳିକା, ରାଇରଙ୍ଗପୁର

ସାଧାରଣତନ୍ତ୍ର ଦିବସ ୨୦୨୦ ଅବସରରେ ପୌର ପରିଷଦ, ରାଇରଙ୍ଗପୁର ସହରର ସମସ୍ତ ଜନ ସାଧାରଣଙ୍କୁ ଆନ୍ତରିକ ଅଭିନନ୍ଦନ ଓ ଶୁଭେଚ୍ଛା ଜ୍ଞାପନ କରିବା ସଙ୍ଗେ ସଙ୍ଗେ ରାଇରଙ୍ଗପୁର ସହରର ସର୍ବାଙ୍ଗୀନ ଉନ୍ନତି ପାଇଁ ସହରବାସୀଙ୍କ ସହଯୋଗ କାମନା କରୁଅଛି ।

**ନିବେଦନ :** ୧-ରାଇରଙ୍ଗପୁର ସହରକୁ ସରସ, ସୁନ୍ଦର ଓ ସବୁଜିମା ଭରା ଏକ ଉନ୍ନତ ସହର ରୂପେ ଗଢି ତୋଳିବାରେ ସହାୟକ ହୁଅନ୍ତୁ । ୨-ପରିଷଦ ସମ୍ପତ୍ତି ଆପଣଙ୍କର । ଏହାର ସୁରକ୍ଷା ଏବଂ ରକ୍ଷଣା ବେକ୍ଷଣରେ ସହଯୋଗ କରନ୍ତୁ । • ଖୋଲା ଜାଗାରେ ମଳତ୍ୟାଗ କରନ୍ତୁ ନାହିଁ । • ପାଇଖାନା ବ୍ୟବହାର କରନ୍ତୁ । • ଏଣେ ତେଣେ ପାନ ଛେପ ପକାନ୍ତୁ ନାହିଁ । • ସହରର ଯେକୌଣସି ରାସ୍ତାକଡରେ ଅଳିଆ ଜମି ରହିଥିଲେ ତୁରନ୍ତ ରାଇରଙ୍ଗପୁର ପୌର ପରିଷଦର ଭାରପ୍ରାପ୍ତ ପରିମଳ ଅଧିକାରୀଙ୍କୁ ସୂଚନା ଦିଅନ୍ତୁ । • ନିଜ ପାଖ ପଡୋଶୀଙ୍କ ମଧ୍ୟରେ ସ୍ୱଚ୍ଛତା ବିଷୟରେ ସଚେତନତା ସୃଷ୍ଟି କରନ୍ତୁ । • ଯେଉଁମାନଙ୍କର ପାଇଖାନା ନାହିଁ କିମ୍ବା ଗାତ ଖୋଳି ତା ଉପରେ ଅସ୍ଥାୟୀ ପାଇଖାନା ନିର୍ମାଣ କରି ତାହାକୁ ବ୍ୟବହାର କରୁଛନ୍ତି, ଏଦିଗରେ ନିଜ ୱାର୍ଡର ସ୍ୱୟଂ ସହାୟିକା ଗୋଷ୍ଠୀ ସଭ୍ୟ/ସଭ୍ୟାଙ୍କୁ କିମ୍ବା କମ୍ୟୁନିଟି ଅର୍ଗାନାଇଜରଙ୍କୁ ଅଥବା ନିଜେ ରାଇରଙ୍ଗପୁର ପୌର ପରିଷଦ କାର୍ଯ୍ୟାଳୟରେ ପାଇଖାନା ନିର୍ମାଣ ପାଇଁ ଦରଖାସ୍ତ ଆବେଦନ କରନ୍ତୁ । • ସ୍ୱଚ୍ଛ ଭାରତ ମିଶନ ତରଫରୁ ସ୍ୱଚ୍ଛ ବଜାର ଯୋଜନା ମାଧ୍ୟମରେ ସହରକୁ ସ୍ୱଚ୍ଛ ରଖିବା ନିମନ୍ତେ ପୌର ପରିଷଦ ତରଫରୁ ବିଭିନ୍ନ ମାର୍କେଟ୍ ଏରିଆ, ଟ୍ରାଫିକ ଏରିଆ, ବସ ଷ୍ଟାଣ୍ଡ ଇତ୍ୟାଦି ସ୍ଥାନମାନଙ୍କରେ ଯଥେଷ୍ଟ ଡଷ୍ଟବିନ୍ ଯୋଗାଇ ଦିଆଯାଇଅଛି । ଏହାକୁ ଉଚିତ୍ ବ୍ୟବହାର କରିବା ନିମନ୍ତେ ଜନସାଧାରଣଙ୍କୁ ନିବେଦନ । • ପାଇଖାନାର ବର୍ଜ୍ୟ ଜଳ ଓ ମଳ ସାଧାରଣ ଡ୍ରେନ୍‌କୁ ଯେଉଁ ବ୍ୟକ୍ତି ସଂଯୋଗ କରୁଛନ୍ତି ସେମାନଙ୍କୁ ସେଥିରୁ ସମ୍ପୂର୍ଣ୍ଣ ନିବୃତ୍ତ ରହିବା ନିମନ୍ତେ ସଚେତନ କରାଯାଉଅଛି ।

**ଶ୍ରୀଯୁକ୍ତ ଭାଗବତ ପ୍ରସାଦ ମହାପାତ୍ର (ଓ.ରା.ସେ.), ନିର୍ବାହୀ ଅଧିକାରୀ, ରାଇରଙ୍ଗପୁର ପୌର ପାଳିକା, ଶ୍ରୀଯୁକ୍ତ ଧର୍ମାନନ୍ଦ ବେହେରା, ଓ.ପ୍ର.ସେ. (ବ), ଉପଜିଲ୍ଲାପାଳ, ବାମନଘାଟୀ-ତଥା-ପୌର ପ୍ରଶାସକ, ରାଇରଙ୍ଗପୁର ପୌର ପାଳିକା**


---


## ଓଡିଶା ସରକାର
## ଅଧୀକ୍ଷଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ, କେନ୍ଦ୍ରୀୟ ମଣ୍ଡଳ (ରାସ୍ତା ଓ ଗୃହ), ନିର୍ମାଣ ସୌଧ, ଭୁବନେଶ୍ୱର

ସଂଖ୍ୟା: -7-1E-210 / ତାରିଖ: 22.01.2020

### ଅବସର ପ୍ରାପ୍ତ ତୃତୀୟ ଶ୍ରେଣୀ କର୍ମଚାରୀଙ୍କର ଚୁକ୍ତି ଭିତ୍ତିକ ପୁନଃ ନିଯୁକ୍ତି ।

B-630

## ବିଜ୍ଞାପନ

ଅଧୀକ୍ଷଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ, କେନ୍ଦ୍ରୀୟ ମଣ୍ଡଳ (ରାସ୍ତା ଓ ଗୃହ),ନିର୍ମାଣ ସୌଧ, ଭୁବନେଶ୍ୱର ଅଧୀନରେ ଥିବା ଦୁଇ ଗୋଟି କନିଷ୍ଠ କିରାଣୀ (ଚୁକ୍ତି ଭିତ୍ତିକ) ପଦବୀ ପୂରଣ ନିମନ୍ତେ ନିର୍ଦ୍ଧାରିତ ଫର୍ମରେ ଅବସର ପ୍ରାପ୍ତ ତୃତୀୟ ଶ୍ରେଣୀ କର୍ମଚାରୀଙ୍କ ଠାରୁ ଦରଖାସ୍ତ ଆହ୍ୱାନ କରାଯାଉ ଅଛି । ପ୍ରାର୍ଥୀ ଆବେଦନ ଫର୍ମ ତତ୍‌ସହିତ ବିବରଣୀ ନିମ୍ନ ସ୍ୱାକ୍ଷରକାରୀଙ୍କ କାର୍ଯ୍ୟାଳୟରୁ ତା ୦୫.୦୨.୨୦୨୦ରିଖ ଠାରୁ ତା ୧୦.୦୨.୨୦୨୦ ରିଖ ମଧ୍ୟରେ ପାଇ ପାରିବେ ଏବଂ ସମ୍ପୂର୍ଣ୍ଣଭାବେ ପୂରଣ ହୋଇଥିବା ଫର୍ମ ଗୁଡ଼ିକ ତା୨୫.୦୨.୨୦୨୦ରିଖ ଘ ୧.୦୦ ମି (ଅପରାହ୍ନ ଘ ୧.୦୦ ମି ମଧ୍ୟରେ) ନିମ୍ନ ସ୍ୱାକ୍ଷରକାରୀଙ୍କ କାର୍ଯ୍ୟାଳୟରେ ପହଞ୍ଚିବା ଆବଶ୍ୟକ । ନିର୍ଦ୍ଧାରିତ ତାରିଖରେ ପହଞ୍ଚିଥିବା ଆବେଦନ ଫର୍ମ କିମ୍ବା ଅସମ୍ପୂର୍ଣ୍ଣ ଆବେଦନ ଫର୍ମ ଗୁଡ଼ିକ ବିଚାରକୁ ନିଆଯିବ ନାହିଁ । ଅନ୍ୟ କୌଣସି ଫର୍ମ ଏଥି ପାଇଁ ଗ୍ରହଣ ଯୋଗ୍ୟ ନୁହେଁ ।

ସ୍ୱା-ଗୌରାଙ୍ଗ ଚରଣ ସାହୁ
ଅଧୀକ୍ଷଣ ଯନ୍ତ୍ରୀ,
କେନ୍ଦ୍ରୀୟ ମଣ୍ଡଳ (ରାସ୍ତା ଓ ଗୃହ)

34125/11/0009/1920


---


No.XXVI-22

## ଓଡ଼ିଶା ସରକାର
## ଜିଲ୍ଲାପାଳ, ଭଦ୍ରକଙ୍କ କାର୍ଯ୍ୟାଳୟ
## ଅଧିସୂଚନା

File No. L.A. Case No. 24/19 8195/LA Dtd. 01.11.2019

ଯେହେତୁ ଓଡ଼ିଶା ସରକାରଙ୍କ ପ୍ରତୀତ ହେଉଅଛି କି, ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଭଦ୍ରକ ଜିଲ୍ଲାର ଗମେଇ ଡ୍ରେନେଜ ଚ୍ୟାନେଲର ସଂସ୍କାର ନିମନ୍ତେ ସରକାର ସରକାରୀ ବ୍ୟୟରେ ମୌଜା - ରତାଙ୍ଗ, ଥାନା- ବାସୁଦେବପୁର, ସଂ-୩୭, ତହସିଲ-ବାସୁଦେବପୁର, ଜିଲ୍ଲା- ଭଦ୍ରକରେ ନିମ୍ନ ତଫସିଲ ମତେ ପ୍ରାୟ ଏ ୧.୫୬ ର ଭୂମି ଅର୍ଜନ କରିବା ଆବଶ୍ୟକ ହେଉଅଛି ।

ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR & R ACT, 2013)ର ୧୧(୧) ଧାରାରେ ଭାରପ୍ରାପ୍ତ ହୋଇ ସରକାର (Appropriate Government) ଏତଦ୍ୱାରା ନିମ୍ନ ଅନୁସୂଚିରେ ପ୍ରଦତ୍ତ ଜମି ଅଧିଗ୍ରହଣ ପାଇଁ ପ୍ରାରମ୍ଭିକ ଅଧିସୂଚନା ଜାରି କରାଯାଉଛି ।

ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR & R ACT, 2013)ର ୧୧(୧) ଧାରା ଅନୁଯାୟୀ ଘୋଷିତ ଏହି ପ୍ରାରମ୍ଭିକ ଅଧିସୂଚନାଟି ଏଥି ସହିତ ସମ୍ପୃକ୍ତ ସମସ୍ତଙ୍କ ପାଇଁ ପ୍ରଯୁଜ୍ୟ ଅଟେ ।

ଯଦି ସମ୍ପୃକ୍ତ ଜମିର କୌଣସି ସ୍ୱତ୍ୱାଧିକାରୀ/ ଜମି ମାଲିକ ଭୂମି ଅଧିଗ୍ରହଣ ଅଧିସୂଚନା ସମ୍ପର୍କିତ ଅଧିସୂଚିତ ଜମିର ଉପଯୋଗିତା, ରକବା ଏବଂ ସାର୍ବଜନୀନ ଉଦ୍ଦେଶ୍ୟରେ ଔଚିତ୍ୟ ବିଷୟରେ କୌଣସି ଆପତ୍ତି ଥାଏ । ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR & R ACT, 2013)ର ୧୫ ଧାରା ଅନୁଯାୟୀ ସେ ଉକ୍ତ ପ୍ରାରମ୍ଭିକ ଅଧିସୂଚନା ପ୍ରକାଶନର ୬୦ ଦିନ ମଧ୍ୟରେ ସମ୍ପୃକ୍ତ ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଆକାରରେ ଅଭିଯୋଗ କରିପାରିବେ ।

**ପ୍ରକଳ୍ପ ସମ୍ବନ୍ଧୀୟ ବିବରଣୀ**

୧. ସାର୍ବଜନୀନ ଉଦ୍ଦେଶ୍ୟରେ ସ୍ୱରୂପ – ଜଳସେଚନ ପ୍ରକଳ୍ପ ।
୨. ଜମି ଆବଶ୍ୟକ କରୁଥିବା ସଂସ୍ଥାର ଅଧିକାରୀଙ୍କ ନାମ – ନିର୍ବାହୀ ଯନ୍ତ୍ରୀ, ଡ୍ରେନେଜ ଡିଭିଜନ, ଭଦ୍ରକ ।
୩. କ୍ଷତିଗ୍ରସ୍ତ ଲୋକଙ୍କ ବିସ୍ଥାପନ ଆବଶ୍ୟକତାର କାରଣ – ସାର୍ବଜନୀନ ଉଦ୍ଦେଶ୍ୟରେ ବନ୍ୟା ପ୍ରଭାବରୁ ରକ୍ଷାପାଇବା ।
୪. ସାମାଜିକ ପ୍ରଭାବ ମୂଲ୍ୟାୟନର ସାରାଂଶ ଓଡ଼ିଶା ସରକାରଙ୍କ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ଘୋଷଣାନାମା ଚିଠି ସଂଖ୍ୟା – ୨୯୦୭୪/R&DM ତା. ୨୫.୦୯.୧୯ ରିଖ ପ୍ରକାରେ ଭୂମି ଅଧିଗ୍ରହଣ ନିମନ୍ତେ ୮(୨) ଧାରାରେ ଅନୁମୋଦନ ହୋଇଅଛି ।
୫. ପୁନର୍ବାସ ଓ ଥଇଥାନ ପାଇଁ ନିଯୁକ୍ତ ପ୍ରଶାସକଙ୍କ ବିବରଣୀ:- ଉପଜିଲ୍ଲାପାଳ, ଭଦ୍ରକ ।
୬. ଜମିର ବିବରଣୀ :-

| ଜିଲ୍ଲା | ତହସିଲ | ଗ୍ରାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ. | ପ୍ଲଟ ନଂ. | ପ୍ଲଟ୍‌ର ମୋଟ ରକବା | ଅଧିସୂଚିତ ଜମିର ରକବା | ରୟତ୍‌ଙ୍କ ନାମ |
|---|---|---|---|---|---|---|---|---|
| ଭଦ୍ରକ | ବାସୁଦେବପୁର | ରତାଙ୍ଗ | ଗ୍ରାମାଞ୍ଚଳ | ଏଥି ସହିତ ସଂଲଗ୍ନ | ଏଥି ସହିତ ସଂଲଗ୍ନ | ଏ ୩.୨୩ କର ଏଥି ସହିତ ସଂଲଗ୍ନ | ଏ ୧.୫୬ କର ଏଥି ସହିତ ସଂଲଗ୍ନ | ଏଥି ସହିତ ସଂଲଗ୍ନ |

ଉକ୍ତ ଅଧିସୂଚିତ ଜମି ରକବା ମଧ୍ୟରୁ ଏ ୧.୫୨ କର ସଂରକ୍ଷିତ ସରକାରୀ ଜମି ପ୍ରତିବଦଳ ଭୂମି ପାଇଁ ଉଦ୍ଦିଷ୍ଟ ।
ଉକ୍ତ ଭୂମିର ଏକ ନକ୍ସା ଭୂ-ଅର୍ଜନ ଅଧିକାରୀ, ଭଦ୍ରକଙ୍କ କାର୍ଯ୍ୟାଳୟରେ କାର୍ଯ୍ୟଦିବସ ମାନଙ୍କରେ ଦେଖିବାକୁ ମିଳିପାରିବ ।
ଉକ୍ତ ଅଧିସୂଚନା ଅନ୍ତର୍ଭୁକ୍ତ କୌଣସି ଜମିର କ୍ରୟ ବିକ୍ରୟ, ହସ୍ତାନ୍ତର (ଦେଣ ନେଣ) କିମ୍ବା ଦାୟ ସୃଷ୍ଟି ଭଦ୍ରକ ଜିଲ୍ଲାପାଳଙ୍କ ପୂର୍ବାନୁମୋଦନ ବିନା କରାଯାଇପାରିବ ନାହିଁ ।

### ଭୂମି ଅନୁସୂଚୀ
**ଜମିର ତାଲିକା**

**ଗମେଇ ଡ୍ରେନେଜ ଚ୍ୟାନେଲର ସଂସ୍କାର ନିମନ୍ତେ ପ୍ରସ୍ତାବିତ ଭୂମି ଅଧିଗ୍ରହଣ ବିବରଣୀ**
**ମୌଜା - ରତାଙ୍ଗ, ଥାନା- ବାସୁଦେବପୁର, ସଂ-୩୭, ତହସିଲ- ବାସୁଦେବପୁର, ଜିଲ୍ଲା - ଭଦ୍ରକ**
**ବ୍ୟକ୍ତିଗତ ଜମି -**
**ଏଥିସହିତ ସଂଲଗ୍ନ କରାଯାଇଅଛି।**

**ରାଜ୍ୟପାଳଙ୍କ ଆଦେଶ କ୍ରମେ**
**(ଜ୍ଞାନ ଦାସ)**
**ଜିଲ୍ଲାପାଳ, ଭଦ୍ରକ**

### ଭୂମି ଅନୁସୂଚୀ
**ପ୍ରକଳ୍ପର ନାମ - ଗମେଇ, କାଂଶବାଂଶ ନଦୀ ସଂସ୍କାର**
**ସା- ରତାଙ୍ଗ, ତହସିଲ - ବାସୁଦେବପୁର, ଥାନା- ବାସୁଦେବପୁର, ସଂ-୩୭, ଜିଲ୍ଲା - ଭଦ୍ରକ**

| କ୍ର. ସଂ | ଖାତା ସଂ | ଖସଡ଼ା ସଂ | ମୋଟ ରକବା | ଭୂ-ଅର୍ଜନ ରକବା | କିସମ | ଖାତାରୟତଙ୍କର ନାମ ଓ ଠିକଣା |
|---|---|---|---|---|---|---|
| ୧ | ୨୧୬ | ୧୦୧୭ | ୦.୬୦ | ୦.୦୪ | ପତିତ | ପଞ୍ଚାନନ ରାଉତ, ପି- ନୀଳ ରାଉତ, ଓଗେର, ଜା- ଖଣ୍ଡାୟତ, ବା- ରତାଙ୍ଗ |
| ୨ | ୪୮ | ୨୧୬୭ | ୨.୬୩ | ୧.୫୨ | ଚକ | କୃଷ୍ଣ ଚନ୍ଦ୍ର ପୋଇ, କିସ୍ମତ ୪ ଅଣା, ପଞ୍ଚାନନ ପୋଇ, କିସ୍ମତ ୪ ଅଣା, ପୁରୁଷୋତ୍ତମ ପୋଇ, କିସ୍ମତ ୪ ଅଣା, ନରେନ୍ଦ୍ର ପୋଇ, କିସ୍ମତ ୪ ଅଣା, ପି- ଭ୍ରମର ପୋଇ, ଜା-ଖଣ୍ଡାୟତ, ବା- ନିଜଗାଁ |
| | | ମୋଟ | ୩.୨୩ | ୧.୫୬ | | |
| | | ଗୋଚର ପ୍ରତିବଦଳ (ଖସଡ଼ା ସଂ. ୨୧୬୭) | | | | |
| ୩ | ୫୦୯ | ୨୧୧୫ | ୨୩.୧୦ | ୧.୫୨ | ଗୋଚର | ରକ୍ଷିତ |

24017/14/0024/1920 ସ୍ୱା./- ଭୂ-ଅର୍ଜନ ଅଧିକାରୀ, ଭଦ୍ରକ


---


## ମୁଖ୍ୟମନ୍ତ୍ରୀ ଅଭିନବ କୃଷି ଯନ୍ତ୍ରପାତି ସମ୍ମାନ
## ୨୦୧୯-୨୦

DSPL-246

ନିଜସ୍ୱ ଜ୍ଞାନ କୌଶଳରେ ଉନ୍ନତ ଓ ଅଭିନବ କୃଷି ଯନ୍ତ୍ରପାତିର ନିର୍ମାଣ / ପରିକଳ୍ପନା କରୁଥିବା ପ୍ରତିଭାବାନ ଚାଷୀ ଭାଇ ଓ ଭଉଣୀମାନଙ୍କୁ ଜିଲ୍ଲା ଓ ରାଜ୍ୟସ୍ତରରେ ସମ୍ମାନିତ ଓ ପୁରସ୍କୃତ କରାଯିବ ।

ରାଜ୍ୟସ୍ତରରେ ଅଭିନବ ଯନ୍ତ୍ରପାତି ପାଇଁ ୩ ଟି ଲେଖାଏଁ ଏବଂ ଅଭିନବ ପରିକଳ୍ପନା ପାଇଁ ଗୋଟିଏ ଲେଖାଏଁ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ପୁରସ୍କାର ପ୍ରଦାନ କରାଯିବ । ସେହିପରି ଜିଲ୍ଲାସ୍ତରରେ ଅଭିନବ ଯନ୍ତ୍ରପାତି ପାଇଁ (୩ ଜଣ ଜିଲ୍ଲା ପ୍ରତି) ୯୦ ଜଣଙ୍କୁ ଏବଂ ଅଭିନବ ପରିକଳ୍ପନା ପାଇଁ (୧ ଜଣ ଜିଲ୍ଲା ପ୍ରତି) ୩୦ ଜଣଙ୍କୁ ପୁରସ୍କୃତ କରାଯିବ ।

| | ଅଭିନବ ଯନ୍ତ୍ରପାତି | ଅଭିନବ ପରିକଳ୍ପନା |
|---|---|---|
| ପ୍ରଥମ ପୁରସ୍କାର ରାଶି | ୨ ଲକ୍ଷ ଟଙ୍କା | ୫୦ ହଜାର ଟଙ୍କା |
| ଦ୍ୱିତୀୟ ପୁରସ୍କାର ରାଶି | ୧ ଲକ୍ଷ ୫୦ ହଜାର ଟଙ୍କା | ୩୫ ହଜାର ଟଙ୍କା |
| ତୃତୀୟ ପୁରସ୍କାର ରାଶି | ୧ ଲକ୍ଷ ଟଙ୍କା | ୧୫ ହଜାର ଟଙ୍କା |
| ଜିଲ୍ଲାସ୍ତରୀୟ ପୁରସ୍କାର ରାଶି | ୧୫ ହଜାର ଟଙ୍କା | ୫ ହଜାର ଟଙ୍କା |

ଏହାର ଚୟନ ପ୍ରକ୍ରିୟା ଜିଲ୍ଲା ତଥା ରାଜ୍ୟସ୍ତରୀୟ ବିଶେଷଜ୍ଞ ମଣ୍ଡଳୀ ଦ୍ୱାରା କରାଯିବ । ଅଭିନବ କୃଷି ଯନ୍ତ୍ରପାତି / ପରିକଳ୍ପନାଗୁଡ଼ିକର ପଞ୍ଜିକରଣ ପାଇଁ ନିର୍ଦ୍ଧାରିତ ଆବେଦନ ଫର୍ମ **http://agrisnetodisha.ori.nic.in**ରେ ଉପଲବ୍ଧ । ଆଗ୍ରହୀ ଚାଷୀ ଭାଇ ଓ ଭଉଣୀ, କୃଷି କାରିଗର ଏବଂ କୃଷି ଶ୍ରମିକମାନେ ସଂଶ୍ଳିଷ୍ଟ ଯନ୍ତ୍ରପାତି ସମ୍ବନ୍ଧିତ ଫଟୋ ଓ ଭିଡ଼ିଓ / ସଂଶ୍ଳିଷ୍ଟ ପରିକଳ୍ପନା ସମ୍ବନ୍ଧିତ ରେଖାଚିତ୍ର ସହିତ ଆବେଦନ ପତ୍ର ଆସନ୍ତା ବର୍ଷ ଜାନୁୟାରୀ ୩୧ ତାରିଖ ସୁଦ୍ଧା ନିଜ ବ୍ଲକ ଅନ୍ତର୍ଗତ ବ୍ଲକସ୍ତରୀୟ 'କୃଷି ସୂଚନା ଓ ପରାମର୍ଶ କେନ୍ଦ୍ର' (FIAC)ର ଡ୍ରପ ବାକ୍ସରେ ଦାଖଲ କରିପାରିବେ ।

**ସବିଶେଷ ବିବରଣୀ ନିମନ୍ତେ ନିକଟସ୍ଥ କୃଷି ଅଧିକାରୀଙ୍କ ସହିତ ଯୋଗାଯୋଗ କରନ୍ତୁ ।**

01034/13/0046/1920 **କୃଷି ଓ ଖାଦ୍ୟ ଉତ୍ପାଦନ ନିର୍ଦ୍ଦେଶାଳୟ, ଓଡ଼ିଶା**


---


## ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ
ଆକାଶ ଶୋଭା ବିଲ୍ଡିଂ
**ପଣ୍ଡିତ ଜବାହାରଲାଲ ନେହେରୁ ମାର୍ଗ, ଭୁବନେଶ୍ୱର - ୭୫୧୦୦୧**
**ପତ୍ର ସଂଖ୍ୟା: ୩୧୫୨୭/ଭୁ.ଉ.କ., ଭୁବନେଶ୍ୱର ତା୨୭।୧୨।୨୦୧୯ରିଖ**
CPM-I-826/82

### ସୂଚନା

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି, ଚନ୍ଦ୍ରଶେଖରପୁର ପ୍ରଥମ ପର୍ଯ୍ୟାୟ ଗୃହ ପ୍ରକଳ୍ପ ଅନ୍ତର୍ଗତ ଗୃହ ନଂ.MIG-I-4/47କୁ ଶ୍ରୀ ସୁରେନ୍ଦ୍ର ନାଥ ତ୍ରିପାଠୀଙ୍କ ନାମରେ ଆବଣ୍ଟନ କରାଯାଇଥିଲା । ଆବଣ୍ଟନ ଗ୍ରାହୀ ତା୨୭।୦୧।୧୯୯୩ରିଖରେ ମୃତ୍ୟୁବରଣ କରିଅଛନ୍ତି । ଆବଣ୍ଟନଗ୍ରାହୀଙ୍କର ମୃତ୍ୟୁ ଅନ୍ତେ ଉକ୍ତ ଗୃହର ମାଲିକାନା ସତ୍ତ୍ୱ ଉତ୍ତରାଧିକାରୀ ସୂତ୍ରରେ ନିମ୍ନ ଉତ୍ତରାଧିକାରୀଙ୍କ ନାମରେ ପରିବର୍ତ୍ତନ କରିବାର ବ୍ୟବସ୍ଥା ଅଛି ।

(୧) ସ୍ୱପ୍ନା ପାଢ଼ୀ — ଆବଣ୍ଟନଗ୍ରାହୀଙ୍କ ଝିଅ
(୨) ସଂଜ୍ଞାରାଣୀ ତ୍ରିପାଠୀ — ଆବଣ୍ଟନଗ୍ରାହୀଙ୍କ ଝିଅ
(୩) ସ୍ୱରୂପା ରାଣୀ ପଣ୍ଡା — ଆବଣ୍ଟନଗ୍ରାହୀଙ୍କ ଝିଅ
(୪) ଶ୍ୱେତ କୁମାର ତ୍ରିପାଠୀ — ଆବଣ୍ଟନଗ୍ରାହୀଙ୍କ ପୁତ୍ର
(୫) ବାଳାମଣି ତ୍ରିପାଠୀ — ଆବଣ୍ଟନଗ୍ରାହୀଙ୍କ ସ୍ତ୍ରୀ

ବର୍ତ୍ତମାନ ପରିପ୍ରେକ୍ଷୀରେ ଉପରୋକ୍ତ ଉତ୍ତରାଧିକାରୀଙ୍କ ମଧ୍ୟରୁ ୧-ସ୍ୱପ୍ନା ପାଢ଼ୀ, ୨-ସଂଜ୍ଞାରାଣୀ ତ୍ରିପାଠୀ ଏବଂ ୩-ସ୍ୱରୂପାରାଣୀ ତ୍ରିପାଠୀ ପଞ୍ଜୀକୃତ ନା ଦାବିପତ୍ର (Registered Deed of Relinquish) ମାଧ୍ୟମରେ ଉକ୍ତ ଗୃହର ନିଜର ଅଧିକାର ସତ୍ତ୍ୱକୁ ୧-ବାଳାମଣି ତ୍ରିପାଠୀ ଏବଂ ୨-ଶ୍ୱେତ କୁମାର ତ୍ରିପାଠୀଙ୍କ ନାମରେ ହସ୍ତାନ୍ତର କରିଅଛନ୍ତି ଏବଂ ହସ୍ତାନ୍ତର ନିମନ୍ତେ ସେମାନେ ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷଙ୍କୁ ଆବେଦନ କରିଅଛନ୍ତି ।

ଏଣୁ ଉକ୍ତ ଗୃହର ମାଲିକାନା ସତ୍ତ୍ୱ କେବଳ ୧-ବାଳାମଣି ତ୍ରିପାଠୀ, ୨-ଶ୍ୱେତ କୁମାର ତ୍ରିପାଠୀଙ୍କ ନାମରେ କରାଯିବାରେ ଯଦି କାହାର କିଛି ଦାବି/ଆପତ୍ତି ଥାଏ, ତା'ହେଲେ ଏହି ସୂଚନା ପ୍ରକାଶନର ୧୫(ପନ୍ଦର)ଦିନ ମଧ୍ୟରେ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତ ଭାବେ ଜଣାଇବେ । ତତ୍‌ପରେ ଏ ସମ୍ବନ୍ଧରେ କୌଣସି ଆପତ୍ତି/ଅଭିଯୋଗ ଶୁଣାଯିବ ନାହିଁ ଏବଂ ଗୃହର ମାଲିକାନା ସତ୍ତ୍ୱ ହସ୍ତାନ୍ତର ଆଇନ୍ ଅନୁଯାୟୀ କରାଯିବ ।

**ସ୍ୱା./- ଆବଣ୍ଟନ ଅଧିକାରୀ-୨**






# ସ୍କିନ୍ ପାଇଁ ସେବତୀ

**ଆପଣ ସେବତୀ ଫୁଲ ଦେଖିଥିବେ କିମ୍ବା ଜାଣିଥିବେ, ଯାହା ସ୍ୱାସ୍ଥ୍ୟ ଏବଂ ତ୍ୱଚା ଲାଗି ବହୁତ ଉପକାରୀ। ସବୁପ୍ରକାର ସ୍କିନ୍ ପାଇଁ ଏହାକୁ ବ୍ୟବହାର କରିପାରିବେ। ଏ ବିଷୟରେ ଟିପ୍ସ...**

**ମଶ୍ଚରାଇଜର**
ସେବତୀ ଫୁଲ ସ୍କିନ୍ ପାଇଁ ମଶ୍ଚରାଇଜର ପରି କାମ କରିଥାଏ ଏବଂ ଏହା ମଧ୍ୟ ୟଙ୍ଗ୍ ଲୁକ୍ ଦେଇଥାଏ। ଏଥିପାଇଁ ଏହି ଫୁଲକୁ ଗ୍ରାଇଣ୍ଡିଂ କରି ସେଥିରେ ଅଧାଚାମଚ ମହୁ ମିଶାଇ ପ୍ରତିଦିନ ମୁହଁରେ ଲଗାନ୍ତୁ।

**ଡାର୍କ ସର୍କଲ**
ଆଖିତଳେ ଡାର୍କ ସର୍କଲ କିମ୍ବା କୌଣସି ଚିହ୍ନ ଦାଗ ଥିଲେ ପ୍ରତିଦିନ ସେବତୀ ଫୁଲକୁ ବ୍ୟବହାର କରିପାରିବେ।

**ମୁଖବ୍ରଣ**
ସେବତୀ ଫୁଲକୁ ଆପଣ କୌଣସି ବି ଉପାୟରେ ସ୍କିନ୍‌ରେ ଖୁବ୍ ସହଜରେ ବ୍ୟବହାର କରିପାରିବେ, ଯାହା ମୁଖବ୍ରଣ ସମସ୍ୟାକୁ ଦୂର କରିବାରେ ସାହାଯ୍ୟ କରିଥାଏ।

**ଫେସ୍‌ପ୍ୟାକ୍**
ସେବତୀ ଫୁଲ ରସ ୪ ଚାମଚ ଓ ସେଥିରେ କେଇବୁନ୍ଦା ମହୁ, ଲେମ୍ବୁ ମିଶାନ୍ତୁ। ଏବେ ଏହାକୁ ପ୍ରତିଦିନ ମୁହଁରେ ଲଗାନ୍ତୁ। କିଛିଦିନ ପରେ ଦେଖିବେ ମୁହଁରେ ଥିବା ଦାଗ ଦୂର ହୋଇ ଆପଣ ସୁନ୍ଦର ଦେଖାଯିବେ।





ଫ୍ୟାଶନ

# ଲିଓପାର୍ଡ ପ୍ରିଣ୍ଟ



**ଫ୍ୟାଶନକୁ ନେଇ ଅନେକଙ୍କ ପସନ୍ଦ ବଦଳୁଥିବାର ଲକ୍ଷ୍ୟ କରୁଥିବେ। କିଛି ମାସରେ ନୂଆ ଖୋଜିବାକୁ ଆରମ୍ଭ କରନ୍ତି। ଲିଓପାର୍ଡ ପ୍ରିଣ୍ଟ ନୂଆ ନୁହେଁ। ଆଗରୁ ଓ ଏବେ ମଧ୍ୟ ଏହି ପ୍ରିଣ୍ଟ ଗ୍ଲାମର ବୋଲି ମାନୁଛନ୍ତି। ଏବେ ଏହାକୁ ମେନ୍‌ଷ୍ଟ୍ରିମ୍ ଫ୍ୟାଶନ୍ ରୂପେ ସ୍ୱୀକାର କରୁଛନ୍ତି। ଏହାର ଜ୍ୟାକେଟ୍, ଲଙ୍ଗବୁଟ୍, ବ୍ଲେଜର ଆଦି ଆକର୍ଷକ ଦେଖାଯାଇଥାଏ। ଯଦି ଆପଣ ଏହି ଡିଜାଇନ୍‌କୁ ନିଜ କପ୍‌ବୋର୍ଡରେ ସାମିଲ କରିବାକୁ ଚାହୁଁଛନ୍ତି, ତେବେ ଧ୍ୟାନରେ ରଖନ୍ତୁ କେତୋଟି ଜରୁରୀ କଥା....**

ଏହି ପ୍ରିଣ୍ଟର ରିଷ୍ଟ ବ୍ୟାଣ୍ଡ, ନେକ୍‌ପିସ୍ ଓ ଇୟର ରିଙ୍ଗ୍ ବଜାରରେ ମିଳୁଛି, ଯାହା ସିମ୍ପୁଲ, ଡାର୍କ କଲର ଡ୍ରେସ୍ ସହିତ ଆପଣଙ୍କ ଲୁକ୍‌କୁ ଆକର୍ଷକ କରିଥାଏ। ଯଦି ଏହି ପ୍ରିଣ୍ଟର ପରିଧାନ ଭଲ ଲାଗୁ ନ ଥାଏ ତେବେ ହ୍ୟାଣ୍ଡବ୍ୟାଗ୍ ମଧ୍ୟ କ୍ୟାରି କରିପାରିବେ।

- ଲିଓପାର୍ଡ ପ୍ରିଣ୍ଟ ଶାର୍ଟ ଉପରେ ବେଲ୍‌ଟ ଲଗାନ୍ତୁ। ଏହାସହିତ ଲଙ୍ଗ ସ୍କର୍ଟ କିମ୍ବା ଟ୍ରାଉଜର ପିନ୍ଧିପାରିବେ। ଧ୍ୟାନ ରଖନ୍ତୁ ଯେ, ଏହାକୁ ପିନ୍ଧିବା ସମୟରେ ଅଧିକ ମେକ୍‌ଅପ୍ ନିଅନ୍ତୁ ନାହିଁ। କାରଣ ଏହାଦ୍ୱାରା ଆପଣଙ୍କ ଲୁକ୍ ଭୟଙ୍କର ଦେଖାଯିବ।
- ଯଦି ଆପଣ ନିଜକୁ ନେଇ କନ୍‌ଫିଡେଣ୍ଟ ଅଛନ୍ତି, ତେବେ ଆପଣ ଜମ୍ପସୁଟ୍ କିଛି ଏମିତି ପିନ୍ଧିପାରିବେ। ଯେମିତି କି ପୂରା କପଡ଼ାରେ ଲିଓପାର୍ଡ ପ୍ରିଣ୍ଟ ଥିବ। ଏହାସହିତ ଲିଓପାର୍ଡ ପ୍ରିଣ୍ଟ ଥିବା ଫୁଟ୍‌ୱେର ପିନ୍ଧନ୍ତୁ। ବେଲିଜ୍‌ରେ ଏହି ପ୍ରିଣ୍ଟ ଖୁବ୍ ସହଜରେ ମିଳିଯାଉଛି।
- ଯଦି ଏହାକୁ ପିନ୍ଧିବାରେ ସଙ୍କୋଚ କରୁଥାନ୍ତି ତେବେ ଏହାକୁ ମିକ୍ସମ୍ୟାଚ୍ କରି ପିନ୍ଧିପାରିବେ। ଯେମିତିକି ପ୍ଲେନ୍ ଶାର୍ଟ ସହିତ ଲିଓପାର୍ଡ ପ୍ରିଣ୍ଟର ଟ୍ରାଉଜର। ଆଜିକାଲି ଲିଓପାର୍ଡ ସ୍କାର୍ଫ ଓ ଷ୍ଟୋଲ୍‌ର ବହୁଳ ପ୍ରଚଳନ ହେଉଛି।
- ନିଜ କୋର୍ଟକୁ ଲିଓପାର୍ଡ ପ୍ରିଣ୍ଟ ପ୍ୟାଣ୍ଟ ସହିତ ପିନ୍ଧନ୍ତୁ। ଏହାସହିତ ସ୍ନିକର୍ସ ପିନ୍ଧନ୍ତୁ। ଶୀତଦିନେ ଲିଓପାର୍ଡ ଶ୍ରଗ ବି ଆପଣ ପିନ୍ଧିପାରିବେ।
- ଏବେ ଏହି ପ୍ରିଣ୍ଟର ଝଲକ ଜୁଏଲେରିରେ ଦେଖିବାକୁ ମିଳୁଛି।



# ଅତିଥି

**କଥାରେ ଅଛି–'ଅତିଥି ଦେବୋ ଭବ', ଅର୍ଥାତ୍ ସେମାନେ ଦେବତା ସମାନ। ତେଣୁ ସେମାନେ ଘରକୁ ଆସିଲେ ଭଲଭାବେ କିପରି ଚର୍ଚ୍ଚା କରିବେ ସେ ସମ୍ପର୍କରେ...**



କୌଣସି ପର୍ବପର୍ବାଣି ହେଉ ଅବା କେତେକ କାରଣରୁ ବନ୍ଧୁବାନ୍ଧବ ଘରକୁ ଯିବା କିମ୍ବା ସେମାନେ ଆପଣଙ୍କ ଘରକୁ ଆସିବା ଏକ ସାଧାରଣ କଥା। ହେଲେ ଅତିଥିଙ୍କୁ ଠିକ୍ ଭାବେ ଟ୍ରିଟ୍ କଲେ ତାହା ଆପଣଙ୍କୁ ପ୍ରଶଂସାର ପାତ୍ର କରାଇଥାଏ। କଥାରେ ଅଛି–'ଅତିଥି ଦେବୋ ଭବ', ଅର୍ଥାତ୍ ସେମାନେ ଦେବତା ସମାନ। ତେଣୁ ସେମାନଙ୍କୁ ଭଲଭାବେ କିପରି ଚର୍ଚ୍ଚା କରିବେ ଏବଂ ସେ ସମୟରେ କେଉଁ ଦିଗ ପ୍ରତି ବିଶେଷ ଦୃଷ୍ଟି ଦିଆଯିବା ଦରକାର ଜାଣନ୍ତୁ ସେ ସମ୍ପର୍କରେ...

**କାହା ଘରକୁ ଯିବା ପୂର୍ବରୁ ସୂଚନା ଅବଶ୍ୟ କରନ୍ତୁ**
ଆଜିର ସମୟରେ ସମସ୍ତେ ପ୍ରାୟ ନିଜ ନିଜ କାମରେ ବ୍ୟସ୍ତ। ଏମିତି ବିନା ପ୍ରାକ୍ ସୂଚନାରେ କାହା ଘରେ ପହଞ୍ଚିବା କେତେଦୂର ଠିକ୍, ତାହା ପ୍ରଥମେ ତର୍ଜମା





କରିବା ଦରକାର। ତେଣୁ ଯଦି ଆପଣ କାହା ଘରକୁ ଯାଉଛନ୍ତି ତାଙ୍କୁ ସୂଚିତ କରି ଯାଆନ୍ତୁ। ସବୁବେଳେ ଆଗୁଆ ସୂଚନା ଦେଇ ପହଞ୍ଚନ୍ତୁ। ଫଳରେ ସେମାନେ ଆପଣଙ୍କ ଯିବା ପୂର୍ବରୁ ନିଜକୁ ଫ୍ରି ରଖି ସ୍ୱାଗତ ଲାଗି ପ୍ରସ୍ତୁତ ହୋଇପାରିବେ।

**ପହଞ୍ଚିବାର ସମୟ କୁହନ୍ତୁ :** ଯାହା ଘରକୁ ଆମନ୍ତ୍ରିତ ହୋଇ ଯାଉଛନ୍ତି ତାଙ୍କୁ ଆସିବାର ଉପଯୁକ୍ତ ସମୟ କୁହନ୍ତୁ। ଆମନ୍ତ୍ରିତ କରିଥିବା ବନ୍ଧୁଙ୍କ ମୋବାଇଲ ନମ୍ବର ପାଖରେ ରଖନ୍ତୁ। ଯଦି ଆପଣ କେଉଁଠି ବାଟବାଉଳା ହେଲେ ତେବେ ତାଙ୍କ ସହ ଫୋନ୍‌ରେ ଯୋଗାଯୋଗ ରଖନ୍ତୁ।

**ଯାହା ଘରକୁ ଯାଉଛନ୍ତି କିଛି ଗିଫ୍ଟ ନେଇ ଯା'ନ୍ତୁ**
ଖାଲିହାତରେ କାହା ଘରକୁ ଯିବା ଶାଳୀନତାର ପରିଚୟ ଦିଏନା। ଯାହା ଘରକୁ ଯାଉଛନ୍ତି କିଛି ଗିଫ୍ଟ ନେଇ ଯା'ନ୍ତୁ। ଯଦି ତାଙ୍କ ଘରେ ପିଲା ଅଛନ୍ତି, ତେବେ ତାଙ୍କ ଲାଗି ବିସ୍କୁଟ୍, ମିକ୍ସଚର, ଯଦି ସମବୟସ୍କ ଘରକୁ ଯାଉଛନ୍ତି ତେବେ ତାଙ୍କ ଲାଗି ଫୁଲତୋଡ଼ା ଏବଂ ଯଦି ସେଠାରେ ବୟସ୍କ ବ୍ୟକ୍ତି ଅଛନ୍ତି ତେବେ ତାଙ୍କ ଲାଗି ଫ୍ରୁଟ୍ସ, ମିଠା ଆଦି ନେଇପାରିବେ। ଉଦାହରଣ ସ୍ୱରୂପ ଆପଣଙ୍କୁ ଗୃହ ପ୍ରବେଶ ଲାଗି ଆମନ୍ତ୍ରିତ କରାଯାଇଛି, ତେବେ ସେଥିଲାଗି ଘର ସାଜସଜ୍ଜାର କୌଣସି ଜିନିଷ ତାଙ୍କୁ ଦେଇପାରିବେ। ବିବାହ ବାର୍ଷିକୀ ଥିଲେ ତାଙ୍କ ପସନ୍ଦ ଅନୁଯାୟୀ ପର୍‌ଫ୍ୟୁମ୍ ନେଇପାରିବେ କିମ୍ବା ପିଲାର ଜନ୍ମଦିନ ଥିଲେ ତା' ଲାଗି ଖେଳନା କିମ୍ବା ପାଠ୍ୟପୁସ୍ତକ ମଧ୍ୟ ନେଇପାରିବେ।

**କଥାବାର୍ତ୍ତା ହୁଅନ୍ତୁ**
କାହା ଘରକୁ ଯାଉଥିଲେ କେବଳ ଦେଖା କରିବାର ଅଛି ବୋଲି ନୁହେଁ, ତାଙ୍କ ସହିତ କଥାବାର୍ତ୍ତା ହୁଅନ୍ତୁ। ଘରେ ଭାବିକି ଯା'ନ୍ତୁ ଯେ କ'ଣ ସେଠାରେ କଥାହେବେ। କିଛି ଏମିତି ବିଷୟ ଚୟନ କରନ୍ତୁ, ଯେଉଁଥିରେ ସମସ୍ତେ ନିଜକୁ ଜଡ଼ିତ ରଖି ସେ ସମୟର ମଜା ନେଇପାରିବେ। ସେଠାରେ ଏପରି ବିଷୟ ଆଲୋଚନା କରନ୍ତୁ ନାହିଁ, ଯାହାଦ୍ୱାରା କଥା ଯୁକ୍ତିତର୍କ ସ୍ତରରେ ପହଞ୍ଚିବ। ଆପଣଙ୍କର କୌଣସି ଅନୁଭୂତି ସମ୍ପର୍କରେ କିମ୍ବା ଆଉ କେବେ ଭେଟ ହେବ ସେ ବିଷୟରେ କଥାବାର୍ତ୍ତା ହୁଅନ୍ତୁ।

**ସମସ୍ତଙ୍କ ସହ ମିଶନ୍ତୁ :** ଆପଣ ଅନ୍ୟ ଲୋକଙ୍କ ସହ ପରିଚିତ ହୋଇ ନ ଥିବେ, କିନ୍ତୁ ହେଲେ ବି ସମସ୍ତଙ୍କ ସହ ମିଶି କଥାବାର୍ତ୍ତା ହୁଅନ୍ତୁ। ହୋଇପାରେ ଆପଣ କ'ଣ କଥାହେବେ, ଯାହାଙ୍କୁ କେବେ ଭେଟିନାହାନ୍ତି କି କଥା ହୋଇନାହାନ୍ତି। ସେପରି ସ୍ଥିତିର ଅନ୍ୟ ଲୋକଙ୍କୁ ପ୍ରଥମେ କହିବାର ସୁଯୋଗ ଦିଅନ୍ତୁ, ଆପଣ କେବଳ ଶୁଣନ୍ତୁ। ଧୀରେ ଧୀରେ ସମସ୍ତଙ୍କ ସହ କଥାବାର୍ତ୍ତା କରନ୍ତୁ, ଯାହାଦ୍ୱାରା ନିଜର ବ୍ୟକ୍ତିତ୍ୱ ଆହୁରି ପ୍ରଶଂସିତ ହେବ।

**ଫର୍ମାଲ ଡିନର :** ଯଦି ଆପଣ ଫର୍ମାଲ ଡିନରରେ ଯାଉଛନ୍ତି ତେବେ ଟେବୁଲ୍ ମ୍ୟାନର ଶିଖିବା ବୁଦ୍ଧିମାନର କାମ। କଟଲେରିର ଉପଯୋଗ ଆସୁଥିବା ଅତିଥିଙ୍କ ପାଇଁ ସମ୍ମାନର ପ୍ରତୀକ ହୋଇପାରିବ।

**ଧନ୍ୟବାଦ ଅର୍ପଣ କରନ୍ତୁ**
ବିଦାୟ ନେବା ପୂର୍ବରୁ ଯିଏ ଆପଣଙ୍କୁ ଆମନ୍ତ୍ରିତ କରିଥା'ନ୍ତି ତାଙ୍କୁ ଧନ୍ୟବାଦ ଜଣାନ୍ତୁ। ତାଙ୍କ ଆତିଥ୍ୟର ମନଖୋଲି ପ୍ରଶଂସା କରନ୍ତୁ। ଘରର ସାଜସଜ୍ଜା, ପୋଷାକ, ପରଷା ହୋଇଥିବା ଖାଦ୍ୟ ଆଦିକୁ ପ୍ରଶଂସା କରିବାକୁ ଭୁଲନ୍ତୁ ନାହିଁ। ଏମିତି କି ଘରର ଡିଜାଇନ୍‌କୁ ମଧ୍ୟ।

**ଶେଷରେ....**
ଯଦି ସେଠାରେ ଜାଣତରେ ହେଉ ଅବା ଅଜାଣତରେ ଆପଣ କୌଣସି ଭୁଲ କରିଦେଇଛନ୍ତି ତେବେ ସେଥିପାଇଁ 'ସରି' କହିବାକୁ ଭୁଲନ୍ତୁ ନାହିଁ। ଅଯଥା ଆଲୋଚନା କରି ନିଜକୁ ସମାଲୋଚିତ କରିବା ଠିକ୍ ନୁହେଁ। ଆଚାର ବ୍ୟବହାର, କଥାବାର୍ତ୍ତା ଶୈଳୀରେ ନିଜକୁ ସଚେତନ ରଖନ୍ତୁ।

## ଏମାନେ କ'ଣ କରନ୍ତି



ମନ୍ଦାକିନୀ

**ସୂଚିତ କରି ଯାଆନ୍ତୁ :**
(ମନ୍ଦାକିନୀ ଦାସ,ଚୌଦ୍ୱାର,କଟକ)
ଆମର ଯଦି କାହା ଘରକୁ ଯିବାର ପ୍ଲାନିଂ ହୁଏ ତାଙ୍କୁ ଆଗରୁ ଏ ବିଷୟରେ ସୂଚନା ଦିଏ। ଫଳରେ ସେମାନେ ଆମ ପାଇଁ ନିର୍ଦ୍ଦିଷ୍ଟ ଦିନ ସମୟ ଦେଇ ପାରିବେ। ଆଜିକାଲି ବିଜି ସିଡ୍ୟୁଲ୍ ଭିତରେ ହଠାତ୍ କାହାକୁ କିଛି ନ କହି ଘରକୁ ଯିବା ପୂର୍ବରୁ ତାଙ୍କୁ ଏ ନେଇ ଜଣେଇ ଦେବା ଭଲ। ଅର୍ଥାତ୍ ଏଥିଲାଗି କାହା ଘରକୁ ଯିବା ପୂର୍ବରୁ ତାଙ୍କୁ ଇନ୍‌ଫରମେଶନ୍ ଦେବା ଆବଶ୍ୟକ।



ସମିତାଞ୍ଜଳି

**ସମସ୍ତଙ୍କ ସହ ମିଶି କଥାବାର୍ତ୍ତା ହୁଅନ୍ତୁ :**
(ସମିତାଞ୍ଜଳି ବେଜ୍, କର୍ମଜୀବୀ,ଭାନରପୁର, ବାରିଗାଁ,କେଉଁଝର)
ଅତିଥି ହୋଇ ଯଦି କାହା ଘରକୁ ଯିବାର ଅଛି ପ୍ରଥମେ ଦେଖନ୍ତୁ ଯେ ଆପଣ କେଉଁ ଅକେଜନ୍ ପାଇଁ ନିମନ୍ତ୍ରିତ ହୋଇଛନ୍ତି । ସେହି ଅନୁଯାୟୀ କିଛି ଗିଫ୍ଟ ନେଇ ତାଙ୍କ ଘରକୁ ଯିବା ଆବଶ୍ୟକ। ଘରେ ଯଦି ଛୋଟ ପିଲା ଅଛନ୍ତି ତାଙ୍କ ଲାଗି ଚକୋଲେଟ୍ ଏବଂ ବୟସ୍କ ବ୍ୟକ୍ତି ଥିଲେ ତାଙ୍କ ପାଇଁ ଫ୍ରୁଟ୍ସ ନେଇ ଗଲେ ଭଲ। ତାଙ୍କ ଘରେ ପହଁଞ୍ଚିବା ପରେ ସମସ୍ତଙ୍କ ସହ ମିଶି କଥାବାର୍ତ୍ତା ହୁଅନ୍ତୁ , ଯେପରି ତାଙ୍କୁ ନ ଲାଗୁ ଆପଣ ଅନ୍‌କମ୍ପଟେବୁଲ୍ ଫିଲ୍ କରୁଛନ୍ତି।

# ମସଲାକୁ କିପରି ରଖିବେ ସତେଜ

**ଭାରତୀୟ ଖାଦ୍ୟରେ ମସଲାର ମହତ୍ତ୍ୱ ରହିଛି। ଏକା ସଙ୍ଗେ ସବୁ ମସଲା ଯଦି ଖୋଲା ରହେ ତାହା ଖରାପ୍ ହେବାର ଆଶଙ୍କା ରହିଛି। ଏଥିଲାଗି କିଛି ଟିପ୍ସ ଦେଉଛୁ ଯାହା ଦ୍ୱାରା ଆପଣଙ୍କ ମସଲା ରହିବ ଫ୍ରେଶ । ସେ ସମ୍ପର୍କରେ ଟିପ୍ସ...**



- ମସଲାକୁ କେବଳ ଜାର୍‌ରେ ରଖିଲେ ଭଲ ରହିବ ତାହା ନୁହେଁ। ଡାର୍କ ଜାର୍‌ରେ ମସଲା ରଖିଲେ ତା ଭିତରକୁ ଲାଇଟ୍ ଏତେଟା ପ୍ରବେଶ କରିପାରେ ନାହିଁ। ଫଳରେ ଏହା ଏତେଟା ଖରାପ୍ ହୋଇ ନ ଥାଏ। ଏହା ବ୍ୟତୀତ ଭ୍ୟାକ୍ୟୁମ୍ ସିଲ୍ ଥିବା ପ୍ରିଣ୍ଟ ଜାର୍‌ରେ ମସଲା ରଖିବା ଦ୍ୱାରା ମସଲା ସତେଜ ରହିଥାଏ। ମସଲାକୁ ଆଲୋକ ନ ପଡୁଥିବା ସ୍ଥାନରେ ରଖନ୍ତୁ।
- ଫ୍ରିଜ୍‌ରେ ଆପଣ ଯେକୌଣସି ଜିନିଷ ରଖୁଛନ୍ତି ତାହା ଖରାପ୍ ହୁଏ ନାହିଁ। ଏହାକୁ ଆପଣ କେତେଦିନ ପର୍ଯ୍ୟନ୍ତ ବ୍ୟବହାର କରିପାରନ୍ତି। କିନ୍ତୁ ମସଲାକୁ କେବେ ହେଲେ ଫ୍ରିଜ୍‌ରେ ରଖନ୍ତୁ ନାହିଁ। ମସଲା ଫ୍ରିଜ୍‌ରେ ରଖିବା ଦ୍ୱାରା ଏହାର ଫ୍ଲେଭର ନଷ୍ଟ ହୋଇଯାଏ। ଆପଣ ଏହାକୁ ଏୟାର ଲକ୍ କଣ୍ଟେନରରେ ପୂରାଇ ରଖନ୍ତୁ।
- ଗୋଟା ମସଲା ଜଲ୍‌ଦି ଖରାପ୍ ହୁଏନାହିଁ। ଏଥିପାଇଁ ଗୋଟା ମସଲାକୁ ଭଲ କରି ଷ୍ଟୋର କରି ରଖନ୍ତୁ। ନିଜ ଆବଶ୍ୟକତା ଅନୁସାରେ ଏହାକୁ ଅଳ୍ପ ଅଳ୍ପ ଗ୍ରାଇଣ୍ଡ କରି ରଖନ୍ତୁ।
- ଆର୍ଦ୍ର ତାପମାତ୍ରାରେ ମସଲା ଖରାପ୍ ହେବାର ଆଶଙ୍କା ଅଧିକ। ଏଥିପାଇଁ ମସଲାକୁ ରଖିବା ସ୍ଥାନ ଯେପରି ଶୁଖିଲା ରହିବ ସେଥିପ୍ରତି ଧ୍ୟାନ ଦିଅନ୍ତୁ। ଯଦି ଏହା ଓଦାଳିଆ ସ୍ଥାନରେ ରଖୁଛନ୍ତି ଏହା ଜଲ୍‌ଦି ନଷ୍ଟ ହୋଇଯିବ।
- ଖାଦ୍ୟ ପ୍ରସ୍ତୁତ କରିବା ସମୟରେ ଆପଣ ମସଲାକୁ ବ୍ୟବହାର କରିଥାନ୍ତି। ମସଲାରେ ଓଦା ଚାମଚ୍ ବ୍ୟବହାର କରନ୍ତୁ ନାହିଁ। ଯଦି ମସଲା ଓଦାଳିଆ ଲାଗୁଛି ତେବେ ଏହାକୁ ଖରାରେ ସିଧାସଳଖ ନ ଶୁଖାଇ ତା'ଉପରେ ଏକ କପଡା ପକାଇ ଶୁଖାନ୍ତୁ।

ଖାଦ୍ୟ ରୁଚି

# ହାଣ୍ଡି ପନିର



**ଆବଶ୍ୟକ ସାମଗ୍ରୀ:** ପନିର ୨୦୦ଗ୍ରାମ୍, ଘଷା ହୋଇଥିବା ଅଦା ଅଳ୍ପ, ହଳଦୀ ଅଧା ଚାମଚ, ଲାଲ୍ ଲଙ୍କାଗୁଣ୍ଡ ଅଧାଚାମଚ, ଗରମ ମସଲା ଅଧା ଛୋଟ ଚାମଚ, ଟମାଟୋ ଦୁଇଟି, ଗୋଲମରିଚ ଗୁଣ୍ଡ ଅଳ୍ପ ପରିମାଣର, ଛୋଟ ଆକାରରେ କଟା ହୋଇଥିବା ତିନୋଟି ପିଆଜ, ଦହି ଅଧା ଚାମଚ, ପାଣି ଅଧା କପ୍, ତେଲ ଆବଶ୍ୟକ ଅନୁସାରେ ଏବଂ ଲୁଣ ସ୍ୱାଦ ଅନୁସାରେ।

**ପ୍ରସ୍ତୁତି ପ୍ରଣାଳୀ:**ପ୍ରଥମେ ଏକ ହାଣ୍ଡି ନିଅନ୍ତୁ। ତାକୁ ଗ୍ୟାସ୍ ଚୁଲାରେ ବସାଇ ଗରମ ହେବା ପର୍ଯ୍ୟନ୍ତ ଅପେକ୍ଷା କରନ୍ତୁ। ଏହା ଗରମ ହୋଇଗଲା ପରେ ତେଲ ପକାନ୍ତୁ। ତେଲ ଗରମ ହୋଇଗଲେ ସେଥିରେ କଟା ପିଆଜ ପକାନ୍ତୁ। ଏହାପରେ ଅଦା, ହଳଦୀ ପାଉଡର, ଲଙ୍କାଗୁଣ୍ଡ, ଗରମ ମସଲା ପକାନ୍ତୁ। ଅଳ୍ପ କଷି ହୋଇଗଲା ପରେ ସେଥିରେ ଟମାଟୋ ଓ କଞ୍ଚାଲଙ୍କା ପକାନ୍ତୁ। ଏହାପରେ ଦହି ପକାନ୍ତୁ। ଯେପର୍ଯ୍ୟନ୍ତ ସେଥିରୁ ପାଣି ନ ମରିଛି ସେପର୍ଯ୍ୟନ୍ତ ଗ୍ୟାସ୍ ଚଲାଉଥାନ୍ତୁ। ପାଣି ମରିଗଲେ ସେଥିରେ ଲୁଣ ଓ ପାଣି ଦେଇ ଫୁଟିବା ପର୍ଯ୍ୟନ୍ତ ଛାଡ଼ିଦିଅନ୍ତୁ। ଏବେ ପନିରକୁ ଏଥିରେ ପକାଇ ଦିଅନ୍ତୁ। ଏହାପରେ ଧନିଆପତ୍ର ପକାନ୍ତୁ। ଶେଷରେ ଗୋଲମରିଚ ଗୁଣ୍ଡ ପକାଇ ଗ୍ୟାସ୍ ବନ୍ଦ କରିଦିଅନ୍ତୁ। ଏବେ ଆପଣଙ୍କ ହାଣ୍ଡି ପନିର ପ୍ରସ୍ତୁତ ହୋଇଗଲା।

| Dollar | Sensex | Nifty | Gold | Silver |
|---|---|---|---|---|
| 71.43 (10) | 41,155.12 (458.70 ↓) | 12,119.00 (129.25 ↓) | 41,292.00 (₹133 ↑) | 47,277.00 (₹238 ↑) |

“୨୦୨୪ ସୁଦ୍ଧା ରେଲୱେ ଶତପ୍ରତିଶତ ବିଦ୍ୟୁତ୍‌ରେ ପରିଚାଳିତ ହେବ।

– ପୀୟୁଷ ଗୋୟଲ, କେନ୍ଦ୍ର ରେଳ ମନ୍ତ୍ରୀ



“ଭାରତର ବ୍ୟାଙ୍କିଙ୍ଗ୍ ଶିଳ୍ପ ବର୍ତ୍ତମାନ ଚାପରେ ରହିଛି। ଏହାର ସହାୟତା ଲାଗି ସରକାର ସ୍ଥିତିରେ ନାହାନ୍ତି।

–ଅଭିଜିତ ବାନାର୍ଜୀ, ନୋବେଲ ବିଜେତା ଅର୍ଥନୀତିଜ୍ଞ



# ୯୦,୩୯୫ କୋଟି ଋଣ ପ୍ରଦାନର ସମ୍ଭାବନା

**ଭୁବନେଶ୍ୱର,୨୭-୧:**

୨୦୨୦-୨୧ ବର୍ଷ ଲାଗି ରାଜ୍ୟର ଅଗ୍ରାଧିକାର କ୍ଷେତ୍ରଗୁଡ଼ିକୁ ପ୍ରାୟ ୯୦,୩୯୫ କୋଟି ଟଙ୍କାର ଋଣ ଯୋଗାଣ ନେଇ ସମ୍ଭାବନା ରହିଛି। ବ୍ୟାଙ୍କଗୁଡ଼ିକ ଏ ଦିଗରେ ନିଜର ଯୋଗଦାନ ରଖି ପାରିବେ। ଜାତୀୟ କୃଷି ତଥା ଗ୍ରାମୀଣ ବିକାଶ ବ୍ୟାଙ୍କ (ନାବାର୍ଡ) ପକ୍ଷରୁ ଏଠାରେ ଅନୁଷ୍ଠିତ ରାଜ୍ୟ କ୍ରେଡିଟ୍ ସେମିନାର ୨୦୨୦-୨୧ ଅବସରରେ ପ୍ରକାଶିତ ଫୋକସ ପେପରରେ ଏହା ଉଲ୍ଲେଖ କରାଯାଇଛି। ରାଜ୍ୟ ଅର୍ଥମନ୍ତ୍ରୀ ନିରଞ୍ଜନ ପୂଜାରୀ କାର୍ଯ୍ୟକ୍ରମକୁ ଶୁଭାରମ୍ଭ କରିଥିଲେ। ପଶୁପାଳନ, କୁକୁଡ଼ା ପାଳନ, ମାଛ ଚାଷ ଭଳି ଅନ୍ୟାନ୍ୟ ଆନୁଷଙ୍ଗିକ କ୍ଷେତ୍ରଗୁଡ଼ିକୁ କୃଷି ଟର୍ମ ଋଣ ଫାଇନାନ୍ସ ପ୍ରଦାନ ଦିଗରେ ବ୍ୟାଙ୍କଗୁଡ଼ିକ କାର୍ଯ୍ୟ କରିବାର ଆବଶ୍ୟକତା ରହିଛି ବୋଲି ସେ ଏଠାରେ ମତ ରଖିଛନ୍ତି।

ସେ କହିଛନ୍ତି ଯେ, ଏହା ଦ୍ୱାରା କୃଷକଙ୍କ ଆୟ ବଢ଼ାଇବା ଏବଂ ନୂଆ ସମ୍ପତ୍ତି ସୃଷ୍ଟିରେ ସହାୟକ ହେବ। ବ୍ୟାଙ୍କିଙ୍ଗ ସେବା ପହଞ୍ଚି ନଥିବା ସ୍ଥାନଗୁଡ଼ିକୁ ପହଞ୍ଚିବା ଲାଗି ସେ ବ୍ୟାଙ୍କଗୁଡ଼ିକୁ ଆହ୍ୱାନ ଜଣାଇଛନ୍ତି। ଏହା ହେଲେ ରାଜ୍ୟ ସରକାର ହାତକୁ ନେଉଥିବା ବିଭିନ୍ନ କାର୍ଯ୍ୟକ୍ରମର ସଫଳ ରୂପାୟନ ଦିଗରେ ସହଯୋଗ ବଢ଼ିବ। ସେହିଭଳି ଡିଜିଟାଲ ବ୍ୟାଙ୍କିଙ୍ଗ ଲାଗି ଏହା ପଥ ଉନ୍ମୁକ୍ତ କରିବ। ଦେଶର ଏକ ପ୍ରମୁଖ ରାଜ୍ୟ ଭାବେ ଓଡ଼ିଶାକୁ ଗଢ଼ି ତୋଳିବା ଲାଗି ସେ ସମସ୍ତ ଅଂଶୀଦାରଙ୍କ ସହାୟତା ଏହି ଅବସରରେ ଲୋଡ଼ିଥିଲେ।

ଅର୍ଥ ବିଭାଗ ପ୍ରମୁଖ ସଚିବ ଅଶୋକ କେ.କେ. ମୀନା କହିଛନ୍ତି ଯେ, ବ୍ୟାଙ୍କଗୁଡ଼ିକ ଏଫ୍‌ପିଓ ଏବଂ ଜେଏଲ୍‌ଜି ଫାଇନାନ୍ସିଂ ଉପରେ ଫୋକସ କରିବାକୁ ସେ ଆହ୍ୱାନ ଜଣାଇଛନ୍ତି। ଗ୍ରାମାଞ୍ଚଳକୁ ଋଣ ଯୋଗାଣ ଧାରା ଉନ୍ନତ କରିବା ଦିଗରେ ବ୍ୟାଙ୍କିଙ୍ଗ ଶିଳ୍ପ ସହ ସରକାର ମିଳିତ ହୋଇ କାମ କରିବେ ବୋଲି ସେ ମତ ଦେଇଛନ୍ତି। କାର୍ଯ୍ୟକ୍ରମରେ ଆର୍‌ବିଆଇ ଆଞ୍ଚଳିକ ନିର୍ଦ୍ଦେଶକ ଏମ୍.କେ.ମଲ୍ଲ, ନାବାର୍ଡ ସିଜିଏମ୍ ଏ.ଚନ୍ଦ୍ରଶେଖର, ଏସ୍‌ବିଆଇ ସିଜିଏମ୍ ପ୍ରବୀଣା କାଲା, ଏସ୍‌ଏଲବିସି ଜିଏମ୍ ଏବଂ ଆବାହକ ସଞ୍ଜୟ କୁମାର ପ୍ରମୁଖ ଉପସ୍ଥିତ ଥିଲେ।




**୨୦୨୦-୨୧ ଲାଗି ନାବାର୍ଡର ଫୋକସ ପେପର**

■ ଆନୁଷଙ୍ଗିକ କ୍ଷେତ୍ରକୁ ଟର୍ମ ଋଣ ଯୋଗାଣର ଆବଶ୍ୟକତା: ଅର୍ଥମନ୍ତ୍ରୀ ପୂଜାରୀ

# ୟୁସିଇର ନୂଆ ଇ-ଯାନ ବଜାରରେ

**ଭୁବନେଶ୍ୱର,୨୭-୧**

ଇ-ଭେଇକିଲ ମାନୁଫାକଚରିଂ କମ୍ପାନୀ ଉଷା କମ୍ୟୁନିକେଶନ ଆଣ୍ଡ ଏଣ୍ଟରପ୍ରାଇଜେସ ପକ୍ଷରୁ ୟୁସିଇ ଇ- ଭେଇକିଲର ବଜାର ପ୍ରବେଶ ସମ୍ପର୍କରେ ଘୋଷଣା କରାଯାଇଛି। ଏହା ୟୁସିଇ ଇ ଭି ଏମ୍ ପ୍ରାଇଭେଟ ଲିମିଟେଡର ଏକ ୟୁନିଟ କମ୍ପାନୀ ହୋଇଥିବା ବେଳେ ୨୦୧୪ରେ ସ୍ଥାପନ କରାଯାଇଛି। ଇ-ରିକ୍ସା, ଇ-ଅଟୋ, ଇ-ଲୋଡର, ଇ-ସ୍କୁଟର, ଇ-ବାଇକ ଉତ୍ପାଦନ, ଯୋଗାଣ ଏବଂ ହୋଲସେଲିଂ ଦିଗରେ କମ୍ପାନୀ କାର୍ଯ୍ୟ କରୁଛି। ଟେକ୍ନୋଲୋଜି କମ୍ପୋନେଣ୍ଟ ଦ୍ୱାରା ଇ-ଯାନର ବିଭିନ୍ନ ପ୍ରଡକ୍ଟ ଏହା ପ୍ରସ୍ତୁତ କରୁଛି। ଏଗୁଡ଼ିକ ଆଇସିଏଟି ଏବଂ ଏଆର୍‌ଏଆଇ ଦ୍ୱାରା ଅନୁମୋଦନ ଲାଭ କରିଛି। ରାଜ୍ୟରେ ଏହା ୨୪ ଡିଲର ଏବଂ ସବ୍‌ଡିଲର ସହ କାର୍ଯ୍ୟ କରୁଛି। ଭୁବନେଶ୍ୱର କଟକ, ପୁରୀ, କେଉଁଝର, ନୟାଗଡ଼ ଭଳି ସହରଗୁଡ଼ିକରେ ସ୍ମାର୍ଟ ବାଇକ, ସ୍କୁଟର , ମଲ୍ଟି ୟୁଟିଲିଟି ୩ ଚକିଆ ଯାନ ଏହି କମ୍ପାନୀ ବଜାରକୁ ଛାଡ଼ିଛି। ବ୍ୟାଟେରୀ ଚାଳିତ ଏହି ଯାନଗୁଡ଼ିକ ପରିବେଶ ଉପଯୋଗୀ ହୋଇଥିବାବେଳେ ଏହା ଦ୍ୱାରା ଗ୍ରାହକ ସଞ୍ଚୟ ଏବଂ ଶକ୍ତି ସଂରକ୍ଷଣ କରିପାରିବେ ବୋଲି କମ୍ପାନୀ ପକ୍ଷରୁ ସୂଚନା ରହିଛି। ଯୁବବର୍ଗଙ୍କୁ ସୁହାଇଲା ଭଳି ଡିଜାଇନ ଏବଂ ଷ୍ଟାଇଲ ଆଧାରରେ ନୂଆ ମଡେଲ ପ୍ରସ୍ତୁତ କରାଯାଇଥିବା ୟୁସିଇ ଅଧ୍ୟକ୍ଷ ରାଜନ ସୈନି କହିଛନ୍ତି।




## ଏୟାର ଇଣ୍ଡିଆ ଘରୋଇକରଣ ଲାଗି ସଜବାଜ

**ନୂଆଦିଲ୍ଲୀ,୨୭-୧**

ରାଷ୍ଟ୍ରାୟତ୍ତ ବିମାନ କମ୍ପାନୀ ଏୟାର ଇଣ୍ଡିଆ ଘରୋଇକରଣ ଲାଗି ସରକାର ପ୍ରଥମଥର ପ୍ରଚେଷ୍ଟାରେ ବିଫଳ ହେବା ପରେ ପୁଣି ଥରେ ଏନେଇ ମନ ବଳାଇଛନ୍ତି। ଏଥିଲାଗି ସମସ୍ତ ପ୍ରସ୍ତୁତି ଚୂଡ଼ାନ୍ତ ପର୍ଯ୍ୟାୟରେ ରହିଛି। ଦୁଇ ବର୍ଷ ମଧ୍ୟରେ ସରକାର ଦ୍ୱିତୀୟ ଥର ଏହି ବିମାନ କମ୍ପାନୀକୁ ଘରୋଇକରଣ କରିବା ଲାଗି ପ୍ରୟାସ କରିଛନ୍ତି। ଏୟାର ଇଣ୍ଡିଆ, ଏୟାର ଇଣ୍ଡିଆ ଏକ୍ସପ୍ରେସରେ ସରକାର ୧୦୦% ଅଂଶଧନ ବିକ୍ରି କରିବେ। ସେହିଭଳି ଗ୍ରାଉଣ୍ଡ ହ୍ୟାଣ୍ଡଲିଂ ଯୁଗ୍ମ କମ୍ପାନୀ ଏଆଇ-ସ୍ୟାଟ୍‌ସରେ ଥିବା ସରକାରଙ୍କ ୫୦% ଅଂଶଧନ ବିକ୍ରି କରାଯିବ। ଏଥି ଲାଗି ବିଡିଂ ପ୍ରକ୍ରିୟାରେ ସାମିଲ ହେବାକୁ ଇଚ୍ଛୁକ ଥିବା ପକ୍ଷ ୨୦୨୦ ମାର୍ଚ୍ଚ ସୁଦ୍ଧା ଏକ୍ସପ୍ରେସନ ଅଫ୍ ଇଣ୍ଟରେଷ୍ଟ(ଇଓଆଇ) ଜାରି କରିବେ। କେଉଁ ବିଡରମାନେ ସଫଳ ହେଲେ ତାର ଏକ ତାଲିକା ମାର୍ଚ୍ଚ ୩୧ ସୁଦ୍ଧା ଜାରି କରାଯିବ। ଏହି ତାରିଖରେ ପରିବର୍ତ୍ତନ କରାଯାଇପାରେ ବୋଲି ପ୍ରାରମ୍ଭିକ ସୂଚନା ପତ୍ରରେ ଉଲ୍ଲେଖ ରହିଛି। ପୂର୍ବଥର ଅଂଶଧନ ବିକ୍ରିକୁ ସରକାରଙ୍କୁ ସଫଳତା ମିଳି ନ ଥିଲା। ଏୟାର ଇଣ୍ଡିଆର ଏୟାର ଇଣ୍ଡିଆ ଇଞ୍ଜିନିୟରିଂ ସର୍ଭିସେସ, ଏୟାର ଇଣ୍ଡିଆ ଏୟାର ଟ୍ରାନ୍ସପୋର୍ଟ ସର୍ଭିସେସ, ଏୟାର ଲାଇନ ଏଲାଏଡ ସର୍ଭିସେସ ଏବଂ ଭାରତ ହୋଟେଲରେ ଅଂଶଧନ ରହିଛି। ଏହି ସବୁ କମ୍ପାନୀଗୁଡ଼ିକରେ ଥିବା ସରକାରଙ୍କ ଅଂଶଧନକୁ ଅନ୍ୟ ଏକ କମ୍ପାନୀ ଏୟାର ଇଣ୍ଡିଆ ଆସେଟ ହୋଲ୍ଡିଂ ଲିମିଟେଡକୁ ହସ୍ତାନ୍ତର କରି ଦିଆଯିବ।

## ସାଧାରଣତନ୍ତ୍ର ଦିବସ



**କାନାରା ବ୍ୟାଙ୍କ:** କାନାରା ବ୍ୟାଙ୍କ ସର୍କଲ କାର୍ଯ୍ୟାଳୟ ପକ୍ଷରୁ ୭୧ତମ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଯାଇଛି। ମହାପ୍ରବନ୍ଧକ ଶ୍ରୀକାନ୍ତ ମହାପାତ୍ର ଏହି ଅବସରରେ ପତାକା ଉତ୍ତୋଳନ କରିଥିଲେ। ରାଷ୍ଟ୍ରର ବିକାଶ ନିମନ୍ତେ ଯୋଗଦାନ ରଖିବା ଲାଗି ସେ କର୍ମଚାରୀଙ୍କୁ ଆହ୍ୱାନ ଜଣାଇଥିଲେ। ଉପମହାପ୍ରବନ୍ଧକ ଯୋଗିନ୍ଦର ସିଂ ଘଣଘସ ଙ୍କ ସମେତ ସର୍କଲ କାର୍ଯ୍ୟାଳୟ , ସ୍ଥାନୀୟ ଶାଖାଗୁଡ଼ିକର କର୍ମଚାରୀ ଏହି ଅବସରରେ ଉପସ୍ଥିତ ଥିଲେ।



**ପୂର୍ବତଟ ରେଳପଥ:** ପୂର୍ବତଟ ରେଳପଥ ପକ୍ଷରୁ ସ୍ଥାନୀୟ ରେଳପଥ ଷ୍ଟାଡ଼ିୟମଠାରେ ୭୧ତମ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଯାଇଛି। ଏଥିରେ ମହାପ୍ରବନ୍ଧକ ବିଦ୍ୟାଭୂଷଣ ପତାକା ଉତ୍ତୋଳନ କରିଥିଲେ। ରେଳପଥ କର୍ମଚାରୀମାନଙ୍କ ନିଷ୍ଠାପର ସେବା, ରେଳପଥର କାର୍ଯ୍ୟଦକ୍ଷତା ସହ ଯାତ୍ରୀ ସୁବିଧା, ନିରାପତ୍ତା, ରେଳ ଭିତ୍ତିଭୂମି ବିକାଶ, ଡିଜିଟାଲ ସେବା ଏବଂ ମାନବ ସମ୍ବଳ ଉପରେ ଗୁରୁତ୍ୱାରୋପ କରିଥିଲେ। ଏଥିରେ ଅତିରିକ୍ତ ମହାପ୍ରବନ୍ଧକ ସୁଧୀର କୁମାରଙ୍କ ସମେତ ବିଭାଗୀୟ ପ୍ରମୁଖ ଅଧିକାରୀ, ଅନ୍ୟାନ୍ୟ ବରିଷ୍ଠ ଅଧିକାରୀ ଏବଂ କର୍ମଚାରୀ ଉପସ୍ଥିତ ଥିଲେ। ଉପମହାପ୍ରବନ୍ଧକ ଅଶୋକ କୁମାର ମିଶ୍ର ଆୟୋଜିତ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।



**କିଟ୍ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ:** କିଟ୍ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଯାଇଛି। ଏହାର ଚେୟାରମ୍ୟାନ ତଥା କିଟ୍‌ର ପ୍ରତିଷ୍ଠାତା ସଭ୍ୟ ଚିତ୍ତରଞ୍ଜନ ମିଶ୍ରଙ୍କ ଉପସ୍ଥିତିରେ ପ୍ରଫେସର ସାମସନ ମହାରଣା ଅତିଥି ଭାବେ ଯୋଗଦେଇ ପତାକା ଉତ୍ତୋଳନ କରିଥିଲେ। ସାମ୍ବିଧାନିକ ନୀତି ନିୟମ ଅବଲମ୍ବନ କରି ଜୀବନ ପଥରେ ଆଗକୁ ପାଦ ବଢ଼ାଇବା ଦିଗରେ ମହାରଣା ଛାତ୍ରୀଛାତ୍ରଙ୍କୁ ଆହ୍ୱାନ କରିଥିଲେ। କାର୍ଯ୍ୟକ୍ରମରେ ଅଧ୍ୟକ୍ଷ ପଠାଣି ସୁନ୍ଦର ମାନସିଂହ, ଉପାଧ୍ୟକ୍ଷ ଡ.ରୁଦ୍ର ମୋହନ ନନ୍ଦ,ଅଧ୍ୟାପିକା,ଅଧ୍ୟାପକ ମଣ୍ଡଳୀ ଏବଂ ବିଦ୍ୟାଳୟର କର୍ମଚାରୀମାନେ ଉପସ୍ଥିତ ଥିଲେ।


# CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ALL EDITION - B/W (Everyday)
for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

FINANCE

LOAN
ଟଙ୍କା ନେଉନ୍ତୁ, ଧୋକା ଦେଉନ୍ତୁ
ମୁଦ୍ରା ଯୋଜନା ଦ୍ୱାରା ସବୁ ବ୍ୟାଙ୍କରୁ
ଗୃହ ଋଣ, ପର୍ସନାଲ, ଆଧାରକାର୍ଡ, ମାର୍କଶିଟ୍, ପଶୁପାଳନ, ବ୍ୟବସାୟ, ପ୍ରପର୍ଟି, ଏଗ୍ରିକଲ୍ଚର, ଦୁଇ ଚକିଆ, ଗ୍ରୁପ୍ ଋଣ ସବୁ ପ୍ରକାର ଋଣ
2% ସୁଧ -40% ଛାଡ଼ରେ
ସହଜ କିସ୍ତିରେ ଘରେ ବସି ପାଆନ୍ତୁ
ମହିଳା ତଥା କର୍ମଚାରୀଙ୍କ ପାଇଁ ବିଶେଷ ରିହାତି
ମୁଦ୍ରା ଫାଇନାନ୍ସ
89291-25571
89296-19951
M.P. Nagar, Zone-1, Bhopal, Madhya Pradesh.

ଖର୍ଚ୍ଚ ଋଣରୁ କଟିବ
MAHALAXMI FINANCE
1 ଲକ୍ଷରୁ 90 ଲକ୍ଷ ପର୍ଯ୍ୟନ୍ତ ଋଣ ପାଆନ୍ତୁ
ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ, ବ୍ୟବସାୟ ଋଣ, ଷ୍ଟାର୍ଟ-ଅପ୍, ଲଘୁ ଉଦ୍ୟୋଗ, ଦୋକାନୀଙ୍କ ପାଇଁ ମୁଦ୍ରା ଋଣ।
ସବୁ ଋଣ ସବୁ ଯୋଜନା ଦ୍ୱାରା ବ୍ୟାଙ୍କରୁ ପାଆନ୍ତୁ
ମାତ୍ର 12-24 ଘଣ୍ଟାରେ ଘରେ ବସି ପାଆନ୍ତୁ T&C
1% ସୁଧ | 40% ରିହାତି
ଠକାମିର ଶିକାର ମହିଳା/ପୁରୁଷ ଥରେ ନିଶ୍ଚୟ ଫୋନ୍ କରନ୍ତୁ
9518852216, 9548270863
ADDRESS: T-51, GAUTAMPURI, DELHI

Radhe Finance
ଆଣିଛନ୍ତି ସବୁ ପ୍ରକାର ଋଣ ଯେପରି:
• ପ୍ରପର୍ଟି ଋଣ
• ପର୍ସନାଲ ଋଣ
• କୃଷି ଋଣ
• ବ୍ୟବସାୟ ଋଣ
• ଗ୍ରୁପ୍ ଋଣ
2% ସୁଧ 40% ଛାଡ଼
ମହିଳାଙ୍କ ପାଇଁ ବିଶେଷ ରିହାତି।
9084917682
9557039782
Address: Ahmedabad

ନବବର୍ଷର ଶୁଭ ଅବସରରେ
ଋଣ ଧମାକା ଋଣ ଧମାକା ଋଣ ଧମାକା
ଗ୍ଲୋବାଲ ଫାଇନାନ୍ସ ଲି଼ ISO: 9001:2011 Regd. Company
ଆଧାରକାର୍ଡ, ଏଗ୍ରିକଲ୍ଚର, ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି, BPL ସମସ୍ତ ଋଣ 3-4 ଦିନରେ
2% ସୁଧ 40% ରିହାତି
ଠକାମିର ଶିକାର ହୋଇଥିବା ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ
7653848464
H.No. 12, Sohana Distt. Mohali

FINANCE
ବାଲାଜୀ ଫାଇନାନ୍ସ
ସରକାରୀ ଯୋଜନା ଦ୍ୱାରା ନିଜର ମାର୍କସିଟ, ଆଧାରକାର୍ଡ, କୃଷି, ସମ୍ପତି, ବ୍ୟକ୍ତିଗତ ଋଣ ମାତ୍ର ୨୪ ଘଣ୍ଟାରେ । ୨% ସୁଧ ୬୦%ଛାଡ । ଘରେ ବସି ପାଆନ୍ତୁ ।
ମହିଳା ଓ ବିଦ୍ୟାର୍ଥୀମାନଙ୍କ ପାଇଁ ସ୍ୱତନ୍ତ୍ର ସୁବିଧା
Mahaveer Nagar, Lewis Road, Bangalore
7325861595

See Color Display Classified on every Tuesday & Friday

CLASSIC FINANCE
(Regd No -1125124)
No File Charge No Guarantor
Classic ଋଣ ଲିମିଟେଡ୍ ଭରସାର ପ୍ରତିକ ସରକାରୀ ସ୍ୱୀକୃତିପ୍ରାପ୍ତ କମ୍ପାନୀଦ୍ୱାରା ମାର୍କସିଟ, ଆଧାରକାର୍ଡ, କୃଷି ଓ ସମ୍ପତି, ବ୍ୟକ୍ତିଗତ, ଋଣ ମାତ୍ର ୪୮ଘଣ୍ଟାରେ ଘରେବସି ପାଆନ୍ତୁ।
2% ସୁଧ
30% ଛାଡ
ଧୋକାଖାଇଥିବା ବ୍ୟକ୍ତି ଅବଶ୍ୟ ସମ୍ପର୍କ କରନ୍ତୁ
Lane No - 5, MG Road, Bangalore
9532571946
9455178069

ASTROLOGY

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଘୋଷଣା
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଲେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ ମାମଲା, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
7503449786
8800979262
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

ଶକ୍ତିର ଦେଖନ୍ତୁ ଚମତ୍କାର
ସମସ୍ୟା ହୋଇଥାଉ ଯେଉଁଠି ନା କାହିଁକି ସମାଧାନ ଅଛି ମୋ ପାଖରେ ଏଇଠି
2 ଘଣ୍ଟାରେ 100% ସମାଧାନ
ଯେପରିକି: ବ୍ୟବସାୟ ବନ୍ଧନ, ବିବାହରେ ବାଧା, ଗୃହକ୍ଲେଶ, ପ୍ରେମ ବିବାହ, ବିଦେଶ ଯାତ୍ରା, ସଉତୁଣୀ, ଶତ୍ରୁ ମୁକ୍ତି, ଯାଦୁ ଟୋନା ପୋତାଧନ, ଜୁଆ-ସଟ୍ଟା, ଗୁଣିଗାରେଡ଼ି, ସ୍ୱାମୀ ସ୍ତ୍ରୀଙ୍କ ମନୋମାଳିନ୍ୟ, ଶାରୀରିକ କଷ୍ଟ, ଚାକିରି, କୋର୍ଟ ମାମଲା, ମାନସିକ ଚାପ।
ଆମର ଅଛି ଜ୍ଞାନ ଆମେ ହିଁ କରିବୁ ସବୁ ସମସ୍ୟାର ସମାଧାନ କାରଣ ଆମକୁ ହିଁ ମିଳିଛି ପୂର୍ବପୁରୁଷଙ୍କ ବରଦାନ।
7578028866
ସ୍ପେ. ପୋତାଧନ, ସଟ୍ଟା, ଜୁଆ, ବଶୀକରଣ, ମୁଠକରଣୀ ଓ ବ୍ୟବସାୟ
ବାବା କବିର ଖାନ ହାଜି ଅଲି ୱାଲେ
ତାରିଣୀ ମନ୍ଦିର ପାଖ, ଆନନ୍ଦ ବଜାର, ଭୁବନେଶ୍ୱର
8527425449

ଅଲ୍ ଇଣ୍ଡିଆ ଖୋଲା ଚାଲେଞ୍ଜ
2 ଘଣ୍ଟାରେ 100% ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଘୋଷଣା
ବ୍ୟବସାୟ, ପ୍ରେମରେ ସମସ୍ୟା, ଶତ୍ରୁ ମୁକ୍ତି, ସ୍ୱାମୀ-ସ୍ତ୍ରୀ ଝଗଡ଼ା, ପ୍ରେମବିବାହ, ଗୃହକ୍ଲେଶ, ପ୍ରପର୍ଟି, କୋର୍ଟ-କେସ୍, ଯାଦୁ-ଟୋନା, ବିଦେଶ ଯାତ୍ରା, ବଶୀକରଣ, ଗୁଣି-ଗାରେଡ଼ି
AtoZ ସମସ୍ୟାର ସମାଧାନ ଘରେ ବସି।
ବାବା ଅଲାଉଦ୍ଦିନ ବଙ୍ଗାଲି
ସ୍ପେ. ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ ଯଦି କାଟିଦେବେ ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
କାମ ନ ହେଲେ ଟଙ୍କା ଫେରସ୍ତ
8376889657
9971793786

DHARITRI Career appointment Every Wednesday and Saturday

କଣ ଆପଣ ଚିନ୍ତିତ କି
ଅଲ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
ଫୋନ୍ ଲଗାନ୍ତୁ, ସମସ୍ୟା କୁହନ୍ତୁ
୨ଘଣ୍ଟାରେ ଗ୍ୟାରେଣ୍ଟି ସମାଧାନ
ସ୍ପେଶାଲିଷ୍ଟ - ବଶୀକରଣ ଓ ମୁଠ୍‌କରଣ
ତନ୍ତ୍ର ମନ୍ତ୍ର ର ସମ୍ରାଟ, କାମନହେଲେ ପଇସା ଫେରସ୍ତ, ଗୃହ କ୍ଲେଶ, ପତି ପତ୍ନୀ ମଧ୍ୟରେ ଝଗଡ଼ା,ବିବାହରେ ସମସ୍ୟା, ଲଭ୍ ମ୍ୟାରେଜ, ବ୍ୟବସାୟରେ ବାଧା,ରୋଗରେ ଔଷଧ କାମ ନକରିବା, ସନ୍ତାନ ପ୍ରାପ୍ତି, ବିଦେଶ ଯାତ୍ରା ମୋ କାମକୁ କାଟିଥିବା ଲୋକଙ୍କୁ ମନଚାହିଁ ପୁରସ୍କାର
ବି.ଦ୍ର : ଯଦି କାହାର ପତି ବା ପ୍ରେମୀ ଅନ୍ୟ ଦ୍ୱାରା ବଶୀଭୂତ ତେବେ ଆମକୁ ଯୋଗାଯୋଗ କରନ୍ତୁ
ବାବା ଆଲାମ ଖାନ
ମାଷ୍ଟର କ୍ୟାଣ୍ଟିନ, ଭୁବନେଶ୍ୱର
9773820765

ଗୁରୁ ସାହି ଖାନ୍
ସମସ୍ୟା ଦିଅନ୍ତୁ ସମାଧାନ ନିଅନ୍ତୁ
୭ ଘଣ୍ଟାରେ ୧୦୦ ପ୍ରତିଶତ ଗ୍ୟାରେଣ୍ଟି ସହିତ
ବ୍ୟବସାୟ, ପ୍ରେମ, ଶତ୍ରୁ ମୁକ୍ତି, ପତିପତ୍ନୀ ଝଗଡ଼ା, ଲଭ୍‌ମ୍ୟାରେଜ୍, ସମ୍ପତ୍ତି, କୋର୍ଟ କେସ୍, ଗୁପ୍ତରୋଗ, ପୁରୁଣା କଷ୍ଟ, ଔଷଧ ନ ଲାଗିବା, ବନ୍ଧ୍ୟାକରଣ, ଯାଦୁଟୋନା, କାର୍ଯ୍ୟକାରିଣୀ, ବିବାହରେ ବାଧା, ସ୍ପେଶାଲିଷ୍ଟ- ବଶୀକରଣ, ମୁଠକଣୀ
A To Z Problem Solution
କଳାଯାଦୁର ଅଧିକାରୀ
9818298397
9953959390

REAL ESTATE SALE

GHARABARI
PLOT, 40 Ft Revenue Road access to Plot for Sale at Balianta, 4.5 km from Hanspal @ 550/- Sq. Ft., 2 BHK Flat at Hanspal @ 34 lakhs.
Contact No.:
9178500350

BUSINESS

ଗ୍ଲୋବାଲ ନେଟ୍‌ୱର୍କ କମ୍ପାନୀ
ଖାଲି ଜମି, ଚାଷ ଜମି, ଛାତ ଭଳି ସବୁ ସ୍ଥାନରେ ଡିଜିଟାଲ୍ ନେଟ୍‌ୱର୍କ ସ୍ଥାପନ କରନ୍ତୁ ।
ଅଗ୍ରିମ - 70,00,000/-, ଭଡ଼ା- 70,000/- ।
ମାତ୍ର 72 ଘଣ୍ଟାରେ ଜମି ଯାଞ୍ଚ ଓ ଡିଜିଟାଲ ନେଟ୍‌ୱର୍କ ସ୍ଥାପନ।
ମୋବାଇଲ, ବାଇକ୍ ଓ ମାସିକ 30,000ର ଅନ୍ୟାନ୍ୟ ସୁବିଧା।
Add : T-61, Yamuna Puri Ext. Delhi
Contact 7082322494

SHINGHANIA TOWER
ଖାଲିଥିବା ଜମି ଓ ଛାତ ଉପରେ Shinghania Tower ଗ୍ରୁପର ଟାୱାର ବସାଇ ଅଗ୍ରୀମ 70,000,00/- ପାଆନ୍ତୁ ଓ ମାସକୁ ଭଡା 45,000/- ଟଙ୍କା ପାଆନ୍ତୁ ।
ଆଜି ହିଁ ସଂମ୍ପର୍କ କରନ୍ତୁ
R-25/8, Krishna Apartment, MG Road Bengaluru, Karnataka 560076
Email: shinghaniatowercompany4242@gmail.com
WhatsApp No
8887184570

HEALTH CARE

ଔଷଧ ସବୁ ପ୍ରକାରର ପୁରାତନ ଓ ନୂତନ ରୋଗ ହୋମିଓ ପାଥିକ୍ (ଔଷଧ) ଦ୍ୱାରା ଆରୋଗ୍ୟ କରାଯାଏ।
ଯୋଗାଯୋଗ କରନ୍ତୁ
ଲୋକସେବା କ୍ଲିନିକ୍
ଡାକ୍ତର ମୋହନ ଚରଣ ନାୟକ
ମୋବାଇଲ-9439043096
Regd No.-D/1307/70/ଓଡ଼ିଶା

TARIFF

| | Size | Amount |
|---|---|---|
| For Single Day | 6×4 cm | 1500.00 |
| For Single Day | 12×4 cm | 2000.00 |
| For 7 Days | 6×4 cm | 6000.00 |
| For 7 Days | 12×4 cm | 12,000.00 |
| For 15 Days | 6×4 cm | 12,000.00 |
| For 15 Days | 12×4 cm | 25,000.00 |
| For 30 Days | 6×4 cm | 20,000.00 |
| For 30 Days | 12×4 cm | 40,000.00 |

*GST 5% Extra


**ପାଠକଙ୍କ ପାଇଁ ସୂଚନା:**

ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ସଂକ୍ଷେପରେ

### ଆହତ ସାଣ୍ଟାନା ଆଇଏସ୍ଏଲ୍‌ରୁ ବାଦ୍



**ଭୁବନେଶ୍ୱର, ୨୭।୧(କ୍ରୀଡ଼ା ପ୍ରତିନିଧି):** ଇଣ୍ଡିଆନ ସୁପର ଲିଗ୍(ଆଇଏସଏଲ)ରେ ପଦାର୍ପଣ କରିଥିବା ଓଡ଼ିଶା ଏଫସିକୁ ଶକ୍ତ ଧକ୍କା ଲାଗିଛି। ଚଳିତ ସିଜନରେ ଚମତ୍କାର ପ୍ରଦର୍ଶନ କରି ଏପର୍ଯ୍ୟନ୍ତ ଦଳକୁ ଫାଇଦାରେ ରଖି ଆସିଥିବା ତାରକା ଫରୱାର୍ଡ ଆଡ୍ରିଆନେ ସାଣ୍ଟାନା ବାମ ପାଦରେ ଆଘାତ ପାଇ ଲିଗ୍‌ର ଅବଶିଷ୍ଟ ମ୍ୟାଚ ଗୁଡ଼ିକରୁ ବାଦ୍ ପଡ଼ିଛନ୍ତି। ସେ ୧୪ ମ୍ୟାଚରୁ ଦଳ ପକ୍ଷରୁ ସର୍ବାଧିକ ୯ଟି ଗୋଲ ଦେଇଛନ୍ତି। ଏଥିସହ ସେ ଟପ୍ ସ୍କୋରର ତାଲିକାର ଦ୍ୱିତୀୟ ସ୍ଥାନରେ ରହିଛନ୍ତି। କ୍ଲବ ପାଇଁ ସାଣ୍ଟାନା ସର୍ବଦା ଲଢୁଆ ମନୋଭାବ ପୋଷଣ କରି ଆସିଛନ୍ତି। ତାଙ୍କ ଗୋଲ ସ୍କୋରିଂ ଦକ୍ଷତା ଯୋଗୁ ଆମେ ଏବେ ଟପ୍-୪ରେ ରହିବାରେ ସକ୍ଷମ ହୋଇଛୁ ବୋଲି ଓଡ଼ିଶା ଏଫସି ମାଲିକା ରୋହନ ଶର୍ମା ପ୍ରକାଶ କରିଛନ୍ତି। ଅନ୍ୟପକ୍ଷରେ ତାଙ୍କ ଅନୁପସ୍ଥିତି ଅନୁଭବ ହେବ ବୋଲି ମୁଖ୍ୟ କୋଚ୍ ଜୋସେପ୍ ଗୋମ୍ବାଉ କହିଛନ୍ତି।

### ଆଇପିଏଲ୍: ମ୍ୟାଚ୍ ଟାଇମିଂ ଅପରିବର୍ତ୍ତିତ

**ନୂଆଦିଲ୍ଲୀ, ୨୭।୧ (ପି.ଟି.):** ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍)ର ରାତିରେ ଖେଳାଯିବାକୁ ଥିବା ମ୍ୟାଚ୍‌ର ଆରମ୍ଭ ଟାଇମିଂରେ କୌଣସି ପରିବର୍ତ୍ତନ କରାଯାଇନାହିଁ। ପୂର୍ବଭଳି ରାତି ମ୍ୟାଚ୍ ୮ଟାରେ ଆରମ୍ଭ ହେବ। ସୋମବାର ଅନୁଷ୍ଠିତ ହୋଇଥିବା ଆଇପିଏଲ୍ ଗଭର୍ନିଂ କାଉନସିଲ୍‌ର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକରେ ବିସିସିଆଇ ସଭାପତି ସୌରଭ ଗାଙ୍ଗୁଲି ଏହି ନିଷ୍ପତ୍ତି ନେଇଛନ୍ତି। ଆଇପିଏଲ୍‌ର ଆଗାମୀ ସଂସ୍କରଣରେ ୫ ଦିନ ୨ଟି ଲେଖାଏ ମ୍ୟାଚ୍ ଖେଳାଯିବା କାର୍ଯ୍ୟସୂଚୀ ରହିଛି। ସେହିଭଳି ଆଇପିଏଲ୍ ପୂର୍ବରୁ ଏକ ଚ୍ୟାରିଟେବୁଲ ମ୍ୟାଚ୍ ଆୟୋଜନ ପାଇଁ ବିସିସିଆଇ ନିଷ୍ପତ୍ତି ନେଇଛି। ଏହି ଅଲ୍ ଷ୍ଟାର୍ସ ଗେମ୍ସ ବିଶ୍ୱର ଶ୍ରେଷ୍ଠ ଅନ୍ତର୍ଜାତୀୟ ଖେଳାଳିଙ୍କୁ ନେଇ ଅନୁଷ୍ଠିତ ହେବ। ଚଳିତ ବର୍ଷ ଆଇପିଏଲ୍‌ର ଫାଇନାଲ ମୁମ୍ବାଇରେ କରିବା ପାଇଁ ବିସିସିଆଇ ସଭାପତି ଗାଙ୍ଗୁଲି ଶେଷରେ ନିଷ୍ପତ୍ତି ନେଇଛନ୍ତି।



ଭାରତୀୟ ବୋଲର ଯଶପ୍ରୀତ୍ ବୁମ୍‌ରାଙ୍କ ବୋଲିଂକୁ ସାମ୍ନା କରିବା କୌଶଳ ଆମକୁ ହାସଲ କରିବାକୁ ପଡ଼ିବ।

–ଟିମ୍ ସିଫର୍ଟ, ନ୍ୟୁଜିଲାଣ୍ଡ ଉଇକେଟକିପର



ରିଷଭ ପନ୍ତ ହେଉଛନ୍ତି ଜଣେ ମ୍ୟାଚ ବିଜୟୀ ଉଇକେଟକିପର ବ୍ୟାଟ୍ସମ୍ୟାନ, ସେ ଶୀଘ୍ର ଭାରତୀୟ ଦଳକୁ ପ୍ରତ୍ୟାବର୍ତ୍ତନ କରିବେ।

–ରିକି ପଣ୍ଟିଂ, ପୂର୍ବତନ ଅଷ୍ଟ୍ରେଲିଆ ଅଧିନାୟକ

# ଇଡେନ ପାର୍କରେ ଭାରତର ସହଜ ବିଜୟ

## ଦ୍ୱିତୀୟ ଟି୨୦

**ଅକ୍‌ଲାଣ୍ଡ, ୨୭।୧**

ବୋଲରଙ୍କ ପ୍ରଭାବୀ ପ୍ରଦର୍ଶନ ପରେ ଲୋକେଶ ରାହୁଲଙ୍କ ଅପରାଜିତ ଅର୍ଦ୍ଧଶତକ ବଳରେ ଭାରତ ଚଳିତ ସିରିଜର ଦ୍ୱିତୀୟ ଟ୨୦ ମ୍ୟାଚରେ ନ୍ୟୁଜିଲାଣ୍ଡ ବିପକ୍ଷରେ ସହଜ ବିଜୟ ହାସଲ କରିଛି। ରବିବାର ଅନୁଷ୍ଠିତ ମ୍ୟାଚରେ ଘରୋଇ ଦଳକୁ ୭ ଉଇକେଟରେ ହରାଇ ୫ ମ୍ୟାଚ ବିଶିଷ୍ଟ ସିରିଜରେ ୨–୦ରେ ଅଗ୍ରଣୀଲାଭ କରିଛି ଟିମ୍ ଇଣ୍ଡିଆ। ନ୍ୟୁଜିଲାଣ୍ଡ ପକ୍ଷରୁ ଧାର୍ଯ୍ୟ ୧୩୩ ରନର ବିଜୟ ଲକ୍ଷ୍ୟକୁ ଭାରତ ୧୭.୩ ଓଭରରେ ମାତ୍ର ୩ ଉଇକେଟ ହରାଇ ହାସଲ କରିନେଇଥିଲା। ୫୦ ବଲ୍‌ରୁ ୩ ଚୌକା ଓ ୨ ଛକା ସହ ୫୭ ରନରେ ଅପରାଜିତ ଥିବା ଲୋକେଶ ରାହୁଲ ମ୍ୟାନ ଅଫ ଦି ମ୍ୟାଚ ବିବେଚିତ ହୋଇଥିଲେ। ରନ ଚେଜ୍ ସମୟରେ ଓପନର ରୋହିତ ଶର୍ମା(୮) ଓ ଅଧିନାୟକ ବିରାଟ କୋହଲି(୧୧) ଶୀଘ୍ର ଆଉଟ ହୋଇ ଯାଇଥିଲେ ହେଁ ତୃତୀୟ ଉଇକେଟ ଯୋଡ଼ିରେ ରାହୁଲ ଓ ଶ୍ରେୟାସ ଆୟାରଙ୍କ ୮୬ ରନର ଭାଗୀଦାରି ଦଳର ବିଜୟକୁ ସହଜ କରି ଦେଇଥିଲା। ଆୟାର ୩୩ ବଲ୍‌ରୁ ୪୪(୧ ଚୌକା, ୩ ଛକା) ରନର ମୂଲ୍ୟବାନ ଇନିଂସ ଖେଳିଥିଲେ।

ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ନ୍ୟୁଜିଲାଣ୍ଡ ଓପନିଂ ଯୋଡ଼ିରେ ୩୬ ବଲ୍‌ରୁ ୪୮ ରନ ସଂଗ୍ରହ କରି ଭଲ ଆରମ୍ଭ କରିଥିଲେ ହେଁ ଭାରତୀୟ ବୋଲରମାନେ ଚମତ୍କାର ବୋଲିଂ କରି ମ୍ୟାଚକୁ ନିଜ ନିୟନ୍ତ୍ରଣକୁ ନେଇ ଆସିଥିଲେ। ୨ ଓଭରରେ ୨୧ ରନ ବ୍ୟୟ କରି ମହଙ୍ଗା ସାବ୍ୟସ୍ତ ହୋଇଥିଲେ ହେଁ ଓପନିଂ ଯୋଡ଼ି ଭାଙ୍ଗି ଭାରତକୁ ପ୍ରଥମ ବ୍ରେକ୍ ଥ୍ରୁ ଦେଇଥିଲେ ଶାର୍ଦ୍ଦୂଳ ଠାକୁର। ମାତ୍ର ୨୦ ବଲ୍‌ରୁ ୩୩(୪ ଚୌକା, ୨ ଛକା) ରନ କରି ବିପଜ୍ଜନକ ହୋଇ ଆସୁଥିବା ମାର୍ଟିନ ଗୁପ୍ଟିଲଙ୍କୁ ଆଉଟ କରି ଭାରତ ପାଇଁ ବଡ଼ ସଫଳତା ଆଣିଥିଲେ ଶାର୍ଦ୍ଦୂଳ। ସେଟ୍ ହୋଇ ସାରିଥିବା ଅନ୍ୟତମ ଓପନର କଲିନ୍ ମୁନ୍‌ରୋ(୨୬ ରନ, ୨୫ ବଲ, ୨ ଚୌକା, ୧ ଛକା)ଙ୍କୁ ଶିବମ୍ ଦୁବେ ପ୍ୟାଭିଲିୟନ ଫେରାଇବାପରେ ନ୍ୟୁଜିଲାଣ୍ଡ ରନ ହାରରେ ଅଙ୍କୁଶ ଲାଗିଥିଲା। ମହମ୍ମଦ ସାମି, ଯଶପ୍ରୀତ ବୁମ୍‌ରା ଓ ରବୀନ୍ଦ୍ର ଜାଡେଜା ଘରୋଇ ବ୍ୟାଟ୍ସମ୍ୟାନଙ୍କୁ ହାତଖୋଲା ଶଟ୍ ଖେଳିବାକୁ ଦେଇ ନ ଥିଲେ। ଅଧିନାୟକ କେନ୍ ୱିଲିୟମସନ, କଲିନ ଡି ଗ୍ରାଣ୍ଡହୋମ୍ ଓ ରସ୍ ଟେଲର ଫେଲ୍ ମାରିଥିବାବେଳେ ଉଇକେଟ କିପର ଟିମ୍ ସିଫର୍ଟଙ୍କ ଦ୍ରୁତ ୩୩(୨୬ ବଲ, ୧ ଚୌକା, ୨ ଛକା) ରନ ସଂଗ୍ରହ ଯୋଗୁ ନ୍ୟୁଜିଲାଣ୍ଡ ୨୦ ଓଭରରେ ୫ ଉଇକେଟ ହରାଇ ୧୩୨ ରନ କରିବାକୁ ସକ୍ଷମ ହୋଇଥିଲା। ଭାରତୀୟ ବୋଲରଙ୍କ ମଧ୍ୟରେ ଜାଡେଜା ସର୍ବାଧିକ ୨ଟି ଉଇକେଟ ନେଇଥିଲେ।



ମ୍ୟାନ୍ ଅଫ୍ ଦି ମ୍ୟାଚ୍ ଲୋକେଶ ରାହୁଲ ଏକ ଅପରକଟ୍ ଶଟ୍ ଖେଳୁଛନ୍ତି।

### ସ୍କୋର ବୋର୍ଡ

**ନ୍ୟୁଜିଲାଣ୍ଡ ଇନିଂସ**
ଗୁପ୍ଟିଲ–କ–କୋହଲି–ବୋ–ଠାକୁର–୩୩
ମୁନ୍‌ରୋ–କ–କୋହଲି–ବୋ–ଦୁବେ–୨୬
ୱିଲିୟମସନ–କ–ଚହଲ–ବୋ–ଜାଡେଜା–୧୪
ଗ୍ରାଣ୍ଡହୋମ–କ ଆଣ୍ଡ ବୋ–ଜାଡେଜା–୩
ଟେଲର–କ–ରୋହିତ–ବୋ–ବୁମ୍‌ରା–୧୮
ସିଫର୍ଟ–ନଟଆଉଟ–୩୩
ସାଣ୍ଟନର–ନଟଆଉଟ–୦
ଅତିରିକ୍ତ–୫
ମୋଟ(୫ ଉଇକେଟ, ୨୦ ଓଭର) ୧୩୨।
ଉଇକେଟ ପତନ: ୧/୪୮, ୨/୬୮, ୩/୭୪, ୪/୮୧, ୫/୧୨୫।
**ବୋଲିଂ(ଭାରତ)**
ଶାର୍ଦ୍ଦୂଳ ଠାକୁର ୨–୦–୨୧–୧
ମହମ୍ମଦ ସାମି ୪–୦–୨୨–୦
ଯଶପ୍ରୀତ ବୁମ୍‌ରା ୪–୦–୨୧–୧
ଯୁଜବେନ୍ଦ୍ର ଚହଲ ୪–୦–୩୩–୦
ଶିବମ୍ ଦୁବେ ୨–୦–୧୬–୧
ରବୀନ୍ଦ୍ର ଜାଡେଜା ୪–୦–୧୮–୨।
**ଭାରତ ଇନିଂସ**
ରୋହିତ–କ–ଟେଲର–ବୋ–ସୌଦୀ–୮
ରାହୁଲ–ନଟଆଉଟ–୫୭
କୋହଲି–କ–ସିଫର୍ଟ–ବୋ–ସୌଦୀ–୧୧
ଆୟାର–କ–ସୌଦୀ–ବୋ–ସୋଧି–୪୪
ଦୁବେ–ନଟଆଉଟ–୮
ଅତିରିକ୍ତ–୭
ମୋଟ(୩ ଉଇକେଟ, ୧୭.୩ ଓଭର) ୧୩୫
ଉଇକେଟ ପତନ: ୧/୮, ୨/୩୯, ୩/୧୨୫।
**ବୋଲିଂ(ନ୍ୟୁଜିଲାଣ୍ଡ)**
ଟିମ୍ ସୌଦୀ ୩.୩–୦–୨୦–୨
ହାମିଶ ବେନେଟ ୩–୦–୨୯–୦
ବ୍ଲେୟାର ଟିକ୍‌ନର ୩–୦–୩୪–୦
ସାଣ୍ଟନର ୪–୦–୧୯–୦
ସୋଧି ୪–୦–୩୩–୧

# କ୍ୱାର୍ଟରରେ ନାଡାଲ, ୱାରିଙ୍କା, ହାଲେପ୍

**ମେଲବୋର୍ନ, ୨୭।୧ (ଏଏଫ୍‌ପି):** ଚଳିତ ବର୍ଷର ପ୍ରଥମ ଗ୍ରାଣ୍ଡସ୍ଲାମ ଟେନିସ ପ୍ରତିଯୋଗିତା ଅଷ୍ଟ୍ରେଲିଆନ୍ ଓପନ୍‌ର ୭ମ ଦିବସ ଖେଳରେ ବିଶ୍ୱର ଏକ ନମ୍ବର ଖେଳାଳି ରାଫାଲ, ନାଡାଲ, ଷ୍ଟାନ ୱାରିଙ୍କା, ଡୋମିନକ୍ ଥିମ, ଆଲେକଜାଣ୍ଡର ଜେଭରେଭ ନିଜ ନିଜର ୩ୟ ରାଉଣ୍ଡ ମ୍ୟାଚ୍ ଜିତି ପୁରୁଷ ସିଙ୍ଗଲ୍ସ କ୍ୱାର୍ଟରରେ ପ୍ରବେଶ କରିଛନ୍ତି। ସେହିଭଳି ମହିଳା ସିଙ୍ଗଲ୍ସରେ ରୋମାନିଆର ସିମୋନା ହାଲେପ୍, ସ୍ପେନର ଗାର୍ବିନ ମୁଗୁରୁଜା, ଏନେଟ୍ଟ କୋଣ୍ଟାଭେଇଟ୍ ଓ ରୁଷିଆର ଆନାସ୍ତାସିଆ ପାଭଲ୍ୟୁଚେନକୋଭା ଅନ୍ତିମ–୮'ରେ ସ୍ଥାନ ସୁରକ୍ଷିତ କରିନେଇଛନ୍ତି।





ଇସ୍ତୋନିଆ ଏନେଟ୍ଟ

### ନାଡାଲ-କିର୍ଗିଅସ୍ ୩ ଘଣ୍ଟା ୩୮ ମିନିଟ୍ ଲଢ଼ିଲେ

ବିଶ୍ୱର ଏକ ନମ୍ବର ପୁରୁଷ ସିଙ୍ଗଲ୍ସ ଖେଳାଳି ସ୍ପେନର ନାଡାଲ ଚତୁର୍ଥ ରାଉଣ୍ଡରେ ଏକ କଡ଼ା ମୁକାବିଲାର ସମ୍ମୁଖୀନ ହୋଇଥିଲେ। ଏହି ମ୍ୟାଚ୍‌ରେ ନାଡାଲ ୬–୩, ୩–୬, ୭–୬ (୮/୬), ୭–୬(୭/୪) ସେଟ୍‌ରେ ଅଷ୍ଟ୍ରେଲିଆର ନିକ୍ କିର୍ଗିଅସ୍‌ଙ୍କୁ ପରାସ୍ତ କରିଥିଲେ। କ୍ୱାର୍ଟର ଫାଇନାଲରେ ପ୍ରବେଶ କରିବା ପାଇଁ ନାଡାଲ ୩ ଘଣ୍ଟା ୩୮ ମିନିଟ୍ ପର୍ଯ୍ୟନ୍ତ ଲଢ଼େଇ କରି ଶେଷରେ ବିଜୟ ଲାଭ କରିଥିଲେ। ଏହି ବିଜୟ ସହ ୩୩ ବର୍ଷୀୟ ନାଡାଲ କିମ୍ବଦନ୍ତୀ ଖେଳାଳି ରୋଜର ଫେଡରର (୨୦ଥର)ଙ୍କ ରେକର୍ଡ ଗ୍ରାଣ୍ଡସ୍ଲାମ ବିଜୟ ଆଶା ଉଜ୍ଜୀବିତ ରଖିଛନ୍ତି। ୧୯ଥରର ଗ୍ରାଣ୍ଡସ୍ଲାମ ବିଜେତା ଏହି ସ୍ପେନିଶ ଖେଳାଳି କ୍ୱାର୍ଟର ଫାଇନାଲରେ ଅନ୍ୟତମ ଘରୋଇ ପ୍ରତିଯୋଗୀ ଡୋମିନିକ୍ ଥିଏମ୍‌ଙ୍କୁ ଭେଟିବେ। ଥିଏମ୍ ୪ର୍ଥ ରାଉଣ୍ଡର ଏକ ମ୍ୟାଚ୍‌ରେ ଫ୍ରାନ୍ସର ଗେଲ୍ ମନଫିଲ୍ସଙ୍କୁ ୬–୨, ୬–୪, ୬–୪ ସିଧାସଳଖ ସେଟ୍‌ରେ ପରାସ୍ତ କରିଥିଲେ। ସେହିଭଳି ସୁଇଜରଲାଣ୍ଡ ଷ୍ଟାର୍ ଷ୍ଟାନ୍ ୱାରିଙ୍କା ୬–୨, ୨–୬, ୪–୬, ୭–୬ (୭/୨), ୬–୨ ସେଟ୍‌ରେ ଡାନିଲ୍ ମେଡ୍‌ଭେଡେଭଙ୍କୁ ହରାଇ କ୍ୱାର୍ଟର ଫାଇନାଲରେ ପହଞ୍ଚିଛନ୍ତି। ଅନ୍ୟ ଏକ ପ୍ରି–କ୍ୱାର୍ଟର ମ୍ୟାଚ୍‌ରେ ଆଲେକ୍‌ଜାଣ୍ଡର ଜେଭରେଭ ୬–୪, ୬–୪, ୬–୪ ସିଧାସଳଖ ସେଟ୍‌ରେ ଆନ୍ଦ୍ରେ ରବ୍‌ଲେଭଙ୍କୁ ହରାଇଛନ୍ତି।

idco
Your power to grow
ISO 9001 & 14001 CORPORATION
OFFICE OF THE CHIEF GENERAL MANAGER (P&C)
IDCO, IDCO TOWER, BHUBANESWAR
No. HO/S&IP/476/2019/1684 Date: 22.01.2020
ADVERTISEMENT
No.CAD-878:- Applications are invited from the eligible candidates for engagement as Executive-Operation and Maintenance (O & M) for Cold Storage and other allied facilities in the Seafood Park, Deras, being developed by IDCO on contractual basis.
The details about Educational Qualification, Experience, Remuneration and Job Responsibilities etc. are available in the website of IDCO at www.idco.in.
The completed application shall reach the undersigned on or before 15th Feburary, 2020 by 4.30 PM.
The shortlisted candidates shall be intimated individually for attending the interview.
IDCO reserves the right to accept/ reject any or all applications without any reason thereof.
14003/11/0052/1920 Sd./- Chief General Manager (P&C)

OFFICE OF THE REGULATED MARKET COMMITTEE, BALUGAON
At: Shanti Nagar, Post: Balugaon, Dist: Khordha, Pin: 752030, e-mail: rmcbalu@nic.in
Tender Call Notice No. 17 / Date 21.01.2020
No.H-14:- The sealed tenders are invited by the Sub-Collector, Khordha-cum-Chairman, RMC, Balugaon from the reputed registered firm/Company/Dealer with valid License & GST No. for supply of the **Electronic Weighing Scale-55 Nos., Digital Moisture Meter-25 Nos. and Set of Sieves- 20 Nos.** for the Regulated Market Committee, Balugaon through speed post/ Regd. Post./ Courier. All guidelines, terms and conditions along with tender Schedule can be available in the District website **http//www.khordha.nic.in** for the following items as per approved specification of OSAM Board Bhubaneswar. The closing date of the tender is 31.01.2020 at 5 PM and opened on 01.02.2020 at 11 AM. The authority reserves all rights to reject all tender papers without assigning any reason thereof.
Sd./-
Sub-Collector, Khordha
-cum-Chairman, RMC, Balugaon
07025/11/0001/1920

# ଦୁର୍ଘଟଣାରେ ବାସ୍କେଟବଲ କିମ୍ବଦନ୍ତୀ ବ୍ରାଏଣ୍ଟଙ୍କ ମୃତ୍ୟୁ



ଝିଅ ଜିଆନାଙ୍କ ସହ କୋବେ ବ୍ରାଏଣ୍ଟ।

**କାଲିଫର୍ନିଆ,୨୭।୧:** ଲସ୍ ଏଞ୍ଜେଲ୍ସଠାରେ ରବିବାର ଏକ ମର୍ମନ୍ତୁଦ ହେଲିକପ୍ଟର ଦୁର୍ଘଟଣାରେ ଏନ୍‌ବିଏର ଅନ୍ୟତମ ସର୍ବକାଳୀନ ଶ୍ରେଷ୍ଠ ଖେଳାଳି କୋବେ ବ୍ରାଏଣ୍ଟଙ୍କର ପ୍ରାଣହାନି ଘଟିଛି। ୪୧ ବର୍ଷୀୟ ବ୍ରାଏଣ୍ଟଙ୍କ ବ୍ୟତୀତ ତାଙ୍କ ୧୩ ବର୍ଷୀୟା ଝିଅ ଓ ଅନ୍ୟ ୭ ଜଣଙ୍କର ମୃତ୍ୟୁ ଘଟିଛି। ଜଣେ ବାସ୍କେଟବଲ ଖେଳାଳି ହିସାବରେ ବ୍ରାଏଣ୍ଟ ମାତ୍ର ୧୮ ବର୍ଷ ବୟସରେ ଲୋକପ୍ରିୟତା ହାସଲ କରିଥିଲେ। ଦୀର୍ଘ ୨୦ ବର୍ଷ ଧରି ଲସ୍ ଏଞ୍ଜେଲ୍ସ ଲେକର୍ସ ପାଇଁ ଖେଳିଥିଲେ। ତାଙ୍କ ପ୍ରତିନିଧିତ୍ୱରେ ଦଳ ୫ ଥର ଚାମ୍ପିୟନ ହୋଇଥିଲା। ବ୍ରାଏଣ୍ଟଙ୍କ ମୃତ୍ୟୁ ଖବର କ୍ରୀଡ଼ାଜଗତରେ ଶୋକର ଛାୟା ଖେଳାଇଦେଇଛି। ଫେଡେରାଲ ଆଭିଏସନ ଆଡମିନିଷ୍ଟ୍ରେଶନ ଓ ରାଷ୍ଟ୍ରୀୟ ପରିବହନ ସୁରକ୍ଷା ବୋର୍ଡ ଘଟଣାର ତଦନ୍ତ ଜାରି ରଖିଛି। କାରଣ ଜାଣିବା ପାଇଁ ଏକ ମାସ ଲାଗିପାରେ ବୋଲି ଅନୁମାନ କରାଯାଉଛି। ଖେଳିଲାବେଳଠାରୁ ଲସ୍ ଏଞ୍ଜେଲ୍ସର ଟ୍ରାଫିକରେ ନ ଫସିବା ପାଇଁ ସେ ହେଲିକପ୍ଟର ବ୍ୟବହାର କରିଆସୁଥିଲେ। କୁହୁଡ଼ିଆ ପାଗରେ ତାଙ୍କର ସିକୋର୍ସ୍କି ଏସ୍–୭୬ ହେଲିକପ୍ଟର ପୂର୍ବାହ୍ନ ପ୍ରାୟ ୧୦ଟା ବେଳେ କାଲିଫର୍ନିଆର କାଲାବାସାସର ପାହାଡିଆ ଅଞ୍ଚଳରେ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଏଥିରେ ପାଇଲଟଙ୍କ ସମେତ ୯ ଜଣଙ୍କ ମୃତ୍ୟୁ ହୋଇଥିବା କୁହାଯାଉଛି। ବ୍ରାଏଣ୍ଟଙ୍କ ୪ ସନ୍ତାନ ମଧ୍ୟରୁ ଅନ୍ୟତମ ଝିଅ ଜିଆନା ଥିଲେ। ଜିଆନାଙ୍କ ଏକ ମ୍ୟାଚ ଦେଖିବା ଲାଗି ସେ ହେଲିକପ୍ଟରରେ ଯାଉଥିଲେ। ଜିଆନାଙ୍କ ଜଣେ ସାଥୀ ଖେଳାଳି ଏବଂ ତାଙ୍କ ପିତାମାତା ଦୁର୍ଘଟଣାଗ୍ରସ୍ତ ହେଲିକପ୍ଟରରେ ଥିଲେ ବୋଲି ସ୍ପଷ୍ଟ କରିଛନ୍ତି ଏନ୍‌ବିଏ କମିଶନର ଆଡାମ ସିଲଭର। ସେ ବ୍ରାଏଣ୍ଟଙ୍କ ସ୍ତ୍ରୀ ଭାନେସାଙ୍କ ପ୍ରତି ସମବେଦନା ଜଣାଇଛନ୍ତି। ଅରେଞ୍ଜ କୋଷ୍ଟ କଲେଜ ବାସ୍କେଟବଲ କୋଚ୍ ଜନ ଆଲ୍ଟୋବେଲି ଓ ସହାୟକ କୋଚ୍ ରନ ଲା ରୁଫା ମଧ୍ୟ ମୃତକଙ୍କ ମଧ୍ୟରେ ରହିଛନ୍ତି। ତାଙ୍କ ଜର୍ସି ନମ୍ବର ୨୪କୁ ଟରଣ୍ଟୋ ରାପ୍ଟର୍ସ ଓ ସାନ ଆଣ୍ଟୋନିଓ ପକ୍ଷରୁ ଶ୍ରଦ୍ଧାଞ୍ଜଳି ଦିଆଯାଇଛି। ଲେକର୍ସ ପାଇଁ ସେ ୨୦ ବର୍ଷ ଧରି ଖେଳିଥିଲେ। ସେ ୫ ଥର ଚାମ୍ପିୟନଶିପ୍ ଜିତିଥିଲେ। ଆମେରିକା ବାସ୍କେଟବଲ ଦଳର ସଦସ୍ୟ ଭାବେ ୨୦୦୮ ଓ ୨୦୧୨ ଅଲିମ୍ପିକ୍ସ ସ୍ୱର୍ଣ୍ଣ ପଦକ ଜିତିଥିଲେ। 'ବ୍ଲାକ ମାମ୍ବା' ଭାବେ ପରିଚିତ ବ୍ରାଏଣ୍ଟ ଚଳିତବର୍ଷ ହଲ୍ ଅଫ୍ ଫେମ୍‌ରେ ସାମିଲ ହେବା ପାଇଁ ଯୋଗ୍ୟତା ହାସଲ କରିଥିଲେ। ଏନ୍‌ବିଏ ଲିଗ୍ ଇତିହାସରେ ସେ ତୃତୀୟ ସର୍ବାଧିକ ୩୩,୬୪୩ ପଏଣ୍ଟ ହାସଲକାରୀ ବାସ୍କେଟବଲ ଖେଳାଳି। ଲିବର୍ନ ଜେମ୍ସ ତାଙ୍କ ରେକର୍ଡକୁ ଶନିବାର ଅତିକ୍ରମ କରି ଦ୍ୱିତୀୟ ସ୍ଥାନ ହାସଲ କରିଛନ୍ତି।

# କ୍ରୀଡ଼ା ଜଗତରେ ଶୋକର ଛାୟା

**କାଲିଫର୍ନିଆ,୨୭।୧:** କିମ୍ବଦନ୍ତୀ ବାସ୍କେଟବଲ ଖେଳାଳି କୋବେ ବ୍ରାଏଣ୍ଟ ହେଲିକପ୍ଟର ଦୁର୍ଘଟଣାରେ ପ୍ରାଣ ହରାଇଛନ୍ତି। ଏଥି ଯୋଗୁ କ୍ରୀଡ଼ା ଜଗତରେ ଖେଳିଯାଇଛି ଶୋକର ଛାୟା। ଫୁଟବଲ ଷ୍ଟାର କ୍ରିଷ୍ଟିଆନୋ ରୋନାଲ୍ଡୋଙ୍କଠାରୁ ଆରମ୍ଭ କରି ଟେନିସ ଖେଳାଳି ନୋଭାକ ଜୋକୋଭିଚ୍, ଭାରତୀୟ କ୍ରିକେଟ ଦଳର ଅଧିନାୟକ ବିରାଟ କୋହଲି ସୋସିଆଲ ମିଡିଆରେ ଶୋକ ପ୍ରକାଶ କରିଛନ୍ତି। କୋହଲି ଇନ୍‌ଷ୍ଟାଗ୍ରାମରେ ଏକ ପୋଷ୍ଟରେ ଲେଖିଛନ୍ତି, ବ୍ରାଏଣ୍ଟଙ୍କ ମୃତ୍ୟୁ ଖବର ପାଇ ମୁଁ ଦୁଃଖିତ। ଛୋଟବେଳେ ସକାଳୁ ଉଠି ତାଙ୍କ ଖେଳ ଦେଖେ। ଜୀବନରେ କିଛି ବି ଘଟିପାରେ। ତାଙ୍କ ଝିଅ ଜିଆନା ମଧ୍ୟ ଦୁର୍ଘଟଣାରେ ପ୍ରାଣ ହରାଇଛନ୍ତି। ତାଙ୍କ ପରିବାର ପ୍ରତି ମୋର ସମବେଦନା ରହିଛି। ସେହିଭଳି ରୋହିତ ଶର୍ମା ମଧ୍ୟ ଏକ ଫଟୋ ପୋଷ୍ଟ କରିଛନ୍ତି, ଯେଉଁଥିରେ କ୍ରୀଡ଼ା ଜଗତ ପାଇଁ ଦୁଃଖର ଦିନ। ବାସ୍କେଟବଲ ଖେଳିଥିବା ଅନ୍ୟତମ ଶ୍ରେଷ୍ଠ ଖେଳାଳି ଏତେ ଶୀଘ୍ର ଚାଲିଗଲେ ବୋଲି ଲେଖିଛନ୍ତି। ଜୁଭେଣ୍ଟସ ଫରୱାର୍ଡ ରୋନାଲ୍ଡୋ ଟୁଇଟ୍‌ରେ ଲେଖିଛନ୍ତି, ଖୁବ୍ ଦୁଃଖିତ। ସେ ଜଣେ କିମ୍ବଦନ୍ତୀ ଓ ଯୁବ ଖେଳାଳିଙ୍କ ପାଇଁ ପ୍ରେରଣାର ସ୍ରୋତ ଥିଲେ। ତାଙ୍କ ପରିବାର ଓ ବନ୍ଧୁମାନଙ୍କ ପ୍ରତି ମୋର ସମବେଦନା ରହିଛି। ଏହି ତାଲିକାରେ ମାରିଆ ଶାରାପୋଭା, ନାଓମି ଓସାକା, ଲିଓନେଲ ମେସି, ଶେନ ୱର୍ନ, ଲିବର୍ନ ଜେମ୍ସଙ୍କ ଭଳି ବିଭିନ୍ନ କ୍ରୀଡ଼ାର ଆହୁରି କିମ୍ବଦନ୍ତୀମାନେ ରହିଛନ୍ତି। ବ୍ରାଏଣ୍ଟଙ୍କ ମୃତ୍ୟୁ ଖବର କେବଳ କ୍ରୀଡ଼ା ଜଗତକୁ ମର୍ମାହତ କରିଦେଇଛି, ତା' ନୁହେଁ ଫିଲ୍ମ ଷ୍ଟାର, ରାଜନେତାମାନେ ମଧ୍ୟ ଦୁଃଖ ପ୍ରକାଶ କରିଛନ୍ତି।

GOVERNMENT OF ODISHA
OFFICE OF THE EXECUTIVE ENGINEER, RURAL WORKS DIVISION, SUNDARGARH
E.Mail: rw_sundargarh@yahoo.co.in
E-PROCUREMENT NOTICE
No.O-927:- BID IDENTIFICATION NO. ONLINE-EESNG-13 of 2019-20
1. Name of Work :- Building & Road works
2. Total No. of works :- 01 No. Road & 2 Nos. Building
3. Estimated cost :- Rs. 15.93 Lakhs & Rs. 31.75 Lakhs
4. Class of contractor :- 'D', 'C' & 'B'
5. Period of completion :- 06 & 01 calendar months
6. Type of Tender :- Single Cover
7. Other details

| Procurement Officer | Bid Identification No. | Availability of Tender On-line for bidding | |
|---|---|---|---|
| | | From | To |
| 1 | 2 | 3 | 4 |
| Executive Engineer, Rural Works Division, Sundargarh | Online-EESNG-13 of 2019-20 | 28.01.2020 10.00 AM | 07.02.2020 05.00 PM |

Further details can be seen from the website **www.tendersorissa.gov.in**.
25046/11/0025/1920 Sd./- Executive Engineer, Rural Works Division, Sundargarh

OFFICE OF EXECUTIVE ENGINEER
MINOR IRRIGATION DIVISION, NABARANGPUR
No. A-612
Letter No. 139 Dt. 24.01.2020
GOVERNMENT OF ODISHA e-Procurement Notice
Bid Identification No. EEMIDNGPUR- 05 /2019-20
E-mail ID :-mingpur@yahoo.in Ph No. 06858222130
1. Name of work :- Improvement to M.I.Ps in different Blocks of Nabarangpur District. under critical grant 2019-20
2. Total Number of work :- 10 (Ten)
3. Estimated cost :- Varies from Rs. 6.04 lakhs to Rs. 17.85 lakhs
4. Class of Contractor :- "D" & "C"
5. Tender paper Cost(Online) :- Varies from Rs. 4000/- to Rs. 6000/-
6. Bid Security (Online) :- Varies from Rs.6,100/- to Rs. 17,900/- as per DTCN
7. Period of Completion :- 1 (One) Calender Month
8. Availabilily of Bid Document :- From 03.02.2020, 10.00 AM to 12.02.2020, 5.000 PM in website (www.tendersorissa.gov.in)
9. Last date & Time of receipt of Bid :- 12.02.2020 at 5.00 PM through online
10. Date of opening of Bid documents:-13.02.2020 at 11.00 A.M in the office of the EE, M.I.Division,Nabarangpur
11. Date of Lottery, if required :- 17.02.2020 at 11.00AM in the office of the EE, M.I.Division, Nabarangpur
12. Name and address of the OIT :- Executive Engineer, M.I.Division, Nabarangpur At/P.O :- Nabarangpur District :-Nabarangpur PINCODE 764059
Further details can be seen from the Government of Odisha Web-Site :-www.tendersorissa.gov.in
32294/11/0005/1920 Sd/- Executive Engineer M.I.Division, Nabarangpur

OFFICE OF THE EXECUTIVE ENGINEER, R.W.S.&S. DIVISION, NUAPADA
Govt. of Odisha "e" Procurement Notice
E-mail: eerwssnpd@rediffmail.com
Bid Identification No. RWS&S_07 /2019-20
No.O-921 :- The Executive Engineer, R.W.S & S Division, Nuapada on behalf of Governor of Odisha invites bids through e-procurement in single cover system in conformity with the terms & conditions of the detailed tender call notice (DTCN) from the Contractor registered with the Odisha State Govt. & Contractors of equivalent grade/class registered with Central Govt. / any other State Govt. / MES / Railway & Reputed Engineering firms having valid & up to date Contractors registration certificate, GST clearance Certificate & PAN Card and possessing compatible Digital Signature Certificate as given in the DTCN to be eventually drawn up in the Percentage Rate Contract (P1) contract form.
Nature of Work :- Water supply to Govt. Polytechnic College, Nuapada at Kalabhera under Nuapada block.
No. of Tender :- 1 (one) no.
Approx. Estimated Cost :- Rs.52.61 Lakhs
Period of completion :- 05 (five) months
Tender Cost :- Rs.10000/-
Class of Contractor :- Class 'B' and 'A'
Date and Time of availability of bid document in the portal :- 01.02.2020 at 10.00 A.M.
Last date /Time for receipt of bids in the portal :- 15.02.2020 up to 5.00 P.M.
Date of Opening of bid: - 17.02.2020 at 11.00 A.M.
The bidders have to participate in online bidding only. Further details can be seen from the website http://tendersorissa.gov.in
Sd/-24.01.2020
(Er. B. P. Panda)
Executive Engineer,
RWSS Division, Nuapada
25043/11/0006/1920

ଧରିତ୍ରୀ
DHARITRI
ଢେଙ୍କାନାଳ, ମଙ୍ଗଳବାର ୨୮ ଜାନୁୟାରୀ, ୨୦୨୦





ଆସନ୍ତା ଟୋକିଓ ଅଲିମ୍ପିକ୍ସରେ ସ୍ୱର୍ଣ୍ଣ ପଦକ ଜିତି ଭାରତ ରତ୍ନ ସମ୍ମାନ ହାସଲ କରିବା ଲାଗି ମୋର ଅଭିଳାଷ ରହିଛି ।
–ଏମ୍.ସି. ମେରୀକମ୍, ଭାରତୀୟ ମହିଳା ବକ୍ସର



ମୋ ଆଗରୁ ଯଦି ବେମ୍ ବେମ୍ ଦେବୀ ପଦ୍ମ ପୁରସ୍କାର ପାଇଲେ, ତେବେ ପୁରସ୍କାରର ଚୟନ ପ୍ରକ୍ରିୟାକୁ ନେଇ ମୋ ମନରେ ନାନା ପ୍ରଶ୍ନ ଆସୁଛି ।
–ଭିନେଶ ପୋଗଟ୍, ଭାରତର ଷ୍ଟାର କୁସ୍ତିଯୋଦ୍ଧା

## ସଂକ୍ଷେପରେ

### ସିରିଜ୍ ହାରିଲା ଭାରତ ଏ'

**ଖ୍ରୀଷ୍ଟଚର୍ଚ୍ଚ,୨୭।୧:** ଏଠାରେ ରବିବାର ଖେଳାଯାଇଥିବା ତୃତୀୟ ଅନ୍‌ଅଫିସିଆଲ ଦିନିକିଆ ମ୍ୟାଚ୍‌ରେ ନ୍ୟୁଜିଲାଣ୍ଡ ଏ' ୫ ରନ୍‌ରେ ଭାରତ ଏ'କୁ ହରାଇ ଦେଇଛି। ଫଳରେ ୩ ମ୍ୟାଚ୍ ବିଶିଷ୍ଟ ସିରିଜ୍‌କୁ ଘରୋଇ ନ୍ୟୁଜିଲାଣ୍ଡ ଏ' ୨-୧ ବ୍ୟବଧାନରେ ଜିତିନେଇଛି। ୨୭୧ ରନ୍‌ର ବିଜୟ ଲକ୍ଷ୍ୟର ପିଛା କରୁଥିବା ଭ୍ରମଣକାରୀ ଭାରତୀୟ ଦଳକୁ ମ୍ୟାଚ୍ ଜିତିବା ପାଇଁ ଅନ୍ତିମ ଓଭରରେ ୭ ରନ୍ ଦରକାର ଥିଲା। ସେତେବେଳେ ଭାରତ ଏ' ୮ ଉଇକେଟ ହରାଇ ସାରିଥିବାବେଳେ ଇଶାନ କିଷନ ୭୦ ରନ୍ କରି ଅପରାଜିତ ଥିଲେ। ମାତ୍ର ଓଭରର ଦ୍ୱିତୀୟ ବଲରେ କିଷନ ଏକ ସିଙ୍ଗଲ ନେଇଥିଲେ। ପରବର୍ତ୍ତୀ ଦୁଇ ବଲରେ ଦୁଇ ବ୍ୟାଟ୍ସମ୍ୟାନ ଆଉଟ୍ ହୋଇଥିଲେ। ଫଳରେ ୪୯.୪ ଓଭରରେ ୨୬୫ ରନ୍‌ରେ ଅଲଆଉଟ୍ ହୋଇଯାଇଥିଲା। ଦଳ ପାଇଁ ଇନ ଫର୍ମ ବ୍ୟାଟ୍ସମ୍ୟାନ ପୃଥ୍ୱୀ ଶ' ୫୫, ରୁତୁରାଜ ଗାଏକ୍ୱାଡ ୪୪ ଓ ଅକ୍ଷର ପଟେଲ ୩୨ ରନ୍ କରିଥିଲେ। ବିଜୟୀ ଦଳ ପକ୍ଷରୁ କାଇଲ ଜେମିସନ ୪ ଓ ଏଜାଜ ପଟେଲ ୩ ଉଇକେଟ ହାତେଇଥିଲେ। ପୂର୍ବରୁ ଆମନ୍ତ୍ରଣ ପାଇ ପ୍ରଥମେ ବ୍ୟାଟିଂ କରିଥିବା ଘରୋଇ ଦଳ ମାର୍କ ଚାପମ୍ୟାନ ୧୧୦ ଓ ଟଡ ଆଶଲେଙ୍କ ୫୬ ରନ୍‌ର ଇନିଂସ ଯୋଗୁ ଧାର୍ଯ୍ୟ ୫୦ ଓଭରରେ ୭ ଉଇକେଟ ହରାଇ ୨୭୦ ରନ୍ କରିଥିଲା। ଭାରତ ଲାଗି ବୋଲିଂରେ ଇଶାନ ପୋରେଲ ୩ ଓ ରାହୁଲ ଚହର ୨ ଉଇକେଟ ହାସଲ କରିଥିଲେ।

# ଶାନ୍ତନୁ, ଅନୁରାଗ, ପୋଦ୍ଦାରଙ୍କ ଅର୍ଦ୍ଧଶତକ

## ରଣଜୀ ଟ୍ରଫିଃ ଓଡ଼ିଶା ୨୧୫/୩

**କଟକ ଅଫିସ,୨୭।୧**

ଟାଙ୍ଗୀସ୍ଥିତ ଡ୍ରିମ୍ସ ଗ୍ରାଉଣ୍ଡରେ ସୋମବାର୍‌ଠାରୁ ଓଡ଼ିଶା–ଆସାମ ରଣ୍‌ଜୀ ଟ୍ରଫି କ୍ରିକେଟ ମ୍ୟାଚ୍ ଆରମ୍ଭ ହୋଇଛି। ପ୍ରଥମେ ବ୍ୟାଟିଂ କରିଥିବା ଓଡ଼ିଶା ପ୍ରଥମ ଦିବସ ଷ୍ଟମ୍ପ ଅପସାରଣ ବେଳକୁ ୩ ଉଇକେଟ ହରାଇ ୨୧୫ରନ କରିଛି। ଶାନ୍ତନୁ ମିଶ୍ର ଓ ଅନୁରାଗ ଷଡ଼ଙ୍ଗୀ ଅର୍ଦ୍ଧଶତକୀୟ ଇନିଂସ ଖେଳି ଆଉଟ ହୋଇଥିବା ବେଳେ ଗୋବିନ୍ଦ ପୋଦ୍ଦାର ୫୪ ଓ ବିପ୍ଳବ ସାମନ୍ତରାୟ ୩୨ରନରେ ଅପରାଜିତ ଅଛନ୍ତି। ଏହି ମ୍ୟାଚ୍‌ରେ ଅଭିଜ୍ଞ ଅଲରାଉଣ୍ଡର ଅଭିଷେକ ରାଉତଙ୍କୁ ଚୂଡ଼ାନ୍ତ ଏକାଦଶରେ ସାମିଲ କରାଯାଇଥିଲା। ଉଇକେଟ କିପର ସୁଜିତ ଲେଙ୍କାଙ୍କୁ ବିଶ୍ରାମ ଦିଆଯାଇ ରାଜେଶ ଧୂପରଙ୍କୁ ନିଆ ଯାଇଥିଲା। ଗୋକୁଳ ଶର୍ମାଙ୍କ ନେତୃତ୍ୱାଧୀନ ଆସାମ ଟସ୍ ଜିତି ଓଡ଼ିଶାକୁ ବ୍ୟାଟିଂ ଆମନ୍ତ୍ରଣ କରିଥିଲା। ପ୍ରଥମ ଉଇକେଟରେ ଦୁଇ ଓପନର ଅନୁରାଗ ଓ ଶାନ୍ତନୁ ଦମ୍‌ଦାର ବ୍ୟାଟିଂ କରିଥିଲେ। ଓପନିଂ ଯୋଡ଼ିରେ ଓଡ଼ିଶା ୯୬ରନ ସଂଗ୍ରହ କରିଥିଲା। ୧୧୨ବଲରୁ ୧୦ଟି ଚୌକା ଓ ୧ ଛକା ବଳରେ ୫୮ରନ କରି ଅନୁରାଗ ଡାହାଣହାତୀ ପେସ୍ ବୋଲର ରଞ୍ଜିତ ମାଲିଙ୍କ ପ୍ରଥମ ଶିକାର ହୋଇଥିଲେ। ପରେ କ୍ରିଜକୁ ଆସିଥିବା ଅଧିନାୟକ ଶୁଭ୍ରାଂଶୁ ସେନାପତି ଖାତା ଖୋଲିବା ପୂର୍ବରୁ ରଞ୍ଜିତଙ୍କ ବଲ୍‌ରେ ଉଇକେଟ କିପର କୁନାଲ ସାଇକିଆଙ୍କ ହାତରେ ଧରାପଡ଼ି ପ୍ୟାଭିଲିୟନ ଫେରିଥିଲେ। ୯୬ରନରେ ଓଡ଼ିଶାର ୨ଟି ଉଇକେଟ ପତନ ଘଟିଥିଲା। ଶାନ୍ତନୁ ଓ ଗୋବିନ୍ଦ ପୋଦ୍ଦାର ସତର୍କତାର ସହ ବ୍ୟାଟିଂ କରି ୩ୟ ଉଇକେଟ ଭାଗିଦାରୀରେ ୫୪ରନ ସଂଗ୍ରହ କରିଥିଲେ। ଯାହା ଫଳରେ ଓଡ଼ିଶାର ସ୍ଥିତି ସୁଦୃଢ଼ ହୋଇଥିଲା। ୧୮୨ବଲରୁ ୬୬ରନ କରିଥିବା ଶାନ୍ତନୁ ପ୍ରିତମ ଦାସଙ୍କ ବଲରେ କ୍ୟାଚ୍ ଆଉଟ ହୋଇଥିଲେ। ୧୪୮ରନରେ ଓଡ଼ିଶାର ୩ୟ ଉଇକେଟ ପତନ ଘଟିଥିଲା। ପରେ ଓଡ଼ିଶାର ଦୁଇ ଭେଟେରାନ ଖେଳାଳି ବିପ୍ଳବ ସାମନ୍ତରାୟ ଓ ଗୋବିନ୍ଦ ଆସାମର ବୋଲିଂ ଆକ୍ରମଣକୁ ଧୈର୍ଯ୍ୟର ସହ ସମ୍ମୁଖୀନ କରିଥିଲେ। ଗୋବିନ୍ଦ ୧୪୩ବଲରୁ ୫୪ ଓ ବିପ୍ଳବ ୮୨ବଲରେ ୩୨ରନ କରି ଅପରାଜିତ ଅଛନ୍ତି। ଏହି ଦୁଇ ଖେଳାଳି ମଙ୍ଗଳବାର ଅଧିକ ସମୟ କ୍ରିଜରେ ରହିଲେ ଓଡ଼ିଶା ପ୍ରଥମ ଇନିଂସରେ ବିଶାଳ ସ୍କୋର କରିବ ବୋଲି ଆଶା କରାଯାଉଛି। ଆସାମ ପକ୍ଷରୁ ରଞ୍ଜିତ ମାଲି ୨ଟି ଓ ପ୍ରିତମ ଦାସଙ୍କୁ ଗୋଟିଏ ଉଇକେଟ ମିଳିଛି।



ଦୁଇ ଅପରାଜିତ ବ୍ୟାଟ୍ସମ୍ୟାନ୍ ଗୋବିନ୍ଦ ପୋଦ୍ଦାର ଓ ବିପ୍ଳବ ସାମନ୍ତରାୟ।

## ପୂର୍ବତନ ସିପକ୍‌ଟାକ୍ର ଖେଳାଳିଙ୍କ ପରଲୋକ



**କଟକ ଅଫିସ, ୨୭।୧:** ରାଜ୍ୟର ପୂର୍ବତନ ସିପକ୍‌ଟାକ୍ର ଖେଳାଳି ତଥା ଫୁଟବଲ ଆସୋସିଏଶନ ଅଫ ଓଡ଼ିଶା(ଫାଓ) କାର୍ଯ୍ୟାଳୟର କର୍ମଚାରୀ ମୁନା ବାରିକ(୩୨)ଙ୍କର ସୋମବାର ପୂର୍ବାହ୍ନରେ ପରଲୋକ ଘଟିଛି। ଗତ ୨୦ ତାରିଖରେ ମୁନା ଟ୍ରେନ ଦୁର୍ଘଟଣାର ସମ୍ମୁଖୀନ ହୋଇ ଏସ୍‌ସିବି ମେଡ଼ିକାଲରେ ଚିକିତ୍ସାଧୀନ ଥିଲେ। ତାଙ୍କ ଅବସ୍ଥା ସଙ୍କଟାପନ୍ନ ରହିଥିଲା। ଝିଅର ଏକୋଇଶିଆ ପାଳନ କରିବାକୁ ବ୍ରହ୍ମପୁର ସ୍ଥିତ ନିଜ ଘରକୁ ଫେରୁଥିବା ବେଳେ ମୁନା ଏହି ଦୁର୍ଘଟଣାର ଶିକାର ହୋଇଥିଲେ। ମୁନାଙ୍କ ମୃତ୍ୟୁରେ ରାଜ୍ୟ କ୍ରୀଡ଼ା ଜଗତରେ ଶୋକର ଛାୟା ଖେଳି ଯାଇଛି। ନିଜର ମେଳାପି ବ୍ୟକ୍ତିତ୍ୱ ଓ କର୍ତ୍ତବ୍ୟନିଷ୍ଠା ଯୋଗୁ କେବଳ ଫାଓ କାର୍ଯ୍ୟାଳୟ ନୁହେଁ,ବାରବାଟୀ ଷ୍ଟାଡିୟମରେ ଥିବା ସମସ୍ତ କ୍ରୀଡ଼ା ସଂଘରେ ସେ ବେଶ ପରିଚିତ ଥିଲେ। ଫାଓ ଆନୁକୂଲ୍ୟରେ ଆୟୋଜିତ ବିଭିନ୍ନ ଟୁର୍ନାମେଣ୍ଟରେ ମୁନା ଗୁରୁ ଦାୟିତ୍ୱ ତୁଲାଉଥିଲେ। ସୋମବାର ମଧ୍ୟାହ୍ନରେ ମୁନାଙ୍କ ମରଶରୀରକୁ ଷ୍ଟାଡିୟମ ପରିସରକୁ ଅଣାଯାଇଥିଲା। ଅନେକ ଜାତୀୟ, ଅନ୍ତର୍ଜାତୀୟ ଖେଳାଳି ଶେଷଦର୍ଶନ କରିଥିଲେ। ଫାଓ ସମେତ ସମସ୍ତ କ୍ରୀଡ଼ା ସଂଘ ପକ୍ଷରୁ ଶୋକ ପ୍ରକାଶ କରାଯାଇଛି।

# ଦ୍ୱିତୀୟ ମ୍ୟାଚ୍‌ରେ ହାରିଲା ଭାରତ

## ମହିଳା ହକି ସିରିଜ

**ଅକ୍‌ଲାଣ୍ଡ,୨୭।୧ (ପି.ଟି.):** ଭାରତୀୟ ମହିଳା ହକି ଦଳ ୧–୨ ଗୋଲରେ ନ୍ୟୁଜିଲାଣ୍ଡଠାରୁ ଦ୍ୱିତୀୟ ମ୍ୟାଚ୍‌ରେ ପରାସ୍ତ ହୋଇଛି। ଭାରତ ପକ୍ଷରୁ ଓଡ଼ିଆ ଖେଳାଳି ସାଲିମା ଟେଟେ ଏକମାତ୍ର ସ୍କୋର କରିଥିଲେ। ପ୍ରଥମ ମ୍ୟାଚ୍‌ରେ ଭାରତ ୪–୦ ଗୋଲରେ ନ୍ୟୁଜିଲାଣ୍ଡ ଡେଭଲପମେଣ୍ଟ ଦଳକୁ ହରାଇ ଅଭିଯାନ ଆରମ୍ଭ କରିଥିଲା।

ମ୍ୟାଚ୍ ଆରମ୍ଭରୁ ଘରୋଇ ଦଳ ଆକ୍ରମଣାତ୍ମକ ପ୍ରଦର୍ଶନ କରିଥିଲା। ଫଳରେ ପ୍ରଥମ କ୍ୱାର୍ଟରର ୩ୟ ମିନିଟରେ ଦଳକୁ ମିଳିଥିଲା ପ୍ରଥମ ପେନାଲ୍ଟି କର୍ଣ୍ଣର (ପିସି)। ଏହାକୁ ମେଗାନ ହଲ ଗୋଲରେ ପରିଣତ କରିଥିଲେ। ପ୍ରଥମାର୍ଦ୍ଧର ଅନ୍ତିମ ମିନିଟ୍‌ରେ ଭାରତକୁ ମିଳିଥିବା ପିସିକୁ ଓଡ଼ିଆ ଖେଳାଳି ସାଲିମା ଗୋଲରେ ପରିଣତ କରି ମ୍ୟାଚ୍‌କୁ ବରାବର ସ୍ଥିତିକୁ ଆଣିଥିଲେ। ପରବର୍ତ୍ତୀ ଦୁଇ କ୍ୱାର୍ଟରରେ ନ୍ୟୁଜିଲାଣ୍ଡ ଖେଳାଳି ଭାରତୀୟ ଡିଫେନ୍ସ ଭାଗରେ ପ୍ରବେଶ କରିପାରି ନ ଥିଲେ। କିନ୍ତୁ ଚତୁର୍ଥ ତଥା ଅନ୍ତିମ କ୍ୱାର୍ଟରରେ ଡିଫେନ୍ସ ଭାଗର ଖେଳାଳିଙ୍କ ତ୍ରୁଟି ଯୋଗୁ ଘରୋଇ ଦଳକୁ ମିଳିଥିଲା ପେନାଲ୍ଟି ଷ୍ଟ୍ରୋକ। ବିନା କୌଣସି ତ୍ରୁଟି ନ କରି ମେଗାନ ଗୋଲ ଦେଇଥିଲେ। ଏହି ଗୋଲକୁ ଭାରତ ପରିଶୋଧ କରିପାରି ନ ଥିଲା। ପରାଜୟରେ ଭାରତୀୟ କୋଚ୍ ଜୋର୍ଡ ମାରିଜନେ ନିରାଶା ଜାହିର କରିଛନ୍ତି। ଆମେ ବହୁ ସ୍କୋରିଂ ସୁଯୋଗ ସୃଷ୍ଟି କରିଥିଲୁ। ମାତ୍ର ସ୍କୋର କରିବାରେ ବିଫଳ ହେଲୁ। ଆମ ଅପେକ୍ଷା ନ୍ୟୁଜିଲାଣ୍ଡ ଖେଳାଳି ନିଜ ଯୋଜନା କାର୍ଯ୍ୟକାରୀ କରିବାରେ ସଫଳ ହୋଇଥିଲେ। ଆରମ୍ଭରୁ ଆମେ ସଂଘର୍ଷ କରୁଥିଲୁ। ପ୍ରଥମ କ୍ୱାର୍ଟର ପରେ ମ୍ୟାଚ୍‌କୁ ଫେରି ପ୍ରତିପକ୍ଷ ଗୋଲପୋଷ୍ଟ ଉପରେ ୮ ଶଟ ମାରିଥିଲୁ ଓ ୪ ପିସି ମଧ୍ୟ ହାସଲ କରିଥିଲୁ। କେବଳ ସୁଯୋଗ ସୃଷ୍ଟି କଲେ ହେବ ନାହିଁ। ଆମକୁ ଆହୁରି କାର୍ଯ୍ୟ କରିବାକୁ ପଡ଼ିବ। ସିରିଜ୍‌ର ତୃତୀୟ ମ୍ୟାଚ୍ ବୁଧବାର ଖେଳାଯିବ।



ମ୍ୟାଚ୍ ଅବସରରେ ଭାରତୀୟ ଅଧିନାୟିକା ରାଣୀ ରାମପାଲ।

# ହକି ଓଡ଼ିଶାକୁ ହରାଇଲା ଗାଙ୍ଗପୁର

**କଟକ ଅଫିସ, ୨୭।୧:** ଉତ୍ତରପ୍ରଦେଶର ଝାନସୀଠାରେ ଚାଲିଥିବା ୧୦ମ ସିନିୟର ପୁରୁଷ ଜାତୀୟ ହକି ଚାମ୍ପିୟନଶିପରେ ହକି ଗାଙ୍ଗପୁର ସୋମବାର ବିଜୟୀ ହୋଇଛି। ଚାମ୍ପିୟନଶିପ୍‌ରେ ଭାଗ ନେଇଥିବା ରାଜ୍ୟର ଅନ୍ୟ ଦଳ ହକି ଓଡ଼ିଶାକୁ ୧–୦ ଗୋଲରେ ହରାଇଛି। ପ୍ରଥମ କ୍ୱାର୍ଟର ଗୋଲ ଶୂନ୍ୟ ରହିବା ପରେ ଦ୍ୱିତୀୟ କ୍ୱାର୍ଟର ତଥା ମ୍ୟାଚର ୧୭ତମ ମିନିଟରେ ହକି ଗାଙ୍ଗପୁରକୁ ଏକ ପେନାଲ୍ଟି ସୁଯୋଗ ମିଳିଥିଲା। ଅଧିନାୟକ ଷ୍ଟାଲିନ ଭିକ୍ଟର ମିଞ୍ଜ ଏହାକୁ ଗୋଲରେ ପରିଣତ କରି ଦଳକୁ ଅଗ୍ରଣୀ କରାଇଥିଲେ। ପରବର୍ତ୍ତୀ ସମୟରେ କୌଣସି ଗୋଲ ନ ହେବା ଯୋଗୁଁ ହକି ଗାଙ୍ଗପୁର ଟୁର୍ନାମେଣ୍ଟରେ ପ୍ରଥମ ବିଜୟ ହାସଲ କରିଛି। ପୂର୍ବରୁ ହକି ଗାଙ୍ଗପୁର କର୍ନାଟକଠାରୁ ୦–୧ ଗୋଲରେ ପରାସ୍ତ ହୋଇଛି। ଏୟାର ଇଣ୍ଡିଆ ସ୍ପୋର୍ଟ୍ସ ପ୍ରମୋଶନ ବୋର୍ଡ ବିପକ୍ଷରେ ହକି ଓଡ଼ିଶା ମ୍ୟାଚ୍‌କୁ ଡ୍ର ରଖିଥିଲା। ପୁଲ୍–ଡିରେ ସ୍ଥାନ ପାଇଥିବା ଏହି ଦୁଇ ଦଳ ଲିଗ୍ ପର୍ଯ୍ୟାୟରେ ଆଉ ଗୋଟିଏ ଲେଖାଏ ମ୍ୟାଚ୍ ଖେଳିବେ।

# ଜେପି ପବ୍ଲିକ ସ୍କୁଲ ବାଳିକା, ଡିପିଏସ୍ ଏନ୍‌ଟିପିସି ବାଳକ ଚାମ୍ପିୟନ

## ଗ୍ରେଟର ନୋଏଡା କାର୍ନିଭାଲରେ ଭିନ୍ନକ୍ଷମ ବାସ୍କେଟବଲ

**ନୂଆଦିଲ୍ଲୀ, ୨୭।୧:** ଗ୍ରେଟର ନୋଏଡା ଇଣ୍ଡଷ୍ଟ୍ରିଆଲ ଡେଭଲପ୍‌ମେଣ୍ଟ ଅଥରିଟି (ଜିଏନ୍‌ଆଇଡିଏ)ର ସହଯୋଗରେ ଆସିଷ୍ଟ (ଏଏସ୍‌ଏସ୍‌ଆଇଏସ୍‌ଟି) ଦ୍ୱାରା ଗ୍ରେଟର ନୋଏଡା କାର୍ନିଭାଲର ଏକ ଅଂଶବିଶେଷ ସ୍ୱରୂପ ୩ x ୩ ବାସ୍କେଟବଲ୍ ଟୁର୍ନାମେଣ୍ଟ ଶହୀଦ ବିଜୟ ସିଂ ପାଥିକ ସ୍ପୋର୍ଟ୍ସ କମ୍ପ୍ଲେକ୍ସଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଭିନ୍ନକ୍ଷମ ଛାତ୍ରୀ ଓ ଛାତ୍ର ଦଳ ଅଂଶଗ୍ରହଣ କରିଥିଲେ। ବାଳକ ବିଭାଗରେ ଡିପିଏସ୍ ଏନ୍‌ଟିପିସି ଚାମ୍ପିୟନ ହୋଇଛି। ଏହି ଦଳ ତୀବ୍ର ପ୍ରତିଦ୍ୱନ୍ଦ୍ୱିତାମୂଳକ ଫାଇନାଲରେ ସେଣ୍ଟ ଯୋଶେଫ୍ ସ୍କୁଲକୁ ୧୪–୧୨ ସ୍କୋରରେ ହରାଇ ଦେଇଥିଲା। ସେହିପରି ବାଳିକା ବିଭାଗ ଫାଇନାଲରେ ଜେପି ପବ୍ଲିକ ସ୍କୁଲ ୬–୧ରେ ଡିପିଏସ୍ ଏନଟିପିସି ସ୍କୁଲକୁ ପରାସ୍ତ କରି ଟାଇଟଲ ବିଜୟୀ ହୋଇଛି। ଏହି ଅବସରରେ ଏକ ଜୋନ ବାସ୍କେଟବଲ ପ୍ରଦର୍ଶନୀ ମ୍ୟାଚ ଆୟୋଜିତ ହୋଇଥିଲା, ଯେଉଁଥିରେ କି ଅନ୍ୟ ଛାତ୍ରମାନଙ୍କ ସହ ଭିନ୍ନକ୍ଷମ ଛାତ୍ରମାନେ ମିଳିତ ଭାବେ ଅଂଶଗ୍ରହଣ କରିଥିଲେ। ଜେୱାର ବିଧାୟକ ଧୀରେନ୍ଦ୍ର ସିଂ ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିଲେ। ସେ ମଧ୍ୟ ଆୟୋଜିତ କାର୍ଯ୍ୟକ୍ରମରେ ଅଧକ୍ଷତା କରିଥିଲେ। ଏହି ଅବସରରେ ଜିଏନ୍‌ଆଇଡିଏ ତରଫରୁ ଆସିଷ୍ଟର ପ୍ରତିଷ୍ଠାତା କାର୍ତ୍ତିକ ଗୋଏଲ ଏବଂ ସହପ୍ରତିଷ୍ଠାତା ପାର୍ଥ ସାରଥୀଙ୍କୁ ସମ୍ମାନିତ କରାଯାଇଥିଲା। ସୂଚନାଯୋଗ୍ୟ ବାସ୍କେଟବଲ ଖେଳର ପ୍ରସାର ପାଇଁ ଆସିଷ୍ଟ ପକ୍ଷରୁ ମାଗଣା ଟ୍ରେନିଂର ବ୍ୟବସ୍ଥା ରହିଛି। ଅବହେଳିତ ଛାତ୍ରୀଛାତ୍ରଙ୍କ ପାଇଁ ବାସ୍କେଟବଲ୍ ପ୍ରଶିକ୍ଷଣର କ୍ଷେତ୍ର ପ୍ରସ୍ତୁତ କରିଥାଏ। ଏହି ପରିପ୍ରେକ୍ଷୀରେ ଆସିଷ୍ଟ ପ୍ରତିଷ୍ଠାତା ଗୋଏଲ ତାଙ୍କ ବକ୍ତବ୍ୟ ରଖି କହିଥିଲେ, ଭେଦଭାବ ଶୂନ୍ୟର ଆବଶ୍ୟକତାକୁ ନେଇ ସାଧାରଣରେ ଜନସେଚତନତା ସୃଷ୍ଟି କରିବା ନେଇ ହ୍ୱିଲଚେୟାର ନିର୍ଭରଶୀଳ ଛାତ୍ରଙ୍କୁ ପ୍ରତିଯୋଗିତାରେ ଭାଗ ନେବା ଲାଗି ଆସିଷ୍ଟ ତରଫରୁ ଉତ୍ସାହିତ କରାଯାଇଥିଲା। ସେରିବ୍ରାଲ ପ୍ଲାସି ଅଟିଜିମ ଏବଂ ଡିଫ୍‌ନେସ୍‌ରେ ପୀଡ଼ିତମାନଙ୍କୁ ସାଧାରଣ ଛାତ୍ରୀଛାତ୍ରଙ୍କ ସହିତ ଖେଳୁଥିବାର ଦୃଶ୍ୟ ଦେଖିବାକୁ ମିଳିଥିଲା। କ୍ରୀଡ଼ା ଏଭଳି ଏକ କାର୍ଯ୍ୟକ୍ରମ ଯାହା ଭାରତକୁ ଏକତ୍ର ରଖିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥାଏ। ଭାରତୀୟ ସମାଜରେ କୌଣସି ବର୍ଗ ପ୍ରତି ଭେଦଭାବ ରହିବା ଉଚିତ ନୁହେଁ ବୋଲି ଏହି ବାସ୍କେଟଲ ଟୁର୍ନାମେଣ୍ଟ ଜରିଆରେ ସଚେତନ କରାଯାଇଛି।



ଅତିଥିଙ୍କ ଗହଣରେ କୃତୀ ପ୍ରତିଯୋଗୀ।

# ସ୍ୱପ୍ନିଲ ଚାମ୍ପିୟନ, ସୌମ୍ୟ ରନର୍ସଅପ୍

## ଖୋର୍ଦ୍ଧା ଜିଲା ଚେସ୍ ଉଦ୍‌ଯାପିତ





ଅତିଥିଙ୍କ ସହ କୃତୀ ପ୍ରତିଯୋଗୀ।

**ଭୁବନେଶ୍ୱର, ୨୭।୧(କ୍ରୀଡ଼ା ପ୍ରତିନିଧି):** ଖୋର୍ଦ୍ଧା ଜିଲା ଚେସ୍ ଆସୋସିଏଶନ ଆନୁକୂଲ୍ୟରେ ଚେସ୍ ଚାମ୍ପିୟନଶିପ୍ ରବିବାର ଉଦ୍‌ଯାପିତ ହୋଇଛି। ୭ ରାଉଣ୍ଡ ବିଶିଷ୍ଟ ପ୍ରତିଯୋଗିତାରେ ସ୍ୱପ୍ନିଲ ପ୍ରିୟଦର୍ଶୀ ଓ ଫିଡେ ମାଷ୍ଟର ସୌମ୍ୟରଞ୍ଜନ ମିଶ୍ର ୬.୫ ପଏଣ୍ଟ ଲେଖାଏ ପାଇଛନ୍ତି। ତେବେ ବୁକୋଲଜ ପଏଣ୍ଟରେ ସ୍ୱପ୍ନିଲ ଚାମ୍ପିୟନ ଓ ସୌମ୍ୟ ରନର୍ସଅପ୍ ହୋଇଛନ୍ତି। ଫଳରେ ଟ୍ରଫି ସହ ସ୍ୱପ୍ନିଲ ୫,୦୦୦ ଓ ସୌମ୍ୟ ୩,୦୦୦ଟଙ୍କାର ପୁରସ୍କାର ରାଶି ପାଇଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଦାଶରଥି ସାହୁ, ସୁଶାନ୍ତ କୁମାର ଷଡ଼ଙ୍ଗୀ, ପ୍ରତ୍ୟୁଷ ମହାପାତ୍ର, ପ୍ରିୟବ୍ରତ ସାମନ୍ତ ସିଂ, ଯାଶିତା ରାଉତ, ସୃଜନ ରାୟ, ହୃଦାନନ୍ଦ ସାମନ୍ତରାୟ, ଅମିତ ମହାନ୍ତି, ଓମ୍ ଆଦିତ୍ୟ ଖାଡ଼ଙ୍ଗା ଓ ଶାଶ୍ୱତ ମଲିକ ଶୀର୍ଷ ୧୨ ମଧ୍ୟରେ ରହି ପୁରସ୍କୃତ ହୋଇଛନ୍ତି। ମୋଟ ୪୪ ଜଣଙ୍କୁ ଆର୍ଥିକ ପୁରସ୍କାର ଏବଂ ୩୧ ଜଣଙ୍କୁ ଟ୍ରଫି ଦିଆଯାଇ ସମ୍ମାନିତ କରାଯାଇଛି। ୭, ୮, ୯, ୧୦, ୧୧, ୧୩ ଓ ୧୫ ବର୍ଷରୁ କମ୍ କାଟେଗୋରିର ବାଳିକା ବାଳକ ବିଭାଗରେ ଶ୍ରେଷ୍ଠ ୨ ଜଣ ଲେଖାଏ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଛି। ନବନିତା ପଟ୍ଟନାୟକ ଓ ଅନୋତୟା ଚାଟାର୍ଜୀ ଶ୍ରେଷ୍ଠ ଦୁଇ ମହିଳା ଖେଳାଳିଭାବେ ପୁରସ୍କୃତ ହୋଇଛନ୍ତି। ସେହିପରି ମହେଶ୍ୱର ମିଶ୍ର ଓ ଭୀମସେନ ପ୍ରଧାନ ଶ୍ରେଷ୍ଠ ଭେଟେରାନ ଖେଳାଳି ପୁରସ୍କାର ପାଇଛନ୍ତି। ଖୋର୍ଦ୍ଧା ଉପଜିଲାପାଳ ଶାନ୍ତନୁ ମହାନ୍ତି ମୁଖ୍ୟ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ଅନ୍ୟ ଅତିଥିଙ୍କ ମଧ୍ୟରେ ଦୂରଦର୍ଶୀ ସମ୍ପାଦକ ଦୁର୍ଗା ପ୍ରସାଦ ସାମନ୍ତରାୟ, ଏଚ୍‌ଡିଏଫସି ବ୍ୟାଙ୍କ୍ (ଭୁବନେଶ୍ୱର) ଉପସଭାପତି ଅଭିଷେକ ମହାପାତ୍ର, ଖୋର୍ଦ୍ଧା ଜିଲା ଚେସ୍ ଆସୋସିଏଶନ ସମ୍ପାଦକ ଶୁଭାଶିଷ ପଟ୍ଟନାୟକ, ଯୁଗ୍ମ ସମ୍ପାଦକ ସରୋଜ କିଶୋର ବେହେରା, ଏସଆର ଚେସ୍ ସେଣ୍ଟର ସମ୍ପାଦକ ସତ୍ୟରଞ୍ଜନ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଆର୍ବିଟର ଭବେଶ ମହାନ୍ତି ଓ ସନ୍ତୋଷ ମହାପାତ୍ର ଟୁର୍ନାମେଣ୍ଟ ପରିଚାଳନା କରିଥିଲେ। ପ୍ରକାଶ ଯୋଗ୍ୟ ଯେ, ଏହି ପ୍ରତିଯୋଗିତାରେ କେବଳ ଖୋର୍ଦ୍ଧା ଜିଲା ଖେଳାଳିମାନେ ଭାଗ ନେଇଥିଲେ।


## ମନେ ପଡ଼ନ୍ତି

**ପ୍ରଥମ ଶ୍ରାଦ୍ଧବାର୍ଷିକୀରେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**୰ସଂଯୁକ୍ତା ଦାସ**
ପ୍ଲଟ୍ ନଂ.୧୧୬୪, ଗଡ଼ସାହି, ନୂଆପଲ୍ଲୀ, ଭୁବନେଶ୍ୱର-୭୫୧୦୧୨
ଆବିର୍ଭାବ: ୧୯.୦୭.୧୯୬୩
ତିରୋଧାନ:୦୮.୦୨.୨୦୧୯
ତୁମେ ଯିବାର ବର୍ଷେ ହୋଇଗଲା। ସ୍ନେହ, କରୁଣା, ଆଶୀର୍ବାଦ ଓ ଅଧିକାରରେ ଯେଉଁ ପରିବାରକୁ ବାନ୍ଧି ରଖିଥିଲ ସେ ପରିବାର ଆଜି ବି ସେମିତି ଅଛି। ତୁମ ଘର ବି ସେମିତି ରହିଛି। କିନ୍ତୁ ସମସ୍ତେ ଉଦାସ। ଘରର ସବୁ ଜିନିଷ କେମିତି ମଳିନ, ଧୂସର। ପରିବାରଠୁ ଘରର କୋଣ ଅନୁକୋଣ ସମସ୍ତେ ଖୋଜୁଛନ୍ତି ତୁମକୁ। ଭଲ ଲୋକଙ୍କୁ ଈଶ୍ୱର ଶୀଘ୍ର ନେଇଯାନ୍ତି। ତୁମକୁ ନେଇଗଲେ। ତାଙ୍କ ପାଖରେ ପ୍ରାର୍ଥନା କରୁଛୁ ସେ ତୁମ ଆତ୍ମାକୁ ଶାନ୍ତି ଓ ସଦ୍‌ଗତି ପ୍ରଦାନ କରନ୍ତୁ।
**ଶୋକସନ୍ତପ୍ତ:** ବିରଞ୍ଚି ନାରାୟଣ ଦାସ (ସ୍ୱାମୀ), ପୁତ୍ର, ପୁତ୍ରବଧୂ, ଝିଅ, ଜ୍ୱାଇଁ, ନାତିନାତୁଣୀ, ମଉସା, ମାଉସୀ, ପୁତୁରା, ଝିଆରୀ, ଭଣଜା, ଭାଣିଜୀ, ପରିବାର ଓ ବନ୍ଧୁବର୍ଗ।
ଧ-୬୮୬୫୧

**ଏକାଦଶାହ ଉପଲକ୍ଷେ ଶ୍ରଦ୍ଧାଞ୍ଜଳି**



**ସ୍ୱର୍ଗତା କୌଶଲ୍ୟା ସାହୁ**
ବାସସ୍ଥାନ– ଜଗନ୍ନାଥପୁର (ବାଲିପାହାଡ଼)
ବଳଭଦ୍ରପୁର, କଳାପଥର, କଟକ
ତିରୋଧାନ: ତା.୧୮।୦୧।୨୦୨୦
ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ପାଇଁ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଦପଦ୍ମରେ ବିନମ୍ର ପ୍ରାର୍ଥନା କରୁଛୁ।
**ଶୋକସନ୍ତପ୍ତ:**
ପରିବାରବର୍ଗ ।
ଧ-୧୬୪୩୨

**୧୧ତମ ଶ୍ରାଦ୍ଧବାର୍ଷିକୀ**



**୰ ଡାକ୍ତର ବ୍ରହ୍ମାନନ୍ଦ ସାବତ**
ବରିଷ୍ଠ ଅସ୍ଥିଶଲ୍ୟ ବିଶେଷଜ୍ଞ
ଆବିର୍ଭାବ : ୧୯୪୧ ଫେବୃୟାରୀ ୨୧ ତାରିଖ (ଗୁରୁବାର)
ତିରୋଧାନ : ୨୦୦୯ ଜାନୁଆରୀ ୨୮ ତାରିଖ (ବୁଧବାର)
ତୁମର ଅତୁଟ ସ୍ନେହ, ପ୍ରେମ, ଧର୍ମନିଷ୍ଠା, ସେବାପରାୟଣତା ଏବଂ କର୍ତ୍ତବ୍ୟନିଷ୍ଠା ଯୋଗୁଁ ତୁମେ ଚିରଦିନ ଆମ ପାଖରେ ଅମର ହୋଇ ରହିଅଛ ଓ ରହିଥିବ । ମହାପ୍ରଭୁ ଶ୍ରୀଜଗନ୍ନାଥ ତୁମର ଅମର ଆତ୍ମାକୁ ଚିରଦିନ ସଦ୍‌ଗତି ଓ ଶାନ୍ତି ଦିଅନ୍ତୁ । ଏତିକି ତାଙ୍କ ଶ୍ରୀଚରଣରେ ପ୍ରାର୍ଥନା କରୁଅଛୁ ।
ଚିରଦୁଃଖୀ ତୁମର ସ୍ତ୍ରୀ ଓ ପିଲାମାନେ
ଧ-୬୮୫୫୫

**ନବମ ଶ୍ରାଦ୍ଧବାର୍ଷିକୀ**



**ସ୍ୱର୍ଗତ କୃଷ୍ଣଚନ୍ଦ୍ର ପୁଷ୍ପାଳକ**
ଅବସରପ୍ରାପ୍ତ ଅନୁଶାସନ ସଚିବ, ସ୍ୱରାଷ୍ଟ୍ର ବିଭାଗ
ଦାଣ୍ଡମୁକୁନ୍ଦପୁର, ପିପିଲି
ଆବିର୍ଭାବ: ୦୫।୧୦।୧୯୪୪
(କାର୍ତ୍ତିକ ବଡ଼ ଏକାଦଶୀ)
ତିରୋଧାନ: ୦୫।୦୨।୨୦୧୧
(ମାଘ ତୃତୀୟା)
ଆପଣଙ୍କର ନିଷ୍ଠାପରତା, କର୍ତ୍ତବ୍ୟପରାୟଣତା, ପରୋପକାରିତା ଆମ ଜୀବନର ପାଥେୟ। ଶ୍ରୀଜଗନ୍ନାଥଙ୍କ ପାଦପଦ୍ମରେ ଭକ୍ତିପୂତ ଶ୍ରଦ୍ଧାଞ୍ଜଳି।
**ଶୋକସନ୍ତପ୍ତ:**
ଧର୍ମପତ୍ନୀ, ଭଉଣୀ, ପୁତ୍ର, ପୁତ୍ରବଧୂ, ଝିଅ–ଜ୍ୱାଇଁ ଓ ନାତି–ନାତୁଣୀ।
ଧ-୧୬୩୦୨

**ପ୍ରଥମ ଶ୍ରାଦ୍ଧବାର୍ଷିକୀ**



**ସ୍ୱର୍ଗତ ନିରଞ୍ଜନ ମାର୍ଥା (ବୁଢା)**
ଆବିର୍ଭାବ: ତା. ୦୭।୦୨।୧୯୫୪ରିଖ (ରବିବାର)
ତିରୋଧାନ: ତା. ୦୮।୦୨।୨୦୧୯ରିଖ (ଶୁକ୍ରବାର)
ଚାହୁଁ ଚାହୁଁ ଏକବର୍ଷ ବିତିଗଲା, ବିନା ମେଘରେ ବଜ୍ରପାତ ପରି ଆମ୍ଭମାନଙ୍କ ଜୀବନରୁ ଭଗବାନ୍ ତୁମକୁ ନେଇଗଲେ। ତୁମର ଅନୁପସ୍ଥିତିକୁ ଆମେ ପ୍ରତିମୁହୂର୍ତ୍ତରେ ଅନୁଭବ କରୁଛୁ। ତୁମର ତ୍ୟାଗ, ଆଦର୍ଶ, ଧୈର୍ଯ୍ୟ, ପରୋପକାର ଓ ବିଷମ ପରିସ୍ଥିତିକୁ ସାମ୍ନା କରିବାର ସାହାସ ଆମ ଜୀବନରେ ସଦାସର୍ବଦା ପାଥେୟ ହେଉ, ତୁମ ଆତ୍ମା ଚିରଶାନ୍ତି ଲାଭ କରୁ ଏହା ହିଁ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା।
**ଶ୍ରଦ୍ଧାଞ୍ଜଳି ସହ ଶୋକାତୁର ପରିବାର:**
ସହଧର୍ମିଣୀ, ପୁତ୍ର, ପୁତ୍ରବଧୂ, ନାତୁଣୀ: ପିହୁ, ସାଇନା, ପୂର୍ବୀ ।
ଧ-୧୬୪୨୯


Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, S-3/5, Industrial Estate, Angul. Published at Kunjakanta, Dhenkanal, Editor- Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

# ଜିଲାସ୍ତରୀୟ ପୁଷ୍ପ ପ୍ରଦର୍ଶନୀ ଉଦ୍‌ଯାପିତ



**ଢେଙ୍କାନାଳ ଅଫିସ,୨୭।୧**

ଢେଙ୍କାନାଳ ମିନି ଷ୍ଟାଡିୟମଠାରେ ଦୁଇଦିନ ବ୍ୟାପି ଚାଲିଥିବା ଜିଲାସ୍ତରୀୟ ପୁଷ୍ପ ପ୍ରଦର୍ଶନୀ ସୋମବାର ସନ୍ଧ୍ୟାରେ ଉଦ୍‌ଯାପିତ ହୋଇଯାଇଛି। ଉଦଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଅତିରିକ୍ତ ଜିଲାପାଳ ଭବେଶ କୁମାର ନାୟକ, ସମ୍ମାନିତ ଅତିଥି ଭାବେ ଜିଲା ଉଦ୍ୟାନ ବିଭାଗ ଉପନିର୍ଦ୍ଦେଶକ ଡ. ଭଗବାନ ଦାସ, ଜିଲା ମଙ୍ଗଳ ଅଧିକାରୀ ମାନସ ରଞ୍ଜନ ମିଶ୍ର, ପରିବେଶବିତ୍ ପ୍ରଦ୍ୟୁମ୍ନ ରଥ, ରୋଟାରି କ୍ଲବ ସଭାପତି ଅଖିଳ କୁମାର ପଣ୍ଡା ଓ ରାଜକିଶୋର ବେହେରା ପ୍ରମୁଖ ଯୋଗଦେଇ ପୁଷ୍ପ ପ୍ରଦର୍ଶନୀରେ କୃତିତ୍ୱ ଅର୍ଜନ କରିଥିବା ବ୍ୟକ୍ତିବିଶେଷ ଓ ଅନୁଷ୍ଠାନଗୁଡିକୁ ପୁରସ୍କୃତ କରିଥିଲେ। ସେହିପରି ଏହି ପ୍ରଦର୍ଶନୀ ଉପଲକ୍ଷେ ଆୟୋଜିତ ଚିତ୍ରାଙ୍କନ ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରଙ୍କୁ ମଧ୍ୟ ପୁରସ୍କୃତ କରାଯାଇଥିଲା। ଏଥିରେ ବିଭିନ୍ନ କିସମର ଫୁଲ ପ୍ରଦର୍ଶିତ ହୋଇଥିଲା। ସେହିପରି ଉଦ୍ୟାନ ବଗିଚା ମଧ୍ୟ ପ୍ରଦର୍ଶିତ ହୋଇଥିଲା । ଜିଲା ପ୍ରଶାସନ, ଉଦ୍ୟାନ ବିଭାଗ ଓ ରୋଟାରି କ୍ଲବ ସହାୟତାରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

ଆଜି କ'ଣ କେଉଁଠି ସ୍ତମ୍ଭରେ କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସ୍ଥାନୀୟ ଧରିତ୍ରୀ ପ୍ରତିନିଧି କିମ୍ବା ମୁଖ୍ୟକାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।





